# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଫେବୃୟାରୀ ୧୨/୨୦୨୧ (୧୬ ପୃଷ୍ଠା) | Bhubaneswar, Friday, February 12/2021 | ★★★★★★

୪୭ଶ ଭାଗ ୮୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-



DSPL-201

ଓଡ଼ିଶା ସରକାର



# କାଳିଆ

କୃଷି କଲେ ଉନ୍ନତ ସକଳ ଉନ୍ନତି

## ୫୩ ଲକ୍ଷରୁ ଊର୍ଦ୍ଧ୍ୱ

କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭୂମିହୀନ ଚାଷୀ ପରିବାରଙ୍କୁ
୨୦୨୦-୨୧ର କାଳିଆ ସହାୟତା ଡିବିଟି ମାଧ୍ୟମରେ ପ୍ରଦାନ

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**
କରକମଳରେ ଶୁଭାରମ୍ଭ

**୧୨ ଫେବୃୟାରୀ ୨୦୨୧**
ଅପରାହ୍ନ ୫ ଘଟିକା

OIPR-01034/13/0030/2021

କୃଷି ଓ କୃଷକ ସଶକ୍ତିକରଣ ବିଭାଗ

## ପର୍ଯ୍ୟାୟକ୍ରମେ ହେବ ସୈନ୍ୟ ପ୍ରତ୍ୟାହାର

ଚୁକ୍ତିନାମା ଅନୁଯାୟୀ ଭାରତ ଓ ଚାଇନା ପୂର୍ବ ଲଦାଖର ପାଙ୍ଗୋଙ୍ଗ ହ୍ରଦର ଉତ୍ତର ଓ ଦକ୍ଷିଣ ପାର୍ଶ୍ୱରୁ ପର୍ଯ୍ୟାୟକ୍ରମେ ସୈନ୍ୟ ପ୍ରତ୍ୟାହାର କରିନେବେ ବୋଲି ପାର୍ଲାମେଣ୍ଟରେ ଗୁରୁବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି। ସୀମାରେ ଦୀର୍ଘ ୯ ମାସ ଧରି ଅଚଳାବସ୍ଥା ଲାଗି ରହିବା ପରେ ପାଙ୍ଗୋଙ୍ଗ ହ୍ରଦର ଫିଙ୍ଗର ୪ ଅଞ୍ଚଳରୁ ସେନା ପ୍ରତ୍ୟାହାର ଆରମ୍ଭ ହୋଇଛି।

**ସଂକ୍ଷେପରେ**

## ଆବଶ୍ୟକ ହେଲେ କୃଷି ଆଇନରେ ସଂଶୋଧନ ହେବ: ରାଜନାଥ

**ନୂଆଦିଲ୍ଲୀ, ୧୧।୨ (ପି.ଟି.):** ନୂଆ କୃଷି ଆଇନ ଉପରେ ଖୋଲା ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି। ଆବଶ୍ୟକ ପଡ଼ିଲେ ଏଥିରେ ସଂଶୋଧନ କରାଯିବ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି। ଉକ୍ତ ଆଇନ ବିରୋଧରେ ଆନ୍ଦୋଳନ ଚଳାଇଥିବା ଚାଷୀମାନଙ୍କୁ ବିଭ୍ରାନ୍ତ କରାଯାଇଥିବା ସେ କହିଥିଲେ। ଏସ୍ଏମ୍ପି ଏବଂ ମଣ୍ଡି ବ୍ୟବସ୍ଥା ରହିବ ବୋଲି ପାର୍ଲାମେଣ୍ଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ପଷ୍ଟ କରିସାରିଛନ୍ତି। ନୂଆ ଆଇନରେ ଚାଷୀର ଫସଲ ଉପରେ କାରବାର ହେବ, ଜମି ଉପରେ ନୁହେଁ ବୋଲି ରାଜନାଥ କହିଥିଲେ। ଚାଷୀଙ୍କ ଜମି ବନ୍ଧକ ରହିବ, ପାଇକାରୀ ବଜାର, ଏମ୍ଏସ୍ପି ବ୍ୟବସ୍ଥା ଉଠିଯିବ ଆଦି ପ୍ରଚାର କରି ଏକ ଦ୍ୱନ୍ଦ୍ୱର ବାତାବରଣ ସୃଷ୍ଟି କରାଯିବା ସହ ଚାଷୀମାନଙ୍କୁ ବିଭ୍ରାନ୍ତ କରାଯାଇଛି। ଫଳରେ କୃଷକ ସଂଗଠନଗୁଡ଼ିକ ଆଇନ ପ୍ରତ୍ୟାହାର ଦାବିରେ ଅଡ଼ିବସିଥିବାରୁ ଅଚଳାବସ୍ଥା ଦୂର ହୋଇପାରୁନାହିଁ।

## ଦେଶକୁ ୪ ଜଣ ଚଳାଉଛନ୍ତି



**ନୂଆଦିଲ୍ଲୀ, ୧୧।୨ (ପି.ଟି.):** କୃଷି ଆଇନ ପ୍ରତ୍ୟାହାର କରାଯାଉ ନ ଥିବାରୁ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି କଂଗ୍ରେସ ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ। ଲୋକ ସଭାରେ ରାହୁଲ କହିଥିଲେ, ଦେଶକୁ ବର୍ତ୍ତମାନ ୪ ଜଣ ଚଳାଉଛନ୍ତି। ଫ୍ୟାମିଲି ପ୍ଲାନିଂ ପାଇଁ ପୂର୍ବରୁ 'ଆମେ ଦୁଇ ଆମର ଦୁଇ' ସ୍ଲୋଗାନ ଚାଲିଥିଲା। କରୋନା ଭଳି ଏବେ ସେହି ସ୍ଲୋଗାନ୍ ନୂଆ ରୂପରେ ଆସିଛି। 'ଆମେ ଦୁଇ ଆମର ଦୁଇ' ଢଙ୍ଗରେ ଦେଶ ଚଳାଉଥିବା ୪ ଜଣଙ୍କୁ ସମସ୍ତେ ଜାଣନ୍ତି। ପ୍ରଧାନମନ୍ତ୍ରୀ ମୋଦି ଆନ୍ଦୋଳନକାରୀଙ୍କ ପାଇଁ ଭୋକ, ବେରୋଜଗାର ଏବଂ ଆତ୍ମହତ୍ୟାର ବିକଳ୍ପ ରଖିଛନ୍ତି ବୋଲି ରାହୁଲ କହିଥିଲେ। ନୂଆ କୃଷି ଆଇନ ଯୋଗୁ ଦେଶରେ ମଣ୍ଡି ବ୍ୟବସ୍ଥା ଉଠିଯିବ ଏବଂ ଆଞ୍ଚଳିକସ୍ତରରେ ଅର୍ଥନୀତି ନଷ୍ଟ ହୋଇଯିବ।

## କୋଲକାତାରେ ପୋଲିସ-ବାମ ଛାତ୍ରଗୋଷ୍ଠୀ ସଂଘର୍ଷ

କୋଲକାତା, ୧୧।୨: କଂଗ୍ରେସ ଓ ବାମ ସଂଗଠନଗୁଡ଼ିକ ପକ୍ଷରୁ ଗୁରୁବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ କାର୍ଯ୍ୟାଳୟ ନବାନ୍ନ ଘେରାଉ ଲାଗି ଏକ ପ୍ରତିବାଦ ଶୋଭାଯାତ୍ରା ବାହାରିଥିବାବେଳେ କୋଲକାତା ପୋଲିସ ଏହାକୁ ରୋକିଥିଲା। ଫଳରେ ବାମଦଳ କର୍ମୀ, ଛାତ୍ର ଗୋଷ୍ଠୀ ସହ ପୋଲିସର ସଂଘର୍ଷ ହୋଇଛି। ବାମଦଳ କର୍ମୀ ଓ ସେମାନଙ୍କ ସମର୍ଥକମାନଙ୍କ ନବାନ୍ନ ଅଭିଯାନକୁ ରୋକିବା ଲାଗି ପୋଲିସ ପାଣିମାଡ଼ କରିବା ସହ ଲାଠିଚାଳନା କରିଥିଲା। ଏସ୍.ଏନ୍ ବାନାର୍ଜୀ ରୋଡ୍ ଏବଂ ଡୋରିନା କ୍ରସିଂରେ ଦୁଇଥାକିଆ ବ୍ୟାରିକେଡ୍ କରାଯାଇଥିଲା। ପଶ୍ଚିମବଙ୍ଗରେ ଉଦ୍ୟୋଗୀକରଣ ଓ ନିଯୁକ୍ତି ଦାବିରେ ବାମଦଳ ପକ୍ଷରୁ ଏହି ଶୋଭାଯାତ୍ରା ବାହାରିଥିଲା।

## ମୁକୁଳିଲେ ସାଉଦି ସାମାଜିକ କର୍ମୀ



**ରିୟାଦ, ୧୧।୨:** ସାଉଦି ଆରବର ପ୍ରମୁଖ ମହିଳାଧିକାର କର୍ମୀ ଲୁଜେନ ଅଲ୍ ହାଥଉଲ୍ ୩ ବର୍ଷ ପରେ ଜେଲରୁ ମୁକୁଳିଛନ୍ତି। ଗାଡ଼ି ଚାଳନା କରିବାକୁ ନେଇ ମହିଳାଙ୍କ ଉପରେ ସେଠାକାର ସରକାର ଜାରି କରିଥିବା କଟକଣା ବିରୋଧରେ ୩୧ ବର୍ଷୀୟା ହାଥଉଲଙ୍କ ସମେତ ବହୁ ସାମାଜିକକର୍ମୀ ଆନ୍ଦୋଳନ ଚଳାଇଥିଲେ। ମେ ୨୦୧୮ରେ ହାଥଉଲଙ୍କ ସମେତ କେତେଜଣ ସାମାଜିକ କର୍ମୀଙ୍କୁ ଗିରଫ କରାଯାଇଥିଲା। ଏହାକୁ ନିନ୍ଦା କରାଯିବା ସହ କଟକଣା ହଟାଇବା ପାଇଁ ଅନ୍ତର୍ଜାତୀୟ ସ୍ତରରୁ ଚାପ ପଡ଼ିଥିଲା।

## ସଙ୍ଗମରେ ବୁଡ଼ ପକାଇଲେ ପ୍ରିୟଙ୍କା



**ଲକ୍ଷ୍ନୌ, ୧୧।୨:** କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଗୁରୁବାର ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀର ମିଳନସ୍ଥଳ ଅହମ୍ମଦାବାଦର ସଙ୍ଗମଠାରେ ବୁଡ଼ ପକାଇଛନ୍ତି। ଏହା ପରେ ସେ ଆୟୋଜିତ ଏକ ପୂଜାରେ ବସିଥିଲେ। ପ୍ରିୟଙ୍କାଙ୍କ ସହ ତାଙ୍କ ଝିଅ ଏବଂ କଂଗ୍ରେସ ବିଧାୟକ ଆରାଧନା ମିଶ୍ର ଉପସ୍ଥିତ ଥିଲେ। ସଙ୍ଗମରୁ ଫେରିବାବେଳେ ସେ ଜଣେ ନାଉରିଆଙ୍କୁ ଡଙ୍ଗାଚାଳନାରେ ସହଯୋଗ କରୁଥିବା ଦେଖିବାକୁ ମିଳିଥିଲା। ସେଠାରୁ ପ୍ରିୟଙ୍କା ସ୍ଥାନୀୟ ଏକ ଅନାଥାଶ୍ରମ ଆନନ୍ଦ ଭବନକୁ ଯାଇଥିଲେ। ପୂର୍ବରୁ ଆନନ୍ଦ ଭବନରେ ନେହେରୁ-ଗାନ୍ଧୀ ପରିବାରର ଘର ଥିଲା। ପରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କୁ ସେ ଶ୍ରଦ୍ଧାଞ୍ଜଳି ଦେଇଥିଲେ।

## 'ଏକ୍ ଭିଲେନ ରିଟର୍ନ୍ସ'ର ଫାଷ୍ଟ ଲୁକ୍

**ମୁମ୍ବାଇ, ୧୧।୨:** ଆସନ୍ତା ବର୍ଷ ଫେବୃୟାରୀ ୧୧ରେ ଫିଲ୍ମ 'ଏକ୍ ଭିଲେନ'ର ସିକ୍ୱେଲ 'ଏକ୍ ଭିଲେନ ରିଟର୍ନ୍ସ' ମୁକ୍ତିଲାଭ କରିବ। ମୋହିତ ସୁରିଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ପ୍ରଥମ ପୋଷ୍ଟର ଗୁରୁବାର ରିଲିଜ ହୋଇଛି। ଏଥିରେ ଜନ୍ ଆବ୍ରାହମ୍, ତାରା ସୁତରିଆ, ଦିଶା ପଟାନୀ ପ୍ରମୁଖ ଲିଡ୍ ରୋଲରେ ଅଛନ୍ତି। ଭୂଷଣ କୁମାରଙ୍କ ଟି-ସିରିଜ୍ ଏବଂ ଏକତା କପୁରଙ୍କ ବାଲାଜୀ ଟେଲିଫିଲ୍ମ ବ୍ୟାନରରେ ଏହି ସିକ୍ୱେଲ ନିର୍ମାଣ କରାଯିବ। ପୂର୍ବରୁ ମୋହିତ ସୁରି ହାଫ୍ ଗର୍ଲଫ୍ରେଣ୍ଡ, ଆଶିକି ୨, ମର୍ଡର ୨, ଜେହେର, କଲିଯୁଗ୍ ଆଦି ଫିଲ୍ମ ନିର୍ମାଣ କରି ସାରିଛନ୍ତି।




# 'ମମତା କହିବେ ଜୟ ଶ୍ରୀରାମ'



କୁଚ୍‌ବିହାରରେ ସଭାକୁ ସମ୍ବୋଧିତ କରୁଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା।

**କୁଚବିହାର, ୧୧।୨**

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଜଣେ ବିଫଳ ପ୍ରଶାସିକା। ଆସନ୍ତା ବିଧାନସଭା ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶ ଓ ମମତାଙ୍କ ବିନାଶ ମଡେଲ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ଗୁରୁବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ତାଚ୍ଛଲ୍ୟ କରିଛନ୍ତି।

କୁଚ୍‌ବିହାରରେ ଏକ ସଭାକୁ ସମ୍ବୋଧିତ କରି ଶାହା କହିଛନ୍ତି, ମେ' ପରେ ମମତା ମୁଖ୍ୟମନ୍ତ୍ରୀ ଚୌକିରେ ନ ଥିବେ। ସେତେବେଳେ ସେ ମଧ୍ୟ 'ଜୟ ଶ୍ରୀରାମ' ସ୍ଲୋଗାନ ଦେଉଥିବେ। ଭାଜପାର ପରିବର୍ତ୍ତନ ଯାତ୍ରା ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ କିମ୍ବା ବିଧାୟକଙ୍କୁ ବଦଳାଇବା ଲାଗି ନୁହେଁ, ବରଂ ଅନୁପ୍ରବେଶ ବନ୍ଦ କରି ପଶ୍ଚିମବଙ୍ଗର ସ୍ଥିତିରେ ପରିବର୍ତ୍ତନ ଆଣିବା ପାଇଁ ଉଦ୍ଦିଷ୍ଟ। ଏହି ଯାତ୍ରା 'ବୁଆ-ଭତିଜା' ଯୋଡ଼ିଙ୍କ ଦୁର୍ନୀତିକୁ ଶେଷ କରିଦେବ।

ବିଧାନସଭାର ୨୯୪ ଆସନ ମଧ୍ୟରୁ ଭାଜପା ୨୦୦ରୁ ଊର୍ଦ୍ଧ୍ୱ ଦଖଲ କରିବ ବୋଲି ଶାହା ଦୃଢ଼ୋକ୍ତି ବାଢ଼ିଛନ୍ତି। ଏହି ଅବସରରେ ଶାହା ଭାଜପା କର୍ମୀମାନଙ୍କ ହତ୍ୟା ପ୍ରସଙ୍ଗ ଉଠାଇଛନ୍ତି। ମମତା ବାନାର୍ଜୀ ସରକାର ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି କରିଛନ୍ତି। କିନ୍ତୁ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ଗୁଣ୍ଡାମାନଙ୍କୁ ଜେଲ୍‌କୁ ପଠାଇଦେବ। ମୋଦି ସରକାରଙ୍କ ସହ ସବୁବେଳେ ଝଗଡ଼ା କରି ମମତା ପଶ୍ଚିମବଙ୍ଗର ଲୋକଙ୍କୁ ଅନେକ କେନ୍ଦ୍ରୀୟ ଯୋଜନାର ସୁବିଧାରୁ ବଞ୍ଚିତ କରିଛନ୍ତି। ତେଣୁ ରାଜ୍ୟବାସୀ ଭାଜପା ସରକାର ଆଣିବାକୁ ନିଷ୍ପତ୍ତି ନେଇସାରିଛନ୍ତି। ରାଜ୍ୟରେ ଭାଜପା କ୍ଷମତାସୀନ ହେବା ମାତ୍ରେ ଚାଷୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୧୨,୦୦୦ ଟଙ୍କା ଲେଖାଏ ପଠାଇବା ପାଇଁ ପ୍ରଥମ କ୍ୟାବିନେଟରେ ନିଷ୍ପତ୍ତି ନିଆଯିବ। ପିଏମ୍ କିଷାନ ଯୋଜନାରେ ପଶ୍ଚିମବଙ୍ଗକୁ ସାମିଲ କରିବାକୁ ମନା କରିଥିବାରୁ ଚାଷୀମାନେ ଏହି ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଏହି ଅବସରରେ ଶାହା କୁଚବିହାରର ରାଜବଂଶୀ ସମୁଦାୟକୁ ଭେଟିଛନ୍ତି। ପଶ୍ଚିମବଙ୍ଗର ଉତ୍ତର ଭାଗରେ ଥିବା ୫୬ ନିର୍ବାଚନମଣ୍ଡଳୀରେ ଏହି ଜାତିର ଭୋଟରଙ୍କ ପ୍ରଭାବ ରହିଛି।

## ଟିକାକରଣ ପରେ ସିଏଏ: ଶାହା

**ଠାକୁରନଗର, ୧୧।୨ (ପି.ଟି.)**

କୋଭିଡ୍ ଟିକାକରଣ ଶେଷ ହେବା ପରେ ଦେଶରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଲାଗୁ ହେବ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଗୁରୁବାର ସ୍ପଷ୍ଟ କରିଛନ୍ତି। ପଶ୍ଚିମବଙ୍ଗ ଗସ୍ତରେ ଥିବା ଶାହା ଠାକୁରନଗରରେ ମତୁଆ ସମ୍ପ୍ରଦାୟର ଏକ ସଭାକୁ ସମ୍ବୋଧିତ କରି କହିଛନ୍ତି, ଟିକାକରଣ ଶେଷ ହେବା ମାତ୍ରେ ଶରଣାର୍ଥୀମାନଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନର ପ୍ରକ୍ରିୟା ଆରମ୍ଭ ହେବ। ସିଏଏ ଅଧୀନରେ ରାଜ୍ୟର ମତୁଆ ସମ୍ପ୍ରଦାୟକୁ ସାମିଲ କରାଯିବ। ଏହି ଆଇନକୁ ନେଇ ବିରୋଧୀ ଦଳଗୁଡ଼ିକ ସଂଖ୍ୟାଲଘୁଙ୍କୁ ବିଭ୍ରାନ୍ତ କରୁଛନ୍ତି। ସିଏଏ କାର୍ଯ୍ୟକାରୀ ହେଲେ ଭାରତୀୟ ସଂଖ୍ୟାଲଘୁଙ୍କ ନାଗରିକତ୍ୱ ପ୍ରଭାବିତ ହେବ ନାହିଁ। ଆମେ ମିଥ୍ୟା ପ୍ରତିଶ୍ରୁତି ଦେଇଥିବା ଅଭିଯୋଗ ଆଣି ମମତା ଦିଦି ସିଏଏକୁ ବିରୋଧ କରିଥିଲେ। ପଶ୍ଚିମବଙ୍ଗରେ ଏହାକୁ ଲାଗୁ ହେବାକୁ ଦିଆଯିବ ନାହିଁ ବୋଲି ସେ କହିଥିଲେ। ମୋଦି ସରକାର ୨୦୧୮ରେ ଏହି ପ୍ରତିଶ୍ରୁତି ଦେଇଥିବାବେଳେ ୨୦୧୯ରେ ପୁନଃ କ୍ଷମତାସୀନ ହେବା ପରେ ନୂଆ ନାଗରିକତ୍ୱ ଆଇନ ଆଣିଥିଲେ। ଏପ୍ରିଲ-ମେ'ରେ ବିଧାନସଭା ନିର୍ବାଚନ ଶେଷ ହେବା ପରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆଉ କ୍ଷମତାରେ ନ ଥିବେ। ତେଣୁ ସେ ଏହି ଆଇନର କାର୍ଯ୍ୟକାରିତାକୁ ବିରୋଧ କରିବା ସ୍ଥିତିରେ ନ ଥିବେ ବୋଲି ଶାହା କହିଛନ୍ତି। ପ୍ରକାଶ ଯେ, ମତୁଆ ସମ୍ପ୍ରଦାୟ ହେଉଛନ୍ତି ପୂର୍ବ ପାକିସ୍ତାନର ମୂଳ ବାସିନ୍ଦା। ଏହି ଦୁର୍ବଳ ବର୍ଗର ହିନ୍ଦୁମାନେ ବିଭାଜନ ଓ ବାଂଲାଦେଶ ଗଠନ ପରେ ଭାରତକୁ ଚାଲିଆସିଥିଲେ।

## ଭାଜପାକୁ କ୍ଷମତାରୁ ଦୂରେଇ ରଖ

**କୋଲକାତା, ୧୧।୨:** ଭାଜପାକୁ କ୍ଷମତାକୁ ଆସିବାକୁ ଦିଅନ୍ତୁ ନାହିଁ। ପଶ୍ଚିମବଙ୍ଗକୁ ଶାନ୍ତିରେ ରହିବାକୁ ଦିଅନ୍ତୁ ବୋଲି ଗୁରୁବାର ତୃଣମୂଳ କଂଗ୍ରେସ ସୁପ୍ରିମୋ ମମତା ବାନାର୍ଜୀ ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି। କୋଲକାତାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମମତା କହିଛନ୍ତି, ରାଜ୍ୟରେ ଟିଏମ୍‌ସି ଶାସନ ଜାରି ରହିବ। ପଶ୍ଚିମବଙ୍ଗର ସମ୍ମାନକୁ ସୁରକ୍ଷା ଦେବା ପାଇଁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି।



ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ

## ରାଜ୍ୟପାଳଙ୍କୁ ବିମାନ ଦେଲେନି ଉଦ୍ଧବ ସରକାର

**ମୁମ୍ବାଇ, ୧୧।୨:** ମହାରାଷ୍ଟ୍ର ସରକାର ଓ ରାଜ୍ୟପାଳଙ୍କ ମଧ୍ୟରେ ପୁଣି ସୃଷ୍ଟି ହୋଇଛି ବିବାଦ। ଗୁରୁବାର ସକାଳେ ଉତ୍ତରାଖଣ୍ଡ ଯିବାକୁ ବାହାରିଥିବା ରାଜ୍ୟପାଳ ଭଗତ ସିଂ କୋଶିୟାରୀଙ୍କୁ ସ୍ୱତନ୍ତ୍ର ସରକାରୀ ବିମାନ ଯୋଗାଇବାକୁ ମନା କରିଥିଲେ ସରକାର। ଏଥିପାଇଁ ରାଜ୍ୟପାଳ ପ୍ରାୟ ୨ ଘଣ୍ଟା ଧରି ଅପେକ୍ଷା କରିଥିଲେ। ପ୍ଲେନ ଉଡ଼ାଇବାକୁ ସରକାରଙ୍କ ପକ୍ଷରୁ ଅନୁମତି ମିଳି ନ ଥିବା ନେଇ ପାଇଲଟ କହିଥିଲେ। ଶେଷରେ କୋଶିୟାରୀ ଏକ ପ୍ରାଇଭେଟ ବିମାନ ବୁକ୍ କରି ସେଠାରୁ ଡେରାଡୁନ୍ ଯାଇଥିଲେ। ଏହା ରାଜ୍ୟପାଳଙ୍କ ପ୍ରତି ଅପମାନ ଏବଂ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ତୁରନ୍ତ କ୍ଷମା ମାଗିବାକୁ ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ମନ୍ତ୍ରୀ ସୁଧୀର ମୁଙ୍ଗଣ୍ଟିୱାର କହିଛନ୍ତି। ଅନ୍ୟପକ୍ଷରେ ବିଧାନ ପରିଷଦକୁ ୧୨ ସଦସ୍ୟଙ୍କୁ ମନୋନୀତ କରିବାକୁ ନେଇ ରାଜ୍ୟ ସରକାର ଦେଇଥିବା ତାଲିକା ଚୂଡ଼ାନ୍ତ ପାଇଁ ରାଜ୍ୟପାଳ ଦସ୍ତଖତ କରି ନ ଥିବାରୁ ସରକାର ଏଭଳି ପ୍ରତିଶୋଧମୂଳକ ରାଜନୀତି କରୁଥିବା ମଧ୍ୟ ଭାଜପା ଅଭିଯୋଗ କରିଛି। ତେବେ ଶିବସେନା କୌଣସି ପ୍ରତିଶୋଧମୂଳକ ରାଜନୀତି କରୁନାହିଁ ବୋଲି ଦଳର ବରିଷ୍ଠ ନେତା ତଥା ରାଜ୍ୟ ସଭା ସଦସ୍ୟ ସଞ୍ଜୟ ରାଉତ କହିଛନ୍ତି।



ଭଗତ ସିଂ କୋଶିୟାରୀ

- ୨ ଘଣ୍ଟା ଅପେକ୍ଷା କଲେ
- ଯୋଗାଡ କଲେ ଘରୋଇ ପ୍ଲେନ୍

## 'ମୋଦିଙ୍କ ଲୁହ ଛଳନାପୂର୍ଣ୍ଣ'

**ନୂଆଦିଲ୍ଲୀ, ୧୧।୨:** ରାଜ୍ୟ ସଭାରେ ବିରୋଧୀ ଦଳ ନେତା ଗୁଲାମନବୀ ଆଜାଦଙ୍କୁ ବିଦାୟ ଦେବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାବବିହ୍ୱଳ ହେବା ଛଳନାପୂର୍ଣ୍ଣ ଥିଲା ବୋଲି କହିଛନ୍ତି କଂଗ୍ରେସ ବରିଷ୍ଠ ନେତା ଶଶୀ ଥରୁର। ଭାଷଣବେଳେ ମୋଦି ଲୁହ ଗଡ଼ାଇବାକୁ 'କଳାତ୍ମକ ପ୍ରଦର୍ଶନ' ବୋଲି କହି ଥରୁର ତାଚ୍ଛଲ୍ୟ କରିଛନ୍ତି। ଜାନୁୟାରୀ ୨୮ରେ ଭାରତୀୟ କିଷାନ ୟୁନିୟନ ନେତା ରାକେଶ ଟିକାୟତ ମଧ୍ୟ କୃଷକ ଆନ୍ଦୋଳନ ସମ୍ପର୍କରେ କହୁଥିବାବେଳେ କାନ୍ଦିଥିଲେ। ଏହାର ଉତ୍ତରରେ ମୋଦି ରାଜ୍ୟ ସଭାରେ କାନ୍ଦି ଏହା କହିବାକୁ ଚାହିଁଛନ୍ତି ଯେ, ତାଙ୍କର ମଧ୍ୟ ଲୁହ ଅଛି। ପୂର୍ବତନ ଉପରାଷ୍ଟ୍ରପତି ହମିଦ୍ ଅନସାରୀଙ୍କ ଏକ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ଥରୁର ଏଭଳି ମନ୍ତବ୍ୟ ରଖିଛନ୍ତି।



ଶଶୀ ଥରୁର




କୋଲକାତାରେ କଂଗ୍ରେସ ଓ ବାମଦଳ କର୍ମୀଙ୍କ ଉପରେ ରାପିଡ୍ ଆକ୍ସନ୍ ଫୋର୍ସ ଲାଠି ଚାଳନା କରୁଛି।

## ୧୩ରୁ ଖୋଲିବ ମୋଗଲ ଗାର୍ଡେନ୍

**ନୂଆଦିଲ୍ଲୀ, ୧୧।୨ (ପି.ଟି.):** ରାଷ୍ଟ୍ରପତି ଭବନର ମୋଗଲ ଗାର୍ଡେନ ଶନିବାରଠାରୁ ସର୍ବସାଧାରଣଙ୍କ ପାଇଁ ଖୋଲାଯିବ। ସେଠାକୁ ଭ୍ରମଣରେ ଯିବାକୁ ଚାହୁଁଥିବା ଦର୍ଶକ ଅନ୍‌ଲାଇନରେ ଆଗୁଆ ବୁକିଂ କରିବାକୁ ହେବ ବୋଲି ଜାରି ବିବୃତିରେ କୁହାଯାଇଛି। ରାଷ୍ଟ୍ରପତି ଭବନର ବାର୍ଷିକ ଉଦ୍ୟାନୋତ୍ସବକୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶୁକ୍ରବାର ଉଦ୍‌ଘାଟନ କରିବେ। ମୋଗଲ ଗାର୍ଡେନ ଫେବୃୟାରୀ ୧୩ରୁ ମାର୍ଚ୍ଚ ୨୧ ପର୍ଯ୍ୟନ୍ତ ସୋମବାର ବ୍ୟତୀତ ଅନ୍ୟ ସବୁଦିନେ ସକାଳ ୧୦ରୁ ଅପରାହ୍ନ ୫ଟା ଯାଏ ଖୋଲାରହିବ। କୋଭିଡ୍-୧୯ କଟକଣା ଅନୁଯାୟୀ ଦର୍ଶକମାନଙ୍କୁ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତ୍ୱ ରକ୍ଷା କରିବାକୁ କୁହାଯାଇଛି। ପ୍ରବେଶ ପଥରେ ଥର୍ମାଲ ସ୍କାନିଂ କରାଯିବ।

## ବିକ୍ଷୋଭକାରୀଙ୍କୁ କୁକୁର କହିଲେ କେସିଆର୍

**ନାଲଗୋଣ୍ଡା, ୧୧।୨**



ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଲାବେଳେ ବିକ୍ଷୋଭକାରୀମାନଙ୍କୁ କୁକୁର ସହ ତୁଳନା କରିଛନ୍ତି। ତାଙ୍କର ଏଭଳି ମନ୍ତବ୍ୟକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଟିଆର୍‌ଏସ୍ ନେତା ତୁରନ୍ତ କ୍ଷମା ମାଗନ୍ତୁ ବୋଲି ବିରୋଧୀ ଦଳଗୁଡ଼ିକ ଦାବି କରିଛନ୍ତି।

ନାଲଗୋଣ୍ଡା ଜିଲାର ନାଗାର୍ଜୁନ ସାଗର ଅଞ୍ଚଳରେ ବୁଧବାର ଏକ ସରକାରୀ ଯୋଜନାର ଭିତ୍ତିପ୍ରସ୍ତର ସ୍ଥାପନ ପରେ କେସିଆର୍ ଜନସମାବେଶକୁ ଉଦ୍‌ବୋଧନ ଦେଇଥିଲେ। କେତେଜଣ ମହିଳାଙ୍କ ସମେତ ଗୋଟିଏ ଗୋଷ୍ଠୀ ମୁଖ୍ୟମନ୍ତ୍ରୀଙ୍କୁ ଏହା ବିରୋଧରେ ପତ୍ର ଦେବାକୁ ଚାହୁଁଥିଲେ ଓ ବିକ୍ଷୋଭ କରିଥିଲେ। ଏଠାରୁ ପଳାଇଯାଅ। ଯଦି ରହିବାକୁ ଚାହୁଁଛ, ତେବେ ଚୁପ୍ ରୁହ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ତୁମ୍ଭମାନଙ୍କ ବୋକାମି କାର୍ଯ୍ୟ ପାଇଁ ଅନ୍ୟମାନେ ଭାଗୀ ହେବେନାହିଁ। ତୁଚ୍ଛାଟାରେ ମାଡ଼ ଖାଇବ। ତୁମ ଭଳି କୁକୁର ବହୁତ ଦେଖିଛି। ଏଠାରୁ ବାହାରିଯାଅ ବୋଲି କେସିଆର୍ କହିଥିଲେ। ତାଙ୍କର ଏଭଳି ମନ୍ତବ୍ୟକୁ ତେଲଙ୍ଗାନା ପିସିସି ପ୍ରଭାରୀ ସମାଲୋଚନା କରିବା ସହ ତୁରନ୍ତ କ୍ଷମା ମାଗିବାକୁ କହିଛନ୍ତି। କେସିଆର୍‌ଙ୍କ ମନ୍ତବ୍ୟ ହିନ୍ଦୁ ଏବଂ ଭାଜପା ପ୍ରତି ଅପମାନ ବୋଲି ଦଳ ମୁଖପାତ୍ର କ୍ରିଷ୍ଣ ସାଗର ରାଓ କହିଛନ୍ତି। କେସିଆର୍ ଯାଦବମାନଙ୍କୁ ରାକ୍ଷସ ବୋଲି ସାଧାରଣ ସଭାରେ କହିଥିଲେ। ଏଭଳି ଅପମାନ ପାଇଁ ମୁଖ୍ୟମନ୍ତ୍ରୀ କ୍ଷମା ମାଗନ୍ତୁ ବୋଲି ଭାଜପା ମୁଖପାତ୍ର କହିଛନ୍ତି।

## ଏବେ ବି ୧୭୫ ନିଖୋଜ

**ନୂଆଦିଲ୍ଲୀ, ୧୧।୨ (ପି.ଟି.)**

**ଗ୍ଲେସିୟର ବିପ୍ଳାତ**
**ଜଳସ୍ତର ବଢ଼ିବାରୁ ଉଦ୍ଧାର କାର୍ଯ୍ୟରେ ବାଧା**

ଧଉଳି ଗଙ୍ଗା ନଦୀରେ ଜଳପତ୍ତନ ବଢ଼ିଯିବାରୁ ଗୁରୁବାର କିଛି ସମୟ ପାଇଁ ଉଦ୍ଧାର କାର୍ଯ୍ୟ ବନ୍ଦ ରଖିବାକୁ ପଡ଼ିଥିଲା। ଜଳସ୍ତର କମିବାରୁ ପୁଣିଥରେ ରେସ୍କ୍ୟୁ ଅପରେଶନ ଆରମ୍ଭ ହୋଇଛି। ୪ ଦିନ ତଳେ ଗ୍ଲେସିୟର ଭାଙ୍ଗି ନଦୀରେ ହଠାତ୍ ବନ୍ୟା ମାଡ଼ିଆସିବାରୁ ୨୦୦ରୁ ଊର୍ଦ୍ଧ୍ୱ ଲୋକ ଭାସିଯାଇଥିଲେ। ବର୍ତ୍ତମାନ ସୁଦ୍ଧା ୩୫ ମୃତଦେହ ମିଳିଥିବାବେଳେ ୧୭୫ରୁ ଅଧିକ ନିଖୋଜ ଅଛନ୍ତି। ତପୋବନ ଜଳବିଦ୍ୟୁତ ପ୍ରକଳ୍ପ ଟନେଲ୍‌ରେ ୩୦ରୁ ଊର୍ଦ୍ଧ୍ୱ ଶ୍ରମିକ ଫସିରହିଥିବାରୁ ସେମାନଙ୍କୁ ବାହାର କରିବା ଲାଗି ଅଭିଯାନ ଜାରି ରହିଛି। ଉଦ୍ଧାରକାରୀମାନେ ଟନେଲ ଦ୍ୱାରଦେଶରେ ଡ୍ରିଲିଂ କରୁଛନ୍ତି। ନଦୀରେ ହଠାତ୍ ପାଣି ବଢ଼ିଯିବାରୁ ଉଦ୍ଧାରକାରୀମାନେ ଭୟରେ ପଳାଇଆସିଥିଲେ।



## ମ୍ୟାନ୍‌ମାର ଉପରେ ଆର୍ଥିକ କଟକଣା

**ସମ୍ପର୍କ ଛିନ୍ନ କଲେ ବିଭିନ୍ନ ଦେଶ**

**ୱାଶିଂଟନ, ୧୧।୨**

ମ୍ୟାନ୍‌ମାର ସୈନ୍ୟବାହିନୀ ବିଦ୍ରୋହ ବଳରେ ଗଣତାନ୍ତ୍ରିକ ସରକାରଙ୍କୁ ପଦଚ୍ୟୁତ କରି କ୍ଷମତା ଦଖଲ କରିଥିବାରୁ ବିଭିନ୍ନ ଦେଶ ଏହାର ସମାଲୋଚନା କରିଛନ୍ତି। ଗୋଟିଏ ପରେ ଗୋଟିଏ ଦେଶ ମ୍ୟାନ୍‌ମାରଠାରୁ କୂଟନୈତିକ ସମ୍ପର୍କ ଛିନ୍ନ କରିବାରେ ଲାଗିଛନ୍ତି ଓ ସାମରିକ ଶାସନ ଉପରେ ଆର୍ଥିକ ଚାପ ପକାଉଛନ୍ତି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ବୁଧବାର ମ୍ୟାନ୍‌ମାର ଉପରେ ନୂଆ କଟକଣା ଜାରି କରିଛନ୍ତି। ବାଇଡେନ୍ ଜାରି କରିଥିବା ନିର୍ଦ୍ଦେଶନାମା ଅନୁଯାୟୀ ମ୍ୟାନ୍‌ମାରର ଜେନେରାଲମାନେ ଆମେରିକାରେ ୧୦୦ କୋଟି ଡଲାର ମୂଲ୍ୟର ସମ୍ପତ୍ତି ପାଇବାରୁ ବଞ୍ଚିତ ହେବେ। ଆହୁରି ଅଧିକ ପ୍ରତିବନ୍ଧ ଲଗାଯିବ ବୋଲି ବାଇଡେନ୍ ଚେତାବନୀ ଦେଇଛନ୍ତି। ମ୍ୟାନ୍‌ମାର ସେନା ଦଖଲ କରିଥିବା କ୍ଷମତା ଛାଡ଼ି ଦେଶବାସୀଙ୍କ ଇଚ୍ଛାକୁ ସମ୍ମାନ ଦେବାକୁ ହେବ ବୋଲି ଆମେରିକା ରାଷ୍ଟ୍ରପତି କହିଛନ୍ତି।

ମ୍ୟାନ୍‌ମାରରେ ଗତ ଦଶକରେ ଗଣତନ୍ତ୍ର ଶାସନ ପ୍ରତିଷ୍ଠା ହେବା ପରେ ଆମେରିକା ସମେତ ବିଭିନ୍ନ ପାଶ୍ଚାତ୍ୟ ଦେଶ ଏହା ଉପରେ କଟକଣା ପ୍ରତ୍ୟାହାର କରିନେଇଥିଲେ। ପୁଣି ଥରେ ସେନା କ୍ଷମତା ଦଖଲ କରିବା ସହ ନୋବେଲ ବିଜୟୀ ନେତ୍ରୀ ଅଙ୍ଗ୍ ସାନ୍ ସୁ୍ୟ ଚୀ ଏବଂ ଅନ୍ୟ ନେତାମାନଙ୍କୁ ଗିରଫ କରିଥିବାରୁ ପୁଣି ଥରେ କଟକଣା ଲାଗୁ ଜରୁରୀ ହୋଇପଡ଼ିଛି। ନ୍ୟୁଜିଲାଣ୍ଡ ଉକ୍ତ ଦେଶଠାରୁ ସମସ୍ତ ସାମରିକ ଓ ରାଜନୈତିକ ସମ୍ପର୍କ ଛିନ୍ନ କରିଛି। ଏଥିସହିତ ମ୍ୟାନ୍‌ମାରକୁ ଦିଆଯିବାକୁ ଥିବା ସହାୟତାକୁ ମଧ୍ୟ ନ୍ୟୁଜିଲାଣ୍ଡ ବନ୍ଦ କରିଦେଇଛି। ମ୍ୟାନ୍‌ମାରର ନୂଆ ସାମରିକ ଶାସକଙ୍କ ଗସ୍ତକୁ ମଧ୍ୟ ନ୍ୟୁଜିଲାଣ୍ଡ ନିଷିଦ୍ଧ କରିଛି। ସାମରିକ ସରକାରକୁ ଆମେ ସ୍ୱୀକୃତି ଦେବୁନାହିଁ ବୋଲି ଏହାର ବହିର୍ବ୍ୟାପାର ମନ୍ତ୍ରୀ କହିଛନ୍ତି। ୨୭ ୟୁରୋପୀୟ ଦେଶର ବହିର୍ବ୍ୟାପାର ମନ୍ତ୍ରୀମାନଙ୍କ ବୈଠକ ପରେ ମ୍ୟାନ୍‌ମାର ସହ ସମ୍ପର୍କ ଛିନ୍ନ କରିବା ଓ ଅର୍ଥନୈତିକ ଚାପ ପକାଇବା ନେଇ ନିଷ୍ପତ୍ତି ନିଆଯିବ ବୋଲି ବ୍ରୁସେଲସ୍‌ରେ ଇୟୁ ବୈଦେଶିକ ନୀତି ମୁଖ୍ୟ ଜୋସେପ୍ ବୋରେଲ୍ କହିଛନ୍ତି।





## ଭାରତୀୟ ଦଳରେ ପ୍ୟାରୀ

ତୁର୍କୀ ବିପକ୍ଷ ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ମହିଳା ଫୁଟ୍‌ବଲ ମ୍ୟାଚ ଖେଳିବା ପାଇଁ ଭାରତୀୟ ସିନିୟର ଦଳରେ ସ୍ଥାନ ପାଇଛନ୍ତି ଓଡ଼ିଶାର ପ୍ୟାରୀ ଖାଖା।

୧୪

୧୨

## ଚର୍ଚ୍ଚାରେ ଶ୍ରଦ୍ଧାଙ୍କ ଆଉଟ୍‌ଫିଟ୍

ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁର ପିନ୍ଧିଥିବା ହ୍ୱାଇଟ ଶରାରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ତାଙ୍କର ଏହି ଟ୍ରାଡିଶନାଲ ଆଉଟଫିଟ ଅନିତା ଡୋଗରେଙ୍କ ଦ୍ୱାରା ଡିଜାଇନ କରାଯାଇଥିଲା।



# ମହିଳାଙ୍କୁ ବାଘ ଖାଇଗଲା

**ତରବୋଡ/ନୂଆପଡ଼ା ଅଫିସ, ୧୧।୨ (ଡି.ଏନ.ଏ.)**

ନୂଆପଡା ସଦର ବ୍ଲକ ଭରୁଆମୁଣ୍ଡା ପଞ୍ଚାୟତ ଛୋଟଲୋର୍ଗା ଗାଁର ଜଣେ ମହିଳାଙ୍କୁ କଲରାପତରିଆ ବାଘ ଆକ୍ରମଣ କରି ଖାଇଦେଇଥିବା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡ଼ିଛି। ଗୁରୁବାର ସକାଳେ ଛୋଟଲୋର୍ଗା ଗାଁର ଭାନବାଇ ମାଝି (୪୭)ଙ୍କ ସହିତ ୩ଜଣ ମହିଳା ପାଖ ଜଙ୍ଗଲକୁ ଭେଲୁଆ (ଜଙ୍ଗଲୀ କାଜୁ) ତୋଳିବାକୁ ଯାଇ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଏବଂ ଗାଁ ଲୋକେ ଖୋଜିବାକୁ ଜଙ୍ଗଲକୁ ଯାଇଥିଲେ। ସେହି ସମୟରେ ଅନ୍ୟ ୩ଜଣ ମହିଳା ଗଛ ଉପରେ ଚଢ଼ି ରହିଥିଲେ। ତାଙ୍କୁ ଉଦ୍ଧାର କରି ଥିବାବେଳେ ଅନ୍ୟ ଜଣେ ମହିଳାଙ୍କୁ ବାଘ ଖାଉଥିବା ଦେଖି ଫେରି ଆସିଥିଲେ। ଗ୍ରାମବାସୀ ଜଙ୍ଗଲ ବିଭାଗକୁ ଫୋନ ଯୋଗେ ଜଣାଇଥିଲେ ମଧ୍ୟ ଜଙ୍ଗଲ ବିଭାଗର କୌଣସି ଅଧିକାରୀ ଘଟଣାସ୍ଥଳକୁ ଯାଇ ନ ଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ନୂଆପଡା ବନାଞ୍ଚଳ ରେଞ୍ଜର ବିନିତା ଭୋଇଙ୍କୁ ପଚାରିବାରୁ ସମ୍ପୂର୍ଣ୍ଣ ଖବର ଆସିନାହିଁ, ତଦନ୍ତ ପରେ ଜଣାପଡିବ ବୋଲି କହିଥିଲେ।

ସୂଚନାଯୋଗ୍ୟ ଯେ, ଜିଲାର ସୁନାବେଡ଼ା ଅଭୟାରଣ୍ୟ ଗୋଡ଼ା ପାହାଡକୁ ଲାଗି ଥିବା ହଲଦୀଗାଁରେ ୨୦୧୭ ମେ ୨୬ ତାରିଖ ବିଳମ୍ବିତ ରାତିରେ ମା' କେତକୀ ପାଣ୍ଡେଙ୍କ ୩ ବର୍ଷର ଶିଶୁପୁତ୍ର ଛଗନଲାଲକୁ ବାଘ ହଲଦୀ ପାହାଡ ଉପରକୁ ଟେକି ନେଇ ଖାଇ ଦେଇଥିଲା। ୨୦୧୭ ଜୁନ ୧୦ରେ ଆଈ -ନାତୁଣୀ ଧାନବାଇ ପାଣ୍ଡେ (୬୦), ଚନ୍ଦ୍ରିକା ପାଣ୍ଡେ (୧୩)କୁ ବାଘ ଆକ୍ରମଣ କରି ଲହୁଲୁହାଣ କରିଥିଲା। ଗ୍ରାମବାସୀଙ୍କ ବାରମ୍ବାର ଅଭିଯୋଗ ପରେ ବନ ବିଭାଗ ୨ଟି ବାଘକୁ ଧରି ନନ୍ଦନକାନନରେ ଛାଡିଥିଲା।

# ଗ୍ରାହକଙ୍କୁ ଠକୁଛନ୍ତି ପେଟ୍ରୋଲ ପମ୍ପ

**ନୂଆଦିଲ୍ଲୀ,୧୧।୨**

ଦେଶ ମଧ୍ୟରେ ପେଟ୍ରୋଲ ଏବଂ ଡିଜେଲ ଦର ଲଗାତର ବଢ଼ିଚାଲିଛି। ଏବେ ଇନ୍ଧନ ଦର ସର୍ବୋଚ୍ଚ ସ୍ତରରେ ରହିଛି। ଏଭଳି ସ୍ଥିତିରେ କମ୍ପଟ୍ରୋଲର ଆଣ୍ଡ୍ ଅଡିଟର ଜେନେରାଲ(ସିଏଜି) ଦେଶର ତୈଳ କମ୍ପାନୀଗୁଡ଼ିକର କାର୍ଯ୍ୟଧାରାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ପେଟ୍ରୋଲ ଏବଂ ଡିଜେଲର ଦୈନିକ ମୂଲ୍ୟ ପରିବର୍ତ୍ତନ ବ୍ୟବସ୍ଥାରେ ବିଭିନ୍ନ ସମସ୍ୟା ରହିଛି। ପେଟ୍ରୋଲ ପମ୍ପଗୁଡ଼ିକ ଗ୍ରାହକଙ୍କଠାରୁ ଓଭର ଚାର୍ଜ ବା ଅଧିକ ଅର୍ଥ ନେଉଥିବା ସିଏଜି ରିପୋର୍ଟରେ ପ୍ରକାଶ ପାଇଛି। ସିଏଜିଙ୍କ ଅଡିଟରେ ୩,୪୬୩ ଏଭଳି ଘଟଣା ସାମ୍ନାକୁ ଆସିଥିବା ଦର୍ଶାଯାଇଛି। ଅଡିଟ୍‌ରେ ସାମିଲ ରହିଥିବା ୧୮୮ ଫିଲିଂ ଷ୍ଟେଶନ ମଧ୍ୟରୁ ୯୧ଟିରେ ଡିଲର ଧାର୍ଯ୍ୟ ସମୟରେ ତେଲ ଦର ପରିବର୍ତ୍ତନ କରିନାହାନ୍ତି। ଫଳରେ ଲୋକମାନଙ୍କୁ ଅଧିକ ଅର୍ଥ ଦେବାକୁ ପଡ଼ିଛି। ଉଲ୍ଲେଖଯୋଗ୍ୟ, ପ୍ରତିଦିନ ସକାଳ ୬ଟାରେ

### ସିଏଜି ରିପୋର୍ଟ



ଇନ୍ଧନ ଦର ପରିବର୍ତ୍ତନ କରିବାର ନିୟମ ରହିଛି।

ପେଟ୍ରୋଲ, ଡିଜେଲ ପ୍ରାଇସିଂ ସିଷ୍ଟମ ବର୍ତ୍ତମାନ ଯାଏ ଠିକ୍ ହୋଇପାରିନାହିଁ। ଡିଲରଙ୍କ ମଧ୍ୟରେ ମନୋବୃତ୍ତି, ସଂଯୋଗ ବ୍ୟବସ୍ଥାର ଅଭାବ ଏବଂ ଅଟୋମେଶନରେ ଅସୁବିଧା ଭଳି ସମସ୍ୟା ଯୋଗୁ ଏଭଳି ସ୍ଥିତି ଦେଖାଯାଉଛି। ୨୦୧୪-୧୫ ରୁ ୨୦୧୭-୧୮ ଅବଧିକୁ ଅଡିଟରେ ସାମିଲ କରାଯାଇଛି। ଫେବୃୟାରୀ ୯ରେ ପାର୍ଲାମେଣ୍ଟରେ ସିଏଜିଙ୍କ ରିପୋର୍ଟ ନମ୍ବର ୧୮କୁ ଉପସ୍ଥାପନ କରାଯାଇଥିଲା। ଇଣ୍ଡିଆନ ଅଏଲର ୪୦, ହିନ୍ଦୁସ୍ଥାନ ପେଟ୍ରୋଲିୟମର ୩୫ ଏବଂ ଭାରତ ପେଟ୍ରୋଲିୟମର ୧୬ ପେଟ୍ରୋଲ ପମ୍ପରେ ଗ୍ରାହକଙ୍କଠାରୁ ଏଭଳି ଅଧିକ ଚାର୍ଜ ନିଆଯାଇଥିବା ରିପୋର୍ଟରେ ପ୍ରକାଶ ପାଇଛି। ସକାଳ ୬ଟା ପରେ ଦରରେ ପରିବର୍ତ୍ତନ କରିବାର ନିୟମ ରହିଥିଲେ ମଧ୍ୟ ଏହାର ୯ ଘଣ୍ଟା ପୂର୍ବରୁ ଏବଂ ସକାଳ ୬ର ୧୮ ଘଣ୍ଟା ପରେ ଦର ପରିବର୍ତ୍ତନ କରାଯାଇଛି।

ଏହାକୁ ନଜରରେ ରଖିଲେ ଗ୍ରାହକଙ୍କଠାରୁ ଓଭର ଚାର୍ଜିଂ ଭଳି ଘଟଣାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ସିଏଜି କହିଛନ୍ତି। ଉଲ୍ଲେଖଯୋଗ୍ୟ, ବର୍ତ୍ତମାନ ସାରା ଦେଶରେ ୫୫,୦୧୩ ରିଟେଲ ଫୁଏଲ ଆଉଟଲେଟ ରହିଛି। ଅଡିଟ୍‌ରେ ସାମିଲ ରହିଥିବା ୧୮୮ ଷ୍ଟେଶନ ମଧ୍ୟରୁ ୬୧ ଅଟୋମେଟେଡ୍ ଏବଂ ୧୨୭ ଅଣ ଅଟୋମେଟେଡ୍ ଫୁଏଲ ଷ୍ଟେଶନ ରହିଛି। ଦୈନିକ ତୈଳ ଦର ପରିବର୍ତ୍ତନ କରିବା ☞ପୃଷ୍ଠା-୨

## ୧୧ ଦିନରେ ୫ ଥର ବୃଦ୍ଧି

### ଚଳିତ ବର୍ଷ ପେଟ୍ରୋଲ ୪.୧୪ ଟଙ୍କା, ଡିଜେଲ ୪.୧୬ ଟଙ୍କା ବଢ଼ିଲାଣି

**ନୂଆଦିଲ୍ଲୀ,୧୧।୨**

ଚଳିତ ବର୍ଷ ଆରମ୍ଭରୁ ତେଲ ଦର ଦ୍ରୁତଗତିରେ ବଢ଼ିଚାଲିଛି। ବର୍ଷ ଆରମ୍ଭରୁ ଆଜି (ଗୁରୁବାର) ପର୍ଯ୍ୟନ୍ତ ମୋଟ ୧୫ ଥର ତେଲ ଦର ବଢ଼ିଲାଣି। ଗତ ଜାନୁୟାରୀରେ ୧୦ ଥର ଏବଂ ଫେବୃୟାରୀ ୧୧ସୁଦ୍ଧା ୫ ଥର ତେଲ ଦର ବୃଦ୍ଧି ପାଇ ସାରିଛି। ଏହି ସମୟ ମଧ୍ୟରେ ମୋଟ ୧୫ ଥରରେ ପେଟ୍ରୋଲ ୪.୧୪ ଟଙ୍କା ଓ ଡିଜେଲ ୪. ୧୬ ଟଙ୍କା ମହଙ୍ଗା ହୋଇଛି।

ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀଗୁଡ଼ିକର ସୂଚନା ଅନୁସାରେ ଗୁରୁବାର ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୨୫ ପଇସା ଏବଂ ଡିଜେଲ ୩୩ ପଇସା ବଢ଼ିଛି। ଫଳରେ ଏଠାରେ ପେଟ୍ରୋଲ ଦର ୮୮.୫୪ ଟଙ୍କା ଏବଂ ଡିଜେଲ ଦର ୮୫.୦୨ ଟଙ୍କାକୁ ଛୁଇଁଛି। ସେହିପରି ନୂଆଦିଲ୍ଲୀରେ ପେଟ୍ରୋଲ ଉପରେ ୨୫ପଇସା ଏବଂ ଡିଜେଲ ଉପରେ ୩୦ ପଇସା ☞ପୃଷ୍ଠା-୨

# ପରକୀୟା ପ୍ରୀତି, ବିବାହ ବିବାଦରୁ ହତ୍ୟା

### ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ମିଳିବା ଘଟଣାରୁ ପରଦା ହଟିଲା

**ଭୁବନେଶ୍ୱର,୧୧।୨(ବ୍ୟୁରୋ)**



- ମିଳିଲା ପରିଚୟ, ଜଙ୍ଗଲରୁ କଟାମୁଣ୍ଡ ଜବତ
- ପ୍ରେମିକଙ୍କ ସମେତ ୨ ଗିରଫ
- ରିମାଣ୍ଡରେ ଆସିବେ ମୁଖ୍ୟ ଅଭିଯୁକ୍ତ

ଭୁବନେଶ୍ୱର ଚନ୍ଦକା ଥାନା ଅନ୍ତର୍ଗତ ଅନ୍ଧାରୁଆ-ଦାସପୁର ରାସ୍ତା ପାର୍ଶ୍ୱରୁ ମିଳିଥିବା ମହିଳାଙ୍କ ମୁଣ୍ଡବିହୀନ ମୃତଦେହର ପରିଚୟ ମିଳିଛି। ଏଥିସହ ଏହି ବହୁ ଚର୍ଚ୍ଚିତ ହତ୍ୟାକାଣ୍ଡର ଭୟଙ୍କର ସତ୍ୟ ସାମ୍ନାକୁ ଆସିଛି। ମୃତା ମହିଳା ହେଉଛନ୍ତି ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଧୀରକୁଟି ବସ୍ତିର ପୁଷ୍ପଲତା ରାଉଳ (୨୮)। ଏକାଧିକ ବ୍ୟକ୍ତିଙ୍କ ସହ ଶାରୀରିକ ସମ୍ପର୍କ ରଖିବା ଓ ପ୍ରେମିକଙ୍କୁ ଛାଡ଼ି ଅନ୍ୟଜଣଙ୍କୁ ବିବାହ ବିବାଦରୁ ପୁଷ୍ପଲତାଙ୍କ ଜୀବନ ଯାଇଛି। ତାଙ୍କୁ ତାଙ୍କ ପ୍ରେମିକ ଭୁବନେଶ୍ୱର ଫୁଲେଶ୍ୱରୀ ବସ୍ତିରେ ରହୁଥିବା ଗଞ୍ଜାମ ଜିଲା ହୁମା ଅଞ୍ଚଳର ସଞ୍ଜୟ ଓରଫ ଅଙ୍ଗଦ ଦାସ ଘରେ ହତ୍ୟା କରିଥିଲେ। ପରେ ସାଙ୍ଗ ଚନ୍ଦୁ ଓରଫ ଶ୍ରୀକାନ୍ତ ଦାସଙ୍କ ସହାୟତାରେ ନିଜ ବୋଲେରୋରେ ନେଇ ଗଣ୍ଡିମୁଣ୍ଡ ଅଲଗା କରି ଭିନ୍ନ ଭିନ୍ନ ସ୍ଥାନରେ ଫିଙ୍ଗିଦେଇଥିଲେ। ଘଟଣାର ୮ ଦିନ ଭିତରେ ଉଭୟଙ୍କୁ ପୋଲିସ ନୟାଗଡ଼ ଦଶପଲ୍ଲା ଅଞ୍ଚଳରୁ ଗିରଫ କରିବା ସହ କଟାମୁଣ୍ଡ ଠାବ କରିବାରେ ସଫଳ ହୋଇଛି। ଗୁରୁବାର ଦୁଇ ଅଭିଯୁକ୍ତଙ୍କୁ ସିନ୍ ☞ପୃଷ୍ଠା-୨




# ନବମ, ଏକାଦଶ ପରୀକ୍ଷା ପାଇଁ ସିବିଏସ୍‌ଇ ଗାଇଡ୍‌ଲାଇନ

### ଏପ୍ରିଲ ୧ରୁ ନୂଆ ଶିକ୍ଷାବର୍ଷ ପାଇଁ ସୁପାରିସ

**ନୂଆଦିଲ୍ଲୀ, ୧୧।୨ (ପି.ଟି.)**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ନବମ ଓ ଏକାଦଶ ଶ୍ରେଣୀ ପରୀକ୍ଷା ପାଇଁ ଗାଇଡ୍‌ଲାଇନ ଜାରି କରିଛି। ଶିକ୍ଷା ବ୍ୟବଧାନର ସମାଧାନ କରିବା ସହ କୋଭିଡ୍-୧୯ ନିରାପତ୍ତା ନିୟମ ଅନୁଯାୟୀ ଉପରୋକ୍ତ ଶ୍ରେଣୀ ପରୀକ୍ଷା କରାଇବାକୁ ସିବିଏସ୍‌ଇ ଏହା ଅଧୀନରେ ଥିବା ସ୍କୁଲଗୁଡ଼ିକ ନିର୍ଦ୍ଦେଶ ଦେଇଛି। ଏଥିସହିତ ଏପ୍ରିଲ୍ ୧ରୁ ନୂଆ ଶିକ୍ଷାବର୍ଷ ଆରମ୍ଭ କରିବା ଲାଗି ସିବିଏସ୍‌ଇ ସୁପାରିସ କରିଛି।

କରୋନା ମହାମାରୀ ଯୋଗୁ ଗତବର୍ଷ ମାର୍ଚ୍ଚରୁ ସ୍କୁଲ ବନ୍ଦ ଥିବାବେଳେ ଅନ୍‌ଲାଇନରେ ପାଠପଢ଼ା ଯାଉଥିଲା। ଲକ୍‌ଡାଉନ କଟକଣା ☞ପୃଷ୍ଠା-୨

# ଆଜି କୋଟିଆ ଶୁଣାଣି

**ନୂଆଦିଲ୍ଲୀ, ୧୧।୨**



କୋରାପୁଟ୍ ଜିଲାର କୋଟିଆ ପଞ୍ଚାୟତ ଅନ୍ତର୍ଗତ ୩ଟି ଗାଁରେ ଆନ୍ଧ୍ରପ୍ରଦେଶ ସରକାର ନିର୍ବାଚନ କରାଉଥିବାରୁ ଏହା ବିରୋଧରେ ଓଡ଼ିଶା ସରକାର ସୁପ୍ରିମକୋର୍ଟରେ ଅଦାଲତ ଅବମାନନା ନେଇ ପିଟିଶନ ଦାଏର କରିଥିଲେ। ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ୩ ଜଣିଆ ଖଣ୍ଡପୀଠ ଶୁକ୍ରବାର ଏହାର ଶୁଣାଣି କରିବେ। ଓଡ଼ିଶା ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ବିକାଶ ସିଂ ପିଟିଶନର ଶୀଘ୍ର ଶୁଣାଣି ପାଇଁ ତାଲିକାଭୁକ୍ତ କରାଇଛନ୍ତି। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ଟିକସ କମାଅ

# ଈଶ୍ୱରଙ୍କୁ ଆଜୀବନ ଦଣ୍ଡାଦେଶ

**ବାଲେଶ୍ୱର ଅଫିସ,୧୧।୨**

### ଆଇଏସ୍‌ଆଇ ଲିଙ୍କ୍ ମାମଲା



ଈଶ୍ୱର ବେହେରାଙ୍କୁ ଜେଲକୁ ନିଆଯାଉଛି।

ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ(ଡିଆର୍‌ଡିଓ)ର ଗୁପ୍ତ ତଥ୍ୟ ଆଇଏସ୍‌ଆଇ ଏଜେଣ୍ଟଙ୍କୁ ପ୍ରଦାନ କରିବା ଅଭିଯୋଗରେ ଗିରଫ ଈଶ୍ୱର ବେହେରା ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଏହି ମାମଲାର ବିଚାର କରି ଗୁରୁବାର ବାଲେଶ୍ୱର ଜିଲା ଦୌରାଜଜ୍-୧ ଗିରିଜା ପ୍ରସାଦ ମହାପାତ୍ର ଦେଶଦ୍ରୋହ ଅପରାଧରେ ଅଭିଯୁକ୍ତ ଈଶ୍ୱରଙ୍କୁ ଆଜୀବନ କାରାଦଣ୍ଡ ସହ ମୋଟ ୩୦ହଜାର ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟ କ୍ଷେତ୍ରରେ ଅଧିକ ଏକ ବର୍ଷ ଜେଲ ଦଣ୍ଡ ଭୋଗିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଡିଆର୍‌ଡିଓରେ କାର୍ଯ୍ୟରତ ଠିକା ଫଟୋଗ୍ରାଫର ତଥା ମୟୂରଭଞ୍ଜ ଜିଲା କପ୍ତିପୁର ଅଞ୍ଚଳର ଈଶ୍ୱର ବେହେରାଙ୍କୁ ଆଇଏସ୍‌ଆଇ ଲିଙ୍କ୍ ଅଭିଯୋଗରେ ୨୦୧୪ ଡିସେମ୍ବର ୨୨ରେ ଚାନ୍ଦିପୁର ପୋଲିସ ଗିରଫ କରିଥିଲା। ପରେ ତାଙ୍କୁ କ୍ରାଇମ୍‌ବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା। କ୍ରାଇମ୍‌ବ୍ରାଞ୍ଚ କେସ୍ ନଂ ୬/୨୦୧୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସେ ପାକିସ୍ତାନ ଏଜେଣ୍ଟ ଆଶିଫ ଅଲ୍ଲୀଙ୍କ ସହ ସମ୍ପର୍କ ରଖି ମିଲିଟାରୀ ତଥ୍ୟକୁ ଶତ୍ରୁ ପକ୍ଷକୁ ବିକୁଥିଲେ। ଏଥିପାଇଁ ଈଶ୍ୱର ☞ପୃଷ୍ଠା-୨




## ଫ୍ରାନ୍ସ ସୁରକ୍ଷା ବିଶେଷଜ୍ଞ ପ୍ରଘଟ କଲେ

# 'କୂ'ରେ ଡାଟା ଅସୁରକ୍ଷିତ

ଦିଲ୍ଲୀ ସୀମାରେ ଚାଲିଥିବା କେନ୍ଦ୍ରର କୃଷି ଆଇନ ବିରୋଧୀ ଚାଷୀ ଆନ୍ଦୋଳନକୁ ସମର୍ଥନ କରି ବିଦେଶୀ ସେଲିବ୍ରିଟିମାନେ ଟୁଇଟ୍ କରିବାରେ ଲାଗିଛନ୍ତି। ଏହାକୁ ନେଇ ସରକାର ଟୁଇଟରକୁ ନାଲିଆଖି ଦେଖାଉଥିବାବେଳେ ଭାରତରେ ହଠାତ୍ ଉଭା ହୋଇଛି ଆଉ ଏକ ତଥାକଥିତ ସମାନ୍ତରାଳ ପ୍ଲାଟଫର୍ମ। ଟୁଇଟରକୁ ଟକ୍କର ଦେବା ପାଇଁ ବିକଶିତ ସ୍ୱଦେଶୀ ମାଇକ୍ରୋବ୍ଲଗିଂ ପ୍ଲାଟଫର୍ମ କୂ'କୁ କେନ୍ଦ୍ରୀୟ ମନ୍ତ୍ରୀମାନଙ୍କ ଖୋଲାଖୋଲି ସମର୍ଥନ ପରେ ଚର୍ଚ୍ଚା ବି ଜୋର୍ ଧରିଛି। ଏଭଳି ସମୟରେ କୂ ଆପ୍‌ର ୟୁଜର୍ସଙ୍କୁ ଏହାର ବ୍ୟବହାର ନେଇ ସୁରକ୍ଷା ବିଶେଷଜ୍ଞମାନେ ସତର୍କ ଓ ସଚେତନ କରାଇଛନ୍ତି। ଏହି ବହୁଚର୍ଚ୍ଚିତ ଆପ୍‌ରେ ୟୁଜରମାନଙ୍କ ପ୍ରିଭେସି (ବ୍ୟକ୍ତିଗତ ଗୋପନୀୟ ତଥ୍ୟ) କୌଣସି ପ୍ରକାରେ ସୁରକ୍ଷିତ ନୁହେଁ। ୟୁଜର୍ସଙ୍କ ନାମ, ଇ-ମେଲ ଆଡ୍ରେସ୍, ଜନ୍ମ ତାରିଖ, ବୈବାହିକ ସ୍ଥିତି ସମେତ ସମ୍ବେଦନଶୀଳ ଡାଟା ଲିକ୍ ହେଉଛି ବୋଲି ପ୍ରଘଟ କରିଛନ୍ତି ଫ୍ରାନ୍ସର ସିକ୍ୟୁରିଟି ରିସର୍ଚ୍ଚର ରୋବର୍ଟ ବାପ୍ଟିଷ୍ଟ ଓରଫ୍ ଏଲିଅଟ ଆଲଡର୍ସନ।




**ନୂଆଦିଲ୍ଲୀ,୧୧।୨**

ସୋସିଆଲ ମିଡିଆ ୟୁଜର୍ସଙ୍କ ମଧ୍ୟରେ 'ମେଡ୍ ଇନ୍ ଇଣ୍ଡିଆ' କୂ ଆପ୍‌କୁ ନେଇ ଚର୍ଚ୍ଚା ଜୋର ଧରିଛି। ଅନେକ ବ୍ୟବହାରକାରୀ ଏହି ମାଇକ୍ରୋବ୍ଲଗିଂ ପ୍ଲାଟଫର୍ମରେ ଆକାଉଣ୍ଟ ଖୋଲିବା ଆରମ୍ଭ କରିଦେଇଛନ୍ତି। ଉକ୍ତ ସ୍ୱଦେଶୀ ଆପ୍‌କୁ ଟୁଇଟରର ବିକଳ୍ପ ଭାବେ ମଧ୍ୟ ଦେଖାଯାଉଛି। କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ ଓ ରବିଶଙ୍କର ପ୍ରସାଦ କୂ'ରେ ଆକାଉଣ୍ଟ ତିଆରି କରିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ମନ୍ କୀ ବାତ୍' ରେଡିଓ କାର୍ଯ୍ୟକ୍ରମରେ ଏହି ଆପ୍‌ର ଅବତାରଣା କରି ଚର୍ଚ୍ଚାକୁ ଆଗକୁ ବଢ଼ାଇଥିଲେ। ତେବେ କୂ'ରେ ଯେଉଁମାନଙ୍କ ଆକାଉଣ୍ଟ ରହିଛି ସେମାନଙ୍କ ବ୍ୟକ୍ତିଗତ ଗୋପନୀୟ ତଥ୍ୟ ଆଦୌ ସୁରକ୍ଷିତ ନୁହେଁ। ସେମାନଙ୍କ ଡାଟାକୁ ଲିକ୍ ☞ପୃଷ୍ଠା-୨

### 'କୂ' ଆପ୍ କ'ଣ

କୂ ଆପ୍ ହେଉଛି ଏକ ଭାରତୀୟ ମାଇକ୍ରୋବ୍ଲଗିଂ ସାଇଟ୍, ଯାହାକୁ ଟୁଇଟର ସହ ଟକ୍କର ଦେବା ପାଇଁ ବିକଶିତ କରାଯାଇଛି। ମୋଟାମୋଟି ରୂପେ ଏହା ହେଉଛି ମେଡ୍ ଇନ୍ ଇଣ୍ଡିଆ ଟୁଇଟର। ଏହା ହିନ୍ଦୀ ଓ ଇଂଲିଶ ସମେତ ୮ ଭାରତୀୟ ଭାଷାରେ ଉପଲବ୍ଧ। କୂ'ର ଉଭୟ ଆପ୍ ଓ ୱେବ୍‌ସାଇଟ୍‌କୁ ବ୍ୟବହାର କରାଯାଇପାରେ। ଏହାର ଇଣ୍ଟରଫେସ୍ ମଧ୍ୟ ଟୁଇଟର ଭଳି। ଏଥିରେ ଶବ୍ଦର ସୀମା ହେଉଛି ୩୫୦। ଚଳିତ ସପ୍ତାହରେ କୂ ନିଜ ସିରିଜ୍ ଏ ଫଣ୍ଡିଂର ଅଂଶ ରୂପେ ୩୦ କୋଟି ଟଙ୍କା ଠୁଳ କରିଛି। ଏହି ଫଣ୍ଡିଂ ଇନ୍‌ଫୋସିସ୍‌ର ମୋହନଦାସ ପାଇଙ୍କ ୩ୱାନ୍୪ କ୍ୟାପିଟାଲ ପକ୍ଷରୁ କରାଯାଇଛି।

**ଆଜିର ମନ୍ତବ୍ୟ**

"ଆମେ ଦୁଇ ଆମର ଦୁଇ ଢଙ୍ଗରେ ଦେଶକୁ ବର୍ତ୍ତମାନ ୪ ଜଣ ଚଳାଉଛନ୍ତି। ସମସ୍ତେ ସେହି ୪ ଜଣଙ୍କୁ ଭଲ ଭାବେ ଜାଣିଛନ୍ତି।
–ରାହୁଲ ଗାନ୍ଧୀ, କଂଗ୍ରେସ ନେତା


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................



ନାରାୟଣ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


**ପ୍ରଥମ ପୃଷ୍ଠାରୁ...**

## ପରକୀୟା ପ୍ରୀତି,...

ରିକ୍ରିଏଶନ କରାଯାଇଥିଲା। ପୋଲିସ ସେମାନଙ୍କୁ ପ୍ରଥମେ ମୃତଦେହ ମିଳିଥିବା ସ୍ଥାନକୁ ନେଇଥିଲା। ସେଠାରେ କିପରି ମୁଣ୍ଡକୁ କାଟି ମୃତଦେହ ଫିଙ୍ଗିଥିଲେ ତାହାର ଡେମୋ କରିଥିଲେ। ପରେ ଡିସିପି ଉମାଶଙ୍କର ଦାଶଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଅଭିଯୁକ୍ତଦ୍ୱୟ ମୁଣ୍ଡ ଫୋପାଡିଥିବା ସ୍ଥାନ ଦେଖାଇଥିଲେ। ଚନ୍ଦକା ଅଭୟାରଣ୍ୟର ଭରତପୁର ନିକଟ ହାତୀ ଟ୍ରେଞ୍ଚ ପାର୍ଶ୍ୱ ଏକ ଜଙ୍ଗଲିଆ ସ୍ଥାନରୁ କଟାମୁଣ୍ଡକୁ ଜବତ କରାଯାଇଛି। ଫରେନ୍ସିକ୍‌ଟିମ୍ ଘଟଣାସ୍ଥଳରୁ କଟାମୁଣ୍ଡର ନମୁନା ସଂଗ୍ରହ କରିବା ପରେ ମୁଣ୍ଡଟିକୁ ଏମ୍ସକୁ ପଠାଇ ଦିଆଯାଇଛି। ସେଠାରେ ମହିଳାଙ୍କ ମୃତଦେହ ଓ ମୁଣ୍ଡର ବ୍ୟବଚ୍ଛେଦ କରାଯିବ। ପୋଲିସ ହତ୍ୟା ଘଟଣାରେ ବ୍ୟବହୃତ ବୋଲେରୋ ଓ ମହିଳାଙ୍କ ମୋବାଇଲ ଫୋନ୍‌କୁ ମଧ୍ୟ ଜବତ କରିଛି। ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଝାରପଡ଼ା ସ୍ୱତନ୍ତ୍ର କାରାଗାରକୁ ପଠାଇ ଦିଆଯାଇଛି। ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଖବରଦାତା ସମ୍ମିଳନୀରେ ପୂରା ଘଟଣାର ପର୍ଦ୍ଦାଫାଶ କରିଛନ୍ତି। ସଞ୍ଜୟଙ୍କୁ ରିମାଣ୍ଡରେ ଅଣାଯାଇ ଅଧିକ ତଦନ୍ତ କରାଯିବ ବୋଲି ଷଡଙ୍ଗୀ କହିଛନ୍ତି। ଏଥିସହ ହତ୍ୟାକାଣ୍ଡ ଘଟିଥିବା ରାତିର ଆଉକିଛି ରହସ୍ୟ ଖୋଲିବାକୁ ପୋଲିସ ଆଶା ରଖିଛି।

କମିଶନର ଷଡ଼ଙ୍ଗୀଙ୍କ ସୂଚନା ଅନୁଯାୟୀ, ପୁଷ୍ପଲତା ପୂର୍ବରୁ ବିବାହିତ ଥିଲେ। ତାଙ୍କର ୨ ଝିଅ ଅଛନ୍ତି। ତେବେ ବିବାହର କିଛିବର୍ଷ ପରେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିଥିଲା। ଏହାର କିଛିମାସ ପରେ ପୁଷ୍ପଲତା ଓ ସଞ୍ଜୟଙ୍କ ମଧ୍ୟରେ ସମ୍ପର୍କ ଗଢି ଉଠିଥିଲା। ସଞ୍ଜୟ ପ୍ରଥମେ ପୁଷ୍ପଲତା ଓ ତାଙ୍କ ମା' ମିନତୀ ପାତ୍ରଙ୍କ ମଞ୍ଚେଶ୍ୱର ଧୀରକୁଟି ବସ୍ତିସ୍ଥିତ ଘରେ ଭଡାରେ ରହୁଥିଲେ। ଏହି ସମୟରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ସୃଷ୍ଟି ହୋଇଥିଲା। ପରେ ସଞ୍ଜୟ ଫୁଲେଶ୍ୱରୀ ବସ୍ତିରେ ନିଜ ଘର କରି ସେଠାକୁ ପଳାଇଥିଲେ ମଧ୍ୟ ଉଭୟଙ୍କ ସମ୍ପର୍କରେ କିଛି ବି ଭଙ୍ଗା ପଡି ନ ଥିଲା। ସଞ୍ଜୟଙ୍କ ସହ ପୁଷ୍ପଲତାଙ୍କ ମିଳାମିଶାକୁ ମା' ମିନତୀ ପାତ୍ର ବିରୋଧ କରିଥିଲେ। ବାରମ୍ବାର ବାରଣ ସତ୍ତ୍ୱେ ପୁଷ୍ପଲତା ମା'ଙ୍କ କଥାକୁ ଖାତିର କରି ନ ଥିଲେ। ଶେଷରେ ସେ ମା'ଙ୍କ ଘର ଛାଡ଼ି ଭରତପୁର ତାରିଣୀନଗର ବସ୍ତିରେ ଘର କରି ଏକୁଟିଆ ରହୁଥିଲେ। ସେଠାରୁ ସେ ଫୁଲେଶ୍ୱରୀ ବସ୍ତିରେ ରହୁଥିବା ସଞ୍ଜୟଙ୍କ ପାଖକୁ ଯିବାଆସିବା କରୁଥିଲେ। ଉଭୟଙ୍କ ମଧ୍ୟରେ ଦୀର୍ଘ ୬ବର୍ଷ ହେବ ଶାରୀରିକ ସମ୍ପର୍କ ରହିଥିଲା। ଏହା ଭିତରେ ଗତ ଡିସେମ୍ବର ୨୪ରେ ପୁଷ୍ପଲତା ଭଦ୍ରକ ଜିଲାର ପ୍ରୀତିରଞ୍ଜନ ପତିଙ୍କୁ ବାହାହୋଇଥିଲେ। ପ୍ରୀତିରଞ୍ଜନ ଭୁବନେଶ୍ୱର ଚକେଇସିଆଣି ଅଞ୍ଚଳରେ ରହିବା ସହ ଏକ କୋରିଅର କମ୍ପାନୀରେ କାମ କରୁଥିଲେ। ବାହାଘରର ମାତ୍ର ୫ଦିନ ପରେ ପୁଷ୍ପଲତା ତାଙ୍କୁ ଛାଡି ପ୍ରେମିକ ସଞ୍ଜୟଙ୍କ ନିକଟକୁ ପଳାଇ ଆସିଥିଲେ। ଏହି ବାହାଘରକୁ ନେଇ ପୁଷ୍ପଲତା ଓ ସଞ୍ଜୟଙ୍କ ଭିତରେ ତିକ୍ତତା ଆରମ୍ଭ ହୋଇଥିଲା। ମଝିରେ ମଝିରେ ଉଭୟଙ୍କ ମଧ୍ୟରେ ପ୍ରବଳ ଝଗଡା ହେଉଥିଲା। ତାଙ୍କ ପାଖରୁ ଚାଲିଯିବାକୁ ସଞ୍ଜୟ କହିବାରୁ ପୁଷ୍ପଲତା ସ୍ୱାମୀ ପ୍ରୀତିରଞ୍ଜନଙ୍କ ନିକଟକୁ ଫେରିଆସିଥିଲେ। ସେଠାରେ ଦୁଇଦିନ ରହିବା ପରେ ମାସେ ତଳେ ପୁଣି ସଞ୍ଜୟଙ୍କ ପାଖକୁ ପଳାଇଥିଲେ। ହେଲେ ସଞ୍ଜୟ ତାଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇବାକୁ ଚିନ୍ତା କରିଥିଲେ। ଗତ ୩ ତାରିଖ ସନ୍ଧ୍ୟାରେ ସୁଯୋଗ ଦେଖି ସଞ୍ଜୟ ପୁଷ୍ପଲତାଙ୍କୁ ତଣ୍ଟିଚିପି ହତ୍ୟା କରିବା ପରେ ସାଙ୍ଗ ଚନ୍ଦୁଙ୍କୁ ଡାକି ମୃତଦେହ ପକାଇବାକୁ ଯୋଜନା କରିଥିଲେ। ମୃତଦେହ ଫିଙ୍ଗିବା ସ୍ଥାନ ଠିକ୍ କରିବା ସହ ଆଇଗିଣିଆ ହାଟରୁ ଏକ ଛୁରି ଓ ଦୁଇଟି ଗ୍ଲୋଭ୍ସ କିଣିଥିଲେ। ବିଳମ୍ବିତ ରାତିରେ ବସ୍ତିର ଲୋକେ ଶୋଇଯିବା ପରେ ଉଭୟ ବୋଲେରୋରେ ମୃତଦେହ ନେଇ ଚନ୍ଦକା ଦାସପୁରଠାରେ ପହଞ୍ଚିଥିଲେ। ପ୍ରମାଣ ନଷ୍ଟ କରିବାକୁ ମୁଣ୍ଡକାଟି ଅଲଗା କରିଥିଲେ। ସେଠାରେ ଗଣ୍ଡିକୁ ଫିଙ୍ଗି ମୁଣ୍ଡକୁ ୨ କି.ମି. ଦୂର ଭରତପୁର ନିକଟରେ ପକାଇ କାମ ବାହାନାରେ ସାଙ୍ଗ ଘର ନୟାଗଡ ଦଶପଲ୍ଲା ଅଞ୍ଚଳକୁ ପଳାଇଥିଲେ।

## ଗ୍ରାହକଙ୍କୁ ଠକୁଛନ୍ତି...

ନିୟମ ୨୦୧୭ ଜୁନ୍‌ରେ ଲାଗୁ କରାଯାଇଥିଲା। ସେହି ସମୟରେ ମୋଟ ୪୩% ରିଟେଲ ଆଉଟଲେଟ ଅଟୋମେଟେଡ୍ ହୋଇଥିଲା। ଏହାକୁ ଦେଖିଲେ ତେଲ କମ୍ପାନୀଗୁଡ଼ିକର ପ୍ରସ୍ତୁତି ସମ୍ପୂର୍ଣ୍ଣ ହୋଇନାହିଁ। ୨୦୧୮ ଡିସେମ୍ବର ଯାଏ ସବୁ ରିଟେଲ ଆଉଟଲେଟକୁ ଅଟୋମେଟେଡ୍ କରାଯିବା ଯୋଜନା ରଖାଯାଇଥିଲା। ଏହି ଅବଧିରେ ୧୪୮୭ କୋଟି ଟଙ୍କା ଖର୍ଚ୍ଚ କରାଯିବା ସହ ୮୦% ଆଉଟଲେଟକୁ ଅଟୋମେଟିକ କରାଯାଇଛି। ଫୁଏଲ ଷ୍ଟେଶନଗୁଡ଼ିକରେ ଗ୍ରାହକଙ୍କଠାରୁ ଏଭଳି ଉପାୟରେ ଓଭରଚାର୍ଜିଂ କରାଯାଉଥିବା ତେଲ କମ୍ପାନୀଗୁଡ଼ିକ ମାନିଥିବା ରିପୋର୍ଟରେ ପ୍ରକାଶ ପାଇଛି।

## ୧୧ ଦିନରେ...

ବଢ଼ିଥିବା ସୂଚନା ମିଳିଛି। ଏହି ମୂଲ୍ୟ ବୃଦ୍ଧି ଫଳରେ ସେଠାରେ ପେଟ୍ରୋଲ ଦର ଲିଟର ପିଛା ୮୭.୮୫ ଟଙ୍କା ଓ ଡିଜେଲ ଲିଟର ପିଛା ୭୮.୦୩ ଟଙ୍କାରେ ପହଞ୍ଚିଛି। ସେହିଭଳି ଦେଶର ଅନ୍ୟ ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ଦର ଲିଟର ପିଛା ଯଥାକ୍ରମେ ୯୦.୧୮ ଟଙ୍କା, ୮୯.୧୬ ଟଙ୍କା ଏବଂ ୯୪.୩୬ ଟଙ୍କା ରହିଥିବା ଜଣାପଡିଛି। ସେହିଭଳି ଏହିସବୁ ମେଟ୍ରୋ ସହରରେ ଡିଜେଲ ଦର ଲିଟର ପିଛା ୮୩.୧୮ ଟଙ୍କା, ୮୧.୬୧ ଟଙ୍କା ଏବଂ ୮୪.୯୪ ଟଙ୍କାରେ ପହଞ୍ଚିଛି।

ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ଗତ କିଛିଦିନ ହେବ ବଢିଚାଲିଛି। ଫଳରେ ଦେଶରେ ତେଲ ଦର ସେହି ଅନୁପାତରେ ବଢୁଛି ବୋଲି ତୈଳ ବିପଣନ କମ୍ପାନୀଗୁଡ଼ିକ ପକ୍ଷରୁ ସୂଚନା ମିଳିଛି। ବର୍ତ୍ତମାନର ବଜାର ବ୍ୟବସ୍ଥାକୁ ଲକ୍ଷ୍ୟକଲେ ଜଣାପଡୁଛି, ନିକଟ ଭବିଷ୍ୟତରେ ତୈଳ ମୂଲ୍ୟ ହ୍ରାସ ହେବାର କୌଣସି ସମ୍ଭାବନା ନାହିଁ। କ୍ରୁଡ୍ ଅଏଲର ଚାହିଦା ବଢୁଥିବାରୁ ଦର ମଧ୍ୟ ସେହି ଅନୁସାରେ ବଢିବାରେ ଲାଗିଛି। ତା' ସହିତ ଭାରତ ସରକାର ପେଟ୍ରୋଲ ଓ ଡିଜେଲ ଉପରୁ ଶୁଳ୍କ ହ୍ରାସ କରିବାକୁ ମନା କରିଦେବା କାରଣରୁ ବର୍ଷ ଆରମ୍ଭରୁ ବଜାର ଦର ଅଣାୟତ୍ତ ହୋଇପଡିଛି। ପେଟ୍ରୋଲ ଓ ଡିଜେଲରୁ ସରକାର ଆଦାୟ କରୁଥିବା ଶୁଳ୍କ ଛାଡ଼ କରିପାରିବେ ନାହିଁ ବୋଲି ସ୍ପଷ୍ଟ କରିଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ତୈଳ ମୂଲ୍ୟ ବୃଦ୍ଧି ନେଇ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଶୁଳ୍କ ଛାଡ଼ ନେଇ ସରକାରଙ୍କର କୌଣସି ପ୍ରସ୍ତାବ ନ ଥିବା ସେ କହିଛନ୍ତି।

## ନବମ, ଏକାଦଶ...

ହଟିବା ପରେ କେତେକ ରାଜ୍ୟରେ ଅକ୍ଟୋବରରୁ ସ୍କୁଲ ଖୋଲିଥିଲା। ବକେୟା ରହିଥିବା ପାଠ୍ୟକ୍ରମକୁ ଚିହ୍ନଟ କରି ତାହାର ସମାଧାନ କରିବା ସହ କୋଭିଡ୍ ସୁରକ୍ଷା ନିୟମ ଅନୁଯାୟୀ ନବମ ଓ ଏକାଦଶ ଶ୍ରେଣୀ ପରୀକ୍ଷା କରାଇବା ପାଇଁ ସିବିଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ସାନ୍ୟମ ଭରଦ୍ୱାଜ ସ୍କୁଲ୍ ପ୍ରିନ୍ସିପାଲମାନଙ୍କୁ ପତ୍ର ଲେଖିଛନ୍ତି। ବକେୟା ପାଠକୁ ନୂଆ ଶିକ୍ଷାବର୍ଷ ଆରମ୍ଭରେ ପଢ଼ାଯାଇପାରିବ। ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଭରଦ୍ୱାଜ ପରାମର୍ଶ ଦେଇଛନ୍ତି।

## ଆଜି କୋଟିଆ...

ନିର୍ବାଚନ ପାଇଁ ଆନ୍ଧ୍ରପ୍ରଦେଶ ଜାରି କରିଥିବା ବିଜ୍ଞପ୍ତି ଉପରେ ସ୍ଥଗିତାଦେଶ ଲଗାଯିବା ସହ ଅଦାଲତ ଅବମାନନା ମାମଲା ଚଳାଇବାକୁ ଓଡ଼ିଶା ଦାବି କରିଛି। ଓଡ଼ିଶା ସୀମା ଭିତରେ ଆନ୍ଧ୍ରପ୍ରଦେଶର ଅନୁପ୍ରବେଶ ବିରୋଧରେ ସୁପ୍ରିମକୋର୍ଟ ୧୯୬୮ ଡିସେମ୍ବର ୨ ଏବଂ ୨୦୦୬ ମାର୍ଚ୍ଚ ୩୦ରେ ରାୟ ଦେଇଥିଲେ। ଆନ୍ଧ୍ର ସରକାର ଜାଣିଶୁଣି ଏହାର ଉଲ୍ଲଂଘନ କରିଥିବା ପିଟିଶନରେ ଦର୍ଶାଯାଇଛି। ସେଥିପାଇଁ ସରକାରଙ୍କ ପକ୍ଷରୁ ଆଇନଜୀବୀ ଶିବଶଙ୍କର ମିଶ୍ର ଅଦାଲତ ଅବମାନନା ପିଟିଶନ ଦାଏର କରିଛନ୍ତି। ସୂଚନାଯୋଗ୍ୟ ୧୯୬୮ ଏବଂ ୨୦୦୬ରେ ସର୍ବୋଚ୍ଚ ଅଦାଲତ ଉଭୟ ରାଜ୍ୟକୁ ସୀମା ବିବାଦ ଉପରେ ସ୍ଥିତାବସ୍ଥା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାର ଉଲ୍ଲଂଘନ କରିଥିବା ଆନ୍ଧ୍ର ସରକାରଙ୍କୁ ନୋଟିସ ଜାରି କରିବା ଲାଗି ଓଡ଼ିଶା ସରକାର ଅଦାଲତଙ୍କୁ ଅନୁରୋଧ କରିଛନ୍ତି। ପିଟିଶନ ଅନୁଯାୟୀ ଆନ୍ଧ୍ର ସରକାର ଗତବର୍ଷ ମାର୍ଚ୍ଚ ୫ରେ ବିଜିଆନଗରମ୍ ଜିଲାରେ ପଞ୍ଚାୟତ ନିର୍ବାଚନ କରିବା ଲାଗି ବିଜ୍ଞପ୍ତି ଜାରି କରିଥିଲେ। ନୋଟିସ୍‌ରେ ଆନ୍ଧ୍ର ସରକାର ଜାଣିଶୁଣି କୋରାପୁଟର କୋଟିଆ ଜନଜାତି ରହୁଥିବା ୩ଟି ଗ୍ରାମକୁ ବିଜିଆନଗରମ୍ ଜିଲାର ସାଲୁର ମଣ୍ଡଳରେ ସାମିଲ କରିଛନ୍ତି। ଉକ୍ତ ୩ ଗ୍ରାମର ନାଁକୁ ମଧ୍ୟ ଆନ୍ଧ୍ର ବଦଳାଇ ଦେଇଛି।

## ଈଶ୍ୱରଙ୍କୁ ଆଜୀବନ...

ସେମାନଙ୍କଠାରୁ ବହୁ ଅର୍ଥ ମଧ୍ୟ ଆଣୁଥିଲେ ବୋଲି କ୍ରାଇମବ୍ରାଞ୍ଚ ତଦନ୍ତ ସମୟରେ ଜାଣିବାକୁ ପାଇଥିଲା। ଈଶ୍ୱର ୯ଅଙ୍କ ବିଶିଷ୍ଟ ଏକ ଫୋନ୍ ନମ୍ବରରେ ଆଇଏସ୍‌ଆଇ ଏଜେଣ୍ଟଙ୍କ ସହ କଥାବାର୍ତ୍ତା ହେଉଥିଲେ। ଯେଉଁ ନମ୍ବରରେ କଥା ହୋଇଥିଲେ ସେହି ନମ୍ବର ଆଗରୁ +୯୧ ଲାଗିଥିଲା। ଈଶ୍ୱର ବାହାର ଦେଶର ଏକ ନମ୍ବରରୁ ଆସିଥିବା କଲ୍‌ରୁ କଥା ହେଉଥିବା ଇଣ୍ଟରଭ୍ୟୁ ଡାଟାରୁ ଜଣାଯାଇଥିଲା। ତାଙ୍କର ଭଏସ୍ ସାମ୍ପୁଲ୍ ସାଇଣ୍ଟିଫିକ୍ ଲାବକୁ ପଠାଯାଇଥିଲା। ଈଶ୍ୱର ନିୟମିତଭାବେ ଆଇଏସ୍‌ଆଇ ଏଜେଣ୍ଟଙ୍କ ଯୋଗାଯୋଗରେ ରହିଥିଲେ। ଆଇଟିଆର୍ କ୍ଷେପଣାସ୍ତ୍ର ପରୀକ୍ଷଣ ପୂର୍ବରୁ ସେ ଆଇଏସ୍‌ଆଇ ଏଜେଣ୍ଟଙ୍କୁ ଜଣାଇ ଦେଉଥିଲେ। ଈଶ୍ୱରଙ୍କ ଆକାଉଣ୍ଟକୁ ଆବୁଧାବି ସହ ବିହାର, ଆଜମେର, କୋଲକାତାରୁ ମଧ୍ୟ ଟଙ୍କା ଆସିଛି। ଏକ ଟିଭି କିଣିବାକୁ ଈଶ୍ୱର ଆଇଏସ୍‌ଆଇ ଏଜେଣ୍ଟଙ୍କୁ ପଇସା ମାଗିଥିଲେ। ଈଶ୍ୱରଙ୍କ ଏକ ୬୬ ସେକେଣ୍ଡର ବାର୍ତ୍ତାଳାପ ହେଉଛି ଆଇଏସ୍‌ଆଇ ଲିଙ୍କର ବଳିଷ୍ଠ ପ୍ରମାଣ। ତାଙ୍କ ବିରୋଧରେ ଲାଗିଥିବା ଆଇପିସି ଦଫା ୧୨୦(ବି)/୧୨୧/୧୨୧(ଏ) ସହ ଅଫିସିଆଲ୍ ସିକ୍ରେଟ ଆକ୍ଟର ଦଫା ୩ ଓ ୫ରେ ଦୋଷୀ ସାବ୍ୟସ୍ତ କରାଯାଇଛି।

ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ କାନୁନ୍‌ଗୋ ମାମଲା ପରିଚାଳନା କରି ଏହା ଏକ ସଙ୍ଗିନ ଅପରାଧ, ଏଭଳି ଅପରାଧ ସାରା ଦେଶର ନାଗରିକଙ୍କ ପାଇଁ ବିପଦ। ଦେଶକୁ ଯୁଦ୍ଧମୁହଁକୁ ଠେଲି ଦିଆଯିବାକୁ ଚେଷ୍ଟା କରାଯାଇଥିଲା ବୋଲି କହିଛନ୍ତି। କୋର୍ଟରେ ତାଙ୍କୁ ମୃତ୍ୟୁଦଣ୍ଡ ଦିଆଯାଉ ବୋଲି ପ୍ରାର୍ଥନା କରାଯାଇଥିଲା। ଅଦାଲତ ଶୁଣାଣି ସମୟରେ ୨୯ଜଣଙ୍କ ସାକ୍ଷ୍ୟ, ୩୪ ଦଲିଲ୍ ଦସ୍ତାବିଜ, ୩୬ ପ୍ରକାର ସାମଗ୍ରୀ ପ୍ରମାଣ ଆଧାରରେ ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିବା କାନୁନ୍‌ଗୋ କହିଛନ୍ତି।

## 'କୂ'ରେ ଡାଟା...

କରାଯାଉଛି ବୋଲି ସୁରକ୍ଷା ବିଶେଷଜ୍ଞ ରୋବର୍ଟ ବେପ୍‌ଟିଷ୍ଟ କହିଛନ୍ତି। ବେପ୍‌ଟିଷ୍ଟ ଟୁଇଟରରେ ୟୁଜର୍ସଙ୍କ ଅନୁରୋଧ ପରେ କୂ ଆପ୍‌ରେ ୩୦ ମିନିଟ ବିତାଇଥିଲେ ଏବଂ ଜାଣିବାକୁ ପାଇଥିଲେ ଯେ, ଭାରତୀୟ ମାଇକ୍ରୋବ୍ଲଗିଂ ପ୍ଲାଟଫର୍ମ ନିଜ ୟୁଜର୍ସଙ୍କ ଇ–ମେଲ ଆଡ୍ରେସ୍, ନାମ ଓ ଜନ୍ମଦିନ ସମେତ ଅନ୍ୟ ସମ୍ବେଦନଶୀଳ ସୂଚନାଗୁଡ଼ିକୁ ପ୍ରଘଟ କରୁଛି। ସେ କୂ ଆପ୍ ସମ୍ପର୍କରେ ନିଜ ଏହି ଗବେଷଣାକୁ ବିସ୍ତୃତ ଭାବେ ଜଣାଇବା ପାଇଁ ଅନେକ ଟୁଇଟ୍ କରିଛନ୍ତି।

ପ୍ରକାଶ ଯେ, ଭାରତୀୟ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ କୂ'କୁ ୨୦୨୦ ମାର୍ଚ୍ଚରେ ଲଞ୍ଚ କରାଯାଇଥିଲା। କିନ୍ତୁ ଟୁଇଟର ଓ ସରକାରଙ୍କ ମଧ୍ୟରେ ବିବାଦ ଚାଲିଥିବାବେଳେ କିଛିଦିନ ହେବ କୂ ହଠାତ୍ ଲୋକପ୍ରିୟତା ହାସଲ କରିବାରେ ଲାଗିଛି। ଟୁଇଟରରେ ପୋଷ୍ଟ କରାଯାଇଥିବା ସ୍କ୍ରିନ୍‌ଶଟ୍ ସମ୍ପର୍କରେ ଅବତାରଣା କରି ବେପ୍‌ଟିଷ୍ଟ ଦାବି କରିଛନ୍ତି, କୂ ଆପ୍‌ରେ ୟୁଜରମାନଙ୍କ ପ୍ରିଭେସି କୌଣସି ପ୍ରକାରେ ସୁରକ୍ଷିତ ନୁହେଁ। ଏହା ଲିକ୍ ମଧ୍ୟ କରାଯାଇପାରେ। ବେପ୍‌ଟିଷ୍ଟଙ୍କ ମତରେ କୂ'ରେ ୟୁଜର୍ସଙ୍କ ଇ–ମେଲ୍, ଜନ୍ମ ତାରିଖ, ବୈବାହିକ ସ୍ଥିତି ଭଳି କୌଣସି ପ୍ରକାର ବ୍ୟକ୍ତିଗତ ତଥ୍ୟ ସୁରକ୍ଷିତ ନୁହେଁ ବୋଲି ହ୍ୟାକର ଆପ୍‌କୁ ହ୍ୟାକ୍ କରି ପ୍ରମାଣିତ କରିଛନ୍ତି। କିଛି ଅନ୍ୟ ସ୍କ୍ରିନ୍ ଶଟ୍‌ରେ ସେ କୂ ଡୋମେନ୍‌କୁ ଚାଇନାର ତାଓ ଝୁଓ ନାମକ ଜଣେ ବ୍ୟକ୍ତିଙ୍କ ଜରିଆରେ ଆମେରିକାରେ ପଞ୍ଜୀକରଣ କରାଯାଇଥିବା କହିଛନ୍ତି। ଅନ୍ୟପକ୍ଷରେ କୂ'ର ସହପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଅପ୍ରମେୟ ରାଧାକ୍ରିଷ୍ଣନ୍ ଉପରୋକ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଯେଉଁ ସବୁ ତଥ୍ୟ ଦୃଶ୍ୟମାନ ହେଉଛି ତାହା ୟୁଜର ସ୍ୱେଚ୍ଛାକୃତ ଭାବେ ନିଜ ପ୍ରୋଫାଇଲ୍‌ରେ ଦେଖାଇଛନ୍ତି। ଯେକୌଣସି ୟୁଜର ପ୍ରୋଫାଇଲ ଭିଜିଟ୍ କଲେ ଏହା ଦେଖିହୁଏ ବୋଲି ସେ କହିଛନ୍ତି।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାଚିଲା ମଣ୍ଡା ରୁଚେ ନାହିଁ
ତୋଡକିଲା ମଣ୍ଡା ଗଳ ଗଳ ଯାଇ।**

ଆମ ସମାଜରେ ଏପରି କେତେଜଣ ବ୍ୟକ୍ତି ଅଛନ୍ତି ଯେଉଁମାନେ ମାନ ସମ୍ମାନକୁ ଖାତିର ନ କରି ପର ଆଗରେ ହାତ ପତେଇଥାନ୍ତି। ଅଥଚ ଆଉ କେହି ଭଲ ଭାବେ ଅଭ୍ୟର୍ଥନା କଲେ ମଧ୍ୟ ସେ ତାହାକୁ ଗ୍ରହଣ ନ କରି ନାନା ସମାଲୋଚନା କରିଥାନ୍ତି। ପ୍ରକୃତିଛଡ଼ା ବ୍ୟକ୍ତିଙ୍କ ଏପରି ରଂଗଢଙ୍ଗ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯାହା ଖାଇଯିବ ପେଟକୁ
ଯାହା ନେଇଯିବ ବାଟକୁ
ଯାହା ରଖିଯିବ ଖଣ୍ଟକୁ।**

ଜୀବ ଥିବା ଯାଏ ଭଲ ଖାଇପିଇ ସ୍ୱାସ୍ଥ୍ୟ ଠିକ୍ ରଖିବା ଦରକାର। ଦାନ ଧର୍ମ କଲେ ବହୁ ପୁଣ୍ୟ ମିଳିଥାଏ। ମୃତ୍ୟୁ ପରେ ସଞ୍ଚିତ ଅର୍ଥ ଅନ୍ୟମାନେ ଭୋଗ କରିଥାଆନ୍ତି। ସୁକର୍ମ କରିଥିଲେ ମୃତ୍ୟୁ ପରେ ବି ଲୋକେ ଯଶ ଗାନ କରିଥାନ୍ତି। ଧନ ସମ୍ପତ୍ତି କେହି ସାଙ୍ଗରେ ନେଇ ଯାଇପାରି ନ ଥାନ୍ତି। ନିଜର ସୁଗୁଣ, ଯଶ ଗୌରବ ରହିଯାଏ, ଯେଉଁଥିପାଇଁ ସମସ୍ତେ ମନେ ପକାଉଥିବା ଅର୍ଥରେ ଏଭଳି ସୁପରାମର୍ଶ ପ୍ରଦାନ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



# classifieds Everyday 0674-2580101, 2549302

**automobile**

**SALE**

Swift D'zire 2016 VDI Diesel, Swift D'zire-2016 (Petrol), Swift D'zire 2009 (Diesel). 7381091234, 9861194627. D-70182

**real estate**

**SALE**

Hurry Up !!! last 5Nos. (2BHK). ready to move flats (192) for sale on "The land mark PH-2", in Sundarpada, back side of Ariport Bhubaneswar, Cost 35lakh to 40lakh. 9938569014 & 9861433014. D-19902

NH-16ରେ ପିତାପଲ୍ଲୀରେ ଗୃହୋପଯୋଗୀ, ଭୁବନେଶ୍ୱର Sum Hospitalରୁ 7K.M. distance NH-16- Aର କଣ୍ଟାବାଡ଼ରେ free registration, ଘରବାରି boundary, electricity Water supply ସହ ପ୍ଲଟ ମିଳୁଅଛି। 7504861292. D-19864

Book premimum duplex at Hanspal, Sivasakti Nagar, Bhubaneswar, 1km. from NH-16, surrounded by Colony apartment. 7327043914. D-70522

Developed ଘରବାରି ପ୍ଲଟ୍ ବାଲିଅନ୍ତାରେ 8,40,000/- near BJEM-II 6,60,000/, 9937166932. D-69370

Developed ଘରବାରି ପ୍ଲଟ୍ କେସୁରା ଛକରୁ 3 କିଲୋମିଟର ମଧ୍ୟରେ କିଣନ୍ତୁ। 7008492511. D-69369

Bhubaneswar AIIMS Hospital and Sum Hospital, Times Gurukul ନିକଟରେ 30' ରାସ୍ତା ଘରବାରି ଇଲେକ୍ଟ୍ରିସିଟି ଥାଇ plot ବିକ୍ରିହେବ। 9937819395. D-70166

ଭୁବନେଶ୍ୱର ସହର ଉପକଣ୍ଠସ୍ଥ ଯେକୌଣସି ଅଞ୍ଚଳରେ ଗୃହୋପଯୋଗୀ ଜାଗା ଖଣ୍ଡିଏ କିଣିବାକୁ ଚାହୁଁଛନ୍ତି କି? 9040744989, 6371364640. D-70160

ପିପିଲି Block Office ଏବଂ ଧଉଳି ପାଖରେ ସ୍ଥିତିବାନ୍ ପ୍ଲଟ୍ ମିଳୁଛି। 8249776268, 8327774136. D-69373

Gharabari plot Hanspal, Nakhara 6K.M. Trinath Bazar, 2K.M. Bhubaneswar. 7008613186. D-69372

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**construction**

For construction only in your plot inside Bhubaneswar area, contact MRC-9937064680. D-27287

**to-let**

2BHK flat with garage adjcent Srijan E.M. Public School near KEC. 8917425581. D-59875

**healthcare**

Zen salon and SPA positively health benefits with expert therapeutic & genuinely massage appointment. 7205084157. D-70520

New opening Saikrupa Panchakarma and SPA jointpain, fullbody massage, 8984068077. D-65910

Refreshing your mind & body with best therapy at Lotus SPA. 8018234866. D-59978

Swarna SPA newly open positively health benefits with expert therapist. 9556978408. D-70529

Only for 300 body massage ladies and gents therapist. 9583808247. D-19919

**BUSINESS**

ପାତଞ୍ଜଳି ଆୟୁର୍ବେଦ କମ୍ପାନୀ ପାଇଁ (ପାର୍ଟ/ଫୁଲ୍ ଟାଇମ୍) SMS Sending କାମ କରି ଯୁବକ/ଯୁବତୀ ମାସିକ 18,000/-ରୁ 45,000/- ରୋଜଗାର କରନ୍ତୁ। ମୋବାଇଲ + ଲାପ୍‌ଟପ୍ + ପ୍ରିଣ୍ଟର ଫ୍ରି। 9135091047. D-70528

SMS sending କାମକରି ଯୁବକ/ ଯୁବତୀ, ଗୃହିଣୀମାନେ ମାସିକ 12000-35000 + Laptop + Mobile + other facilities free (Part/ full time). 9667693638, 9667693639. D-70521

**AFFIDAVIT**

By virtue of an affidavit before Sri N. Mohanty, Notary, Bhubaneswar I, Sayed Munir Ahmed, son of Sri Hamauddin Ahmed, resident of Plot No. 84, 85/D-29, Green Garden, K9A, Kalinga Vihar, P.O.: Patrapada, Bhubaneswar-751019, Dist.- Khordha, Odisha has changed my name to Syed Monir Ahmed. Hence, I will be known as Syed Monir Ahmed for all purpose. D-19917


## ସୋସିଆଲ ମିଡିଆକୁ କେନ୍ଦ୍ରର ଚେତାବନୀ

### ଟଙ୍କା କମାଅ, ଆଇନ ନ ମାନିଲେ କାର୍ଯ୍ୟାନୁଷ୍ଠାନ

**ନୂଆଦିଲ୍ଲୀ,୧୧।୨:** ବ୍ୟବସାୟ କର, ଟଙ୍କା କମାଅ। କିନ୍ତୁ ଭାରତୀୟ ଆଇନଗୁଡ଼ିକୁ ମାନି ଚଳ। ସୋସିଆଲ ମିଡିଆ ପ୍ଲାଟଫର୍ମ ଟୁଇଟର ସହ କେନ୍ଦ୍ର ସରକାର ମୁହାଁମୁହିଁ ସ୍ଥିତିରେ ଥିବାବେଳେ ଗୁରୁବାର ରାଜ୍ୟ ସଭାରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ରବିଶଙ୍କର ପ୍ରସାଦ ଏପରି ପରାମର୍ଶ ଦେଇଛନ୍ତି। ଫେକ୍ ନ୍ୟୁଜ୍ ବିସ୍ତାର ଓ ହିଂସା ଉସୁକାଇଲେ ସମ୍ପୃକ୍ତ ସାମାଜିକ ଗଣମାଧ୍ୟମ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

ସୋସିଆଲ ମିଡିଆଗୁଡ଼ିକର ଅପବ୍ୟବହାର ଉପରେ ପ୍ରଶ୍ନକାଳରେ ରବିଶଙ୍କର ନିର୍ଦ୍ଦିଷ୍ଟ ଭାବେ ଟୁଇଟର, ଫେସ୍‌ବୁକ୍, ହ୍ୱାଟ୍ସଆପ୍ ଏବଂ ଲିଙ୍କେଡିନ୍‌ର ନାମ ନେଇ କହିଥିଲେ, ଭାରତରେ ତୁମର ଲକ୍ଷ ଲକ୍ଷ ଫଲୋଅର୍ସ ଅଛନ୍ତି। ଏଠାରେ ତୁମେ ବ୍ୟବସାୟ କରି ଅର୍ଥ ଉପାର୍ଜନ କରିବାକୁ ମୁକ୍ତ। କିନ୍ତୁ ତୁମକୁ ଭାରତୀୟ ସମ୍ବିଧାନକୁ ଅନୁସରଣ କରିବାକୁ ପଡ଼ିବ। ଆମେ ସୋସିଆଲ ମିଡିଆକୁ ବହୁତ ସମ୍ମାନ ଦେଉଛୁ। ଏହା ସାଧାରଣ ଲୋକଙ୍କୁ ସଶକ୍ତ କରିଛି। ଡିଜିଟାଲ ମିଡିଆ ପ୍ରୋଗ୍ରାମରେ ସୋସିଆଲ ମିଡିଆର ବଡ଼ ଭୂମିକା ରହିଛି। ତେବେ ସାମାଜିକ ଗଣମାଧ୍ୟମ ଫେକ୍ ନ୍ୟୁଜ୍ ପ୍ରସାର କରି ହିଂସା ଉସୁକାଇଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରବିଶଙ୍କର କହିଛନ୍ତି।

ପ୍ରକାଶ ଯେ, ଦିଲ୍ଲୀର ସିଙ୍ଘୁ, ଟିକ୍ରି ଓ ଗାଜିପୁର ସୀମାରେ ଆନ୍ଦୋଳନରତ କୃଷକଙ୍କୁ ସମର୍ଥନ କରି ଆମେରିକୀୟ ପପ୍ ଗାୟିକା ରିହାନା, ସ୍ୱିଡେନର ପରିବେଶ କର୍ମୀ ଗ୍ରେଟା ଥନ୍‌ବର୍ଗ, ଆମେରିକା ଉପରାଷ୍ଟ୍ରପତି କମଳା ହାରିସ୍‌ଙ୍କ ଝିଆରୀ ମୀନା ହାରିସ୍, ହଲିଉଡ୍‌ର ବର୍ଷୀୟାନ ଅଭିନେତ୍ରୀ ସୁସାନ ସରାଣ୍ଡନ୍‌ଙ୍କ ସମେତ ବହୁ ସେଲିବ୍ରିଟି ଟୁଇଟ୍ କରିଥିଲେ। ଆନ୍ଦୋଳନକୁ ଉସୁକାଇବା ପାଇଁ ବେଆଇନ ଭାବେ ଭୁଲ୍ ତଥ୍ୟ ପ୍ରସାର କରିଥିବା ଦର୍ଶାଇ ଫେବୃୟାରୀ ୪ରେ କେନ୍ଦ୍ର ସରକାର ପାକିସ୍ତାନୀ ଓ ଖଲିସ୍ତାନୀ ସମର୍ଥକଙ୍କ ୧,୧୭୮ ଆକାଉଣ୍ଟକୁ ବ୍ଲକ୍ କରିବା ପାଇଁ ଟୁଇଟରକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶନାମାକୁ ନ ମାନିଲେ ଜେଲ ଓ ଜରିମାନା ଦଣ୍ଡାଦେଶର ଚେତାବନୀ ଦେଇଥିଲେ। ଇତିମଧ୍ୟରେ ଟୁଇଟର ୫୦୦ ଆକାଉଣ୍ଟକୁ ବ୍ଲକ୍ କରିଥିବା ସୂଚନା ଦେଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଦିନଟିରେ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ମିତ୍ରତା ସୃଷ୍ଟି ହୋଇପାରେ। ମନ ଭଲ ରହିବ ଏବଂ ସହମତିରେ କାମ କରିବାର ପ୍ରେରଣା ପାଇବେ। କାର୍ଯ୍ୟବ୍ୟସ୍ତ ଯୋଗୁ ସବୁ କ୍ଷେତ୍ରରେ ଶୃଙ୍ଖଳା ରକ୍ଷା କରିବା କଷ୍ଟକର ହେବ। ସାହିତ୍ୟ, କଳା ଓ ବୈଷୟିକ କ୍ଷେତ୍ରରୁ ଆଶାନୁରୂପ ଫଳ ମିଳିବ। ଶାରୀରିକ ଅସ୍ୱସ୍ତି ଅନୁଭବ କରିପାରନ୍ତି।

**ବୃଷ** ଆଜି ଯାହା କରିବେ ସବୁ କ୍ଷେତ୍ରରେ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। କର୍ମ କ୍ଷେତ୍ରରେ ମିତ୍ରତା ସୃଷ୍ଟି କରିପାରନ୍ତି ଏବଂ ମନୋରଞ୍ଜନ କାର୍ଯ୍ୟରେ ରୁଚି ବଳିବ। ବ୍ୟବସାୟରେ ଲାଭବାନ ହେବେ। ବିବାଦୀୟ ଘଟଣାରେ ବିଜୟୀ ହେବା ସହ କଳା, କ୍ରୀଡା, ଗବେଷଣା ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ମିଥୁନ** ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଅସନ୍ତୁଷ୍ଟ ରହିବେ। କେତେକ କ୍ଷେତ୍ରରେ ମନର ଦୁଃଖକୁ ଲୁଚାଇ ରଖି ଉପର ମନରେ ହସି ହସି କଥା କହିବେ। ପ୍ରଶାସନ, ଆଇନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ପରିସ୍ଥିତିବଶତଃ ହଠାତ୍ ବହୁତ୍ ଗୁଡିଏ ଟଙ୍କା ଖର୍ଚ୍ଚକରି ଦୁଃଖିତ ହୋଇପାରନ୍ତି।

**କର୍କଟ** ହଠାତ୍ କର୍ମକ୍ଷେତ୍ରର କୌଣସି ସମସ୍ୟା ମନକୁ ବିଚଳିତ କରିପାରେ। କୌଣସି ମୂଲ୍ୟବାନ ଜିନିଷ ଖରିଦ କରିବା ସକାଶେ ଅର୍ଥ ଆବଶ୍ୟକ ହୋଇପାରେ। ସଭାସମିତି, ପରିବହନ, ସାହିତ୍ୟ, ସାମ୍ବାଦିକତା ଓ ଆନୁଷ୍ଠାନିକ କ୍ଷେତ୍ରରୁ ସୁଫଳ ମିଳିବ। ପରିବାରରେ ଭୁଲ୍ ବୁଝାମଣାରୁ କାରଣ ନ ଥାଇ ଦୋଷୀ ସାବ୍ୟସ୍ତ ହେବେ।

**ସିଂହ** ଆଜି ଅନାବଶ୍ୟକ ଖର୍ଚ୍ଚ, କ୍ଷତି, ଯାନବାହନ କିମ୍ବା ଗୃହ ମରାମତି ବାବଦରେ ଚିନ୍ତା ସୃଷ୍ଟି ହୋଇପାରେ। ଅଟକି ରହିଥିବା ଦୀର୍ଘଦିନର କାମଟିକୁ ପୂର୍ଣ୍ଣାଙ୍ଗ ରୂପ ଦେବେ। ଆଜି ଆଗପଛ ବିଚାର ନ କରି କାମରେ ହାତ ଦିଅନ୍ତୁ, ଅବଶ୍ୟ ସଫଳତା ହାସଲ କରିବେ। ଜମିଜମା ବିବାଦର ସମାଧାନ ସକାଶେ ବନ୍ଧୁଙ୍କ ଦ୍ୱାରସ୍ଥ ହେବାକୁ ପଡିପାରେ।

**କନ୍ୟା** ଗତକାଲି ଯାହା ଚିନ୍ତା କରିଥିଲେ ଆଜି ତାହା କରିବାରେ ଅସୁବିଧା ହେବ ନାହିଁ। ଯେତେ ଚେଷ୍ଟା କଲେ ମଧ୍ୟ କାମଗୁଡିକ ସଂପୂର୍ଣ୍ଣ ପାଇଁ ବ୍ୟସ୍ତତା ବଢିପାରେ। ଉପରିସ୍ଥଙ୍କ ଅନୁକମ୍ପା ଦ୍ୱାରା ସରକାରୀ ସ୍ତରରୁ ଋଣ ସୂତ୍ରରେ ଅର୍ଥଲାଭ କରିବେ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ।

**ତୁଳା** ନିଜର ଦୃଢତା ହେତୁ କାମଗୁଡିକ ଠିକ୍ ଭାବରେ ହେବ, ମାତ୍ର ଏଥିପାଇଁ ତକଲିଫି ହେବାକୁ ପଡିବ। ସତର୍କରେ ଚଳନ୍ତୁ, ଅଫିସରେ ବିବାଦ ଘେରରେ ପଡି ପାରନ୍ତି। କୌଣସି ନିର୍ଦ୍ଦିଷ୍ଟ କାମ ପାଇଁ ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବ। ବନ୍ଧୁମାନଙ୍କ ମଧ୍ୟରେ ପରୋକ୍ଷ ଭାବେ ସମାଲୋଚିତ ହୋଇପାରନ୍ତି।

**ବିଛା** ଆଜିର ଯାତ୍ରା ପାଇଁ ଦିନଟି ଭଲ ଓ ଲକ୍ଷ୍ୟ ହାସଲରେ ସମର୍ଥ ହେବେ। ଚେଷ୍ଟା କରୁଥିବା କାମରେ ମିତ୍ର ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ। ଆବଶ୍ୟକ ଅର୍ଥ ଜଣେ ବନ୍ଧୁ ଦେବା ସକାଶେ ପ୍ରତିଶ୍ରୁତି ଦେଇପାରନ୍ତି। ବ୍ୟବସାୟିକ କ୍ଷେତ୍ରରେ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ।

**ଧନୁ** ବହୁତ ପୂର୍ବରୁ ରହିଥିବା ସମସ୍ୟାଗୁଡିକ ଆପଣାଛାଏଁ ସମାଧାନ ହୋଇଯିବ। ମିତ୍ରମାନେ ମିଠା କଥା କହି ମନରେ ବିଶ୍ୱାସ ଜନ୍ମାଇବାରେ ସମର୍ଥ ହେବେ। ଆପଣଙ୍କ ଅଭାବ, ଅସୁବିଧା ଓ ମନର ଦୁଃଖକୁ ସହକର୍ମୀଟି ବୁଝିପାରିବ ନାହିଁ। ପଡୋଶୀ କିମ୍ବା ସହକର୍ମୀଙ୍କ ସମସ୍ୟାରେ ମୁଣ୍ଡ ପୂରାନ୍ତୁ ନାହିଁ।

**ମକର** ଆଜି ଦିନଟିରେ ଖୁସି ମନରେ କାମ କରିବେ ଏବଂ ପ୍ରତ୍ୟେକ କାମ ଠିକ୍‌ଠାକ୍ ଚାଲିବ। ଆବଶ୍ୟକ ଜିନିଷ ପାଇଁ ବେଶି ହଇରାଣ ହେବାକୁ ପଡିବ ନାହିଁ। କାର୍ଯ୍ୟ ହାସଲରେ ବାଧା ସୃଷ୍ଟି ହେବାରୁ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ।

**କୁମ୍ଭ** ବିଭିନ୍ନ ପ୍ରକାରର ସମସ୍ୟା ମଧ୍ୟରେ ସବୁ କାମ ଡେରିରେ ହେବା କାରଣରୁ ମାନସିକ ସ୍ଥିତି ମାନ୍ଦା ରହିବ। ଏଣେ ଅଭାବ, ପିଲାଙ୍କ ବିବାହ ସମ୍ପର୍କିତ ଚିନ୍ତାରେ ମନ ଭଲ ରହିବ ନାହିଁ। ଅଫିସରେ ପ୍ରିୟ କଥା କହି ସମସ୍ୟା ସୁଧାରି ନେବେ। କୌଣସି କାମରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ।

**ମୀନ** ବହୁତ ଚେଷ୍ଟା କରି ସମସ୍ୟା ସମାଧାନ ହେତୁ ଆଶ୍ୱସ୍ତି ଅନୁଭବ କରିବେ। ଆପଣ ସରମ ତ୍ୟାଗ କରି ପାଟି ଖୋଲିଲେ ପାଖରେ ଥିବା ବ୍ୟକ୍ତିମାନେ ସହଯୋଗ କରିବେ। ବାସ୍ତବରେ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ସେପରି କିଛି ହେବନି। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ।

ଆଜି କୁମ୍ଭ ସଂକ୍ରାନ୍ତି, ମାଘ ଶୁକ୍ଳ ପ୍ରତିପଦା ଶୁକ୍ରବାର, ଶରଣଂ, ଫେବୃୟାରୀ ୧୨ ତାରିଖ, ରାଶି ନକ୍ଷତ୍ର–ଦିବା, ଘ.୦୨/୨୩ ପର୍ଯ୍ୟନ୍ତ ଧନିଷ୍ଠା/କୁମ୍ଭ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬/୨୦ ମି ଗତେ, ଘ.୦୭/୦୬ ମଧ୍ୟେ, ଘ.୦୭/୫୧ ଗତେ, ଘ.୧୦/୦୭ ମଧ୍ୟେ, ଘ.୧୨/୨୩ଗତେ, ଘ.୦୨/୩୯ମଧ୍ୟେ, ଘ.୦୪/୧୦ଗତେ, ଘ.୦୫/୪୧ ମଧ୍ୟେ ଅମୃତ ବେଳା। ରାତ୍ରି ଘ.୦୯/୦୩ ଗତେ, ଘ.୦୯/୫୪ ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୦/୩୫ ଗତେ, ଘ.୧୨/୦୦ ମଧ୍ୟେ ରାହୁକାଳ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୦,୮୦,୨୨,୮୬୪ | ୨୩,୬୯,୦୦୨ | ୮,୦୦,୬୨,୯୨୩ |
| ଭାରତ | ୧,୦୮,୭୮,୭୫୮ | ୧,୫୫,୪୪୩ | ୧,୦୫,୭୯,୬୨୨ |
| ଓଡ଼ିଶା | ୩,୩୫,୯୮୪ | ୧୯୧୦(+୫୩) | ୩,୩୩,୨୮୦ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ପାଠକ ବାପ-ପୁଅ

## ଟାଟା ମୋଟର୍ସରେ ଚାକିରି ନାଁରେ ଠକେଇ

**ବ୍ରହ୍ମପୁର ଅଫିସ,୧୧।୨:** ଟାଟା ମୋଟର୍ସରେ ଚାକିରି ଦେବା ନେଇ ହୋଇଥିବା ଠକେଇ ଘଟଣାରେ ଆଇଏଫ୍‌ଏସ୍ ଅଫିସର ଅଭୟକାନ୍ତ ପାଠକ ଓ ତାଙ୍କ ପୁଅ ଆକାଶଙ୍କ ନାଁରେ ଗଞ୍ଜାମ ଜିଲା ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଥିଲା। ଅଭୟ ଓ ଆକାଶଙ୍କୁ କୋର୍ଟ ନିର୍ଦ୍ଦେଶରେ ଗୁରୁବାର ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ ନିକଟରେ ହାଜର କରାଯାଇଛି। ଏସ୍‌ଡିଜେଏମ୍ ବାପ-ପୁଅଙ୍କୁ ଜିଆର କେସ୍ ନଂ.୨୨୨୫/୨୦ରେ ଜଡିତ କରିଥିଲେ। ସେହିପରି ଆକାଶଙ୍କ ନାଁରେ ଆଉ ଏକ ଜିଆର କେସ୍ (ନଂ. ୬୨/୨୧)ରେ ଏସ୍‌ଡିଜେଏମ୍ ତାଙ୍କୁ ମଧ୍ୟ ଜଡିତ କରିଥିଲେ। ପରେ ଉଭୟଙ୍କୁ ୩ଦିନ ପାଇଁ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଥିବା କୋର୍ଟ ସୂତ୍ରରୁ ପ୍ରକାଶ। ଅନ୍ୟପଟେ ଅଭୟକାନ୍ତ ଓ ଆକାଶଙ୍କୁ ରିମାଣ୍ଡରେ ନେବାକୁ ଗୋଳନ୍ଥରା ପୋଲିସ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଆବେଦନ କରିଥିଲା। ଏହାର ଶୁଣାଣି କରି ଉଭୟଙ୍କୁ ଶୁକ୍ରବାର ଦିନିକିଆ ରିମାଣ୍ଡରେ ନେବା ପାଇଁ ପୋଲିସକୁ ଅନୁମତି ଦିଆଯାଇଥିଲା। ସୂଚନାଯୋଗ୍ୟ, ଟାଟା ମୋଟର୍ସରେ ଚାକିରି ଦେବା ନାଁରେ ଟଙ୍କା ଠକେଇ ମାମଲାରେ ସମ୍ପୃକ୍ତି ନେଇ ଗୋଳନ୍ଥରା ଥାନା ପୋଲିସ ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଆବଶ୍ୟକ କାଗଜପତ୍ର ଦାଖଲ କରିଥିଲା। ଏହି ମାମଲାରେ ପାଠକ ବାପ-ପୁଅଙ୍କୁ ଯୋଡ଼ିବା ପାଇଁ ପୋଲିସ କୋର୍ଟରେ ଆବେଦନ କରିଥିଲା। ବ୍ରହ୍ମପୁର ଏସ୍‌ଡିଜେଏମ୍ ବାପ-ପୁଅଙ୍କୁ ଆଣିବା ପାଇଁ ଭୁବନେଶ୍ୱର ଏସ୍‌ଡିଜେଏମ୍‌ଙ୍କ କୋର୍ଟକୁ ଚିଠି କରିଥିଲେ। ବିଚାରପତିଙ୍କ ଅନୁମତି କ୍ରମେ ଗୁରୁବାର ବାପ-ପୁଅଙ୍କୁ ବ୍ରହ୍ମପୁର କୋର୍ଟରେ ହାଜର କରାଯାଇଥିଲା।





**Showrooms: Bhubaneswar:** Trinity Motors: 9937000695, 1800 1038 001; **Jamshedpur:** Imperial Vehicles: 1800 1237 499, 9835180205; **Kolkata (AJC Bose Road, Mullick Bazar):** Global Motocorp LLP: 9073962605, 1800 1230 737
**Branches: Ranchi:** Imperial Vehicles: 1800 1237 499, 9835180205; **Kolkata (VIP Road Baguiati):** Global Motocorp LLP: 1800 1230 737; **Siliguri:** Global Motocorp LLP: 1800 1230 737
**Service Centres: Bhubaneswar:** Trinity Motors: 9937563247; **Jamshedpur:** Imperial Vehicles: 9835180208; **Kolkata:** Global Motocorp LLP: 033-24433316/17/18/19

ŠKODA CORPORATE BENEFIT ₹15 000 | ŠKODA EXCHANGE BONUS ₹15 000 | 6 YEAR WARRANTY#

Specifications given differ from model to model. Accessories shown may not be part of standard equipment. Always insist on genuine ŠKODA AUTO parts and accessories available at authorised sales and service centres. Information relating to colours, prices, construction, technical details and equipment was valid at the time of issuance and these are subject to changes without any prior notice. All disputes are subject to the courts in Aurangabad jurisdiction only. #Warranty – 4 years or 1 00 000 km whichever occurs first (promotional offer on 3rd and 4th year, additional 5th and 6th year extended warranty is optional); ŠKODA Assist - roadside assistance – 4 years or unlimited km (5th and 6th year roadside assistance is optional); ŠKODA SuperCare – 4 years/60 000 km (optional) four periodic maintenance services each at an interval of 15 000 km or one year (whichever occurs first from date of delivery) at an attractive price. Terms and Conditions apply. *Loan at the sole discretion of Financial Institution. All offers from dealer. *Complimentary on select VINs

TVS Racing | TVS

PERFORMANCE RACES THROUGH OUR GENES.
Presenting TVS Apache RTR Series.




5% CASHBACK SBI card
#Min. Trxn.: ₹50,000; Max. Cashback: ₹4,000 per card. Applicable only on EMI Trxns. Validity: 01 Feb - 03 Mar 2021. T&C Apply.

Low Down Payment @ ₹16 999#
Step Up Low EMI @ ₹2 999#

Apache RTR SERIES
RACING DNA UNLEASHED

www.tvsapache.com | For further details please give a missed call to 18003157227. #T & C apply.

TVS CREDIT | IndusInd Bank | SHRIRAM City | L&T Financial Services | IDFC FIRST Bank
FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com **Authorised Main Dealers: BHUBANESWAR**: Ashirbad TVS, Ph: 7735341866, **Jyote TVS, Ph:** 7440030004, 7381114371; 3S TVS, Ph : : 8860629978. PURI: Modern TVS, Ph : 7978707757, 7440002101; **CUTTACK**: Arnapurna TVS, Ph: 9778422980, Sai Durga TVS, Ph: 9937117562. **KENDRAPADA:** Samir TVS, Ph.: 8260133307. **RAHAMA:** Senapati TVS, Ph.: 7735969743. **JAJPUR ROAD:** Subash TVS, Ph: 7735911808. **NAYAGARH:** Kumar TVS, Ph: 9778728751. **CHANDIKHOLE** : Sasmita TVS, Ph: 8860793803; **JAGATSINGHPUR:** Gita TVS, Ph: 06724-222717, 7788901717. **Authorised Dealers:** CRP Square, Bhubaneswar, Ph: 0674-256333, 7537035786; Jatni, Ph: 7008563051; Khurda, Ph: 9861128283, 06755-223244; Baghamari, Ph: 9238107505; Jagatpur, Ph: 9861006854/9337268787; Pattamundai, Ph: 9938602209; Mangalpur, Ph: 9853486660; Balipatna, Ph: 9238518534; Khandagiri, Ph: 0674-2351766, 9090894749;Athagarh, Ph: 9853429148; Salepur, Ph: 8018556514; Pipli, Ph: 8093219941; Delang, Ph: 9090214582; Bramahgiri, Ph: 8480928880; Chari Chowk, Ph: 8327783765; Raj Sunakhala, Ph: 7873510025; Daspalla, Ph: 9437354285; Rohibank, Ph: 9090507765; Kalapathar, Ph : 9776942339;Ranpur, Ph: 9778520193; Paradip, Ph.: 9937392207; Nuapatana, Ph: 9937019555; Banki, Ph: 9937015536; Jatani, Ph: 8093198397; Balugaon, Ph: 9090048991, 977609910; Duburi, Ph : 9439176344; Nirakarpur, Ph: 9658971360, 06756-252360; Khandapada, Ph: 9853479471, 9937153901; Erasama, Ph: 9937084847; Krushnanandapur, Ph: 9237066573; 9040091921; Badamba, Ph: 7381656665; Puranakatak, Ph: 7873727545, 9439071610; Chandpur, Ph : 9658866993, 9337112565, 9439333723; Sakhigopal, Ph: 9861150706; Nimapara, Ph: 06758-252044, 9438742101; Balichandrapur, Ph: 9439200714; Anandpur, Ph: 9438366880; Nachuni: Ph: 9337788799, 7008225699; Narasinghpur, Ph : 9238545610; Marshaghai, Ph : 9938837705; Kandarpur, Ph : 0671-2802345, 9090098000; Phulnakhara, Ph: 0671-2356967, 7440037801; Bari, Ph: 8917596087; Binjharpur, Ph: 7008499365; Nischintakoili, Ph: 9337438686; Chandol, Ph: 9437108541; Friends Automobile, Ph : 9668166377, 7008050051; Raipur, Ph : 9937963372; Naugoan, Ph : 06724-222717, 9778802623; Balitutha, Ph : 8093099967, 9777773277 ; Narasinghpur, Ph: 9658410027 ; Balikuda, Ph: 9439370305 ; Gothopatna, Ph: 9337950051, 8249710415; Odogaon, Ph : 9937558155; Tangi, Ph : 0671-2595877, 9348645572; Rajnagar, Ph : 9178026887; Tamando, Ph : 9337988543, 9778100000; Rajkanika, Ph : 9938602209.
McCann/Blr/Tvs/49/02/21

# ଟିକସ କମାଅ

ଦେଶରେ ତେଲ ଦର ଲଗାତର ବୃଦ୍ଧି ପାଇବାରେ ଲାଗିଛି। ଡିଜେଲ ଓ ପେଟ୍ରୋଲ ଦର ଏବେ ଆକାଶଛୁଆଁ ହୋଇଛି। ସହରରେ ପେଟ୍ରୋଲ ଦର ଲିଟର ପିଛା ୮୮.୫୪ ଟଙ୍କା ରହିଥିବାବେଳେ ଡିଜେଲ ଦର ଲିଟର ପ୍ରତି ରହିଛି ୮୫.୦୨ ଟଙ୍କା। ତେଲ ଦର ଏଭଳି ଆକାଶଛୁଆଁ ହେବାର ସ୍ପଷ୍ଟ କାରଣ ହେଉଛି ଅନ୍ତର୍ଜାତୀୟ ଅଶୋଧିତ ତୈଳ ଦର ବୃଦ୍ଧି । ଯେଉଁ ଭଳି ତୈଳ ଦର ବୃଦ୍ଧି ହେଉଛି ତାହା ବାସ୍ତବିକ ଅଯଥାର୍ଥ। ଏହା ସମ୍ପୂର୍ଣ୍ଣ ଜନବିରୋଧୀ କାର୍ଯ୍ୟ। ଯେତେବେଳେ ଅନ୍ତର୍ଜାତୀୟ ଅଶୋଧିତ ତୈଳର ମୂଲ୍ୟ ବୃଦ୍ଧି ଘଟେ,ସେତେବେଳେ ତାହାର ପ୍ରଭାବ ଗ୍ରାହକଙ୍କ ଉପରେ ସିଧାସଳଖ ପଡ଼େ। କିନ୍ତୁ ଯେତେବେଳେ ବିଶ୍ୱ ବଜାରରେ ଅଶୋଧିତ ତୈଳର ମୂଲ୍ୟ ହ୍ରାସ ପାଏ, ସେତେବେଳେ ତୈଳ ବିପଣନ କମ୍ପାନୀଗୁଡ଼ିକ ସେମାନଙ୍କ ମାର୍ଜିନ ବଞ୍ଚାଇବା ପାଇଁ ସରକାରଙ୍କ ଉପରେ ନିର୍ଭର କରିଥାନ୍ତି। ଏଣୁ ଉଭୟ ସ୍ଥିତିରେ ଗ୍ରାହକ କ୍ଷତି ସହିଥାଆନ୍ତି। ଏହା 'ମୁଁ ଜିତିଛି ତୁମେ ହାରିଛ' ଭଳି କଥା। ଏବେ ବିଶ୍ୱରେ କୋଭିଡ୍ ପ୍ରତିରୋଧୀ ଟିକାକରଣ କ୍ରମଶଃ ଆଗକୁ ବଢ଼ିବା ସହ ଅର୍ଥ ବ୍ୟବସ୍ଥାରେ ଧୀରେ ଧୀରେ ସୁଧାର ଆସୁଛି। ଅନ୍ୟପକ୍ଷେ ଅନ୍ତର୍ଜାତୀୟ ଅଶୋଧିତ ତୈଳ ଦର ବି କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। କୋଭିଡ୍ ମହାମାରୀ ଲୋକଙ୍କୁ ବହୁ ଦୁଃଖ ଦେଇଛି। କୋଭିଡ୍ ଯୋଗୁ ବହୁଦିନ ଧରି ଲାଗି ରହିଥିବା ମାନ୍ଦା ଅର୍ଥ ବ୍ୟବସ୍ଥାରେ ଲୋକମାନେ ସନ୍ତୁଳି ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ତେଲ ଦର ବୃଦ୍ଧି ସାଧାରଣ ଲୋକମାନଙ୍କୁ ଖୁବ୍ ବାଧୁଛି, ଏହା ତାଙ୍କ ଦୁଃଖକୁ ପୁଣି ମନେପକାଇ ଦେଇଛି। ଲୋକମାନଙ୍କ ଚାକିରି ଚାଲିଯାଇଛି। ଚାକିରିରେ ଥିବା ଲୋକମାନେ ବି କମ୍ ଦରମା ପାଉଛନ୍ତି। ଏପରି କି ପରିବାରର ଆୟ ମଧ୍ୟ ପୂରା କମିଯାଇଛି। ଏଭଳି ପରିସ୍ଥିତିରେ ତେଲ ଦର ଲୋକମାନଙ୍କ ଦଃଖରେ ଆହୁରି ଦୁଃଖ ଯୋଡ଼ିଦେଇଛି। ଗତ ମାର୍ଚ୍ଚ ମଧ୍ୟଭାଗରୁ ଖୁଚୁରା ପେଟ୍ରୋଲ ଦର ଲିଟର ପିଛା ୧୮.୦୧ ଟଙ୍କା ବଢିଛି। ଅନ୍ତର୍ଜାତୀୟ ତୈଳ ଦର ହ୍ରାସରୁ ସରକାର ଲାଭ ଉଠାଇବା ଲାଗି ରେକର୍ଡ ସ୍ତରର ଟିକସ ବୃଦ୍ଧି କରିବା ଯୋଗୁ ଏଭଳି ଘଟିଛି। ସେହିପରି ଏହି ସମୟରେ ଡିଜେଲ ଦର ପ୍ରତି ଲିଟର ୧୪.୪୪ ଟଙ୍କା ବୃଦ୍ଧି ହୋଇଛି। ଏବକାର ତେଲ ଦର ବୃଦ୍ଧିକୁ ଲକ୍ଷ୍ୟ କଲେ ଜଣାପଡୁଛି, ସତେ ଯେମିତି ଏହା ଅଧିକ ନ ଥିଲା। ଏହି ପରିପ୍ରେକ୍ଷୀରେ ଲୋକଙ୍କ ଉପରେ ଏହାର କୌଣସି ପ୍ରଭାବ ପଡିବ ନାହିଁ ବୋଲି ଭିତ୍ତିହୀନ ଆଧାରକୁ ନେଇ ଅର୍ଥମନ୍ତ୍ରୀ କେନ୍ଦ୍ର ବଜେଟରେ ପେଟ୍ରୋଲ ଓ ଡିଜେଲ ଉପରେ କୃଷି ସେସ୍ ଲାଗୁ କରିଛନ୍ତି। କହୁଛନ୍ତି ଯେ, ଏହି ନୂଆ ଟିକସରେ ତେଲ ଦର ବଢ଼ିବନି, ସେହି ଟିକସ ଭିତରେ ବ୍ୟବସ୍ଥିତ କରାଯିବ। କିନ୍ତୁ ଏହା କେବଳ ଏକ ବାହାନା।

## ଆଜିର ଅର୍ଥନୀତି

କୋଭିଡ୍ ମହାମାରୀରେ ପୂରା ଧ୍ୱଂସ ହୋଇଯାଇଥିବା ଅର୍ଥ ବ୍ୟବସ୍ଥା ନିଜକୁ ସଳଖୁଥିବା ସମୟରେ ତେଲ ଦର ବୃଦ୍ଧି ଏହା ପ୍ରତି ଏକ ଆହ୍ୱାନ ଆଣିଛି। ଏହି ସମୟରେ ଅନ୍ତର୍ଜାତୀୟ ତୈଳ ଦର କମିବାଯାଏ ଅପେକ୍ଷା କରିବା ଠିକ୍ ନୁହେଁ। ଏହା କାହାର ନିୟନ୍ତ୍ରଣରେ ବି ନାହିଁ। ଏଣୁ ଖାଉଟିମାନଙ୍କୁ ଆଶ୍ୱସ୍ତ କରିବା ଲାଗି ସରକାର ଟିକସ କମାନ୍ତୁ, ଯାହା ଏବକାର ତେଲ ଦରର ଏକ ସିଂହଭାଗ ହୋଇ ରହିଛି। ଏବକାର ପେଟ୍ରୋଲ ଏବଂ ଡିଜେଲ ବିକ୍ରି ମୂଲ୍ୟର ପ୍ରାୟତଃ ୬୦–୭୦ ପ୍ରତିଶତ ହେଉଛି ଟିକସ ଓ ଅନ୍ୟାନ୍ୟ ଦେୟ। ସେହିଭଳି ଅନ୍ତର୍ଜାତୀୟ ବଜାରରେ ଭାରତରେ ବିକ୍ରି ହେଉଥିବା ତୈଳ ଇନ୍ଧନର ୩୦–୪୦ ପ୍ରତିଶତ ଅନ୍ତର୍ଜାତୀୟ ଅଶୋଧିତ ତୈଳର ବଜାର ଦର ସହ ସମ୍ପର୍କ ରହିଛି। ତେଣୁ ଯଦି ଲୋକମାନଙ୍କୁ ଦର ବୃଦ୍ଧିଜନିତ ଦୁଃଖ ଲାଘବ କରିବାକୁ ପେଡେ ତେବେ ତାହା କେବଳ ସରକାର ଟିକସ କମାଇବା ଦ୍ୱାରା ହିଁ ସମ୍ଭବ ହୋଇପାରିବ। ତେଲ ଉପରେ ଉଚ୍ଚ ଟିକସ ଲାଗୁ କରିବାରେ ଭାରତର ଅପଖ୍ୟାତି ରହିଛି । ଲୋକମାନଙ୍କୁ ତୁରନ୍ତ ଆଶ୍ୱସ୍ତ କରିବା ଲାଗି ଟିକସ କମାଇବା ଦରକାର ଓ ସରକାରଙ୍କ ପାଇଁ ଏହା ହିଁ ଉପଯୁକ୍ତ ସମୟ । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ତୈଳ ଟିକସରୁ ଢେର ରୋଜଗାର କରୁଛନ୍ତି। ଏହାଯୋଗୁ ଉଭୟ କେନ୍ଦ୍ର ଓ ରାଜ୍ୟରେ ଏହା ବିରୋଧରେ ବିରୋଧୀ ଦଳକୁ ଛାଡିଦେଲେ କାହାର ପ୍ରତିବାଦର ସ୍ୱର ଆମେ କ୍ୱଚିତ ଶୁଣୁ। କେନ୍ଦ୍ର ଉତ୍ପାଦ ଶୁଳ୍କ ହ୍ରାସ କରିବା ଉଚିତ। ରାଜ୍ୟ ସରକାର ମଧ୍ୟ ମୂଲ୍ୟଯୁକ୍ତ ଟିକସ(ଭାଟ) କମାଇବା ଦରକାର। ପେଟ୍ରୋଲ ଓ ଡିଜେଲ ଉପରେ କେନ୍ଦ୍ର ଲିଟର ପିଛା ପାଖପାଖି ୩୫ଟଙ୍କା ଟିକସ ଲଗାଇଛନ୍ତି। ଏହା ମଧ୍ୟରେ ରହିଛି ବେସିକ ଉତ୍ପାଦ ଶୁଳ୍କ, ସ୍ୱତନ୍ତ୍ର ଅତିରିକ୍ତ ଉତ୍ପାଦ ଶୁଳ୍କ ଏବଂ ରାସ୍ତା ଓ ଭିତ୍ତିଭୂମି ସେସ୍। ଏହା ସହ ରାଜ୍ୟ ସରକାର ମଧ୍ୟ ଟିକସ ଲଗାଇଛନ୍ତି, ଯାହା ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ହୋଇଥାଏ। ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି)ରେ ପେଟ୍ରୋଲ ଏବଂ ଡିଜେଲକୁ ସାମିଲ କରିବା ଲାଗି ବାରମ୍ବାର ଦାବି କରାଯାଉଛି। କିନ୍ତୁ ଏହା ପ୍ରତି କୌଣସି ରାଜନୈତିକ ପ୍ରତିକ୍ରିୟା ପ୍ରକାଶ ପାଉନାହିଁ। ତେଲ ଦର ବୃଦ୍ଧି ଲୋକମାନଙ୍କୁ ଏହାର ଉପଯୋଗ କମ୍ କରିବାକୁ ପ୍ରେତ୍ସାହିତ କରୁଛି, ଏହା ମଧ୍ୟ ଆର୍ଥିକ ସୁଧାରରେ ବାଧା ଉପୁଜାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ଫେବୃୟାରୀ ୧୯୯୬

- ବରିଷ୍ଠ ଆଇଏଏସ୍ ଅଫିସର ଏସ୍ ଗୋପାଳନଙ୍କୁ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ନୂତନ ସଚିବ ଭାବେ ନିଯୁକ୍ତି ଦିଆଯାଇଛି।
- ରାଷ୍ଟ୍ରପତି ଡଃ ଶଙ୍କର ଦୟାଲ ଶର୍ମା ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ସମେତ ବିଭିନ୍ନ ଭାଷାର ୧୨ ଜଣ ବିଶିଷ୍ଟ ସାହିତ୍ୟିକଙ୍କୁ ଭାରତୀୟ ଭାଷା ପରିଷଦ ପୁରସ୍କାର ପ୍ରଦାନ କରିଛନ୍ତି।

# ବିବର୍ତ୍ତନବାଦ ଓ ଡାରଉଇନ୍



ପ୍ରଫେସର ଡ. ଅଜୟ କୁମାର ପାତ୍ର

ପୃଥିବୀରେ ଏକକୋଷୀରୁ ବହୁକୋଷୀ, ଏକରୁ ଅଧିକ, ଅଧିକରୁ ଏକାଧିକ, ସରଳରୁ ଜଟିଳ, ଜଟିଳରୁ ମହାଜଟିଳ, ଜାତିରୁ ପ୍ରଜାତି ଓ ପ୍ରଜାତିରୁ ଉପଜାତି ସୃଷ୍ଟି ହୋଇ ଚାଲିଛି କେଉଁ ଆଦିମକାଳରୁ; ଯାହାକୁ ଆମେ ବିଜ୍ଞାନ ଭାଷାରେ କହିଥାଉ 'ବିବର୍ତ୍ତନ ବାଦ'(Evolution)। ଜୀବଜଗତର ବିଭିନ୍ନ ସ୍ତରରେ ବୃକ୍ଷଲତା, କୀଟପତଙ୍ଗ, ଜୀବଜନ୍ତୁ ଓ ସର୍ବୋପରି ମଣିଷ ମଧ୍ୟରେ ଏକ ମଧୁର ଅନ୍ତରୀଣ ସମ୍ପର୍କ ଏପରି ସମତୁଲ ଭାବରେ ଜଡ଼ିତ ଯେ, ଗୋଟିକର କ୍ଷୟକ୍ଷତି ଓ ବିକାଶରେ ଅନ୍ୟଟିର କ୍ଷୟକ୍ଷତି ଓ ବିକାଶ ନିର୍ଭର କରେ। ପ୍ରକୃତିରେ ଏହି ରହସ୍ୟମୟ ଗୋପନୀୟତାକୁ ଲୋକଗୋଚରକୁ ଆଣିବାରେ ସଫଳ ହୋଇଛନ୍ତି ବିଶିଷ୍ଟ ବୈଜ୍ଞାନିକ, ପ୍ରକୃତିବିତ୍ ଓ ବିବର୍ତ୍ତନବାଦର ଜନକ, ଚାର୍ଲସ୍ ରୋବର୍ଟ ଡାରଉଇନ୍ (୧୮୦୯–୧୮୮୨); ଯାହାଙ୍କର ସାରଗର୍ଭକ ବିବର୍ତ୍ତନବାଦ ଭିତ୍ତିକ ତତ୍ତ୍ୱ 'ଡାରଉଇନ୍‌ଜିମ୍' କିମ୍ବା 'ବିବର୍ତ୍ତନ ପ୍ରକ୍ରିୟା ତତ୍ତ୍ୱ' ଆଜି ଆମକୁ ବଞ୍ଚିବାର ରାହା ଦେଖାଇଛି । ସବୁ ଜୀବଙ୍କୁ ଚିହ୍ନିବାର ସୁଯୋଗ ଦେଇଛି । ପରସ୍ପର ମଧ୍ୟରେ ସୁମଧୁର ଓ ଅନ୍ତରୀଣ ସମ୍ପର୍କ ବିଷୟରେ ଜାଣିବାର ଅଧିକାର ଏବଂ ପ୍ରତିଷ୍ଠା କରିବାର ଇଚ୍ଛା ଯୋଗାଇଛି । ସଂଗ୍ରାମ ହିଁ ଉନ୍ନତିର ପାହାଚ ଓ ସଂଗ୍ରାମ ଭିତରେ ବଞ୍ଚିବାର ପ୍ରଚେଷ୍ଟା ହିଁ ପ୍ରକୃତ ଜୀବର ମୌଳିକ ଧର୍ମ ତାଙ୍କର ତତ୍ତ୍ୱରୁ ଆମେ ଓ ଆମର ଅସୁମାରି ବିଦ୍ୟାର୍ଥୀ ଶିକ୍ଷାଲାଭ କରିଛୁ । ତାଙ୍କ ମତରେ ଏହି ଜୀବଧାରୀ ଓ ଜୀବନ ପ୍ରବାହିତ ସଦା ତତ୍ପରଶୀଳ ପୃଥିବୀରେ କେବଳ ଉପଯୁକ୍ତ କିମ୍ବା ଯୋଗ୍ୟ ଜାତି ବା ପ୍ରଜାତି ଜୀବର ବଞ୍ଚିବାର ଅଧିକାର ରହିଛି ଓ ସୁଯୋଗ ମଧ୍ୟ ରହିଛି ।

ସେହି ମହାନ୍ ଅମରାତ୍ମାଙ୍କ ସମ୍ମାନାର୍ଥେ ପ୍ରତିବର୍ଷ ତାଙ୍କର ଶୁଭ ଜନ୍ମ ତାରିଖ, ଫେବୃୟାରୀ ୧୨ ତାରିଖ (୧୨।୦୨।୧୮୦୯)କୁ ପୃଥିବୀବାସୀ ଆଗ୍ରହର ସହିତ 'ଡାରଉଇନ୍ ଦିବସ' ନାମରେ ନାମିତ କରି ପାଳନ କରିଆସୁଛନ୍ତି । ତାଙ୍କୁ ଓ ତାଙ୍କର ଅଦ୍ୱିତୀୟ ତତ୍ତ୍ୱକୁ ମନେପକାଉଛନ୍ତି। ଡାରଉଇନ୍ ଜନ୍ମଲାଭ କରିଥିଲେ ଇଂଲଣ୍ଡର ଏକ କ୍ଷୁଦ୍ର ସହର, ଶ୍ରିଉସ୍‌ବୁରୀରେ। ସେ ଅଧାରୁ ଡାକ୍ତରୀ ଅଧ୍ୟୟନ ଛାଡ଼ି ପ୍ରକୃତିବିତ୍ ହେବାର ଗଭୀର ଇଚ୍ଛା ମନରେ ପୋଷଣ କରି ନୌବାହିନୀ ଜଳଯାତ୍ରା ଅଭିଯାନରେ ଯୋଗଦେଲେ। ସେ ଯେଉଁ ନୌଜାହାଜରେ ଯାତ୍ରା କରିଥିଲେ, ତା'ର ନାମ ଥିଲା 'ଏଚ୍.ଏମ୍.ଏସ୍. ବିଗଲ୍' (HMS Beagle)। କିଏ ଜାଣିଥିଲା, ସେହି ନୌଜାହାଜ ଦିନେ ତାଙ୍କୁ ପୃଥିବୀ ବିଖ୍ୟାତ ପ୍ରକୃତିବିତ୍ ତଥା ବିବର୍ତ୍ତନବାଦର ଜନକ ରୂପେ ପ୍ରତିଷ୍ଠିତ କରାଇବ ।

ଏକାଦୀକ୍ରମେ ଦୀର୍ଘ ପାଞ୍ଚବର୍ଷ ଜଳଯାତ୍ରାରେ ଏକାଠି କଲେ ବିବିଧ ଏକକୋଷୀ ଓ ବହୁକୋଷୀ ପ୍ରକାରୁ ପ୍ରକାରୁ ପ୍ରାଣୀ ଓ ଉଦ୍ଭିଦ। ଘରକୁ ଫେରି ପୁଙ୍ଖାନୁପୁଙ୍ଖ ଭାବରେ ପ୍ରତିଟି ଉଦ୍ଭିଦ ଓ ପ୍ରାଣୀକୁ ଅନୁଧ୍ୟାନ କଲେ । ଏହିପରି ଅନୁଧ୍ୟାନ କରୁକରୁ ଦୀର୍ଘ ୨୦ ବର୍ଷ ବିତିଗଲା ଶେଷ ନିଷ୍ପତ୍ତିରେ ପହଞ୍ଚିବା ପାଇଁ। ଆବିଷ୍କାର କଲେ ଅଦ୍ୱିତୀୟ ତତ୍ତ୍ୱ ଯାହାର ନାମକରଣ ପ୍ରଥମେ ଥିଲା 'ବିବର୍ତ୍ତନ ପ୍ରକ୍ରିୟା ତତ୍ତ୍ୱ' ଓ ପରେ ତାଙ୍କ ନାମାନୁସାରେ 'ଡାରଉଇନ୍‌ଜିମ' କୁହାଗଲା।

ତାଙ୍କର ସମସାମୟିକ ସମ ସମୟରେ ଅନ୍ୟ ଜଣେ ଯୁବ ବୈଜ୍ଞାନିକ ଆଲ୍‌ଫ୍ରେଡ୍ ରାସେଲ ୱାଲେସ (୧୮୨୩–୧୯୨୩) ମଧ୍ୟ ଉଦ୍ଭିଦ ଓ ପ୍ରାଣୀମାନଙ୍କର ଗୂଢ଼ ରହସ୍ୟ ଆବିଷ୍କାର କରିବାରେ ସଫଳ ହୋଇଥିଲେ। ତାଙ୍କର ଗବେଷଣାସ୍ଥଳ ଥିଲା ମାଲାୟାନ ଆର୍‌କୀପେଲାଗୋ। ବୈଜ୍ଞାନିକ ଡାରଉଇନ୍ ଆଶ୍ଚର୍ଯ୍ୟ ପ୍ରକଟ କଲେ, ଯେତେବେଳେ ଜାଣିଲେ ଯେ ତାଙ୍କର ଆବିଷ୍କାର ଓ ଉକ୍ତ ଯୁବ ବୈଜ୍ଞାନିକଙ୍କର ଆବିଷ୍କାର ଅନୁରୂପ ଥିଲା, ଅର୍ଥାତ୍ ୱାଲେସ୍‌ଙ୍କର 'ବିବିଧ ଉଦ୍ଭିଦ ଓ ପ୍ରାଣୀଙ୍କର ଜାତି ଓ ପ୍ରଜାତିର ଉତ୍ସ' ଓ ତାଙ୍କର ଗବେଷଣାଲବ୍ଧ ଆବିଷ୍କାର, ''ବିବର୍ତ୍ତନ ପ୍ରକ୍ରିୟା ତତ୍ତ୍ୱ'' ପ୍ରାୟତଃ ଏକାଭଳି। ତେଣୁ ଡାରଉଇନ୍ ଓ ୱାଲେସ୍‌ଙ୍କର ମିଳିତ ଉଦ୍ୟମରେ ପ୍ରଥମଥର ପାଇଁ ୧୮୫୮ ମସିହାରେ ଲେନିନ୍ ସଂଗଠନ ସମ୍ମିଳନୀରେ ଡାରଉଇନ୍ ସାରଗର୍ଭକ ତତ୍ତ୍ୱକୁ ଉପସ୍ଥାପନ କଲେ ଓ ସମସ୍ତଙ୍କ ମନ ଜିଣିଲେ। ଠିକ୍ ତା'ର ବର୍ଷକ ପରେ, ଅର୍ଥାତ୍ ୧୮୫୯ ମସିହାରେ ଡାରଉଇନ୍ ତାଙ୍କର ଗବେଷଣାଲବ୍ଧ ଜ୍ଞାନକୁ ପୁସ୍ତକ ଆକାରରେ ପ୍ରକାଶ କଲେ ଓ ସେ ପୁସ୍ତକଟିର ନାମ ଥିଲା, 'ଜାତି ଓ ପ୍ରଜାତି ଜୀବର ଉତ୍ସ'( ଦି ଅରିଜିନ ଅଫ୍ ସ୍ପେସିସ୍)।

ମୋଟ ଉପରେ ଡାରଉଇନ୍‌ଙ୍କ ତତ୍ତ୍ୱ ମୁଖ୍ୟତଃ ନୈତିକ ପ୍ରକୃତିର ଯୁକ୍ତିଯୁକ୍ତ ନିୟୋଗ ଏବଂ ବିୟୋଗ ଉପରେ ପର୍ଯ୍ୟବସିତ। ଡାରଉଇନ୍‌ଜିମ୍‌ର ମୌଳିକ ପ୍ରକୃତି ସଂକ୍ଷିପ୍ତରେ ନିମ୍ନରେ ପ୍ରଦତ୍ତ କରାଗଲା।

୧.ଉତ୍ପାଦନର ଅପବ୍ୟୟ: ପ୍ରତ୍ୟେକ ଜୀବ ସେ ପ୍ରାଣୀ ହେଉ ବା ଉଦ୍ଭିଦ ହେଉ, ପ୍ରତ୍ୟେକଙ୍କର ଏକ ଅନ୍ତର୍ନିହିତ ଗୁଣ ହେଉଛି ଦରକାରଠୁ ବହୁ ଅଧିକ ସଂଖ୍ୟାରେ ଜନ୍ମ କରିବାର ପ୍ରବୃତ୍ତି। ଏପରି କରିବା ଦ୍ୱାରା ଶିଶୁ ଜୀବ ଅଧିକ ପରିମିତ ସ୍ଥାନ ଅଧିକାର କରିବା ସହିତ ଅପରପକ୍ଷରେ ସୀମିତ ଖାଦ୍ୟ ଓ ପାନୀୟର ସୁଲଭତା ସେମାନଙ୍କର ବଂଶବୃଦ୍ଧିରେ ଘୋର ବାଧା ସୃଷ୍ଟି କରୁଛି। ଉଦାହରଣ ସ୍ୱରୂପ, ଗୋଟିଏ ମାଛ ଗୋଟିଏ ନିର୍ଦ୍ଦିଷ୍ଟ ପ୍ରଜନନ ଋତୁରେ ପ୍ରାୟ ଦୁଇଲକ୍ଷ ଅଣ୍ଡା ଦେଇଥାଏ । ଯଦି ସମସ୍ତ ଅଣ୍ଡାରୁ ଯାଆଁଳ ଓ ଯାଆଁଳରୁ ବଡ଼ମାଛ ସୃଷ୍ଟି ହୁଅନ୍ତା ଓ ସମସ୍ତେ ବଞ୍ଚିବାର କ୍ଷମତା ହାସଲ କରନ୍ତି, ତା'ହେଲେ ଅଚିରେ ଘୋର ଖାଦ୍ୟ, ପାନୀୟ ଓ ଆବାସ ସଙ୍କଟ ଦେଖାଦେବ। ଏହିପରି ଯଦି ପୁରୁଷାନୁକ୍ରମେ ମାଛସଂଖ୍ୟା ବୃଦ୍ଧି ପାଇଚାଲେ, ତା'ହେଲେ ଅଚିରେ ଖାଦ୍ୟ, ପାନୀୟ ଓ ଆବାସ ପାଇଁ ପରସ୍ପର ମଧ୍ୟରେ ତୁମୁଳ ପ୍ରତିଯୋଗିତା ହେବ।

୨. ବଞ୍ଚିବା ପାଇଁ ସଂଘର୍ଷ: ଉପରୋକ୍ତ ପ୍ରତିଯୋଗିତାକୁ ଲକ୍ଷ୍ୟକରି ଡାରଉଇନ୍ ତାଙ୍କର ପରବର୍ତ୍ତୀ ତତ୍ତ୍ୱ ବଞ୍ଚିବା ପାଇଁ ସଂଘର୍ଷ ଉପରେ ଆଧାରିତ, ଯାହାକୁ ସେ ମୁଖ୍ୟତଃ ତିନି ଭାଗରେ ବିଭକ୍ତ କରିଛନ୍ତି ; ଯଥା (କ) ଏକ ଗୋଷ୍ଠୀ ଅନ୍ତର୍ନିହିତ ସଂଘର୍ଷ: ଯେପରିକି ବଡ଼ ଚିଙ୍ଗୁଡ଼ି ମାଛକୁ ଯଦି ଦୀର୍ଘ ସମୟ କାଚବାକ୍ସ (ଆକ୍ୱାରିୟମ୍)ରେ ପାଳନ କରାଯାଏ, ତା'ହେଲେ ଏମାନେ ନିଜ ନିଜ ଭିତରେ ଝଗଡ଼ା କରି ପରସ୍ପରକୁ ଭକ୍ଷଣ କରନ୍ତି ଓ ବଂଶବୃଦ୍ଧିକୁ ସୀମିତ କରନ୍ତି।

(ଖ) ଏକ ଗୋଷ୍ଠୀ ବା ଏକ ପ୍ରଜାତି ଅନ୍ୟ ଗୋଷ୍ଠୀ ଓ ପ୍ରଜାତି ଜୀବ ମଧ୍ୟରେ ସଂଘର୍ଷ ଯଥା: ମଣିଷ ସହିତ ହାତୀ ବା ହରିଣ ସହିତ ବାଘର ସଂଘର୍ଷକୁ ବୁଝାଏ। ଦ୍ୱିପାକ୍ଷିକ ବା ତ୍ରିପାକ୍ଷିକ ଭିନ୍ନ ଗୋଷ୍ଠୀ ସଂଘର୍ଷ ଦ୍ୱାରା ପରିବେଶର ଭାରସାମ୍ୟ ରକ୍ଷା ପାଇପାରେ।

(ଗ) ପରିବେଶ ସମ୍ବନ୍ଧୀୟ ସଂଘଷ: ପରିବେଶ ତା'ର ସ୍ୱକୀୟ ଅପ୍ରାକୃତିକ ଶକ୍ତି ଯଥା ଘୋର ବନ୍ୟା, ଭୂମିକମ୍ପ, ମହାମାରୀ ଓ ମରୁଡ଼ି ମାଧ୍ୟମରେ ପୃଥିବୀପୃଷ୍ଠରେ ଜୀବସଂଖ୍ୟାକୁ ସୀମିତ ଓ ଭାରସାମ୍ୟ କରି ରଖିବାରେ ସହାୟକ ହୋଇଥାଏ।

୩. ଭିନ୍ନତା ଏବଂ ବଂଶାନୁକ୍ରମ: ମହାନୁଭବୀ ଡାରଉଇନ୍‌ଙ୍କ ମତରେ ପ୍ରତ୍ୟେକ ଜୀବ ଶରୀରରେ ଆକାର, ପ୍ରକାର ଓ ଚରିତ୍ରରେ ପାର୍ଥକ୍ୟ ଦେଖାଯାଏ। ଏପରିକି ଦୁଇ ଯାଆଁଳା ସନ୍ତାନ ମଧ୍ୟରେ ମଧ୍ୟ ପାର୍ଥକ୍ୟ ଉପଲବ୍ଧି ହୁଏ। ଏହି ପାର୍ଥକ୍ୟ ଓ ପ୍ରଭେଦ ବଂଶାନୁକ୍ରମେ ଗତିକରି ଶେଷର ଗୋଟିଏ ଜୀବଠାରୁ ଅନ୍ୟ ପ୍ରକାରର ସମ୍ପୂର୍ଣ୍ଣ ଭିନ୍ନ ଜୀବନଟିଏ ସୃଷ୍ଟି ହୁଏ ଓ ବିବର୍ତ୍ତନବାଦର ମୂଳଭିତ୍ତି ସ୍ଥାପନ କରେ।

୪. ଉପଯୁକ୍ତ ହିଁ ବଞ୍ଚି ରହିବାର ଅଧିକାର: ପୁରୁଣା ଜୀବଠୁ ନୂତନ ଜୀବର ସୃଷ୍ଟି ପରେ କେବଳ ପାରିପାର୍ଶ୍ୱିକ ଅବସ୍ଥା ସହିତ ସମନ୍ୱୟ ରକ୍ଷାକରି ଓ ପରିବେଶର ଭାରସାମ୍ୟ ବଜାୟ ରଖି ଯେଉଁ ଜୀବ ବଞ୍ଚିପାରିଲା, ବଡ଼ ହୋଇ ପରିପକ୍ୱ ଅବସ୍ଥା ଲାଭ କରିପାରିଲା ଓ ବଂଶାନୁଗତ ଚରିତ୍ରକୁ ଗ୍ରହଣ କରି ଅନୁରୂପ ଜୀବ ସୃଷ୍ଟି କରିପାରିଲା, ସେହି କେବଳ ଏ ବିଶାଳ ପୃଥିବୀର ଦାୟାଦ ରୂପେ ପରିଚୟ ଲାଭ କରିବ।

୫. ପ୍ରାକୃତିକ ଚୟନ: ଏଠାରେ ଡାରଉଇନ୍ ପ୍ରକୃତିର ଭୂମିକା ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି। ପ୍ରାକୃତିକ ଉତ୍‌ଥାନ ଓ ପତନର ସମ୍ମୁଖୀନ ହୋଇ ଘୋର ଆପଦ ଓ ବିପଦକୁ ଅଙ୍ଗେ ଲିଭେଇ ଯେଉଁ ଜୀବ ସଗର୍ବେ ଜୀବନ ପଥରେ ଆଗେଇ ପାରିଲା ଓ ନିଜର ସ୍ୱରୂପ ଧାରଣ କରି ନୂତନ ଜୀବ ସୃଷ୍ଟି କରିପାରିଲା, ତାହାକୁ ପ୍ରକୃତି ସାଦରେ ଗ୍ରହଣ କରେ ଏବଂ ପଳାତକ, ଭୀରୁ ଓ ଦୁର୍ବଳ ଜୀବକୁ ସବୁଦିନ ପାଇଁ ଏ ଧରାଧାମରୁ ବିଦାୟ ନେବାକୁ ପଡ଼େ।

୬. ନୂତନ ଜାତି ବା ପ୍ରଜାତିର ଉତ୍ସ: ଏହିପରି ଭାବରେ ପ୍ରାରମ୍ଭରୁ ଗୋଟିଏ ପରେ ଗୋଟିଏ ପାହାଚ ଅତିକ୍ରମ କରି ଯେଉଁ ଜାତି ବା ପ୍ରଜାତି ଜୀବ ବିବର୍ତ୍ତନବାଦର ଶେଷ ପାହାଚରେ ପହଞ୍ଚିପାରିଲା ତାହାହିଁ ନୂତନ କାର୍ଯ୍ୟକ୍ଷମ ଜୀବ ଭାବେ ପରିଗଣିତ ହୁଏ।

ଡାରଉଇନ୍‌ଙ୍କ ଏହି କାଳଜୟୀ ଆବିଷ୍କାର ଯୁଗେ ଯୁଗେ ଅବିସ୍ମରଣୀୟ ହୋଇ ରହିବ। ବିବର୍ତ୍ତନବାଦ ମନ୍ଥର ଗତିରେ ଆଗେଇ ଚାଲିଛି, ଆହୁରି ସହସ୍ର ବର୍ଷ ଧରି ଚାଲିବ, ଯଦି ଆମେ ଶ୍ରେଷ୍ଠ ଜୀବ ମଣିଷ, ଆମର ସହଜାତ ଉଦ୍ଭିଦ ଓ ପ୍ରାଣୀର ସୁରକ୍ଷାର ଓ ପରିବେଶ–ସମତୁଲର କବଚ ସାଜିବା। କିନ୍ତୁ ହାଏ, ଏ ବିଜ୍ଞାନୀ ମଣିଷ, ସଭ୍ୟ ମଣିଷର ଅପରିଣାମଦର୍ଶିତା, ଅବିବେକପଣିଆ ଓ ଆକ୍ରୋଶମୂଳକ କାର୍ଯ୍ୟବଳୀ ଆଜି ପୃଥିବୀକୁ ଦୁର୍ଦ୍ଦିନ ଡାକି ଆଣିଛି। ଜନସଂଖ୍ୟା, ପ୍ରାକୃତିକ ସମ୍ପଦର ମୁଣ୍ଡପିଛା ଖର୍ଚ୍ଚ, ଏହି ଅନୁପାତ ବା ''Q''ର ମୂଲ୍ୟ ଆଧୁନିକ ମଣିଷ ଜୀବନର ମାନଦଣ୍ଡ ନିରୂପଣ କରେ। ଯଦି ''Q''ର ମୂଲ୍ୟ ଏକରୁ କମ୍ ହୁଏ, ତା'ହେଲେ ମଣିଷ ଜୀବନର ମାନଦଣ୍ଡ ମଧ୍ୟ କମିଯିବ। ଏବେ ଦେଖାଯାଇଛି ଯେ ଏହାର ମୂଲ୍ୟ କ୍ରମଶଃ କମିବାରେ ଲାଗିଛି, ଯାହାର କୁପ୍ରଭାବ ସକଳ ଉଦ୍ଭିଦ ଓ ପ୍ରାଣୀ ଉପରେ ପଡୁଛି।

ଆଜି ପୃଥିବୀସାରା ପ୍ରାକୃତିକ ସମ୍ପଦ ଉପରେ ବିଚାରବିହୀନ ଆକ୍ରମଣ ଚାଲିଛି। ଫଳତଃ ବହୁବିଧ ଉଦ୍ଭିଦ ଓ ପ୍ରାଣୀର ସମ୍ପୂର୍ଣ୍ଣ ବିଲୋପ ଘଟୁଛି ଓ ଆହୁରି ଅନେକ ଅବଲୁପ୍ତ ଅବସ୍ଥାରେ ଅଛନ୍ତି। ପୃଥିବୀବକ୍ଷରେ ଅତିକମ୍‌ରେ ୩୩% ପରିମିତ ସ୍ଥଳ ଅରଣ୍ୟ ଦ୍ୱାରା ଆବୃତ ହେବା ଦରକାର। ମାତ୍ର ତାହା ଆଜି ଧ୍ୱଂସ ପାଇ ୧୯%ରେ ସୀମିତ। ଅରଣ୍ୟ ଧ୍ୱଂସ ପାଇବା ଫଳରେ ଘୋର ମୃତ୍ତିକାକ୍ଷୟ, ମହାବନ୍ୟା, ମହାବାତ୍ୟା, ହିମସ୍ଖଳନ, ମହାମାରୀ ଆଦି ମଣିଷକୃତ ଦୁର୍ଯୋଗ ସଂଘଟିତ ହେଉଛି। ନିକଟ ଅତୀତରେ ଘଟିଥିବା ବିଶ୍ୱ କରୋନା ମହାମାରୀ, ହିମସ୍ଖଳନ, ତା'ସହିତ ସୁନାମି ଭଳି ଆକସ୍ମିକ ଦୁର୍ଯୋଗ ସମସ୍ତ ମଣିଷଜାତିକୁ ଏକ ବିରାଟ ଚେତାବନୀ ତଥା ସତର୍କଘଣ୍ଟି ଶୁଣାଉଛି। କାଳଜୟୀ ତଥା କିମ୍ବଦନ୍ତୀ ପୁରୁଷ ଡାରଉଇନ୍ ପୃଥିବୀବାସୀଙ୍କ ହାତରେ ଯେଉଁ ତତ୍ତ୍ୱକୁ ଟେକି ଦେଇଥିଲେ, ପ୍ରକୃତିର ଗୂଢ଼ ରହସ୍ୟ, ପ୍ରତିଟି ଜାତି ଓ ପ୍ରଜାତିକୁ ଚିହ୍ନି ଆପଣାଇବାର ସୂତ୍ର କହିଥିଲେ,ତାହା ଆମେ ପାଳନ କରିବାରେ ଏକପ୍ରକାର ଅସମର୍ଥ ହୋଇଛୁ।

ମୋ: ୦୯୪୩୮୬୨୧୩୯୧

# ଅଭିନ୍ନ ଅଙ୍ଗ ମୋବାଇଲ



ବିପିନୀ ବିହାରୀ ରାଉତ

ଚାଇନା ସହ ଭାରତର ମୁହାଁମୁହିଁ ସ୍ଥିତି ଉପୁଜିବା ପରେ ୫୯ଟି ଚାଇନିଜ ଆପ୍ ବ୍ୟାନ ହୋଇଛି। ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦି ଚାଇନା ସୋସିଆଲ ମିଡିଆ ଆପ୍ ୱିବୋ ତାଙ୍କ ଆକାଉଣ୍ଟରୁ ହଟାଇ ଦେଇଛନ୍ତି। ଚାଇନା ବିରୋଧରେ ଭାରତ ଏହାର ଅର୍ଥନୈତିକ କାର୍ଯ୍ୟାନୁଷ୍ଠାନ ଜୋରଦାର କରିବା ଉପରେ ବିଚାର କରୁଛି ମଧ୍ୟ। ଚାଇନାର ଆପ୍‌ଗୁଡ଼ିକ ନିଷିଦ୍ଧ କରାଯିବା ପରେ ଫୋନ କମ୍ପାନୀଗୁଡ଼ିକର ଭାଗ୍ୟ କ'ଣ ହେବ ତାହାକୁ ନେଇ ଗ୍ରାହକମାନେ ଚିନ୍ତିତ ହୋଇପଡ଼ିବା ସ୍ୱାଭାବିକ। ଭାରତରେ ବିକ୍ରି ହେଉଥିବା ପ୍ରତି ଶହେଟି ଫୋନ ମଧ୍ୟରୁ ଚାଇନା କମ୍ପାନୀଗୁଡ଼ିକ ପ୍ରାୟ ୮୧ଟି ଫୋନ ବିକ୍ରି କରୁଛନ୍ତି। ଏହାବାଦ୍ ଅନ୍ୟ କିଛି ସଂସ୍ଥା ଫୋନ ତିଆରି କରିବା ପାଇଁ ଅଧିକାଂଶ ସାମଗ୍ରୀ ଚାଇନାରୁ ମଗାଉଛନ୍ତି।

ଭାରତ ଡିଜିଟାଲ ହେବା ସହିତ ବଦଳୁଛି ଲୋକଙ୍କ ଜୀବନଶୈଳୀ। ମୋବାଇଲ ଜୀବନର ଏକ ଅଭିନ୍ନ ଅଙ୍ଗ ପାଲଟିଯାଇଛି। ଗତ କିଛି ବର୍ଷରେ ଏହା ବ୍ୟାପକ ହେବାରେ ଲାଗିଛି ଏବଂ କେବଳ ଶୋଇବା ସମୟକୁ ଛାଡ଼ିଦେଲେ ବାକି ସବୁ ସମୟରେ ଯାହା ଜରୁରୀ ହୋଇପଡ଼ିଛି ତାହା ହେଉଛି ମୋବାଇଲ ଫୋନ। ଆଉ ଏଭଳି ବ୍ୟକ୍ତିଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ଦୁଇ ତୃତୀୟାଂଶ ବା ୬୬ ପ୍ରତିଶତ ବୋଲି ଲାଇମଲାଇଟ ନେଟୱର୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଷ୍ଟେଟ ଅଫ୍ ଡିଜିଟାଲ ଲାଇଫ୍ ରିପୋର୍ଟରୁ ଜଣାପଡ଼ିଛି। ଏହି ରିପୋର୍ଟ ଆହୁରି ମଧ୍ୟ ଦର୍ଶାଉଛି ଯେ, ମୋବାଇଲ ଫୋନ ଏବଂ ଅନ୍ୟାନ୍ୟ ଡିଜିଟାଲ ଡିଭାଇସ ପ୍ରତି ଆସକ୍ତିରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। ଷ୍ଟେଟ ଅଫ୍ ଡିଜିଟାଲ ଲାଇଫ୍ ରିପୋର୍ଟ ପାଇଁ କରାଯାଇଥିବା ସର୍ବେକ୍ଷଣରେ ୧୦ଟି ଦେଶର ନାଗରିକଙ୍କ ମତ ନିଆଯାଇଥିଲା। ସେମାନଙ୍କ ଜୀବନରେ ଡିଜିଟାଲ ମିଡିଆ ଏବଂ ଟେକ୍ନୋଲୋଜିର କିଭଳି ପ୍ରଭାବ ରହିଛି, ସେ ବିଷୟରେ ଦର୍ଶାଇଥିଲେ। ଏଥିରେ ୬୬ ପ୍ରତିଶତ ଉପଭୋକ୍ତା କହିଥିଲେ ଯେ, ମୋବାଇଲ ଫୋନ୍ ବ୍ୟବହାର ନ କରି ଦିନଟିଏ ମଧ୍ୟ ରହିପାରିବେ ନାହିଁ। ତୁଳନାତ୍ମକ ଭାବେ ଦେଖିବାକୁ ଗଲେ ନିଜର ଡିଜିଟାଲ ଡିଭାଇସଠାରୁ ଅଲଗା ହେବାକୁ ଚାହୁଁ ନ ଥିବା ନାଗରିକଙ୍କ ସଂଖ୍ୟା ବିଶ୍ୱ ସ୍ତରରେ ୪୮ପ୍ରତିଶତ। ଅନ୍ୟପକ୍ଷରେ ଡେସ୍କଟପ ଓ ଲାପ୍‌ଟପ ବ୍ୟବହାର କ୍ଷେତ୍ରରେ ୪୫ ପ୍ରତିଶତ ଭାରତୀୟ ଏହି ଦୁଇଟି ଡିଜିଟାଲ ଡିଭାଇସଠାରୁ ଗୋଟିଏ ଦିନ ମଧ୍ୟ ଅଲଗା ହୋଇ ରହିବା କଷ୍ଟକର ହୋଇପଡୁଛି। ଏହା ସମ୍ପୂର୍ଣ୍ଣ ସର୍ବେକ୍ଷଣରେ ସର୍ବାଧିକ। ବିଶ୍ୱସ୍ତରରେ ଏହା ୩୩ ପ୍ରତିଶତ ବୋଲି ଜଣାପଡ଼ିଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଡିଜିଟାଲ ଟେକ୍ନୋଲୋଜି ଦ୍ୱାରା ସକାରାତ୍ମକ ପ୍ରଭାବିତଙ୍କ ସଂଖ୍ୟା ଆଶାତୀତ ଭାବେ ବ୍ୟାପକ। ଏଥିରେ ଭାଗ ନେଇଥିବା ଭାରତୀୟଙ୍କ ମଧ୍ୟରୁ ୯୩ ପ୍ରତିଶତ ସ୍ୱୀକାର କରିଛନ୍ତି ଡିଜିଟାଲ ଟେକ୍ନୋଲୋଜି ସେମାନଙ୍କ ଜୀବନରେ ଉପଯୋଗୀ ସାବ୍ୟସ୍ତ ହୋଇଛି। ଏ କ୍ଷେତ୍ରରେ ଜାପାନ୍ ଓ ଜର୍ମାନ ନାଗରିକମାନଙ୍କ ମଧ୍ୟରୁ ଯଥାକ୍ରମେ ୧୧ ପ୍ରତିଶତ ଏବଂ ୨୫ ପ୍ରତିଶତ ଲୋକ ଭାବନ୍ତି ଯେ ତାଙ୍କ ଜୀବନରେ ଡିଜିଟାଲ ଟେକ୍ନୋଲୋଜି ଉପଯୋଗୀ ସାବ୍ୟସ୍ତ ହୋଇପାରିଛି। ଏହି ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି, ଭାରତୀୟ ନାଗରିକମାନେ ଡିଜିଟାଲ ଟେକ୍ନୋଲୋଜିକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି। ସମସ୍ତ ପ୍ରକାର ଅନ୍‌ଲାଇନ କଣ୍ଟେଣ୍ଟ ବା ବିଷୟବସ୍ତୁ ସହିତ ଯୋଡ଼ି ହୋଇରହିବା ମାତ୍ରାରେ ଭାରତ ସବୁଠାରୁ ଆଗରେ ରହିଛି। ୭୮ ପ୍ରତିଶତ ଭାରତୀୟ ଅତିକମ୍‌ରେ ସପ୍ତାହରେ ଥରେ ସଂଗୀତ ଡାଉନଲୋଡ୍ କିମ୍ବା ଷ୍ଟ୍ରିମ କରିଥାଆନ୍ତି। ଫିଲ୍ମ ଡାଉନ୍‌ଲୋଡ୍ କରିବା ଏବଂ ଏସବୁକୁ ଅଫ୍‌ଲାଇନରେ ଦେଖିବାରେ ମଧ୍ୟ ଭାରତୀୟମାନେ ବେଶ୍ ଆଗୁଆ। ୩୫ପ୍ରତିଶତ ଭାରତୀୟ ଫିଟ୍‌ବିଟ୍, ଗାରମିନ ଏବଂ ଆପଲ ଆଦି ବ୍ରାଣ୍ଡ୍‌ର ହେଲ୍‌ଥ ଟ୍ରାକର ବ୍ୟବହାର କରିଥାଆନ୍ତି। ୩୩ ପ୍ରତିଶତ ଭାରତୀୟ ଆଗାମୀ ୬ ମାସରେ ଏହି ଉତ୍ପାଦ କିଣିବାକୁ ଯୋଜନା କରିଥିବା ଜଣାଯାଇଛି। ଭାରତୀୟମାନଙ୍କ ଫୋନ ପ୍ରତି ଯେଉଁପରି ଆସକ୍ତି ଦିନକୁ ଦିନ ବୃଦ୍ଧି ପାଉଛି ସମ ପରିମାଣରେ ଏହା ଅନେକ କ୍ଷେତ୍ରରେ ବିଷାଦ ଓ ଦୁଃଖଦ ତଥା ଅପ୍ରୀତିକର ପରିସ୍ଥିତି ବି ସୃଷ୍ଟି କରୁଛି। ଘଣ୍ଟା ଘଣ୍ଟା ଧରି ସାଇବର ଦୁନିଆରେ ବ୍ୟସ୍ତ ରହିବା ଦ୍ୱାରା ମଣିଷର ଚିନ୍ତା ଶକ୍ତି ଓ ସୃଜନଶୀଳତା ମଧ୍ୟ ନଷ୍ଟ ହେଉଛି। ଏହାର ପାରିପାର୍ଶ୍ୱିକ ପ୍ରତିକ୍ରିୟା ଭାବରେ ଚିଡ଼ିଚିଡ଼ାପଣ, ଉଦାସୀନତା, କ୍ଷୁଧା ନ ହେବା ଏପରି କି ଅନେକଙ୍କୁ ମଧ୍ୟ ନିର୍ଦ୍ଧାରିତ ସମୟରେ ନିଦ ହୋଇ ନ ଥାଏ। ଘଣ୍ଟା ଘଣ୍ଟା ଧରି ଅନବରତ ଫୋନରେ ଗପସପ ହେବା ଦ୍ୱାରା ସ୍ମରଣ ଶକ୍ତି ମଧ୍ୟ ପ୍ରଭାବିତ ହେଉଛି। 'ଲାନ୍‌ସେଟ' ଗବେଷଣାର ତଥ୍ୟ ଅନୁଯାୟୀ ଶ୍ରବଣଶକ୍ତି ହାନିର କାରଣ ହେଉଛି ପାଖାପାଖି ୬୦ ଭାଗରୁ ଊର୍ଦ୍ଧ୍ୱ। ସମୁଦାୟ ମାନବ ସମାଜରୁ ଶ୍ରବଣ ଶକ୍ତି ହାନିର ମୁଖ୍ୟ କାରଣ ହେଉଛି ଏହି ମୋବାଇଲ। ସେହିପରି ମୋବାଇଲ କାରଣରୁ ସଡ଼କ ଦୁର୍ଘଟଣାର କାରଣ ମଧ୍ୟ ଅତିବ ଗୁରୁତ୍ୱପୂର୍ଣ୍ଣ। ଆଜିକା ସମୟରେ ତଥାକଥିତ ସାଇବର ଯୁଗରେ ମୋବାଇଲର ପ୍ରାସଙ୍ଗିକତା ଓ ଆବଶ୍ୟକତା ରହିଛି କିନ୍ତୁ ଏହା ଅଧିକାଂଶ କ୍ଷେତ୍ରରେ ଶାରୀରିକ ବିକାଶ ଓ ସୃଜନଶୀଳତାର ବିକାଶରେ ମଧ୍ୟ ଅନ୍ତରାୟ ସୃଷ୍ଟି କରୁଛି। ଏ ଦୁଇ ଦିଗକୁ ଦେଖି ମୋବାଇଲ ବ୍ୟବହାରରେ ଆପଣ ନିଜର ଭାରସାମ୍ୟ ରକ୍ଷାକରି ଆଗକୁ ବଢ଼ିଲେ ମୋବାଇଲର ସଦୁପଯୋଗ ହୋଇପାରିବ।

ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ, ମୋ: ୯୪୩୭୬୬୬୪୫୩

## ଏଇ ଭାରତରେ

ତେଲେଙ୍ଗାନାର ଜଣେ ପୋଲିସ ଅଧିକାରୀଙ୍କ ମହାନତା ଏବେ ସାମ୍ନାକୁ ଆସିଛି, ଯାହା ଅନ୍ୟମାନଙ୍କ ପାଇଁ ପ୍ରେରଣା ନିଶ୍ଚୟ। ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ୍ ଏନ୍ .ଉଦୟ ରେଡ୍ଡୀ ଆଡିଲାବାଦ ଜିଲା ଜମଡା ଗାଁର ଲୋକଙ୍କୁ ଚିକିତ୍ସା ସହାୟତା ଯୋଗାଇଦେଉଛନ୍ତି। ଚକ୍ଷୁ ଚିକିତ୍ସା ଲାଗି ୬୦୦ରୁ ଊର୍ଦ୍ଧ୍ୱ ଲୋକଙ୍କର ପଞ୍ଜୀକରଣ କରାଇଛନ୍ତି। ଏମାନଙ୍କ ମଧ୍ୟରୁ ୩୦୦ ଜଣଙ୍କର ଏବେ ସୁଦ୍ଧା ଚିକିତ୍ସା କରାଯାଇ ସାରିଲାଣି। ପୀଡିତ ଗ୍ରାମବାସୀ ଚିକିତ୍ସା ଖର୍ଚ୍ଚ ବହନ କରିବା ପାଇଁ ସକ୍ଷମ ହୋଇ ନ ଥିବାରୁ ରେଡ୍ଡୀ ନିଜ ଦରମାରୁ ଏ ବାବଦରେ ବ୍ୟୟ କରୁଛନ୍ତି। ରେଡ୍ଡୀଙ୍କ ପରିବାର ବି ଏଥିପାଇଁ ଆର୍ଥିକ ସାହାଯ୍ୟ ଯୋଗାଇ ଦେଉଛନ୍ତି। ଏହି ଗାଁ ସହରାଞ୍ଚଳରୁ ବିଚ୍ଛିନ୍ନ ହୋଇ ରହିଥିବାରୁ ଲୋକମାନେ ସ୍ୱାସ୍ଥ୍ୟସେବା ପାଇବାରେ ବହୁ କଷ୍ଟ ସ୍ୱୀକାର କରିଥାନ୍ତି। ନଭେମ୍ବର,୨୦୨୦ରେ ୩୦ ବର୍ଷୀୟ ରେଡ୍ଡୀ ସେଠାକୁ କ୍ଷେତ୍ର ପରିଦର୍ଶନରେ ଯାଇଥିବାବେଳେ ମୋତିଆବିନ୍ଦୁ ଯୋଗୁ ଦୃଷ୍ଟିଶକ୍ତି ହରାଇଥିବା ସେହି ଗାଁର ୨୦ ଜଣଙ୍କ ଚିକିତ୍ସା ପାଇଁ ସୁବିଧା କରିବାକୁ ତାଙ୍କୁ ଜଣେ ଗ୍ରାମବାସୀ ଲିଖିତ ଆବେଦନ କରିଥିଲେ। ପରେ ସେମାନଙ୍କୁ ସେ ଏଭଳି ସେବା ଯୋଗାଇବା ଆରମ୍ଭ କରିଛନ୍ତି। ଗତ ଦୁଇ ମାସ ମଧ୍ୟରେ ମୋଟରେ ୩୦୦ ଜଣ ତାଙ୍କ ଦ୍ୱାରା ଉପକୃତ ହୋଇସାରିଛନ୍ତି। ଦୁର୍ଗମ ଅଞ୍ଚଳର ଅନ୍ୟ ଗାଁଗୁଡିକରେ ମଧ୍ୟ ଚକ୍ଷୁ ରୋଗ ପୀଡିତଙ୍କୁ ଚିହ୍ନଟ କରିବା ଲାଗି ସେ ତାଙ୍କ ଅଭିଯାନ ଜାରି ରଖିଛନ୍ତି।

## su|do|ku Puzzles by Srikant Ghosh — ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | D | C | | | | 8 | | | 1 | | 7 | | | |
| A | | | | | | | | | | | 3 | | | |
| | 7 | E | | | 3 | 0 | C | | 8 | | | 4 | | |
| | | | 9 | 4 | D | 3 | | 6 | | A | 2 | | | 8 |
| | | | B | | 1 | | 4 | D | | | | | | 9 |
| | | | C | E | | | 9 | | 2 | | | | | |
| | | | | | | | 5 | 2 | | 1 | 4 | 3 | | |
| 4 | | | | | B | 6 | | | | | C | | | |
| | 0 | 5 | 3 | 7 | 9 | | | 4 | | | B | | | |
| 3 | | 1 | | | 4 | B | | | 0 | D | | 8 | | |
| | 5 | | D | | 8 | 2 | | C | 7 | | 9 | | | |
| | 3 | | | | 7 | | | | | | | | 2 | |
| D | A | | | | | 1 | | B | | | 0 | 6 | | |
| | | | | C | | | 7 | | | | 1 | E | 9 | |
| | 1 | B | | 0 | | A | 8 | | | | 6 | | D | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 4 | 3 | A | 6 | 8 | E | 5 | 1 | 0 | 9 | 7 | 2 | C | B |
| 0 | 1 | C | 2 | E | 3 | 7 | A | B | 6 | 5 | 4 | 9 | 8 | D |
| 9 | 8 | 5 | 7 | D | B | 6 | 3 | 2 | C | A | E | 1 | 0 | 4 |
| E | 2 | B | 5 | 1 | C | 0 | 9 | 4 | D | 8 | 3 | A | 7 | 6 |
| A | 6 | 7 | 9 | 0 | 4 | D | C | 8 | 1 | 2 | B | E | 3 | 5 |
| 1 | 5 | 4 | 6 | 7 | 9 | C | 8 | A | 3 | D | 2 | 0 | B | E |
| 2 | C | 9 | E | 4 | A | 1 | 7 | 0 | B | 6 | 5 | 3 | D | 8 |
| 6 | A | E | 1 | B | 2 | 5 | D | 3 | 4 | 0 | 8 | C | 9 | 7 |
| B | D | 8 | 3 | C | 0 | 4 | 2 | 9 | E | 7 | A | 6 | 5 | 1 |
| 7 | 3 | 0 | D | 8 | 5 | B | E | 6 | 9 | 1 | C | 4 | A | 2 |
| 4 | B | A | 8 | 2 | 7 | 9 | 6 | E | 5 | C | 0 | D | 1 | 3 |
| 5 | 0 | 2 | B | A | 6 | 3 | 1 | C | 8 | 4 | D | 7 | E | 9 |
| 8 | 9 | 6 | 0 | 3 | E | A | 4 | D | 7 | B | 1 | 5 | 2 | C |
| C | E | D | 4 | 5 | 1 | 2 | B | 7 | A | 3 | 9 | 8 | 6 | 0 |
| 3 | 7 | 1 | C | 9 | D | 8 | 0 | 5 | 2 | E | 6 | B | 4 | A |

ଗତ କାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସାହିତ୍ୟ ସଂସ୍କୃତିର ନାଭିପଦ୍ମ

ମହାଶୟ,

ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷାର ମାନ୍ୟତା ଲାଭ କଲାଣି। ଏହାର ସୁରକ୍ଷା ଓ ସମୃଦ୍ଧି ନିମନ୍ତେ ଆମକୁ ନୂତନ କୌଶଳ ଅବଲମ୍ବନ କରିବାକୁ ହେବ। ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ଭାଷାର ବ୍ୟାପକ ପ୍ରଚଳନ ଓ ପ୍ରାଧାନ୍ୟ ବୃଦ୍ଧି କରିବା ନିମନ୍ତେ ଆମକୁ ଭାଷା ସ୍ୱାଭିମାନୀ ହେବାକୁ ପଡିବ। ବର୍ତ୍ତମାନ ଓଡ଼ିଶାରେ ବହୁ ଖବରକାଗଜ ପୃଷ୍ଠାରେ ଶହ ଶହ ନୂତନ ଶବ୍ଦ ସମ୍ଭାର ପରିଦୃଶ୍ୟମାନ। ଓଡ଼ିଆଙ୍କ ନିକଟରେ ଏଗୁଡିକ ଅନାୟାସରେ ପହଞ୍ଚି ପାରିଛି। ଠିକ୍ ଶୈଳୀରେ ଓ ଢଙ୍ଗରେ ଖବର ପରିବେଷଣ ମାଧ୍ୟମରେ ଭାଷାର ବିକାଶ ଖବରକାଗଜ ସମୂହର ଲକ୍ଷ୍ୟ ହୋଇପାରିଲେ ଓଡ଼ିଆ ଭାଷାର ସମୃଦ୍ଧି ସୁନିଶ୍ଚିତ। ସାହିତ୍ୟ ହେଉଛି ସଂସ୍କୃତିର ନାଭିପଦ୍ମ। ଓଡ଼ିଆ ସାହିତ୍ୟର ସଂରକ୍ଷଣ, ପ୍ରଚାର, ପ୍ରସାର ଏବଂ ପ୍ରତିଭା ପୂଜନ ଯେପରି ହେବା କଥା ତାହା ହେଉନାହିଁ। ପ୍ରତିଭା ପୂଜନ ଅନେକସ୍ଥଳେ ପ୍ରତିମା ପୂଜନରେ ପରିଣତ ହେଉଛି। ଜାତୀୟ ସ୍ୱାଭିମାନ ପ୍ରତ୍ୟେକ ବ୍ୟକ୍ତିର ଅନ୍ତରରେ ଅଳ୍ପ ବହୁତ ଅଛି କିନ୍ତୁ ଏହି ସ୍ୱାଭିମାନର ଭାଷା ନିମନ୍ତେ ସ୍ୱପ୍ନ ନ ଦେଖିଲେ ସଂସ୍କୃତି ବିପନ୍ନ ହୁଏ। ଯେ ପର୍ଯ୍ୟନ୍ତ ବ୍ୟକ୍ତିଗତ ଜୀବନରେ ନିଜ ମାତୃଭାଷା ଓଡ଼ିଆକୁ ଗ୍ରହଣ ନ କରିବା ସେ ପର୍ଯ୍ୟନ୍ତ ଓଡ଼ିଆଭାଷା ଯେ ସୁରକ୍ଷିତ ନୁହେଁ, ଏହା ନିଶ୍ଚିତ। ମନର ଏହି ଦୃଢ଼ ମନୋଭାବ ଭବିଷ୍ୟତରେ ଓଡ଼ିଆ ଭାଷାକୁ ବିକାଶ ପଥରେ ନେଇଯିବ।

–ଦେବବିତ୍ତି ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

## ଚିରନ୍ତନୀ

ଯୁଗ ଯୁଗ ଧରି ତରୁଣ ତରୁଣୀ
ଉତ୍ସାହ କେତେ ଲଭିଲେ ତହୁଁ
ମଧୁରେ ଭରିଲା କେତେ ଆଖି ଓଠ
କେତେ ଅନ୍ତରୁ ଝରିଲା ଲହୁ।
–(ପ୍ରେମର ଅର୍ଥ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚାଇନାରେ ବିବିସି ମନା

ନୂଆଦିଲ୍ଲୀ,୧୧।୨: ଚାଇନାରେ ସଂଖ୍ୟାଲଘୁ ଉଇଗର ମୁସଲମାନଙ୍କ ଉପରେ ଅତ୍ୟାଚାର ଓ କୋଭିଡ୍-୧୯ ଭୂତାଣୁ ସମ୍ପର୍କିତ ଖବର ପ୍ରସାରଣକୁ ନେଇ ବିବିସି ୱାର୍ଲ୍ଡ ନ୍ୟୁଜ୍ ଉପରେ କଟକଣା ଜାରି କରିଛି ବେଜିଂ। ଚାଇନାର ନ୍ୟାଶନାଲ ରେଡିଓ ଆଣ୍ଡ ଟେଲିଭିଜନ ଆଡ୍‌ମିନିଷ୍ଟ୍ରେଶନ (ଏନ୍‌ଆର୍‌ଟିଏ) ପକ୍ଷରୁ ଗୁରୁବାର ଏନେଇ ଘୋଷଣା କରାଯାଇଛି। ଏହି କଟକଣା ପରେ ବ୍ରିଟିଶ୍ ବ୍ରଡ୍‌କାଷ୍ଟିଂ କର୍ପୋରେଶନ (ବିବିସି) ୱାର୍ଲ୍ଡ ନ୍ୟୁଜ୍‌ର କୌଣସି ଖବର ଚାଇନାରେ ପ୍ରସାରଣ କରାଯାଇ ପାରିବ ନାହିଁ। ଏନ୍‌ଆର୍‌ଟିଏ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ବିଦେଶୀ ଚ୍ୟାନେଲଗୁଡ଼ିକର ପ୍ରସାରଣ ଖବର ସତ୍ୟ ଓ ନିରପେକ୍ଷ ହେବା ଉଚିତ। ଚାଇନାରେ ଖବର ପ୍ରସାରଣ ପାଇଁ ବିବିସି ୱାର୍ଲ୍ଡ ସର୍ତ୍ତ ପୂରଣ କରୁ ନ ଥିବାରୁ ଆଉ ବର୍ଷେ ଲାଗି ଏହାର ଆବେଦନକୁ ଗ୍ରହଣ କରାଯିବ ନାହିଁ।



# ୨୮ କୋଟିର ପ୍ରକଳ୍ପ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

**ହିଞ୍ଜିଳିକାଟୁ(ଡି.ଏନ୍.ଏ.)/ ଭୁବନେଶ୍ୱର(ବ୍ୟୁରୋ),୧୧।୨**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡିଓ କନଫରେନ୍ସ ଜରିଆରେ ହିଞ୍ଜିଳି ପୌର ପରିଷଦ ଅଞ୍ଚଳରେ ୨୮ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ପିଲାମାନେ ହେଉଛନ୍ତି ଏ ଜାତିର ଏ ଦେଶର ଭବିଷ୍ୟତ। ଶିକ୍ଷା ହେଉଛି ପରିବର୍ତ୍ତନର ଚାବି କାଠି। ଶିକ୍ଷା ହେଉଛି ପ୍ରକୃତ ସଶକ୍ତୀକରଣ। ତେଣୁ ହିଞ୍ଜିଳିରେ ଶିକ୍ଷାର ବିକାଶ ଉପରେ ସେ ଗୁରୁତ୍ୱ ଦେଇ ଆସିଛନ୍ତି । ହିଞ୍ଜିଳିକୁ ଶିକ୍ଷା କ୍ଷେତ୍ରରେ ଏକ ଆଗୁଆ ଅଞ୍ଚଳ ଭାବେ ବିକଶିତ କରିବା ତାଙ୍କର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, କୋଭିଡ୍ ମହାମାରୀ ଯୋଗୁ ସେ ବହୁ ଦିନ ହେବ ହିଞ୍ଜିଳି ଯାଇ ପାରିନାହାନ୍ତି। ଏବେ ପରିସ୍ଥିତିରେ ଉନ୍ନତି ଆସିଥିବାରୁ ସେ ଖୁବ୍‌ଶୀଘ୍ର ହିଞ୍ଜିଳି ଗସ୍ତ କରି ଜନସାଧାରଣଙ୍କୁ ଭେଟିବେ।

କୋଭିଡ୍ ଯୁଦ୍ଧରେ ଗଞ୍ଜାମବାସୀଙ୍କ ଭୂମିକାକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, କରୋନା ମହାମାରୀ ସହ ଆପଣମାନେ ଯେପରି ଲଢ଼ିଲେ, ତାହା ସାରା ବିଶ୍ୱ ଦେଖିଛି। ଆପଣମାନଙ୍କ ସହଯୋଗରେ ଆମେ କରୋନାକୁ ନିୟନ୍ତ୍ରଣ କରିବାରେ ସଫଳ ହୋଇପାରିଛୁ। ଏ ଦିଗରେ ଗଞ୍ଜାମର ସଫଳତା ସାରା ବିଶ୍ୱରେ ପ୍ରଶଂସା ପାଇଥିଲା। ସେଥିପାଇଁ ପଞ୍ଚାୟତ ପ୍ରତିନିଧି, ମିଶନ ଶକ୍ତିର ମା'ମାନଙ୍କୁ ଓ କୋଭିଡ୍ ଯୋଦ୍ଧାମାନଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଛନ୍ତି। ଟିକାକରଣ ଆରମ୍ଭ ହୋଇଥିଲେ ମଧ୍ୟ ବିପଦ ସମ୍ପୂର୍ଣ୍ଣ ଦୂର ହୋଇନାହିଁ। ଆଗକୁ ସାବଧାନ ରହିବାକୁ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସାରା ଓଡିଶା ସହିତ ହିଞ୍ଜିଳି ନିର୍ବାଚନ ମଣ୍ଡଳୀ ଅଞ୍ଚଳର ବିକାଶ ଉପରେ ନଜର ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ହିଞ୍ଜିଳି ସହରର ବିକାଶ ପାଇଁ ୨୮ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଉଦଘାଟନ କରି କହିଥିଲେ, ଆଧୁନିକ ସହରଗୁଡିକରେ ମିଳୁଥିବା ବିଭିନ୍ନ ସୁବିଧା ହିଞ୍ଜିଳିବାସୀ ଯେପରି ପାଇପାରିବେ ସେଥିପାଇଁ ସେ ଉଦ୍ୟମ ଜାରି ରଖିଛନ୍ତି। ରାଜ୍ୟର ଛୋଟଛୋଟ ସହରର ବିକାଶ ଉପରେ ରାଜ୍ୟ ସରକାର ଗୁରତ୍ୱ ଦେଉଛନ୍ତି ବୋଲି ସେ କହିଛନ୍ତି। ଏହି ଅବସରରେ ହିଞ୍ଜିଳିର ନୂତନ ପ୍ରକଳ୍ପଗୁଡିକ ସମ୍ପର୍କରେ ଏକ କ୍ଷୁଦ୍ର ଭିଡିଓ ଚିତ୍ର ପ୍ରଦର୍ଶିତ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଆସିକା ଏମ୍‌ପି ପ୍ରମିଳା ବିଶୋୟୀ, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପି.କେ. ମହାପାତ୍ର, ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଜି. ମାଥିଭାଥନନ, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର, ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଡିଆର୍‌ଡ଼ିଏ ପିଡି ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ, ଏଡିଏମ କବୀନ୍ଦ୍ର କୁମାର ସାହୁ ଓ ଗଞ୍ଜାମ ଏସ୍‌ପି ବ୍ରିଜେଶ ରାଏ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ। ଉଦ୍‌ଘାଟନ ହୋଇଥିବା ପ୍ରକଳ୍ପ ମଧ୍ୟରେ ହିଞ୍ଜିଳିକାଟୁ ଉପଖଣ୍ଡ ଡାକ୍ତରଖାନାର ଇନଡୋର କୋଠା, ବସ୍ ଟର୍ମିନାଲ, ନେତାଜୀ ପାର୍କ, ମାଛମାଂସ ବଜାର, ମ୍ୟୁନିସିପାଲିଟିର ବର୍ଦ୍ଧିତ ଅଫିସ କୋଠା, ଆରଏମସି ଓ ମ୍ୟୁନିସିପାଲିଟିର ମାର୍କେଟ କମ୍ପ୍ଲେକ୍ସ, ମ୍ୟୁନିସିପାଲଟି ଅଫିସ ପରିସରରେ ଗେଷ୍ଟ ହାଉସ, ବଜାର ଭେଣ୍ଡିଂ ଜୋନ, ଆର୍‌ଏମସି ଇ-ନାମ ଓ ଲାବୋରେଟାରି ଗୃହ, ବରିଷ୍ଠ ନାଗରିକଙ୍କ ଚିତ୍ତ ବିନୋଦନ କେନ୍ଦ୍ର, ଶୀତଳ ଭଣ୍ଡାର ଓ ୨ଟି ମିନି କଲ୍ୟାଣ ମଣ୍ଡପ ରହିଛି।



ଭିଡିଓ କନ୍‌ଫରେନ୍ସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

**ହିଞ୍ଜିଳି ପୌରପାଳିକା**

**ଖୁବ୍‌ଶୀଘ୍ର ଗସ୍ତ କରିବେ ନବୀନ**

# ଇ-ବିଧାନସଭା ହେବ ଷଷ୍ଠ ଅଧିବେଶନ

**ଭୁବନେଶ୍ୱର,୧୧।୨ (ବ୍ୟୁରୋ)**

ଷୋଡ଼ଶ ବିଧାନସଭାର ଷଷ୍ଠ ଅଧିବେଶନ ସମ୍ପୂର୍ଣ୍ଣ ଇ-ବିଧାନସଭା ରୂପେ କାର୍ଯ୍ୟ କରିବ। ଏ ସମ୍ପର୍କରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଗୁରୁବାର ଏକ ଉଚ୍ଚସ୍ତରୀୟ ବୈଠକ ଡାକି ସମୀକ୍ଷା କରିଛନ୍ତି। ରାଜ୍ୟପାଳଙ୍କ ଅଭିଭାଷଣଠାରୁ ଆରମ୍ଭକରି ବଜେଟ ଉପସ୍ଥାପନ, ବିଧାନସଭା ସଦସ୍ୟମାନଙ୍କ ଅଣତାରକା ଚିହ୍ନିତ ପ୍ରଶ୍ନର ଉତ୍ତର ଏବଂ ସମୁଦାୟ ଅଧିବେଶନର ବିବରଣୀ 'ନେଭା' ମାଧ୍ୟମରେ କାର୍ଯ୍ୟକାରୀ ହେବ। ସୂଚନା ପ୍ରଯୁକ୍ତି ବିଭାଗର ଜଣେ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସମ୍ପାଦନ କରିବା ପାଇଁ ମଧ୍ୟ ବୈଠକରେ ନିଷ୍ପତ୍ତି ନିଆଯାଇଛି। ତେବେ ଚଳିତ ଥର ଇ-ବିଧାନସଭା ସହ ଏହାର ସଦସ୍ୟମାନଙ୍କୁ ଆବଶ୍ୟକ କାଗଜପତ୍ର ମଧ୍ୟ ପ୍ରଦାନ କରାଯିବ, ଯଦ୍ଦ୍ୱାରା ବିଧାନସଭା କାର୍ଯ୍ୟକ୍ରମ କୌଣସି ପରିସ୍ଥିତିରେ ବ୍ୟାହତ ହେବନାହିଁ। ମୋବାଇଲ ଆପ୍ ମାଧ୍ୟମରେ ମଧ୍ୟ ଏହା ଉପଲବ୍ଧ କରିବାକୁ ଅର୍ଥ ବିଭାଗ ସଚିବ ଅଶୋକ କୁମାର ମୀନା ମତ ଦେଇଛନ୍ତି। ବିଧାନସଭା ଗୃହ ମଧ୍ୟରେ ପ୍ରଥମେ କେବଳ ବିଧାୟକଙ୍କୁ ପ୍ରଶ୍ନୋତ୍ତର ସହ ଅନ୍ୟାନ୍ୟ ଆଲୋଚନା ନେଇ ଅବଗତି କରାଯିବ। ଆବଶ୍ୟକ ସ୍ଥଳେ ସୂଚନା ପ୍ରଯୁକ୍ତି ବିଦ୍ୟା ତରଫରୁ ସ୍ଥାନୀୟ ସର୍ଭର ସ୍ଥାପନ କରି ଏହି କାର୍ଯ୍ୟକ୍ରମକୁ ରୂପାୟିତ କରିବା ପାଇଁ ବାଚସ୍ପତି ବିଭାଗକୁ ପରାମର୍ଶ ଦେଇଛନ୍ତି। ଆସନ୍ତା ୧୮ତାରିଖରୁ ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ ହେବ। ୧୭ ରେ ସର୍ବଦଳୀୟ ବୈଠକ ବସିବ ବୋଲି ବାଚସ୍ପତି ସୂଚନା ଦେଇଛନ୍ତି।

**ଆବଶ୍ୟକ**

ଅତିକମ୍‌ରେ ୧ ବର୍ଷର ଅଭିଜ୍ଞତାଧାରୀ
**ଫୋର୍କ ଲିଫ୍ଟ ଡ୍ରାଇଭର**
ଆବଶ୍ୟକ ।
ଆକର୍ଷଣୀୟ ଦରମା



ଇଚ୍ଛୁକ ପ୍ରାର୍ଥୀମାନେ ନିମ୍ନ ଠିକଣାରେ
ନିଜର ଦରଖାସ୍ତ ଓ CV ଦାଖଲ କରିପାରିବେ
ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଇ-ମେଲ୍: recruitment@dharitri.com

# ଗହୀରମଥାରେ ୩୦୦ ଡଲ୍‌ଫିନଙ୍କ ଜଳକ୍ରୀଡ଼ା

**ରାଜନଗର, ୧୧।୨(ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଜଳରାଶିରେ ୩୦୦ ଡଲ୍‌ଫିନ ଗୁରୁବାର ସକାଳେ ଜଳକ୍ରୀଡ଼ା କରୁଥିବା ଦେଖିବାକୁ ମିଳିଛି। ଏକଦା ଡଲ୍‌ଫିନଙ୍କ ଜଳକ୍ରୀଡ଼ା ସ୍ଥାନ ଭାବେ ଓଡ଼ିଶାର ଚିଲିକା ପରିଚିତ ଥିଲା। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ଡଲ୍‌ଫିନଙ୍କ ସଂଖ୍ୟା ବୃଦ୍ଧି ପ୍ରାଣୀବିଜ୍ଞାନୀଙ୍କ ମଧ୍ୟରେ ଉତ୍ସାହ ଭରି ଦେଇଛି। ୨୦୧୫ରେ ପ୍ରଥମ କରି ଭିତରକନିକାରେ ପ୍ରବାହିତ ନଦୀ ନାଳ ଓ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ଡଲ୍‌ଫିନଙ୍କ ଗଣନା କରାଯାଇଥିଲା। ପ୍ରଥମ ଗଣନାରେ ଇରାୱାର୍ଡି, ବଟଲନୋଜ, ହମ୍ପବ୍ୟାକ, ଫିନ୍‌ଲେସ ପରିପଏସ ଓ ଗାଙ୍ଗେଟିକ ପ୍ରଭୃତି ୫ ପ୍ରଜାତିର ୨୭୦ ଡଲ୍‌ଫିନଙ୍କୁ ଚିହ୍ନଟ କରାଯାଇଥିଲା। ରାଜନଗର ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ଚଳିତବର୍ଷ ଭିତରକନିକାରେ ଜାନୁୟାରୀ ୧୭ ପୂର୍ବାହ୍ନରେ ୯ଟି ଟିମ ଡଲ୍‌ଫିନ ଗଣନା କରିଥିଲେ। ପାଗ ଅନୁକୂଳ ନ ଥିବାରୁ ପୁନଶ୍ଚ ୩ ଦିନିଆ ଡଲ୍‌ଫିନ ଗଣନା କରାଯାଉଛି। ଜାନୁୟାରୀ ୨୯, ଫେବୃୟାରୀ ୫ରେ ଗଣନା ସରିଥିବା ବେଳେ ଶୁକ୍ରବାର ଶେଷ ପର୍ଯ୍ୟାୟ ଗଣନା କରାଯିବାର ଥିଲା। ଯେଉଁଦିନର ରିପୋର୍ଟ ସବୁଠୁ ଭଲ ଆସିବ, ସେଦିନର ରିପୋର୍ଟକୁ ଆଧାର କରି ସଂଖ୍ୟା ସ୍ଥିର କରାଯିବ। ଦ୍ୱିତୀୟ ପର୍ଯ୍ୟାୟ ଡଲ୍‌ଫିନ ଗଣନା ସମୟରେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ସାତଭାୟାଠାରୁ ଏକକୁଳା ମଧ୍ୟରେ ପାଖାପାଖି ହବାଲିଖଟି ନିକଟରେ ଏକକାଳୀନ ୩୦୦ ଡଲ୍‌ଫିନ ଜଳକ୍ରୀଡା କରୁଥିବା ଟିମ୍ ଗଣନା କରିଥିଲେ। ଜଳବାୟୁର ପରିବର୍ତ୍ତନ ଯୋଗୁ ଡଲ୍‌ଫିନଙ୍କ ବଂଶ ହ୍ରାସ ପାଉଥିବା ନେଇ ଆଶଙ୍କା ପ୍ରକାଶ ପାଉଥିଲା। ବର୍ତ୍ତମାନ ଗଣନାକାରୀ ଗୋଟିଏ ସ୍ଥାନରେ ଏକକାଳୀନ ୩୦୦ ଡଲ୍‌ଫିନଙ୍କ ଜଳକ୍ରୀଡ଼ା ଦେଖି ଏମାନଙ୍କ ସଂଖ୍ୟା ବୃଦ୍ଧି ପାଇବା ନେଇ ଆଶା ପ୍ରକାଶ କରୁଥିବା ଜଣାପଡୁଛି।



**ଭାରତୀୟ ରିଜର୍ଭ ବ୍ୟାଙ୍କ**
ମାନବ ସଂସାଧନ ପ୍ରବନ୍ଧ ବିଭାଗ
ଭୁବନେଶ୍ୱର
www.rbi.org.in

**ଟେଣ୍ଡର ସୂଚନା**
**(କେବଳ ଇଲେକ୍ଟ୍ରୋନିକ ଟେଣ୍ଡର ମାଧ୍ୟମରେ)**
**ଇଲେକ୍ଟ୍ରୋନିକ ଟେଣ୍ଡର -ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର କାର୍ଯ୍ୟାଳୟର ସ୍ନିଫର ଡଗ ସେବା ନିମନ୍ତେ ବାର୍ଷିକ କଣ୍ଟ୍ରାକ୍ଟ.**

ଭାରତୀୟ ରିଜର୍ଭ ବ୍ୟାଙ୍କ ଭୁବନେଶ୍ୱର କାର୍ଯ୍ୟାଳୟ ସମସ୍ତ ପ୍ରତିଷ୍ଠିତ ଏବଂ ନାମକରା କଣ୍ଟ୍ରାକ୍ଟର ମାନଙ୍କ ଠାରୁ ଉପରୋକ୍ତ କାର୍ଯ୍ୟ ପାଇଁ ୦୧ ଏପ୍ରିଲ ୨୦୨୧ ଠାରୁ ୩୧ ମାର୍ଚ୍ଚ ୨୦୨୨ ପର୍ଯ୍ୟନ୍ତ ଏକ ବର୍ଷ ସମୟ ସୀମା ପାଇଁ ଯୋଗ୍ୟ କଣ୍ଟ୍ରାକ୍ଟର ମାନଙ୍କଠାରୁ ଇ-ଟେଣ୍ଡର ଆହ୍ୱାନ କରୁଛି | ଏହି କଣ୍ଟ୍ରାକ୍ଟ କଣ୍ଟ୍ରାକ୍ଟର ମାନଙ୍କର ସନ୍ତୋଷଜନକ କାର୍ଯ୍ୟ ଆଧାରରେ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ଅନ୍ତର୍ଗତ ସର୍ବାଧିକ ଦୁଇ ବର୍ଷ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇ ପାରିବ | ଏହି କଣ୍ଟ୍ରାକ୍ଟ ର ବାର୍ଷିକ ଆନୁମାନିକ ମୂଲ୍ୟ ୧୩ ଲକ୍ଷ ଟଙ୍କା | ଏମଏସଟିସି ପୋର୍ଟାଲ ରେ "ଟେଣ୍ଡର ଗ୍ରହଣ ର ଶେଷ ତାରିଖ" ମାର୍ଚ୍ଚ ୨୫ , ୨୦୨୧ ସମୟ ଦିନ ୧୦ ଘଟିକା ପର୍ଯ୍ୟନ୍ତ ରହିଛି |
ଏହି ସମ୍ବନ୍ଧୀୟ ବିଶେଷ ସର୍ତ୍ତାବଳୀ ଜାଣିବାପାଇଁ ଆରବିଆଇ ୱେବସାଇଟ **www.rbi.org.in** ର **Tenders** ବିଭାଗ ରେ ଲଗ ଇନ କରନ୍ତୁ ତଥା ଟେଣ୍ଡର ଅପଲୋଡ କରିବା ପାଇଁ **https://mstcecommerce.com** ୱେବସାଇଟ ରେ ପଞ୍ଜିକରଣ କରନ୍ତୁ |
କ୍ଷେତ୍ରୀୟ ନିର୍ଦ୍ଦେଶକ

# ନୂଆ ରୂପ ପାଇବ ତାଳସାରୀ-ଉଦୟପୁର ବେଳାଭୂମି

**ଭୋଗରାଇ, ୧୧।୨ (ଡି.ଏନ୍.ଏ.)**

■ ଉନ୍ନତୀକରଣ ଲାଗି ୩୬ କୋଟି ଟଙ୍କା ବ୍ୟୟ ହେବ

■ ଭିଡିଓ କନଫରେନ୍ସିରେ ମୁଖ୍ୟମନ୍ତ୍ରୀଙ୍କ ଭିତ୍ତିପ୍ରସ୍ତର ସ୍ଥାପନ

ପର୍ଯ୍ୟଟନସ୍ଥଳୀ ତାଳସାରୀ-ଉଦୟପୁର ଏବେ ନୂଆ ରୂପରେ ଶୋଭା ପାଇବ। ବଙ୍ଗୋପସାଗର କୂଳରେ ଥିବା ବାଲେଶ୍ୱର ଜିଲା ଭୋଗରାଇ ବ୍ଲକର ଏହି ଦୁଇ ବେଳାଭୂମିକୁ ବିଶ୍ୱମାନର ପର୍ଯ୍ୟଟନସ୍ଥଳୀ ରୂପେ ଗଢ଼ି ତୋଳିବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡିଓ କନ୍‌ଫରେନ୍ସରେ ୩୬କୋଟି ଟଙ୍କାର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ତାଳସାରୀ ହେଲିପ୍ୟାଡ୍ ପଡ଼ିଆରେ ଭୋଗରାଇ ବିଧାୟକ ତଥା ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଅନନ୍ତ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସଂସ୍କୃତି ଓ ପର୍ଯ୍ୟଟନମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ପର୍ଯ୍ୟଟନ ସ୍ଥଳୀକୁ ଭାରତର ଟପ୍ ଥ୍ରୀ ଭାବେ ଗଢ଼ି ତୋଳିବାକୁ ଓଡ଼ିଶା ସରକାର ପ୍ରୟାସ କରୁଛନ୍ତି। ଉଦୟପୁର-ତାଳସାରୀ-ଚନ୍ଦନେଶ୍ୱର ପର୍ଯ୍ୟଟନସ୍ଥଳୀ ରାସ୍ତା ଓ ସମୁଦ୍ରକୂଳରେ ୭କୋଟି ୧୦ଲକ୍ଷ ଟଙ୍କାର ହାଇମାଷ୍ଟ ଲାଇଟ୍ ଲଗାଯାଇ ଅଧିକ ଆକର୍ଷଣ କରାଯିବା ସହିତ ୨୯କୋଟି ଟଙ୍କାର ବ୍ୟୟରେ ସମୁଦ୍ରତଟର ବିକାଶ ହେବ। ଏଥିନିମନ୍ତେ ସମସ୍ତଙ୍କର ସହଭାଗିତା ଆବଶ୍ୟକ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ସମୁଦ୍ର କୂଳକୁ ସ୍ୱଚ୍ଛ, ସତେଜ ଓ ସବୁଜ କରିବାକୁ ମନ୍ତ୍ରୀ ସ୍ଥାନୀୟ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲାପରିଷଦ ଅଧ୍ୟକ୍ଷା ନିବେଦିତା ମହାନ୍ତି, ବ୍ଲକ ଚେୟାରମ୍ୟାନ୍ ମଞ୍ଜୁରାଣୀ ବେହେରାଙ୍କ ସମେତ ଜିଲାର ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ।


ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଉପସ୍ଥିତ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଧାୟକ ଅନନ୍ତ ଦାସ ଓ ଅନ୍ୟମାନେ।

NISER

NEST

मौलिक विज्ञान प्रकर्ष केन्द्र

**National Entrance Screening Test 2021**

**NEST 2021**
**Admission to 5-year Integrated MSc Programmes in Biology, Chemistry, Mathematics and Physics at NISER (Bhubaneswar) and UM-DAE CEBS (Mumbai)**
**(Autonomous Institutions under the Department of Atomic Energy, Government of India)**

The National Entrance Screening Test (NEST) is a compulsory test for admission to the 5-year Integrated MSc programme in basic sciences - Biology, Chemistry, Mathematics and Physics - at National Institute of Science Education and Research (NISER), Bhubaneswar and University of Mumbai - Department of Atomic Energy Centre for Excellence in Basic Sciences (UM-DAE CEBS), Mumbai. NEST 2021 will be conducted in around 90 towns and cities all over India on **Monday, June 14, 2021**.

**The candidates admitted to the programme are eligible to receive an annual scholarship of Rs 60,000 through DISHA program of Department of Atomic Energy, Government of India. In addition, the scholarship recipients receive a grant of Rs 20,000 per annum for summer internship. Candidates selected by DST for the INSPIRE-SHE program are endorsed for INSPIRE scholarship by NISER and CEBS.**

**For detailed information on NEST 2021 application procedure and previous years' question papers please visit NEST 2021 website: www.nestexam.in**

**Application:**
Through ONLINE portal ONLY.
Visit **www.nestexam.in** to apply.
Online portal opens on **Feb. 24, 2021**, & closes on **Apr. 30, 2021**

**Examination:**
ONLINE/computer based ONLY.
Date of examination: **June 14, 2021 (Monday)**
Time: **9:00 AM - 12:30 PM** (1st session)
**2:30 PM - 6:00 PM** (2nd session)
Results announcement : **June 30, 2021**

**Address for correspondence :**
The Chief Coordinator, NEST 2021
NISER Bhubaneswar, P.O. Jatni
Jatni, Khurda 752050, Odisha, India
E-mail: **nest-exam@niser.ac.in**
Website: **www.nestexam.in**

**Fees structure and mode of payment :**
Male (General and OBC categories) : Rs 1200/-
Male (SC and ST categories) : Rs 600/-
Female (all categories) : Rs 600/-
Divyangjan candidates : Rs 600/-
**Pay ONLY via Net banking/ Credit card/ Debit card**

# ଓଡ଼ିଶାରେ ଆନ୍ଧ୍ରପ୍ରଦେଶର ନିର୍ବାଚନୀ ପ୍ରଚାର

**ପାତ୍ରପୁର,୧୧।୨(ଡି.ଏନ୍.ଏ.)**

■ ଓଡ଼ିଶା ଅଧିକାରୀଙ୍କ ଉପସ୍ଥିତିରେ ଆସିଲା ବାଇକ୍ ରାଲି

■ ପ୍ରଚାର ଶେଷ ଦିନରେ ଜମିଲା ଭୋଜିଭାତର ଆସର

ଆନ୍ଧ୍ରପ୍ରଦେଶରେ ଆସନ୍ତା ୧୩ ତାରିଖରେ ପଞ୍ଚାୟତ ନିର୍ବାଚନ ହେବାକୁ ଥିବାବେଳେ ଗୁରୁବାର ଥିଲା ପ୍ରଚାରର ଶେଷଦିନ। ଗଞ୍ଜାମ ଜିଲା ପାତ୍ରପୁର ବ୍ଲକର ଉପାନ୍ତ ଅଞ୍ଚଳର ବହୁ ଗ୍ରାମ ଆନ୍ଧ୍ର ସୀମାକୁ ଲାଗି ରହିଛି। କେତେକ ଗ୍ରାମରେ ଆନ୍ଧ୍ର ପ୍ରଶାସନ ଧସେଇ ପଶି ବିଭିନ୍ନ ଜନହିତକର କାର୍ଯ୍ୟ କରିବା ସହ ଲୋକ ନିର୍ବାଚନରେ ସାମିଲ କରିଛି।

ତୁମ୍ଭା ପଞ୍ଚାୟତ କୁଲାଡ଼ି ଓ ସାତପୁରି, ବୁରାତାଲ ପଞ୍ଚାୟତର ଗୁଡ଼ିଖଲା ଗ୍ରାମବାସୀ ଆନ୍ଧ୍ରରୁ ସମସ୍ତ ସୁବିଧା ପାଇ ବର୍ତ୍ତମାନ ସେଠିକାର ନିର୍ବାଚନରେ ସାମିଲ ହୋଇଛନ୍ତି। କୁଲାଡ଼ି ଗ୍ରାମର ସାବିତ୍ରୀ ଶବର ୱାର୍ଡ଼ସଭ୍ୟା ଭାବେ ନିର୍ବାଚନ ଲଢୁଥିବାବେଳେ ଖବର ପାଇ ଗୁରୁବାର ପାତ୍ରପୁର ବିଡିଓ ପ୍ରକାଶ ଚନ୍ଦ୍ର ଦାସ ଓ ତହସିଲଦାର ଅମିତ କୁମାର ନାୟକଙ୍କ ସହ ଜରଡ଼ା ପୋଲିସ ଗ୍ରାମରେ ପହଞ୍ଚିଥିଲେ। ଆନ୍ଧ୍ର ନିର୍ବାଚନରେ ସାମିଲ ନ ହେବାକୁ ଗ୍ରାମ ଲୋକଙ୍କୁ ଡାକି ବୁଝାଇଥିଲେ। ୱାର୍ଡ଼ସଭ୍ୟା ପ୍ରାର୍ଥୀ ସାବିତ୍ରୀଙ୍କୁ ଉଭୟ ଅଧିକାରୀ ପଚାରିବାରୁ ମୁଁ ନାମାଙ୍କନପତ୍ର ଦାଖଲ କରିବାକୁ ଯାଇନାହିଁ, କେତେଜଣ ଆସି କାଗଜରେ ଟିପଚିହ୍ନ ନେଇଥିବା ସେ କହିଥିଲେ। ଏହି ସମୟରେ ଆନ୍ଧ୍ରର ନିର୍ବାଚନ ପ୍ରଚାର ଗାଡି ସହ ଏକ ବିରାଟ ବାଇକ୍ ରାଲି ଗାଁରେ ପ୍ରବେଶ କରି ଅଧିକାରୀଙ୍କ ଉପସ୍ଥିତିରେ ପ୍ରଚାର କରିଥିଲା। ଏହାପରେ ଗ୍ରାମବାସୀ ଆନ୍ଧ୍ର ନିର୍ବାଚନରେ ଭାଗ ନେବେନାହିଁ ବୋଲି ଲିଖିତ ଭାବେ ଅଧିକାରୀଙ୍କୁ ଜଣାଇଥିଲେ।ପ୍ରକାଶ ଥାଉକି, ସୀମାନ୍ତରେ ଥିବା ଓଡ଼ିଶାର ସମ୍ପୃକ୍ତ ଗ୍ରାମବାସୀ ଆନ୍ଧ୍ରର ବିଭିନ୍ନ ଯୋଜନା ଯଥା ଆବାସ, ଶିକ୍ଷା, ସ୍ୱାସ୍ଥ୍ୟସେବା, ବ୍ୟାଙ୍କ, ଭତ୍ତା, ବିଦ୍ୟୁତ୍, ରାଶନ ସାମଗ୍ରୀ ପାଉଛନ୍ତି। ଓଡ଼ିଶାର ବ୍ଲକ ଓ ପଞ୍ଚାୟତ ମୁଖ୍ୟାଳୟ ସମ୍ପୃକ୍ତ ଗ୍ରାମଠାରୁ ବହୁ ଦୂର ହେଉଥିବାରୁ ଯାତାୟାତରେ ସମସ୍ୟା ହେଉଛି। ଏହାର ସୁଯୋଗ ନେଇ ଆନ୍ଧ୍ର ପ୍ରଶାସନ ସମ୍ପୃକ୍ତ ଗ୍ରାମରେ ପହଞ୍ଚି ରାଶନ, ଭତ୍ତା ସହ ଅନ୍ୟାନ୍ୟ ସୁବିଧା ଯୋଗାଉଛି। ଫଳରେ ସେମାନେ ଆନ୍ଧ୍ର ପଟକୁ ଢଳୁଥିବା ଜଣାପଡିଛି। ପ୍ରତିବର୍ଷ ପ୍ରଶାସନ ବାରଣ ସତ୍ତ୍ୱେ ଏମାନେ ଲୁଚିଛପି ଆନ୍ଧ୍ରରେ ଯାଇ ଭୋଟ ଦେଉଛନ୍ତି।


ଓଡ଼ିଶାର କୁଲାଡି ଗ୍ରାମରେ ଆନ୍ଧ୍ରର ନିର୍ବାଚନ ପ୍ରଚାର ଗାଡି।

# 'କୋଟିଆ ଆମର ଥିଲା, ଭବିଷ୍ୟତରେ ରହିବ'

**କୋରାପୁଟ,୧୧।୨(ସ୍ୱ.ପ୍ର.)**

କୋରାପୁଟ ଜିଲା ସୀମାନ୍ତ କୋଟିଆ ପଞ୍ଚାୟତରେ ଆନ୍ଧ୍ର ପକ୍ଷରୁ ଆସନ୍ତା୧୩ରେ ପଞ୍ଚାୟତ ନିର୍ବାଚନ କରାଯାଉଥିବା ପରିପ୍ରେକ୍ଷୀରେ ଗୁରୁବାର ସ୍ଥାନୀୟ ସ୍ୱତନ୍ତ୍ର ସର୍କିଟ ହାଉସଠାରେ ଏକ ଖବରଦାତା ସମ୍ମିଳନୀରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ଏହା ଉପରେ ନିଜ ମତ ରଖିଛନ୍ତି। କୋଟିଆ ଆମର ଥିଲା ଏବଂ ଭବିଷ୍ୟତରେ ମଧ୍ୟ ଏହା ଆମର ହୋଇ ରହିବ ବୋଲି ସେ କହିଛନ୍ତି। କୋରାପୁଟ ଗସ୍ତରେ ଆସିଥିବା ଦାସବର୍ମା ଏହି ଅବସରରେ ଆନ୍ଧ୍ରର ଆଭିମୁଖ୍ୟକୁ ତୀବ୍ର ନିନ୍ଦା କରିଥିଲେ। ଆନ୍ଧ୍ର ଓଡ଼ିଶାର କୋଟିଆ ପଞ୍ଚାୟତରେ ନିର୍ବାଚନ କରି ଦେଶର ସର୍ବୋଚ୍ଚ ଅଦାଲତଙ୍କ ଆଦେଶନାମାର ଅବମାନନା କରିଛି ବୋଲି କହିଛନ୍ତି। ଏନେଇ ଅଧିକ ସୂଚନା ଦେଇ ସେ କହିଛନ୍ତି ଯେ, ଗୁରୁବାର ରାଜ୍ୟ ସରକାରଙ୍କ ସୁପ୍ରିମକୋର୍ଟରେ ଏକ ମାମଲା ରୁଜୁ କରିଛନ୍ତି।

**VISA STEEL LIMITED**
**CIN: L51109OR1996PLC004601**
Registered Office : 11 Ekamra Kanan, Nayapalli, Bhubaneswar 751 015, Odisha Phone: (+91-674) 255 2479, Fax: (+91-674) 255 4661
Corporate Office: VISA House, 8/10 Alipore Road, Kolkata 700 027 Phone: (+91-33) 3011 9000, Fax: (+91-33) 3011 9002
**website: www.visasteel.com**
**Email ID for registering Investor Grievances: cs@visasteel.com**
**Extract of Unaudited Standalone/Consolidated Financial Results for the Quarter and Nine Months ended 31 December 2020**
**(Rs. In Millions, except EPS)**

| Sl. No. | Particulars | Standalone | | | | Consolidated | |
|---|---|---|---|---|---|---|---|
| | | Quarter Ended | | Nine Months Ended | | Quarter Ended | Nine Months Ended |
| | | 31 December 2020 | 31 December 2019 | 31 December 2020 | 31 December 2019 | 31 December 2020 | 31 December 2020 |
| 1 | Total Income from Operations (net) | 1,655.37 | 711.40 | 3,862.51 | 2,686.26 | 2,845.22 | 6,321.20 |
| 2 | Net Profit / (Loss) for the period (before tax, Exceptional and / or Extraordinary items) | (209.21) | (193.04) | (678.62) | (657.39) | (398.69) | (1,258.53) |
| 3 | Net Profit / (Loss) for the period before tax (after Exceptional and / or Extraordinary items) | (209.21) | (193.04) | (678.62) | (657.39) | (398.69) | (1,258.53) |
| 4 | Net Profit / (Loss) for the period after tax (after Exceptional and / or Extraordinary items) | (209.21) | (193.04) | (678.62) | (657.39) | (398.69) | (1,258.53) |
| 5 | Total Comprehensive Income for the Period [Comprising Profit/(Loss) for the period (after tax) and Other Comprehensive Income (after tax)] | (210.62) | (194.44) | (682.86) | (659.38) | (400.30) | (1,263.36) |
| 6 | Equity Share Capital (face value of Rs. 10/- each) | 1,157.90 | 1,157.90 | 1,157.90 | 1,157.90 | 1,157.90 | 1,157.90 |
| 7 | Other Equity* | | | | | | |
| 8 | Earnings Per Share (of Rs. 10/- each) (Basic and Dliuted) | (1.81) | (1.67) | (5.86) | (5.68) | (3.44) | (10.87) |

* Other Equity as on 31 March 2020 stands at Rs. (805.47) Millions and Rs. (12,635.87) Millions respectively for the Standalone and Consolidated Financial Results.

Notes :
1 The above is an extract of the detailed format of Financial Results for the quarter and nine months ended 31 December 2020, filed with the Stock Exchanges under Regulation 33 of the Securities and Exchange Board of India (Listing Obligation and Disclosure Requirements) Regulations, 2015. The full format of the Financial Results for the quarter and nine months ended 31 December 2020 are available on the Company's website: www.visasteel.com and also available on the Stock Exchange websites, NSE: www.nseindia.com & BSE: www.bseindia.com.

By Order of the Board
For VISA Steel Limited

Sd/-
Vishal Agarwal
Vice Chairman & Managing Director
DIN 00121539

Place : Kolkata
Date : 10 February 2021

**ବିଜେଡି କର୍ମୀ ସମାବେଶ**

ବାଙ୍କୀ,(ବି.ପ୍ର.): ବାଙ୍କୀ ଏନ୍ଏସିରେ ବିଜେଡି ପକ୍ଷରୁ ଗୁରୁବାର କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଖଣ୍ଡିତେଶ୍ୱର ଶୈବପୀଠରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏନ୍ଏସି ଅନ୍ତର୍ଗତ ଚକାପଦା ଗ୍ରାମର ୱାର୍ଡ ନଂ ୧ ଏବଂ ୨ର କର୍ମୀ ଯୋଗଦେଇଥିଲେ। ନଗର ବିଜେଡି ସଭାପତି ହରେକୃଷ୍ଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାବେଶରେ ମୁଖ୍ୟଅତିଥିଭାବେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଗୀରଥି ବିଶ୍ୱାଳ, ସନାତନ ବେହେରା, ସୁଭାଷ ପାଢୀ, ସୌମେନ୍ଦ୍ର ମିଶ୍ର, ରମାକାନ୍ତ ସେଠୀ ଓ ପଠାଣି ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଗୋପାବନ୍ଧୁ ସାହୁ ଧନ୍ୟବାଦ ଦେଇଥିଲେ।



# କଟାମୁଣ୍ଡର କାହାଣୀ...



**ଭୁବନେଶ୍ୱର, ୧୧।୨ (ବ୍ୟୁରୋ)**

ଫେବୃୟାରୀ ୩ରୁ ୧୧। କମିଶନରେଟ ପୋଲିସ୍ ପାଇଁ ଥିଲା ସବୁଠୁ ବଡ଼ ଚ୍ୟାଲେଞ୍ଜ। ଚନ୍ଦକା ଥାନା ଅନ୍ତର୍ଗତ ଅନ୍ଧାରୁଆ-ଦାସପୁର ରାସ୍ତା ପାର୍ଶ୍ୱରୁ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ମିଳିବା ଘଟଣା ପୋଲିସ ଆଖିରୁ ନିଦ ହଜାଇ ଦେଇଥିଲା। ମୁଣ୍ଡ ନ ଥିବାରୁ ପରିଚୟ ମିଳିବା ଓ ଅଭିଯୁକ୍ତଙ୍କୁ ଗିରଫ କରିବା ପୋଲିସ ପାଇଁ କଷ୍ଟକର ବ୍ୟାପାର ଥିଲା। ପୋଷ୍ଟର ମାରିବା ସହ ମୃତା ମହିଳାଙ୍କ ସମ୍ପର୍କରେ ସୂଚନା ପାଇବାକୁ ୫୦ହଜାର ଟଙ୍କାର ପୁରସ୍କାର ଘୋଷଣା କରି ତଦନ୍ତକୁ ଜୋର୍‌ଦାର କରିଥିଲା। ଏଥିସହ ଆସୁଥିବା କଲ୍ ଆଧାରରେ ପୋଲିସ ଟିମ୍ ବିଭିନ୍ନ ଜିଲା ଓ ରାଜ୍ୟ ବାହାରକୁ ଯାଇ ପରିଚୟ ଖୋଜି ଚାଲିଥିଲା। କଟାମୁଣ୍ଡକୁ ନେଇ ୯ଦିନର ତଦନ୍ତ ପରେ ପୋଲିସ ପୂରା କାହାଣୀକୁ ଗୋଟିଗୋଟି କରି ବଖାଣିଛି। ମହିଳାଙ୍କ ପରିଚୟ ପାଇବା ସହ ମୁଖ୍ୟ ଅଭିଯୁକ୍ତ ତଥା ପ୍ରେମିକ ଓ ତାଙ୍କ ସହଯୋଗୀଙ୍କୁ ଗିରଫ କରିଛି। ମୃତା ମହିଳା ହେଲେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଧୀରକୁଟି ବସ୍ତିର ପୁଷ୍ପଲତା ରାଉଳ (୨୮)। ଦୁଇ ଅଭିଯୁକ୍ତ ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ ଫୁଲେଶ୍ୱରୀ ବସ୍ତିରେ ରହୁଥିବା ଗଞ୍ଜାମ ଜିଲା ହୁମା ଅଞ୍ଚଳର ସଞ୍ଜୟ ଓରଫ ଅଙ୍ଗଦ ଦାସ ଓ ସାଙ୍ଗ ଚନ୍ଦୁ ଓରଫ ଶ୍ରୀକାନ୍ତ ଦାସ।

## ପୁଷ୍ପଲତାଙ୍କ ପ୍ରତାରଣା, ସଞ୍ଜୟଙ୍କ ପ୍ରତିଶୋଧ

ପୁଷ୍ପଲତାଙ୍କ ସ୍ୱାମୀ ମରିଗଲା ପରେ ସେ ସଞ୍ଜୟଙ୍କ ପ୍ରେମରେ ପଡିଯାଇଥିଲେ। ବର୍ଷ ବର୍ଷ ଧରି ଉଭୟଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ରହିଥିଲା। ପୁଷ୍ପଲତା ବିବାହିତା ଜାଣିବି ସଞ୍ଜୟ ତାଙ୍କୁ ନିଜର କରିଥିଲେ। ପରେ ପୁଷ୍ପଲତା ଅନ୍ୟତ୍ର ବିବାହ କରିବାରୁ ତାହାକୁ ସହଜରେ ଗ୍ରହଣ କରିପାରି ନ ଥିଲେ ସଞ୍ଜୟ। ଏହାକୁ ନେଇ ଉଭୟଙ୍କ ସମ୍ପର୍କରେ ନିଆଁ ଲାଗିଯାଇଥିଲା। ପୁଷ୍ପଲତାଙ୍କୁ ରାସ୍ତାରୁ ହଟାଇବାକୁ ଶେଷପନ୍ଥା ବାଛିନେଇଥିଲେ ସଞ୍ଜୟ। ସେ ପୁଣି ତାଙ୍କ ପାଖକୁ ଫେରିବା ଆସିବା ପରେ ହତ୍ୟା ପାଇଁ ସୁଯୋଗ ମିଳିଥିଲା। ୩ତାରିଖି ସନ୍ଧ୍ୟାରେ ପୁଷ୍ପଲତାଙ୍କ ବେକକୁ ତାଙ୍କ ଚୁନୁରିରେ ଚିପି ହତ୍ୟା କରିଥିଲେ। ପରେ ସହଯୋଗୀ ଚନ୍ଦୁଙ୍କୁ ଡାକି ପୁଷ୍ପଲତାଙ୍କ ମୃତଦେହକୁ ବୋଲେରୋରେ ଅନ୍ଧାରୁଆ-ଦାସପୁର ରାସ୍ତାରେ ଫିଙ୍ଗି ମୁଣ୍ଡକୁ କାଟି ଭରତପୁର ନିକଟ ଚନ୍ଦକା ଜଙ୍ଗଲରେ ଫିଙ୍ଗି ଦେଇ ପ୍ରତାରଣାର ନିଆଁକୁ ଶାନ୍ତ କରିଥିଲେ ସଞ୍ଜୟ।



ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ସୂଚନା ଦେଉଛନ୍ତି।

## କେମିତି ମିଳିଲା ସୁରାକ

୪ ତାରିଖ ସକାଳେ ଦାସପୁର ଅଞ୍ଚଳରେ ଏକ ମୁଣ୍ଡବିହୀନ ମହିଳାଙ୍କ ମୃତଦେହ ପଡ଼ିଥିବା ଖବର ସହରରେ ଚାଞ୍ଚଲ୍ୟ ଖେଳାଇଥିଲା। କମିଶନରେଟ୍ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ମୁଣ୍ଡ ନ ଥିବାରୁ ଅଡୁଆରେ ପଡିଥିଲା। ପରିଚୟ ପାଇବା ପାଇଁ ପୋଲିସ ଶତ ଚେଷ୍ଟା ପରେ ମଧ୍ୟ ମୁଣ୍ଡ କିମ୍ବା ହତ୍ୟାକାରୀଙ୍କ ସୁରାକ ମିଳି ନ ଥିଲା। ସମସ୍ତ ବୈଷୟିକ ଜ୍ଞାନକୌଶଳ ଫେଲ୍ ମାରିଥିଲା। ପ୍ରତିଦିନ ବହୁ ଲୋକ ମହିଳାଙ୍କୁ ଚିହ୍ନଟ କରିବାକୁ ଆସିଥିଲେ ମଧ୍ୟ କାହାର ସୂଚନା ମେଳ ଖାଇ ନ ଥିଲା। ଶେଷରେ ଗତ ୯ ତାରିଖ ଅପରାହ୍ନରେ ପୋଲିସ ନିକଟକୁ ଏକ କଲ୍ ଆସିଲା। ମଞ୍ଚେଶ୍ୱର ଥାନା ଅଞ୍ଚଳରେ ମିନତି ପାତ୍ର ନାମ୍ନୀ ଜଣେ ମହିଳା କଲ୍ କରି ମୃତ ମହିଳା ଜଣକ ତାଙ୍କ ଝିଅ ଓ ଲଗାଯାଇଥିବା ପୋଷ୍ଟରରୁ ସେ ଚିହ୍ନିପାରୁଥିବା କହିଥିଲେ। ଏହାପରେ ପୋଲିସ ତାଙ୍କୁ ଆଣି ଜବତ ପୋଷାକ ଓ ମୃତଦେହ ଦେଖାଇଥିଲେ। ମିନତି ଝିଅକୁ ଚିହ୍ନଟ କରିବା ପରେ ପୋଲିସ ତାଙ୍କ ନିକଟରୁ ସମସ୍ତ କଥା ପଚାରି ବୁଝିଥିଲେ। ପରିଚୟ ମିଳିବା ପରେ ପୋଲିସ ପାଇଁ ମାମଲା ସହଜ ହୋଇଯାଇଥିଲା। ତାଙ୍କ ଝିଅଙ୍କ ସହ ସଞ୍ଜୟର ସମ୍ପର୍କ ଥିବା ଓ ସେ ସଞ୍ଜୟ ପାଖରେ ରହୁଥିଲା ବୋଲି ମିନତି ପୋଲିସ ନିକଟରେ କହିଥିଲେ। ମୃତଦେହ ମିଳିବାର ପୂର୍ବଦିନ ଅର୍ଥାତ୍ ୩ ତାରିଖରେ ଝିଅ ସହ କଥା ହୋଇଥିଲେ ମିନତି। ତା'ପରଠାରୁ ଝିଅ ସହ ଯୋଗାଯୋଗ ହୋଇପାରି ନ ଥିଲା। ଭରତପୁର ଅଞ୍ଚଳରେ ରହୁଥିବା ଘର ଓ ଫୁଲେଶ୍ୱର ବସ୍ତିରେ ରହୁଥିବା ଘରକୁ ଯାଇଥିଲେ ମଧ୍ୟ ତାଲା ପଡିଥିଲା। ଏକଥା ଶୁଣିବା ପରେ ପୋଲିସର ସବୁ ସନ୍ଦେହ ସଞ୍ଜୟଙ୍କ ଉପରେ ରହିଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ଜଣାପଡୁଥିବାରୁ ପୋଲିସ ସଞ୍ଜୟଙ୍କ ସାଙ୍ଗ ସାଥୀଙ୍କ ବିଷୟରେ ମଧ୍ୟ ଖବରନେଇଥିଲା। ସ୍ଥାନୀୟ ବାସିନ୍ଦାଙ୍କୁ ପଚରାଉଚରା ପରେ ସଞ୍ଜୟଙ୍କ ସାଙ୍ଗ ଚନ୍ଦୁଙ୍କ ସମ୍ପର୍କରେ ତଥ୍ୟ ହାସଲ କରିଥିଲା ପୋଲିସ। ତେବେ ଚନ୍ଦୁ ମଧ୍ୟ କେଉଁ ଆଡେ ପଳାଇଥିବାରୁ ପୋଲିସର ସନ୍ଦେହ ଆହୁରି ଦୃଢ ହୋଇଥିଲା। ନୟାଗଡ ଦଶପଲ୍ଲା ଅଞ୍ଚଳରେ ଉଭୟ ଅନ୍ୟଜଣେ ସାଙ୍ଗଙ୍କ ଘରେ ଥିବା ସୂଚନା ପାଇବା ପରେ କମିଶନରେଟ୍ ପୋଲିସର ଏକ ଟିମ୍ ସେଠାରେ ଚଢ଼ାଉ କରି ସେମାନଙ୍କୁ ଉଠାଇ ଆଣିଥିଲା।

## ଫୋନ କଲ୍ ଟ୍ରାକିଂରୁ ଧରିଲା ପୋଲିସ

ପୋଲିସ ମହିଳାଙ୍କ ପରିଚୟ ପାଇବା ପରେ ପୂର୍ବରୁ ଅଡୁଆ ସୂତା ଭଳି ଲାଗୁଥିବା ହତ୍ୟା ଘଟଣା ସହଜ ହୋଇଯାଇଥିଲା। ସଞ୍ଜୟ ମହିଳାଙ୍କୁ ହତ୍ୟାପରେ ତାଙ୍କ ଫୋନ୍ ସାଙ୍ଗରେ ନେଇଯାଇଥିଲେ। ମହିଳାଙ୍କ ପରିଚୟ ପାଇବା ପରେ ପୋଲିସ ମହିଳାଙ୍କ ମା'ଙ୍କ ନିକଟରୁ ତାଙ୍କ ଫୋନ ନମ୍ବର ପାଇଥିଲା। ଏଥିସହିତ ପୋଲିସ ଅଭିଯୁକ୍ତଙ୍କ ଫୋନ୍ ନମ୍ବର ମଧ୍ୟ ପାଇଥିଲା। ପରେ ପୋଲିସ ଉଭୟ ଫୋନ୍‌କୁ ଟ୍ରାକିଂ କରି ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିଥିଲା।

## ନୟାଗଡ଼ରେ ଗାଡ଼ି ଭଡ଼ା ଲଗାଇଥିଲେ

ମହିଳାଙ୍କୁ ହତ୍ୟା କରି ମୁଣ୍ଡ ଫିଙ୍ଗିବା ପରେ ପୋଲିସ ନଜରରୁ ଖସିବା ପାଇଁ ସାଙ୍ଗଘର ନୟାଗଡ ଦଶପଲ୍ଲାକୁ ପଳାଇଥିଲେ। କାମଧନ୍ଦା ପାଇଁ ଆସିଥିବା କହି ତାଙ୍କ ସାଙ୍ଗଙ୍କ ଘରେ ରହିଥିଲେ ସଞ୍ଜୟ ଓ ସହଯୋଗୀ ଚନ୍ଦୁ। ହତ୍ୟା କରିଥିଲେ ମଧ୍ୟ ସେମାନଙ୍କ ମୁହଁରୁ ସେପରି କିଛି ବାରିପାରି ନ ଥିଲେ ତାଙ୍କ ସାଙ୍ଗ ଓ ଅନ୍ୟମାନେ। ସ୍ୱାଭାବିକ ଭାବେ କାମ ଖୋଜାଖୋଜି ପାଇଁ ବାହାରି ଯାଉଥିଲେ। ହେଲେ ସେମାନେ ଆରାମରେ ବାହାରେ ବୁଲିବା ସହ ନୟାଗଡରେ ସଞ୍ଜୟ ନେଇଥିବା ନିଜ ମାଲବାହୀ ବୋଲେରୋ ଭଡାରେ ଲଗାଇ ରୋଜଗାର କରୁଥିଲେ ବୋଲି ସୂଚନା ମିଳିଛି।



## ଟାଟୁରୁ ଝିଅକୁ ଚିହ୍ନିଲେ ମା'

ମୁଣ୍ଡ ନ ଥିବା ମୃତଦେହର ପରିଚୟ ପାଇବା ପାଇଁ ପୋଲିସ ସବୁ ଉଦ୍ୟମ ଚଳାଇଥିଲେ ମଧ୍ୟ ସେପରି ସଫଳତା ମିଳିପାରି ନ ଥିଲା। କେବଳ ଜବତ ହୋଇଥିବା ମହିଳାଙ୍କ ପୋଷାକ ଓ ତାଙ୍କ ହାତରେ ଥିବା ଟାଟୁ ସୁରାକ ଦେବ ବୋଲି ଆଶା କରାଯାଉଥିଲା। ମହିଳଙ୍କ ଡାହାଣ ହାତ କହୁଣି ପାଖରେ ତ୍ରିଶୂଳ ଭଳି ଫୁଲ ଆକୃତିର ଦିଶୁଥିବା ଏକ ଟାଟୁ ରହିଥିଲା। ତାହାକୁ ପୋଲିସ ପୋଷ୍ଟରରେ ଉଲ୍ଲେଖ କରିବା ସହ ଚିତ୍ର ବି ରଖି ଅଭିଯୋଗକୁ ଅପେକ୍ଷା କରିଥିଲା। ଶେଷରେ ଏହି ଟାଟୁ ହିଁ ମହିଳାଙ୍କ ପରିଚୟ ଖୋଜିଦେବା ସହ ପୂରା ଘଟଣାର ପର୍ଦ୍ଦାଫାଶ କରିବାରେ ସହାୟକ ହୋଇଛି। ଏହି ଟାଟୁକୁ ଦେଖି ମା' ତାଙ୍କୁ ଚିହ୍ନି ପାରିଥିଲେ। ଝିଅ ଯେତେବେଳେ ୧୨ ବର୍ଷର ହୋଇଥିଲା, ଏକ ମେଳାରେ ତା'ର ହାତରେ ଟାଟୁ କରାଇଥିଲେ ବୋଲି ମା' ମିନତି ପୋଲିସ ନିକଟରେ କହିଛନ୍ତି।





ଚନ୍ଦକା ଜଙ୍ଗଲର ଭରତପୁର ନିକଟ ହାତୀ ଟ୍ରେଞ୍ଚ ପାର୍ଶ୍ୱରୁ କଟାମୁଣ୍ଡ ଠାବ ପରେ ଏକ ବ୍ୟାଗ୍‌ରେ ନିଆଯାଉଛି।

## ସନ୍ଧାନୀ କୁକୁର ତଦନ୍ତକୁ ନେଇ ସନ୍ଦେହ




ତଦନ୍ତରେ ସନ୍ଧାନୀ କୁକୁର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଦାସପୁର ରାସ୍ତା ପାର୍ଶ୍ୱରେ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ପଡିଥିବାବେଳେ ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ଛାନ୍‌ଭିନ୍ କରିଥିଲା। ଘଟଣାସ୍ଥଳରୁ ମିଳିଥିବା ଛୁରି, ଗ୍ଲୋଭସ୍ କୁକୁରକୁ ଶୁଙ୍ଘାଯାଇଥିଲା। ଏହାପରେ କୁକୁର ସିଧା ନିକଟରେ ଥିବା ଓଡ଼ିଶା ବାୟୋଟେକ୍ ପାର୍କ ଭିତରକୁ ଯାଇ ପାଣି ଟ୍ୟାପ୍ ନିକଟରେ ଘୂରିବୁଲିଥିଲା। ହତ୍ୟାକାରୀମାନେ ହତ୍ୟା କରିବା ପରେ ସେଠାରେ ହାତ ଧୋଇଥିବା ପୋଲିସ ସନ୍ଦେହ କରିଥିଲା। ବାୟୋଟେକ୍ ପାର୍କରେ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀଙ୍କୁ ପଚରାଉଚରା କରିଥିଲା। ୩ଦିନ ଧରି ସେଠାରେ ତଦନ୍ତ କରିଥିଲେ। ଫଳରେ ଏହି ଘଟଣା ସହ ବାୟୋଟେକ୍ ପାର୍କର ଲିଙ୍କ୍ ଥିବା ସନ୍ଦେହ ଦୃଢ଼ ହେଉଥିଲା। କିନ୍ତୁ ଗିରଫ ହୋଇଥିବା ଅଭିଯୁକ୍ତ ଦ୍ୱୟ ବାୟୋଟେକ୍ ପାର୍କକୁ ଯାଇ ନ ଥିବା ପୋଲିସ ହତ୍ୟାକାଣ୍ଡର ପର୍ଦ୍ଦାଫାସ ସମୟରେ କହିଛି। ତେଣୁ ଓଡ଼ିଶା ପୋଲିସରେ ଥିବା ସନ୍ଧାନୀ କୁକୁରର କାର୍ଯ୍ୟଧାରାକୁ ନେଇ ସନ୍ଦେହ ଉପୁଜିଛି। କୁକୁରଙ୍କୁ ରକ୍ଷଣାବେକ୍ଷଣ ଓ ତାଲିମ ଠିକ୍ ଭାବରେ ଦିଆଯାଉ ନ ଥିବା ନେଇ ହେଉଥିବା ଅଭିଯୋଗ ସତ ବୋଲି ସାବ୍ୟସ୍ତ ହୋଇଛି।

## ସଂକ୍ଷେପରେ

### ଏନ୍ଆରଟିଏସ୍ ପରୀକ୍ଷାରେ ଛାତ୍ରୀଙ୍କ ସଫଳତା

ସାଲେପୁର,୧୧।୨( ଡି.ଏନ୍.ଏ)- ମେଧାବୃତ୍ତି ପରୀକ୍ଷା ଏନ୍ଆରଟିଏସ୍‌ରେ ସାଲେପୁର ବ୍ଲକ ରାମେଶ୍ୱରସ୍ଥିତ ଲାଲବହାଦୁର୍ ସ୍ମୃତି ନୋଡାଲ ଉଚ୍ଚବିଦ୍ୟାଳୟ ଛାତ୍ରୀ ସୁକନ୍ୟା ଷଡ଼ଙ୍ଗୀଙ୍କୁ ସଫଳତା ମିଳିଛି। ସେ ସାଧାରଣ ବର୍ଗରେ ଛାତ୍ରବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ହେଲେ ରାମକୃଷ୍ଣପୁର ଗ୍ରାମର ଆଇନଜୀବୀ ରାଜୀବ କୁମାର ଷଡ଼ଙ୍ଗୀ ଓ ସ୍ୱପ୍ନିକା ଷଡ଼ଙ୍ଗୀଙ୍କ ଝିଅ। ଏହା ପୂର୍ବରୁ ସୁକନ୍ୟା ବ୍ଲକ ଓ ଜିଲାସ୍ତରୀୟ ବିଭିନ୍ନ ପରୀକ୍ଷା ଓ ପ୍ରତିଯୋଗିତାରେ ଭାଗନେଇ ପୁରସ୍କୃତ ହୋଇଛନ୍ତି। ଏହି ସଫଳତା ପାଇଁ ସୁକନ୍ୟା ଶିକ୍ଷୟିତ୍ରୀ, ଶିକ୍ଷକ,ମାତା,ପିତା ଓ ପରିବାରବର୍ଗଙ୍କୁ ଶ୍ରେୟ ଦେଇଛନ୍ତି।

### କୃଷକ ଆର୍ଥିକ ସାକ୍ଷରତା ଶିବିର

ବାଲିଅନ୍ତା,୧୧।୨(ଡି.ଏନ୍.ଏ.): ବାଲିଅନ୍ତା ବ୍ଲକ ଜଗନ୍ନାଥପୁର ଗାଦିବ୍ରହ୍ମ ବାଳିକା ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଗୁରୁବାର ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ପକ୍ଷରୁ ଏକ ବିଶାଳ କୃଷକ ସାକ୍ଷରତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜିଲାପାଳ ସନତ୍ କୁମାର ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ଏସ୍‌ବିଆଇ ସିଜିଏମ୍ ରୁମା ଦେ, ନାବାର୍ଡ ସିଜିଏମସି ଉଦୟ ଭାସ୍କର, ଏସବିଆଇ ଜିଏମସିଏଲ ଏନ୍ ଚାଇଲୁ, ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ନିର୍ଦ୍ଦେଶକ ବ୍ରଜକିଶୋର ନାୟକ, ଜୋନ-୧ ଉପମହାପ୍ରବନ୍ଧକ ଆନନ୍ଦ ବିକ୍ରମ, ରିଜର୍ଭ ବ୍ୟାଙ୍କ ଅଫଇଣ୍ଡିଆର ଉପମହାପ୍ରବନ୍ଧକ ସଞ୍ଜୀବ ମହାପାତ୍ର, ଷ୍ଟେଟ ବ୍ୟାଙ୍କ ଉପମହାପ୍ରବନ୍ଧକ ଧ୍ରୁବ ଚରଣ ବଳ, ଆଞ୍ଚଳିକ ପ୍ରବନ୍ଧକ ଭୂପଦେବ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ବିଡିଓ ଆଦିକନ୍ଦ ବେହେରା, ତହସିଲଦାର ସି.କେ. ପଣ୍ଡା, ଜିଲା ପରିଷଦ ସଭ୍ୟା ଭାଗ୍ୟଲକ୍ଷ୍ମୀ ମିଶ୍ର, ସରପଞ୍ଚ ରମେଶ ଚନ୍ଦ୍ର ପାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରରେ ୫୦୦ରୁ ଊର୍ଦ୍ଧ୍ୱ ବାଲିଅନ୍ତା ଓ ବାଲିପାଟଣା ବ୍ଲକର ଚାଷୀମାନେ ଯୋଗଦେଇଥିଲେ।

### ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଢେଙ୍କାନାଳ ବିଜୟୀ

ତିଗିରିଆ,୧୧।୨(ଡି.ଏନ୍.ଏ.): ତିଗିରିଆ ନିଜିଗଡ଼ସ୍ଥିତ ଗାନ୍ଧୀସ୍ମୃତି ପଡ଼ିଆରେ ମା'ପଞ୍ଚାଦେବୀ କ୍ରିକେଟ କ୍ଲବ ପକ୍ଷରୁ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଛି। ଏଥିରେ ବିଭିନ୍ନ ଜିଲାରୁ ୧୬ ଦଳ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ମ୍ୟାଚ ଢେଙ୍କାନାଳ ଓ ଚୌଦ୍ୱାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚୌଦ୍ୱାର ୮ ଓଭରରେ ୬୦ ରନ ସଂଗ୍ରହ କରିଥିଲା। ଢେଙ୍କାନାଳ ୫ ଓଭରରେ ୫ ଉଇକେଟ୍ ହରାଇ ୬୪ ରନ୍ କରି ବିଜୟୀ ହୋଇଛି। ଢେଙ୍କାନାଳର ନଟ ମଲ୍ଲିକ ୧୬ ବଲ୍‌ରୁ ୩୨ ରନ୍ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତହୋଇ ଥିଲେ। ମୁଖ୍ୟଅତିଥି ଭାବେ ତିଗିରିଆ ରାଜା ସାହେବ ବୀର ପ୍ରତାପ ସିଂହଦେଓ, ସମ୍ମାନିତ ଅତିଥିଭାବେ ପୂର୍ବତନ ଏମ୍‌ପି ସୁଭାଷ ଚନ୍ଦ୍ର ମହାନ୍ତି, ବରିଷ୍ଠ ନାଗରିକ କମିଟି ସଭାପତି ଜଗବନ୍ଧୁ ତୁଙ୍ଗସାମନ୍ତ, ସମ୍ପାଦକ ସୁଶୀଳ କୁମାର ନନ୍ଦ ଓ ଆଦର୍ଶ ଗ୍ରାମୀଣ ସ୍ୱାସ୍ଥ୍ୟ ଗବେଷଣା କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଦେବଦତ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ସାମାଜିକ କର୍ମୀଙ୍କ ସ୍ମୃତିସଭା

ପୁରୁଣା ଭୁବନେଶ୍ୱର,୧୧।୨ (ଡି.ଏନ୍.ଏ.): ଧଉଳି ଅଞ୍ଚଳର ସାମାଜିକ କର୍ମୀ ମାଗୁଣି ସାହୁଙ୍କ ଏକାଦଶାହ ଉପଲକ୍ଷେ ଗୁରୁବାର ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଧଉଳି ଛକଠାରେ ଆୟୋଜିତ ଏହି ସଭାରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତନାରାୟଣ ଜେନା, ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଓଡ଼ିଶା ଗ୍ରାମୋଦ୍ୟୋଗ ଓ ଖଦିବୋର୍ଡ ଅଧକ୍ଷ ସଂଗ୍ରାମ କିଶୋର ପାଇକରାୟ, ବିଜେଡି ନେତା ଅରୂପ ପଟ୍ଟନାୟକ, ସାମାଜିକ କର୍ମୀ ସୁବାସ ସୁନ୍ଦରାୟ, ହରେକୃଷ୍ଣ ସାହୁ, ଆଲୋକ ସାହୁ, ଅକ୍ଷୟ ସ୍ୱାଇଁଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଯୋଗଦେଇ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ। ଶେଷରେ ଭଗବାନ ସାହୁ ଧନ୍ୟବାଦ ଦେଇଥିଲେ।

# ଲେଖକ, ପାଠକ ସୃଷ୍ଟିରେ ପତ୍ରିକା ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର, ୧୧।୨(ବ୍ୟୁରୋ)**

ସାହିତ୍ୟ ପତ୍ରିକା କେବଳ ଲେଖକ ତିଆରି କରେ ନାହିଁ ପାଠକଗୋଷ୍ଠୀ ମଧ୍ୟ ସୃଷ୍ଟି କରେ। ସାହିତ୍ୟର ରୂପଶାଳା ହେଉଛି ପତ୍ରିକା। ପୁସ୍ତକଟିଏ ପାଠକ ପାଖରେ ପହଞ୍ଚିବା କଷ୍ଟକର ହୋଇପାରେ, ମାତ୍ର ପତ୍ରିକାଟିଏ ସୁଲଭ ମୂଲ୍ୟରେ ପହଞ୍ଚିପାରେ। ଏହି ଅବସରରେ ଅତିଥିମାନେ 'ଦିଗ୍‌ବଳୟ' ପତ୍ରିକାର ୧୨ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ୱେବ୍‌ସାଇଟ୍ ଉନ୍ମୋଚନ କରିଥିଲେ। ସାହିତ୍ୟିକା ବନଜ ଦେବୀ ସାହିତ୍ୟିକ ଜୀବନରେ ପତ୍ରିକାର ଅବଦାନକୁ ସ୍ୱୀକାର କରିଥିଲେ। ବିଶିଷ୍ଟ କବି ଫନୀ ମହାନ୍ତି ଦିଗବଳୟ ପତ୍ରିକାର ପ୍ରମାଦଶୂନ୍ୟ ମୁଦ୍ରଣକୁ ପ୍ରଶଂସା କରିଥିଲେ। ବରିଷ୍ଠ ସାହିତ୍ୟିକ ସାତକଡି ହୋତା ସଭାପତିତ୍ୱ ଅଭିଭାଷଣରେ କହିଥିଲେ, ସାହିତ୍ୟ ଆଗେ ସୃଷ୍ଟି ହୋଇଛି, ପତ୍ରିକା ତା'ପରେ ହୋଇଛି। ସାହିତ୍ୟକୁ ସମୃଦ୍ଧି କରାଇବାରେ ପତ୍ରିକାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପତ୍ରିକା ୱେବ୍‌ସାଇଟକୁ ଲୋକାର୍ପଣ କରାଯାଇଥିଲା। ପୀତବାସ ରାଉତରାୟ ପରିଚାଳନା କରିଥିବାବେଳେ ଦାମୋଦର ସେନାପତି ଓ ବିଶ୍ୱଭାରତୀ ଦାଶ ଭଜନ ପରିବେଷଣ ଏବଂ ସାଗରିକା ମହାନ୍ତିଙ୍କ ଭଜନ ପରେ ପରିଚାଳନା ସମ୍ପାଦକ ରମାକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ୪ ଥାକିଆ ରାସ୍ତାର ଶିଳାନ୍ୟାସ କଲେ ବିଧାୟକ



**ଭୁବନେଶ୍ୱର, ୧୧।୨(ବ୍ୟୁରୋ)**

ନୀଳାଦ୍ରିବିହାର ଏଟିଏମ୍ ଛକଟାରୁ କେୟାର ହସ୍ପିଟାଲ ଛକ ପର୍ଯ୍ୟନ୍ତ ଚାରିଥାକିଆ ରାସ୍ତାର ଶିଳାନ୍ୟାସ ଉତ୍ସବ ଗୁରୁବାର ଉତ୍ତର ବିଧାୟକ ସୁଶାନ୍ତ ରାଉତଙ୍କ ଦ୍ୱାରା ଅନୁଷ୍ଠିତ ହୋଇଛି। ୩ କୋଟି ୫୬ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ଏହି ୦.୫୮୦ କି.ମି. ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ, ଫୁଟ୍‌ଫାଥ ଓ ସର୍ଭିସ ରୋଡ୍ ରହିବ ବୋଲି ବିଭାଗୀୟ ଅଧିକାରୀମାନେ ସୂଚନା ଦେଇଛନ୍ତି। ଏଠାରେ କେନ୍ଦ୍ରୀୟ ବିଦ୍ୟାଳୟ, ହସ୍ପିଟାଲ ଓ ବିଭିନ୍ନ ସରକାରୀ ଦପ୍ତର ରହିଥିବାରୁ ଲୋକଙ୍କ ଗମନାଗମନରେ ସୁବିଧା ହେବ ବୋଲି ବିଧାୟକ ରାଉତ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ଅବସରରେ ବିଜେଡି ନେତା ସୁବାସ ପାତ୍ର, ସମରେନ୍ଦ୍ର ସାହୁ, ମନୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଜାରିହେବ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାର ସ୍ୱତନ୍ତ୍ର ନିୟମାବଳୀ

**ଭୁବନେଶ୍ୱର, ୧୧।୨(ବ୍ୟୁରୋ):** ରାଜ୍ୟର ବରିଷ୍ଠ କଳାକାରମାନେ ପାଉଥିବା ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ପାଇଁ ସ୍ୱତନ୍ତ୍ର ନିୟମାବଳୀ ପ୍ରଣୟନ ହେବ। ଗୁରୁବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ଜିଲା ସଂସ୍କୃତି ଅଧିକାରୀଙ୍କ ସମୀକ୍ଷା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ସରକାର ଧାର୍ଯ୍ୟ କରିଥିବା ୫୦ ହଜାର କଳାକାରଙ୍କୁ ଭତ୍ତା ପ୍ରଦାନ ଲକ୍ଷ୍ୟ ପୂରଣ ହୋଇନାହିଁ। ଏନେଇ ପୁଣି ବିଜ୍ଞାପନ ପ୍ରକାଶ ପାଇବ କି ନାହିଁ, ମୃତ୍ୟୁ ଘଟିଥିବା କଳାକାରଙ୍କ ସ୍ଥାନରେ କେଉଁ ପ୍ରକ୍ରିୟାରେ ନୂତନ ହିତାଧିକାରୀ ଚୟନ କରାଯିବ ସେନେଇ ଦ୍ୱନ୍ଦ୍ୱ ଦେଖାଦେବାକୁ ନଜରରେ ରଖି ଏହି ପ୍ରକ୍ରିୟାକୁ ସହଜ କରିବା ପାଇଁ ଏକ ସ୍ୱତନ୍ତ୍ର ନିୟମାବଳୀ ପ୍ରଣୟନ କରି ସମସ୍ତ ଜିଲା ସଂସ୍କୃତି ଅଧିକାରୀଙ୍କୁ ଜଣାଇ ଦିଆଯିବ ବୋଲି କୁହାଯାଇଛି। ଏହି ଦିନିକିଆ କାର୍ଯ୍ୟକ୍ରମରେ ଅଧକ୍ଷତା କରି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ସବୁ ଜିଲା ସଂସ୍କୃତି ଅଧିକାରୀଙ୍କୁ ସକ୍ରିୟ ଭାବେ କାର୍ଯ୍ୟ ସମ୍ପାଦନ କରିବାକୁ କହିଛନ୍ତି। ବିଭାଗ ଦ୍ୱାରା ସଂସ୍କୃତିର ସୁରକ୍ଷା ପାଇଁ ଭାଗବତ ଟୁଙ୍ଗି, ଲୋକକଳା ସଂଘ, ସଂସ୍କୃତି ଭବନ, ସଂଗ୍ରହାଳୟ, ପାଠାଗାର ଆଦି କାର୍ଯ୍ୟକ୍ରମ ରହିଛି। ଆଗକୁ ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ୧୦୦ ବର୍ଷ ପୂର୍ତ୍ତି ଏବଂ ନେତାଜୀଙ୍କ ୧୨୫ ତମ ଜୟନ୍ତୀ ବର୍ଷବ୍ୟାପୀ ପାଳନ କରାଯିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ସ୍ଥିର କରିବାକୁ କୁହାଯାଇଛି। ଲୋକକଳା ସଂଘର ଆବର୍ତ୍ତନ ପାଣ୍ଠି ବୃଦ୍ଧି, ଲୋକକଳା ଗ୍ରାମ ସୁଦୃଢ଼ୀକରଣ, ଲୋକକଳା ଡାଟାବେସ୍ ପ୍ରସ୍ତୁତି ଉପରେ ସମୀକ୍ଷା କରାଯାଇଛି।

# ଅଭିଲେଖାଗାର କଳେବର ବୃଦ୍ଧିର ଆବଶ୍ୟକତା ଅଛି

**ଭୁବନେଶ୍ୱର, ୧୧।୨(ବ୍ୟୁରୋ)**


ଅତିଥିମାନେ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।

ରାଜ୍ୟ ଅଭିଲେଖାଗାରଠାରେ ସପ୍ତାହବ୍ୟାପୀ 'ଅଭିଲେଖ ସପ୍ତାହ' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଛନ୍ତି, ଅଭିଲେଖାଗାର କଳେବର ବୃଦ୍ଧିର ଆବଶ୍ୟକତା ରହିଛି। ସଂସ୍କୃତି ନିର୍ଦ୍ଦେଶକ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଆଲୋଚକ ଭାବେ ଇତିହାସ ଗବେଷକ ଅଶୋକ କୁମାର ପଟ୍ଟନାୟକ ଯୋଗଦେଇ 'ଅଭିଲେଖାଗାର ଓ ବ୍ୟକ୍ତିଗତ ନଥି ହାସଲ' ସମ୍ପର୍କରେ ଅନୁଧ୍ୟାନମୂଳକ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଅଭିଲେଖାଗାରକୁ ଜୀବନ୍ତ ରଖିବାକୁ ହେଲେ ଆବଶ୍ୟକ କର୍ମଚାରୀ ନିଯୁକ୍ତି ସହ ଆଧୁନିକ ଜ୍ଞାନକୌଶଳର ଉପଯୋଗର ଆବଶ୍ୟକତା ରହିଛି ବୋଲି ମୁଖ୍ୟବକ୍ତା କହିଛନ୍ତି। ରାଜଧାନୀର ଛାତି ଉପରେ ସଂସ୍କୃତି ବିଭାଗର ବିଭିନ୍ନ ଅନୁଷ୍ଠାନ ଗଢ଼ି ଉଠିଥିବା ଯୋଗୁ ଏଗୁଡ଼ିକର ମହତ୍ତ୍ୱ ନିଶ୍ଚିତ ଅଧିକ ଗୁରୁତ୍ୱପୂର୍ଣ୍ଣ ମନେହେଉଥିବ। ମୁଖ୍ୟ ଅତିଥି ସେଠୀ ଦର୍ଶାଇଛନ୍ତି। ତେବେ ରାଜ୍ୟ ଅଭିଲେଖାଗାର ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଦସ୍ତାବିଜକୁ ଡିଜିଟାଇଜେଶନ କରି କେନ୍ଦ୍ରୀୟ ଅଭିଲେଖାଗାରର ମହାନିର୍ଦ୍ଦେଶକଙ୍କ ଦ୍ୱାରା ପ୍ରଶଂସିତ ହୋଇଥିବା ଗୌରବର ବିଷୟ ବୋଲି ସେ ତାଙ୍କ ବକ୍ତବ୍ୟରେ ଉଲ୍ଲେଖ କରିଛନ୍ତି।

# ଭିଡ଼ କମାଇବ ୨ ସମାନ୍ତରାଳ ରାସ୍ତା

**ଜୟଦେବ ବିହାର-ନନ୍ଦନକାନନ ରାସ୍ତା ଟ୍ରାଫିକ୍ ପରିଚାଳନା ପ୍ରସଙ୍ଗ**

**ଜୁନ୍ ସୁଦ୍ଧା କାର୍ଯ୍ୟକ୍ଷମ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ**

**ଭୁବନେଶ୍ୱର,୧୧।୨(ବ୍ୟୁରୋ)**

ଭୁବନେଶ୍ୱରର ଅନ୍ୟତମ ବ୍ୟସ୍ତବହୁଳ ଜୟଦେବ ବିହାରଠାରୁ ନନ୍ଦନକାନନ ପର୍ଯ୍ୟନ୍ତ ରାସ୍ତା ପ୍ରବଳ ଭିଡ଼ ହେଉଛି। ଟ୍ରାଫିକ୍ ସମସ୍ୟା ସୁଧାରିବାକୁ ଅନ୍ୟ ଦୁଇଟି ସମାନ୍ତରାଳ ରାସ୍ତା ନିର୍ମାଣ ଚାଲିଛି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କ୍ଷେତ୍ର ପରିଦର୍ଶନ କରି ନିର୍ମାଣ କାର୍ଯ୍ୟ ତଦାରଖ କରିଛନ୍ତି। ଉକ୍ତ ୨ ରାସ୍ତାକୁ ଜୁନ୍ ସୁଦ୍ଧା ଟ୍ରାଫିକ୍ ଉପଯୋଗୀ କରିବାକୁ ପୂର୍ତ୍ତ ବିଭାଗ ଏବଂ ବିଡିଏକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ବର୍ତ୍ତମାନ ମୁଖ୍ୟରାସ୍ତାର ଉଭୟ ବାମ ଏବଂ ଦକ୍ଷିଣ ପାର୍ଶ୍ୱରେ ଦୁଇ ସମାନ୍ତରାଳ ରାସ୍ତା ନିର୍ମାଣାଧୀନ ରହିଛି। ବାମ ପଟରେ ଚନ୍ଦକା-ଖଣ୍ଡିଗିରି ରାସ୍ତାର ସୁନ୍ଦରପୁରଠାରୁ ପଥରଗାଡ଼ିଆ-ଇନ୍‌ଫୋସିଟି-ଲୁମ୍ବିନି ବିହାର-ଶୈଳାଶ୍ରୀବିହାର ଦେଇ ଜାଭିୟର ଛକ ପର୍ଯ୍ୟନ୍ତ ପ୍ରାୟ ୧୨କି.ମି. ରାସ୍ତାର ନିର୍ମାଣ କାର୍ଯ୍ୟ ଚାଲିଛି। କେତେକ ଅଞ୍ଚଳ ଜବରଦଖଲରେ ରହିଛି। ସେଠାରୁ ଜବରଦଖଲକାରୀଙ୍କୁ ଉଠାଇ ଅନ୍ୟତ୍ର ଥଇଥାନ କରାଯିବ। ଏଥିଲାଗି ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ସେହିପରି ଦକ୍ଷିଣ ପଟରେ ଆଚାର୍ଯ୍ୟବିହାରଠାରୁ ସୈନିକ ସ୍କୁଲ ପାଖ ଦେଇ ୟୁନିଟେକ ମଲ୍ (ପ୍ରେସ୍ ଛକ)-ରେଲୱେ ଷ୍ଟାଡିୟମ-ଗୁରୁ କେଲୁଚରଣ ପାର୍କ-ଡମଣା ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖୁବ୍‌ଶୀଘ୍ର ଏହି ରାସ୍ତାକୁ କେଲୁଚରଣ ପାର୍କରୁ ପଟିଆ ଷ୍ଟେଶନ ଦେଇ ବିଗ୍ ବଜାର ଛକ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବ। ଉଭୟ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହେଲେ ଜୟଦେବବିହାର-ନନ୍ଦନକାନନ ରାସ୍ତାରେ ଭିଡ଼ ଅନେକ ପରିମାଣରେ କମିବ। ଦୈନିକ ଯାତାୟାତ କରୁଥିବା ଲୋକମାନେ ତୁଳନାତ୍ମକ ଭାବେ ସୁବିଧାରେ ଶୀଘ୍ର ନିଜ ଗନ୍ତବ୍ୟସ୍ଥଳରେ ପହଞ୍ଚି ପାରିବେ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

## ଏଲ୍ଆଇସି ଏଜେଣ୍ଟ ଆସୋସିଏଶନ୍‌ର ବାର୍ଷିକ ଉତ୍ସବ

**କଟକ ଅଫିସ:** ଏଲ୍ଆଇସି ଏଜେଣ୍ଟ ଆସୋସିଏଶନ ସିଡିଏ ଶାଖାର ବାର୍ଷିକ ଉତ୍ସବ ଚୌଧୁରୀବଜାରସ୍ଥିତ ଟାଉନ ହଲ୍‌ଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ବିଭୁଦତ୍ତ ମହାନ୍ତି ଯୋଗଦେଇ ଆଗାମୀ ଦିନରେ ସଂଘର ଉନ୍ନତି ଦିଗରେ କାର୍ଯ୍ୟ କରିବାକୁ କହିଥିଲେ। ଡିଭିଜନ କାଉନସିଲ୍‌ର ସଭାପତି ପ୍ରଦୀପ ମହାପାତ୍ର, ଉପସଭାପତି ଦେବେନ୍ଦ୍ର ମୁଦୁଲି, ପ୍ରଫୁଲ୍ଲ କୁମାର ପଣ୍ଡା ଓ ଶାଖା ମ୍ୟାନେଜର ସଂଗ୍ରାମ କିଶୋର ଗୁରୁ ବକ୍ତବ୍ୟ ଦେଇଥିଲେ। ସଂଘ ସମ୍ପାଦକ ପ୍ରଭାତ କୁମାର ମହାପାତ୍ର ବିବରଣୀ ପାଠ, କୋଷାଧ୍ୟକ୍ଷ ଜଗନ୍ନାଥ ପଣ୍ଡା ବାର୍ଷିକ ହିସାବ ପ୍ରଦାନ ଓ ଜ୍ୟୋତ୍ସ୍ନା ପରିଡା ଧନ୍ୟବାଦ ଦେଇଥିଲେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଭୁବନେଶ୍ୱର ଗୁଡ୍ସ ଟ୍ରାନ୍ସପୋର୍ଟ ଆସୋସିଏଶନ ପକ୍ଷରୁ ସଡ଼କ ସଚେତନତା କାର୍ଯ୍ୟକ୍ରମ, ରସୁଲଗଡ଼ ସ୍କୋୟାର, ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### ଓଡ଼ିଶା ବନ୍ଦ ପାଳନ ପ୍ରସ୍ତୁତି ବୈଠକ

**କଟକ ଅଫିସ, ୧୧।୨:** ଆସନ୍ତା ୧୫ରେ କଂଗ୍ରେସ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ଏ ନେଇ କଟକ ଜିଲା କଂଗ୍ରେସ କମିଟି ପକ୍ଷରୁ ଗୁରୁବାର ସ୍ଥାନୀୟ ଶକ୍ତିନଗରସ୍ଥିତ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା କଂଗ୍ରେସ ସଭାପତି ମାନସ ରଞ୍ଜନ ଚୌଧୁରୀ କହିଥିଲେ, ତୈଳ ଦର ବୃଦ୍ଧି, ବେକାରି ସମସ୍ୟା, ବିଦ୍ୟୁତ୍ ଶୁଳ୍କ ବୃଦ୍ଧି, ଗଣବଳାତ୍କାର, ଶିଶୁ ନିଖୋଜ, ରାଜନୈତିକ ହିଂସା ଓ ହତ୍ୟା ଏବଂ କୃଷି ଆଇନ ବିରୋଧରେ ଆନ୍ଦୋଳନ ସହ ଓଡ଼ିଶା ବନ୍ଦ କରାଯିବ। କଟକ ଜିଲାର ସମସ୍ତ ନିର୍ବାଚନ ମଣ୍ଡଳୀରେ ଶାନ୍ତିପୂର୍ଣ୍ଣ ଭାବେ ଉକ୍ତ ଦିନ ସକାଳ ୭ଟାରୁ ଅପରାହ୍ନ ୧ଟା ଯାଏ ବନ୍ଦ ପାଳନ କରାଯିବ। ଆମ୍ବୁଲାନ୍ସ, ଜରୁରିକାଳୀନ ସେବା ଗାଡିକୁ ବାଦ୍ ଦିଆଯିବ ବୋଲି ଚୌଧୁରୀ କହିଛନ୍ତି। ଏହି ବୈଠକରେ କଂଗ୍ରେସ ନେତା ଦେବେନ୍ଦ୍ର ସାହୁ, ପୂର୍ବତନ ପିସିସି ସମ୍ପାଦକ ପ୍ରିୟଜିତ ରାୟ, ପ୍ରଦେଶ ଯୁବ କଂଗ୍ରେସର ପୂର୍ବତନ ଉପସଭାପତି ମନୋଜ ସାହୁ, କିରଣ ବିହାରୀ ଖଟୁଆ, ଦୁର୍ଗାଶଙ୍କର ଦାସ, ରାଜେଶ ସ୍ୱାଇଁ, ସମରେନ୍ଦ୍ର ହାତୀ ପ୍ରମୁଖ ଯୋଗଦେଇଥିଲେ। ମାନସ ପରିଡା ଧନ୍ୟବାଦ ଦେଇଥିଲେ।

### ୧୮ରେ ମନ୍ଦିର ପ୍ରଶାସନ ପ୍ରତିନିଧିଙ୍କ ଖଣ୍ଡପଡ଼ା ଯାତ୍ରା

#### ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା

**ପୁରୁଣା ଭୁବନେଶ୍ୱର, ୧୧।୨(ଡି.ଏନ୍.ଏ.):** ଚଳିତବର୍ଷ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ନେଇ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ରୁକୁଣା ରଥ ଚକ ନିର୍ମାଣ ପାଇଁ ଆମ୍ବଗଛ ଖଣ୍ଡପଡ଼ା ଜଙ୍ଗଲରେ ଚିହ୍ନଟ ହୋଇଛି। ପୂର୍ବରୁ ଖଣ୍ଡପଡ଼ା ଯାତ୍ରା କରିଥିବା ପ୍ରତିନିଧି ଦଳ ବେଲ, ଶିମିଳି, ଶାଳ, ଆମ୍ବ ଭଳି ୬ଟି ଗଛ ଚିହ୍ନଟ କରିଛନ୍ତି। ଚକ ପାଇଁ ଆବଶ୍ୟକ ଆମ୍ବଗଛ ପୂଜାର୍ଚ୍ଚନା ସରିଛି। ଆସନ୍ତା ୧୮ ତାରିଖରେ ଶ୍ରୀଜୀଉଙ୍କ ରୁକୁଣା ରଥ ପାଇଁ ପଞ୍ଚମୀ ପଡ଼ିଆରେ ରଥ କାଠ ଅନୁକୂଳ ହେବ। ଉକ୍ତ ଦିନ ଖଣ୍ଡପଡ଼ା ଜଙ୍ଗଲକୁ ଏକ ପ୍ରତିନିଧି ଦଳ ମଧ ଯାତ୍ରା କରିବ। ପ୍ରକାଶ ଯେ, ରଥ ଚକ ପାଇଁ ଖଣ୍ଡପଡ଼ା ଜଙ୍ଗଲରୁ ପ୍ରଥମ ପର୍ଯ୍ୟାୟରେ କାଠ ଦୁଇ ଦିନ ମଧ୍ୟରେ ରଥଖଳାରେ ଆସି ପହଞ୍ଚିବ।

# ଏମ୍‌ପିଙ୍କ ପିଏ ସମେତ ୨ଗିରଫ

## ଅପରାଜିତାଙ୍କ ନିଖୋଜ ପୋଷ୍ଟର ବିବାଦ

- କୋର୍ଟଚାଲାଣ ପୂର୍ବରୁ ହସ୍ପିଟାଲରେ ଭର୍ତ୍ତି

**ଭୁବନେଶ୍ୱର, ୧୧।୨(ବ୍ୟୁରୋ)**

ଭୁବନେଶ୍ୱର ସହରର ବିଭିନ୍ନ ସ୍ଥାନରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ନିଖୋଜ ସମ୍ପର୍କିତ ପୋଷ୍ଟର ମରାଯାଇଥିବା ଦେଖିବାକୁ ମିଳିଛି। ହେଲେ ପୋଷ୍ଟର ମରାକୁ କେନ୍ଦ୍ରକରି ବୁଧବାର ବିଳମ୍ବିତ ରାତିରେ ୨ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହି ଘଟଣାରେ ଶୁଭମ ଇରା ନାମକ ଜଣେ ଯୁବକଙ୍କ ଅଭିଯୋଗ ଆଧାରରେ ଲକ୍ଷ୍ମୀସାଗର ପୋଲିସ ୨ଜଣଙ୍କୁ ଗିରଫ କରିଛି। ୨ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ଏମ୍‌ପି ଷଡ଼ଙ୍ଗୀଙ୍କ ବ୍ୟକ୍ତିଗତ ସଚିବ(ପିଏ) ତଥା ଜଗନ୍ନାଥ ନଗର ଅଞ୍ଚଳର ଧନେଶ୍ୱର ବାରିକ ଓ ଅନ୍ୟଜଣେ ଘନିଷ୍ଠ ସହଯୋଗୀ ତଥା ଏୟାରଫିଲ୍ଡ ଥାନା ଅନ୍ତର୍ଗତ ନିୟୁ ଫରେଷ୍ଟ ପାର୍କ ଅଞ୍ଚଳର ଜ୍ୟୋତିରଞ୍ଜନ ପଣ୍ଡା।

ପୋଲିସଠାରୁ ମିଳିଥିବା ସୂଚନା ଅନୁସାରେ ବୁଧବାର ବିଳମ୍ବିତ ରାତିରେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ପକ୍ଷରୁ ରାଜଧାନୀର ବିଭିନ୍ନ ସ୍ଥାନରେ ଏମ୍‌ପି ଷଡ଼ଙ୍ଗୀ ନିଖୋଜ ଥିବାନେଇ ପୋଷ୍ଟର ଲଗାଯାଇଥିଲା। ଯେଉଁ ପୋଷ୍ଟରରେ ଏକାମ୍ରକ୍ଷେତ୍ର ନେଇ ପ୍ରସ୍ତାବିତ ବାଇ-ଲ' ସମ୍ପର୍କରେ ଏମ୍‌ପି କାହିଁକି କିଛି କହୁନାହାନ୍ତି। ଏମ୍‌ପି କେଉଁଆଡ଼େ ଲୁଚିଛନ୍ତି ବୋଲି ପ୍ରଶ୍ନ କରିବା ସହ ବଡ଼ ବଡ଼ ଅକ୍ଷରରେ



ପୋଷ୍ଟରର ଉପର ଭାଗରେ ନିଖୋଜ ବୋଲି ଲେଖାଯାଇଥିଲା। ରାତି ପ୍ରାୟ ୩ଟାବେଳେ ଲକ୍ଷ୍ମୀସାଗର ଅଞ୍ଚଳର ଶୁଭମ୍ ଇରା ଏବଂ ତାଙ୍କର କିଛି ସହଯୋଗୀ ଏହି ପୋଷ୍ଟର ଲଗାଉଥିଲେ। ଏହି ସମୟରେ ଗିରଫ ହୋଇଥିବା ଏମ୍‌ପିଙ୍କ ୨ ସହଯୋଗୀ ଓ ସମର୍ଥକମାନେ ପୋଷ୍ଟର ମରାକୁ ବିରୋଧ କରିଥିଲେ। ଫଳରେ ଉଭୟପକ୍ଷ ମଧ୍ୟରେ ପ୍ରଥମେ ବଚସା, ପରେ ଠେଲାପେଲା ମାରପିଟ ହୋଇଥିଲା। ଗଣ୍ଡଗୋଳରେ ଶୁଭମ୍‌ଙ୍କ ମୁହଁରେ କ୍ଷତ ସୃଷ୍ଟି ହେବା ସହ ତାଙ୍କ ମୋବାଇଲ ଭାଙ୍ଗି ଯାଇଥିଲା। ଏନେଇ ଶୁଭମ୍ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୫୩/୨୧) ରୁଜୁ କରି ଧନେଶ୍ୱର ଓ ଜ୍ୟୋତିରଞ୍ଜନଙ୍କୁ ଗିରଫ କରିଥିଲା। ଉଭୟଙ୍କୁ କୋର୍ଟଚାଲାଣ କରିବାବେଳେ ୨ଅଭିଯୁକ୍ତ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଜଣାଇବା ପରେ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

### ଭୁବନେଶ୍ୱରବାସୀ ମୋ ଅନୁପସ୍ଥିତି ଅନୁଭବ କରୁଥିବା ଜାଣି ଖୁସି ହେଲି

ଭୁବନେଶ୍ୱର ଭାଜପା ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ନିଖୋଜ ନେଇ ସହରର ବିଭିନ୍ନ ସ୍ଥାନରେ ପୋଷ୍ଟର ମରାକୁ ନେଇ ରାଜନୈତିକ ବାତାବରଣ ବେଶ୍ କୌତୂହଳପୂର୍ଣ୍ଣ ହୋଇଛି। ମହାପ୍ରଭୁ ଲିଙ୍ଗରାଜ ମନ୍ଦିର ପାଇଁ ଐତିହ୍ୟ ବାଇ-ଲ ପ୍ରତ୍ୟାହାର ପ୍ରସଙ୍ଗ ଚାଲିଥିବା ବେଳେ ସ୍ଥାନୀୟ ଏମ୍‌ପି ଚୁପ ରହିବା ବିଷୟକୁ ନେଇ କେତେକ ସ୍ଥାନରେ ନିଖୋଜ ପୋଷ୍ଟର ଲଗାଯାଇଛି। ଏ ସମ୍ପର୍କରେ ଅପରାଜିତା କହିଛନ୍ତି ଯେ ଭୁବନେଶ୍ୱରବାସୀ ମୋ ଅନୁପସ୍ଥିତି ଅନୁଭବ କରୁଥିବା ଜାଣି ଖୁସି ହେଲି। ସଂସଦର ବଜେଟ ଅଧିବେଶନ ଚାଲୁଥିବାରୁ ଦିଲ୍ଲୀରେ ଅଛି। ଆସନ୍ତା ୧୫ ତାରିଖରେ ଭୁବନେଶ୍ୱର ଫେରିବି। ଫେରିବା ପରେ ଜାତୀୟ ଐତିହ୍ୟ ପ୍ରାଧିକରଣ(ଏନ୍ଏମ୍ଏ) ଦ୍ୱାରା ଲିଙ୍ଗରାଜ ମନ୍ଦିର ସମ୍ପର୍କରେ ପ୍ରକାଶ କରାଯାଇଥିବା ଐତିହ୍ୟ ବାଇ-ଲ ବିଷୟରେ ଅନୁଧ୍ୟାନ କରିବି। ସେହି ସବୁ ସ୍ଥାନ ବୁଲିବା ପରେ ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି ସେ କହିଛନ୍ତି।

## ବଡ଼ ମେଡିକାଲ, ବସ୍ ଟର୍ମିନାଲ ଶ୍ୱେତପତ୍ର ପ୍ରକାଶ ପାଉ




ଜିଲାପାଳଙ୍କ ଅଫିସ ସମ୍ମୁଖରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

**କଟକ ଅଫିସ, ୧୧।୨**

କଟକ ସହରର ଉନ୍ନତିମୂଳକ କାର୍ଯ୍ୟ ନାମରେ ବହୁ ପୁରାତନ ସରକାରୀ କାର୍ଯ୍ୟାଳୟ, ସରକାରୀ କଲେଜ, ଐତିହ୍ୟସମ୍ପନ୍ନ ମଠ ଓ ମନ୍ଦିରକୁ ଉଚ୍ଛେଦ କରାଯାଉଛି। ଏହାକୁ ବିରୋଧ କରି ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଗୁରୁବାର କଟକ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ଦଳ ପକ୍ଷରୁ ୫ ଦଫା ସମ୍ବଳିତ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ସେଥିରେ ଉଲ୍ଲେଖ କରାଯାଇଛି, ସହରର ଉନ୍ନତିମୂଳକ କାର୍ଯ୍ୟରେ ବିଭିନ୍ନ ରାଜନୈତିକ ଦଳର ମୁଖ୍ୟ, ସାହି ମୁରବି ଓ ସାମାଜିକ ଅନୁଷ୍ଠାନର ମୁଖ୍ୟମାନଙ୍କ ମତାମତ ନିଆଯାଉ, ଉନ୍ନତିମୂଳକ କାର୍ଯ୍ୟରେ ମୂଳବାସିନ୍ଦାଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦିଆଯାଉ, କଟକ ଏସ୍‌ସିବି ମେଡିକାଲ ଏବଂ ନେତାଜୀ ବସ୍ ଟର୍ମିନାଲର ଶ୍ୱେତପତ୍ର ଜାରି କରାଯାଉ। ଗୋପାଳପୁର ବସ୍ ଟର୍ମିନାଲ ନ ହେବାର ବିଫଳତା ଏବଂ ଅଧିଗ୍ରହଣ ଜମିର ଅବସ୍ଥିତି ଓ ସମ୍ପୂର୍ଣ୍ଣ ବିବରଣୀ ସାଧାରଣରେ ପ୍ରକାଶ କରିବାକୁ ଦଳ ଦାବି କରିଛି। ଭାଜପା ଯୁବମୋର୍ଚ୍ଚା କଟକ ନଗର ସଭାପତି ସ୍ୱାଧୀନ ମହାନ୍ତିଙ୍କ ନେତୃତ୍ୱରେ ରାଜ୍ୟ ଯୁବମୋର୍ଚ୍ଚା ସଂଯୋଜକ ସ୍ମୃତିରଞ୍ଜନ ମିଶ୍ର, ପୁଷ୍ପିତା ମହାପାତ୍ର, ସଞ୍ଜୀବ ଚିନାରା, ଅନ୍ନଦା ଦାସ, ସଞ୍ଜୀବ ସାମଲ, ସଂଯୁକ୍ତା ମହାପାତ୍ର, ସୁରେଶ ମହାନ୍ତି, ଚନ୍ଦନ ବିଶ୍ୱାଳ ପ୍ରମୁଖ ଜିଲାପାଳଙ୍କୁ ଉକ୍ତ ଦାବିପତ୍ର ପ୍ରଦାନ କରିଥିଲେ।

## ଗାନ୍ଧୀଙ୍କ ଓଡ଼ିଶା ଆଗମନ ଶତବାର୍ଷିକୀ ପାଳନ ବୈଠକ

**କଟକ ଅଫିସ, ୧୧।୨**

ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ କଟକ ଥୋରିଆସାହିସ୍ଥିତ ଗୁଣନିଧି ଭବନଠାରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ଶତବାର୍ଷିକୀ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବର୍ଷବ୍ୟାପୀ ବିବିଧ କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିମଧ୍ୟରେ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସଭା, ମହାତ୍ମା ଗାନ୍ଧୀଙ୍କ ରହଣି ସ୍ଥାନଗୁଡ଼ିକରେ ଶୋଭାଯାତ୍ରା ଓ ପଦଯାତ୍ରା ଆୟୋଜନ କରାଯିବ। ସେହିପରି ସାମ୍ପ୍ରଦାୟିକ ସଦ୍‌ଭାବ ପ୍ରତିଷ୍ଠା ସହ ନିଶା ନିବାରଣ ଉପରେ ଗୁରୁତ୍ୱ ଦିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା। ମଣ୍ଡଳ ସଭାପତି କୈଳାସ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପାବକ କାନୁନ୍‌ଗୋ, ପ୍ରଶାନ୍ତ ଦାସ, ଗଜେନ୍ଦ୍ର ପାଣି, ରେଣୁକା ସାହୁ, ଟୁନା ମହାନ୍ତ, ସସ୍ମିତା ପତି, ଡଲି ଦାଶ ଓ ଅନ୍ନପୂର୍ଣ୍ଣା ସାହୁ ପ୍ରମୁଖ ଯୋଗଦେଇଥିଲେ।

## ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ବଳିଦାନ ଦିବସ

**କଟକ ଅଫିସ/ଚୌଦ୍ୱାର, ୧୧।୨ (ଡି.ଏନ୍.ଏ.):** ଭାଜପା ବାରବାଟୀ ମଣ୍ଡଳ ପକ୍ଷରୁ ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ବଳିଦାନ ଦିବସ ଗୁରୁବାର ବକ୍ସିବଜାର ସ୍ଥିତ ରାଷ୍ଟ୍ରଦୀପ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ପୁଷ୍ପିତା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଜପା କଟକ ଜିଲା ସଭାପତି ଲଲାଟେନ୍ଦୁ ବଡୁ, ବିଶ୍ୱରଞ୍ଜନ ମିଶ୍ର, ସବ୍ୟସାଚୀ ମହାପାତ୍ର ପ୍ରମୁଖ ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ଦୀନ୍‌ଦୟାଲଙ୍କ ତ୍ୟାଗ ଓ ବଳିଦାନ ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମଣ୍ଡଳ ସାଧାରଣ ସମ୍ପାଦକ ଶ୍ରୀନିବାସ ରେଡ୍ଡୀ, ଜୟକୃଷ୍ଣ ସ୍ୱାଇଁ, ରଞ୍ଜନ ବେହେରା, ସଦାନନ୍ଦ ବିଶ୍ୱାଳ, ମହମ୍ମଦ ସବିର, ବ୍ରଜକିଶୋର ସାହୁ, ନମିତା ମିଶ୍ର, ପ୍ରବୀଣା ମହାପାତ୍ର, ଉଷା ପାତ୍ର, ହୃଦାନନ୍ଦ ମହାନ୍ତି, ସରୋଜ ସାହୁଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ସେହିପରି ଭାଜପା ଇନ୍ଦ୍ରାଣୀପାଟଣା ମଣ୍ଡଳ ପକ୍ଷରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଶ୍ରାଦ୍ଧବାର୍ଷିକୀ ସ୍ଥାନୀୟ ଗଉସ ନଗରଠାରେ ପାଳିତ ହୋଇଯାଇଛି। ମଣ୍ଡଳ ସଭାପତି ଜୟନ୍ତ ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଆର୍ଯ୍ୟବାଳା ସ୍ୱାଇଁ, କେଦାର ସୁବୁଦ୍ଧିରାୟ, କୁମାରୀ ବେଉରା, ବୈରାଗୀ ଚରଣ ପ୍ରଧାନଙ୍କ ସମେତ ବହୁ ସଂଖ୍ୟକ ନେତା ଓ କର୍ମୀ ଯୋଗଦେଇ ଦୀନଦୟାଲଙ୍କ ସ୍ମୃତି ଚାରଣ କରିଥିଲେ।

## ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

**ବାରଙ୍ଗ, ୧୧।୨(ଡି.ଏନ୍.ଏ.)**

ବାରଙ୍ଗ ଥାନା ଅଧୀନ ଫକିରପଡ଼ା ଛକରେ ବୁଧବାର ବିଳମ୍ବିତ ରାତିରେ ଏକ ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରତାଗଡ଼ ନୂଆସାହି ଗ୍ରାମର ଜଗନ୍ନାଥ ପଢ଼ିହାରୀ(୩୫)। ସୂଚନା ମୁତାବକ, ଜଗନ୍ନାଥ କଟକର ଏକ ଦୋକାନରେ କାମ କରୁଥିବାବେଳେ ରାତିରେ ବାଇକ୍‌ରେ ଘରକୁ ଫେରୁଥିଲେ। ଫକିରପଡ଼ା ଛକରେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ଘଟଣାସ୍ଥଳରେ ଜଗନ୍ନାଥଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୩୬/୨୧)ରୁଜୁକରି ତଦନ୍ତ ଚଳାଇଛି।

## ଆଦର୍ଶ ନଗର ଆବାସିକ ସଂଘର ନୂତନ କର୍ମକର୍ତ୍ତା

**କଟକ ଅଫିସ, ୧୧।୨**

ସିଡିଏ ସେକ୍ଟର-୧୧ସ୍ଥିତ ଆଦର୍ଶ ନଗର ଆବାସିକ ସଂଘର ଦ୍ୱିବାର୍ଷିକ ସାଧାରଣ ନିର୍ବାଚନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ଭାବେ ଆଡ୍‌ଭୋକେଟ ପ୍ରଶାନ୍ତ ପଣ୍ଡା ଯୋଗଦେଇ କାର୍ଯ୍ୟ ପରିଚାଳନା କରିଥିଲେ। ଏଥିରେ ସଭାପତି ଭାବେ ଚିତ୍ତରଞ୍ଜନ ମହାନ୍ତି, ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ଉପସଭାପତି ରାଜକିଶୋର ଦାସ ଓ ମହମ୍ମଦ ଇନାମୁଲ ହକ୍, ଯୁଗ୍ମ ସମ୍ପାଦକ ସରୋଜ କୁମାର ପଣ୍ଡା ଓ ପ୍ରଦ୍ୟୁମ୍ନ ବେହେରା, କୋଷାଧ୍ୟକ୍ଷ ଭାବେ ବନମାଳୀ ବିଶୋଇ ନିର୍ବାଚିତ ହୋଇଥିଲେ। ଏତଦ୍‌ବ୍ୟତୀତ ଆବାହକ ଭାବେ ସୂର୍ଯ୍ୟନାରାୟଣ ସାହୁ ଓ ଉପଦେଷ୍ଟା ମଣ୍ଡଳୀକୁ କେଦାର ଚନ୍ଦ୍ର ପଣ୍ଡା, ଅଜୟ ଦାସ, ଡ. ସୂର୍ଯ୍ୟନାରାୟଣ ଦାସ ମନୋନୀତ ହୋଇଥିଲେ। ସେହିପରି କାର୍ଯ୍ୟକାରିଣୀ ସଦସ୍ୟ ଭାବେ କୌସ୍ତୁରୀ ଭୂଷଣ ଖୁଣ୍ଟିଆ, ମନମୋହନ ମହାନ୍ତି, ସୁମନ୍ତ ମହାନ୍ତି, ଜଗନ୍ନାଥ ପତି, ଜନାର୍ଦ୍ଦନ ବଳ, ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ରଦ୍ୟୁମ୍ନ ରାଉତ, ବହୁର ଅହମ୍ମଦ, ବିପିନ ବିହାରୀ ଜେନା, ପୁରୁଷୋତ୍ତମ ପଣ୍ଡା, ମହମ୍ମଦ ମୋକିନ, ଅକ୍ଷୟ ମହାନ୍ତି, ରଞ୍ଜନ ଦତ୍ତ, ବି. ରଞ୍ଜନ ପାତ୍ର, ଶଶିଶେଖର ସାମନ୍ତ, ଲକ୍ଷ୍ମଣ ପ୍ରସାଦ ଅଗ୍ରୱାଲ ମନୋନୀତ ହୋଇଥିଲେ।

## ଖବରକାଗଜ ବିକ୍ରେତାଙ୍କୁ ଅଣସଂଗଠିତ ଶ୍ରମିକ ପରିଚୟପତ୍ର ପ୍ରଦାନ



**କଟକ ଅଫିସ, ୧୧।୨**

କଟକ ବାଦାମବାଡି ଖବରକାଗଜ ବିକ୍ରେତାମାନଙ୍କୁ ଅଣ ସଂଗଠିତ ଶ୍ରମିକ ଭାବେ ପରିଚୟପତ୍ର ପ୍ରଦାନ କରାଯାଇଛି। କଟକ ଡିଭିଜନାଲ ଲେବର କମିଶନରଙ୍କ କାର୍ଯ୍ୟାଳୟରେ ଗୁରୁବାର କମିଶନର ବନମାଳୀ ମହାପାତ୍ର ସେମାନଙ୍କୁ ଏହି ପରିଚୟପତ୍ର ପ୍ରଦାନ କରିଥିଲେ। ଅଣସଂଗଠିତ ଶ୍ରମିକମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେବା ପାଇଁ ବାଦାମବାଡି ସମ୍ବାଦପତ୍ର ବିକ୍ରେତା ସଂଘ ସଭାପତି ବସନ୍ତ କୁମାର ସାହୁ ଦାବି କରିଛନ୍ତି। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ଜେନା, ଉପସଭାପତି ଆଶିଷ ସ୍ୱାଇଁ, ସାଧାରଣ ସମ୍ପାଦକ ରାଧେଶ୍ୟାମ ଦାସ, କୋଷାଧ୍ୟକ୍ଷ ତୁଷାର ମହାନ୍ତି, ସହସମ୍ପାଦକ ଅଭୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଫଳକ ଭଙ୍ଗାକୁ ବିରୋଧ

**କଟକ ସଦର, ୧୧।୨(ଡି.ଏନ.ଏ.)**

କଟକ ସଦର ବ୍ଲକ ଅଞ୍ଚଳରେ ବିଧାୟକ ଚନ୍ଦ୍ରସାରଥି ବେହେରାଙ୍କ ନାମ ଖଚିତ ଫଳକକୁ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଭାଙ୍ଗି ଦେଇଛି। ଏହାକୁ ବିଜେଡି ବିରୋଧ କରିଛି। କାରଣ ଦଳକୁ ବଦନାମ କରିବା ପାଇଁ କେତେଜଣ ଲୋକ ଶିଳାନ୍ୟାସ ଫଳକକୁ ଭାଙ୍ଗି ଦେଉଛନ୍ତି ବୋଲି ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ର ଗୁରୁବାର ଏକ ପ୍ରେସ୍ ବିବୃତିରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଜଣାଇଛନ୍ତି। ଆୟତ୍ତପୁର ପଞ୍ଚାୟତ କେଶପୁର କେନାଲବନ୍ଧ ରାସ୍ତା ଫଳକ ଭଙ୍ଗାର ଉଦାହରଣ ଏହି ପ୍ରେସ୍ ବିବୃତି ମାଧ୍ୟମରେ ଦିଆଯାଇଛି। ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କାମ ଆରମ୍ଭ ହେବାକୁ ଥିଲେ ସୁଦ୍ଧା କେତେଜଣ ସ୍ୱାର୍ଥାନ୍ୱେଷୀ ଲୋକ ରାତିରେ ଫଳକ



ଭଙ୍ଗାଯାଇଥିବା ଫଳକ।

ସହ ପିଣ୍ଡିକୁ ଭାଙ୍ଗିବା ପାଇଁ ପଛାଇ ନ ଥିଲେ। ଏ ନେଇ କନ୍ଦରପୁର ଥାନାରେ ଅଭିଯୋଗ ହୋଇଥିଲା। ଫଳକ ସହ ପିଣ୍ଡି ନିର୍ମାଣ କରିବା ପାଇଁ ଅଭିଯୁକ୍ତ ଜଣକ ସମ୍ମତି ପ୍ରକାଶ କରିବାରୁ ମାମଲାକୁ ରଫାଦଫା କରିଦିଆଯାଇଛି। ଲୋକପ୍ରିୟତା ହାସଲ ପାଇଁ ବିଧାୟକ ବେହେରା ଫଳକ ମାରି ରାଜନୀତି କରିବା ବିରୋଧୀଙ୍କର ଅଭିଯୋଗକୁ ଦଳ ପକ୍ଷରୁ ନିନ୍ଦା କରାଯାଇଛି। ବିଜୁ ସେତୁ ଯୋଜନାରେ ସାମିଲ ମହାନଦୀର ଶିର୍ଲୋ ସେତୁ କାମ ନ୍ୟାଶନାଲ ରିଭର କମିଶନଙ୍କ ଅନୁମତିକୁ ଅପେକ୍ଷା କରାଯାଇଛି। ତାଳଦଣ୍ଡା କେନାଲ କମରପଦା ସେତୁ ପାଇଁ ୫ ଲକ୍ଷ ଟଙ୍କା ଦିଆଯାଇଥିଲେ ସୁଦ୍ଧା ଗତବର୍ଷ କରୋନା ଲାଗି କାମ ହୋଇପାରିନାହିଁ। ଗତିରାଉତପାଟଣା ମିନି ଷ୍ଟାଡିୟମ ପାଇଁ କ୍ରୀଡ଼ା ବିଭାଗ ୨୫ ଲକ୍ଷ ଟଙ୍କା ଦେଇଛି। ମହାନଦୀ ପଠା ହୋଇଥିବାରୁ ଜଳ ସମ୍ପଦ ବିଭାଗର ଏନ୍‌ଓସିକୁ ଅପେକ୍ଷା କରାଯାଇଛି। ଯେଉଁ ଦଳ ସରକାରରେ ଥାଉ ନା କାହିଁକି ଫଳକ ଭଙ୍ଗାକୁ ବିଜେଡି ସବୁବେଳେ ବିରୋଧ କରିବ ବୋଲି ମହାପାତ୍ର କହିଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଉପେନ୍ଦ୍ର



@ ରିଙ୍କୁ



@ ଶିରିଷ



@ ବିଶ୍ୱଜିତ୍



@ ନିତ୍ୟାନନ୍ଦ



@ ପ୍ରଦୋଷ



@ ଭଜମନ

## ପିଲା ଚୋର ସନ୍ଦେହରେ ଯୁବକଙ୍କୁ ମାଡ଼

**ନିଶ୍ଚିନ୍ତକୋଇଲି, ୧୧।୨(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ ତହସିଲ କାର୍ଯ୍ୟାଳୟ ନିକଟ ମହାଜନପୁରରେ ପିଲା ଚୋର ସନ୍ଦେହରେ ଗ୍ରାମବାସୀ ଗୁରୁବାର ଜଣେ ଯୁବକଙ୍କୁ ନିସ୍ତୁକ ମାଡ଼ ମାରି ପୋଲିସ ଜିମା ଦେଇଛନ୍ତି। ଗ୍ରାମବାସୀଙ୍କ କହିବାନୁଯାୟୀ, ସମ୍ପୃକ୍ତ ଯୁବକ ସକାଳେ ଏକ ମୋବାଇଲ୍ ଓ ବ୍ୟାଗ୍ ଧରି ମହାଜନପୁରରେ ବୁଲୁଥିଲେ। ତାଙ୍କ ଗତିବିଧିରେ ସନ୍ଦେହ ଜାତ ହେବାରୁ ଗ୍ରାମର ବହୁ ଯୁବକ ଏକତ୍ରିତ ହୋଇ ସମ୍ପୃକ୍ତ ଯୁବକଙ୍କୁ କାବୁ କରିଥିଲେ। ଏ ସମ୍ପର୍କରେ ଥାନା ସବ୍ ଇନ୍ସପେକ୍ଟର ମଧୁସ୍ମିତା ବେହେରା କୁହନ୍ତି, ସମ୍ପୃକ୍ତ କୌଣସି ପିଲା ଚୋର ନୁହନ୍ତି। ଏନେଇ କୌଣସି ଅଭିଯୋଗ ମଧ ଥାନାରେ ହୋଇନାହିଁ। ତେବେ ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ କୌଣସି ସ୍ପଷ୍ଟ ସୂଚନା ଦେଇପାରି ନ ଥିଲା। ପୋଲିସ ମୋବାଇଲ ରଖି ତାଙ୍କୁ ଛାଡ଼ି ଦେଇଥିବା ସୂଚନା ମିଳିଛି।

## ଲିଫ୍ଟ ବାହାନାରେ ଯୁବକଙ୍କୁ ନିଶା ଦେଇ ଲୁଟିଲେ

ଭୁବନେଶ୍ୱର,(ବ୍ୟୁରୋ): ରାଜଧାନୀରେ ଗୁରୁବାର ପୁଣି ଜଣେ ଯୁବକ ଲୁଟ୍‌ର ଶିକାର ହୋଇଛନ୍ତି। ଥଣ୍ଡା ପାନୀୟରେ ନିଶା ଦେଇ ତାଙ୍କୁ ଲୁଟ୍ କରାଯାଇଛି। ଯୁବକ ଜଣକ ହେଲେ ବୌଦ୍ଧ ଜିଲାର ଜିତେନ୍ଦ୍ର ବେହେରା। ଜିତେନ୍ଦ୍ର ସକାଳେ ଭୁବନେଶ୍ୱର ଷ୍ଟେଶନରେ ଟ୍ରେନରୁ ଓହ୍ଲାଇବାପରେ ବରମୁଣ୍ଡା ବସ୍‌ଷ୍ଟାଣ୍ଡକୁ ଯିବା ନେଇ ଅଟୋକୁ ଅପେକ୍ଷା କରିଥିଲେ। ୨ଜଣ ଯୁବକ ମୋଟର ସାଇକେଲରେ ଆସି ଲିଫ୍ଟ ଦେବା ଆଳରେ କୋଲଡ୍ରିଙ୍କ୍ସରେ ନିଶା ଦେଇ ଜିତେନ୍ଦ୍ରଙ୍କଠାରୁ ୧୮ଶହ ଟଙ୍କା, ମୋବାଇଲ ଫୋନ୍ ଓ ବ୍ୟାଗ ଲୁଟି ନେଇଛନ୍ତି। ଜିତେନ୍ଦ୍ରଙ୍କୁ ପୋଲିସ ବରମୁଣ୍ଡା ଅଞ୍ଚଳରୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛି।

## ସଂକ୍ଷେପରେ

### ବିହାର ଶ୍ରମ ଓ ନିଯୁକ୍ତି ବିଭାଗ ଅଧିକାରୀଙ୍କ ଆଇଟିଆଇ ପରିଦର୍ଶନ



କଟକ ଅଫିସ, ୧୧।୨: ବିହାର ଶ୍ରମ ଓ ନିଯୁକ୍ତି ବିଭାଗର ବରିଷ୍ଠ ଅଧିକାରୀମାନେ ଗୁରୁବାର କଟକ ଖପୁରିଆସ୍ଥିତ ସରକାରୀ ଆଇଟିଆଇ ପରିଦର୍ଶନରେ ଆସିଥିଲେ। ସେଠାରେ ସେମାନେ ନବ ନିର୍ମିତ ଲାବରେଟୋରି, ୱାର୍କସପ୍, ବିଦ୍ୟାର୍ଥୀଙ୍କ ଦ୍ୱାରା ନିର୍ମିତ ଆରଏଫ୍ ମଡେଲ୍ ରୋବଟ୍ କାର୍ ଏବଂ ବ୍ଲୁଟୁଥ୍ ଭଏସ୍ ନିୟନ୍ତ୍ରିତ ରୋବଟ୍ ଦେଖିଥିଲେ। ଏହି ପରିଦର୍ଶନ ସମୟରେ ଆଇଟିଆଇର ନିର୍ଦ୍ଦେଶକ ରେଘୁ ଜୀ ଉପସ୍ଥିତ ଥିଲେ। ଏହି ଅବସରରେ ସେଠାରେ ଭାରତର ସର୍ବପ୍ରଥମ ଏକ୍ସଆର ସ୍କିଲ ଲାବ ଉଦ୍‌ଘାଟିତ ହୋଇଥିଲା। ବିଭିନ୍ନ ସଫ୍ଟୱେର୍ ପ୍ଲାଟଫର୍ମ ଶ୍ରେଣୀରେ ସ୍କିଲଭେରି ସଫଟ୍ୱେର ସର୍ବୋତ୍ତମ। ଏହା ଦକ୍ଷତା ସମ୍ପନ୍ନ ବୋଲି ବିଶ୍ୱ ବ୍ୟାପି ପ୍ରମାଣିତ। ସମସ୍ତ ଛାତ୍ରୀଛାତ୍ର ଏହି ସଫ୍ଟୱେର ମାଧମରେ ଏକ ସମୟରେ ପ୍ରଶିକ୍ଷଣ ନେଇପାରିବେ ବୋଲି ସ୍କିଲଭେରି ସଫ୍ଟୱେର ସିଇଓ ସାବରିନାଥ ସି ନାୟାର କହିଛନ୍ତି।

### ଠକେଇ କରି ଜେଲଗଲେ ଡେଲିଭରି ବୟ୍

ଭୁବନେଶ୍ୱର,୧୧।୨(ବ୍ୟୁରୋ): ଖାବେଳନଗର ଥାନା ଅଞ୍ଚଳରେ ଥିବା ଇନଷ୍ଟାକାର୍ଟ ସର୍ଭିସେସ୍ ସଂସ୍ଥାରେ ଜାଲ ପରିଚୟପତ୍ର ଦେଇ ଡେଲିଭରି ବୟ୍ ଚାକିରି କରିବା ସହ ଠକେଇ କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଢେଙ୍କାନାଳ ଜିଲା ହିନ୍ଦୋଳ ଥାନା ଅଞ୍ଚଳର ମିଳନ ଦାସ ଓରଫ ଲିପୁ (୨୨)। ପୋଲିସ ସୂଚନା ମୁତାବକ ଲିପୁ ଇନ୍‌ଷ୍ଟାକାର୍ଟ ସର୍ଭିସେସ ସଂସ୍ଥାରେ ଚାକିରି ପାଇଁ ଅନ୍‌ଲାଇନରେ ଆବେଦନ କରିଥିଲେ। ନୟାଗଡ ଜିଲାର ଆଲୋକ ବେହେରା ନାମକ ଯୁବକଙ୍କ ଆଧାର, ଡ୍ରାଇଭିଂ ଲାଇସେନ୍ସ ଓ ଫଟୋକୁ ଓଏଲ୍‌ଏକ୍ସ ଜରିଆରେ ହାତେଇ ତାହାକୁ ବ୍ୟବହାର କରି ଲିପୁ ଉକ୍ତ ସଂସ୍ଥାରେ ଗତ ନଭେମ୍ବର ୩ରେ ଚାକିରି କରିଥିଲେ। ନଭେମ୍ବର ୪ରୁ ୬ ତାରିଖ ମଧ୍ୟରେ ୫୭ ହଜାର ଟଙ୍କାର ୧୦ଟି ଡେଲିଭରି ନେଇଥିଲେ ମଧ ସେ ସମସ୍ତ ଗ୍ରାହକଙ୍କୁ ଦେଇ ନ ଥିଲେ। ୩ଜଣ ଗ୍ରାହକଙ୍କୁ ଡେଲିଭରି ଦେଇ ସେ ବାବଦରେ ଟଙ୍କା ଆଣିବା ପରେ ଅନ୍ୟ ଡେଲଭରି ସାମଗ୍ରୀ ସହ ଫେରାର ହୋଇଯାଇଥିଲେ। ଏ ନେଇ ସଂସ୍ଥା ପକ୍ଷରୁ ଥାନାରେ ଅଭିଯୋଗ ପରେ ପୋଲିସ ନଂ.୨୮୫/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ସଂସ୍ଥାର ସିସିଟିଭି ଫୁଟେଜକୁ ଆଧାର କରି ପୋଲିସ ଗୁରୁବାର ଅଭିଯୁକ୍ତ ଲିପୁଙ୍କୁ ଗିରଫ କରିବା ସହ ମୋବାଇଲ ଫୋନ ଓ ଜାଲ କାଗଜପତ୍ର ଜବତ କରିଛି। ପଚରାଉଚରା ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ଐତିହ୍ୟ ବାଇ-ଲ' ପ୍ରତ୍ୟାହାର ହେଉ

ଭୁବନେଶ୍ୱର (ବ୍ୟୁରୋ)/ଖୋର୍ଦ୍ଧା ଅଫିସ,୧୧।୨

### ସଂସ୍କୃତି ମନ୍ତ୍ରଣାଳୟକୁ ଚିଠି ଲେଖିଲେ ଖୋର୍ଦ୍ଧା ଜିଲାପାଳ

- ବିକାଶ ପ୍ରକଳ୍ପ ବାଧାପ୍ରାପ୍ତ ହେବ
- ଶ୍ରୀଲିଙ୍ଗରାଜ ସେବାୟତଙ୍କ ବିରୋଧ
- ଶୁକ୍ରବାର ଏକାଠି ହେବେ ଶିବ ଭକ୍ତ



ଶ୍ରୀମନ୍ଦିର ପରେ ଶ୍ରୀଲିଙ୍ଗରାଜ ମନ୍ଦିର ପାଇଁ ଜାତୀୟ ଐତିହ୍ୟ ପ୍ରାଧିକରଣ (ଏନ୍‌ଏମ୍‌ଏ)ର ଐତିହ୍ୟ ଉପନିୟମ (ବାଇ-ଲ)କୁ ବିରୋଧ କରାଯାଇଛି। ପ୍ରସ୍ତାବିତ ବାଇ-ଲ' ଚିଠାକୁ ପ୍ରତ୍ୟାହାର କରିନେବା ଲାଗି ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡର ସଭାପତି ତଥା ଖୋର୍ଦ୍ଧା ଜିଲାପାଳ ସନତ କୁମାର ମହାନ୍ତି ଗୁରୁବାର କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟକୁ ଚିଠି ଲେଖିଛନ୍ତି। ମହାପ୍ରଭୁ ଶ୍ରୀଲିଙ୍ଗରାଜ, ସେବକ ଓ ଭକ୍ତଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ପ୍ରସ୍ତାବିତ ବାଇ-ଲ' ଚିଠାକୁ ପ୍ରତ୍ୟାହାର କରାଯାଉ ବୋଲି ଜିଲାପାଳ ଉଲ୍ଲେଖ କରିଛନ୍ତି। ମନ୍ଦିର ସମେତ ଲ୍ୟାଣ୍ଡ ରେକର୍ଡ ଶ୍ରୀଲିଙ୍ଗରାଜଙ୍କ ନାମରେ ରହିଛି। ମନ୍ଦିର ପରିଚାଳନା ପାଇଁ ସେବାୟତ, ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ରକ୍ଷଣାବେକ୍ଷଣ କରିବାକୁ ଓଡ଼ିଶା ହିନ୍ଦୁ ଧର୍ମ ଦେବୋତ୍ତର ଆଇନ-୧୯୫୨ର ଧାରା ୪୨ ଅନୁଯାୟୀ ଏକ ଟ୍ରଷ୍ଟ ବୋର୍ଡ ଗଠନ କରାଯାଇଛି। ମନ୍ଦିରର ସୁରକ୍ଷା ଓ ରକ୍ଷଣାବେକ୍ଷଣ ପାଇଁ ଟ୍ରଷ୍ଟ ବୋର୍ଡ ଏବଂ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ (ଏଏସ୍‌ଆଇ) ମଧ୍ୟରେ ୧୯୫୮ରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ମନ୍ଦିର ଚତୁଃପାର୍ଶ୍ୱସ୍ଥ ସାହିଗୁଡ଼ିକରେ ରହୁଥିବା ସେବାୟତମାନେ କେଉଁ ଅନାଦିକାଳରୁ ଲିଙ୍ଗରାଜଙ୍କ ସେବା କରିଆସୁଛନ୍ତି। ଉକ୍ତ ଚିଠା ପ୍ରସ୍ତାବ ଦ୍ୱାରା ସେବାୟତମାନେ ଗଭୀର ଭାବେ ପ୍ରଭାବିତ ହେବାର ଆଶଙ୍କା ରହିଛି। ପ୍ରତ୍ୟେକ ଦିନ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ରାଜ୍ୟ ଓ ଦେଶର ବିଭିନ୍ନ ସ୍ଥାନରୁ ଲିଙ୍ଗରାଜଙ୍କ ଦର୍ଶନ ପାଇଁ ଆସିଥାଆନ୍ତି। ଦେଶ ବିଦେଶର ହିନ୍ଦୁ ଭକ୍ତମାନେ ଲିଙ୍ଗରାଜଙ୍କ ସ୍ୱତନ୍ତ୍ର ପର୍ବ ମହାଶିବରାତ୍ରିର ମହାଦୀପ ଦର୍ଶନ କରିବାକୁ ଅପେକ୍ଷା କରି ରହିଥାଆନ୍ତି। ଏହାଛଡ଼ା ନିକଟରେ ରାଜ୍ୟ ସରକାର ମନ୍ଦିର ଓ ଏହାର ଚତୁଃପାର୍ଶ୍ୱର ସୌନ୍ଦର୍ଯ୍ୟକରଣ ପାଇଁ ଏକାମ୍ର ବିକାଶ ଯୋଜନା ଆରମ୍ଭ କରିଛନ୍ତି। ଉକ୍ତ ଚିଠା ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ବିକାଶ ଯୋଜନା ବାଧାପ୍ରାପ୍ତ ହେବ। ଏସବୁକୁ ଦୃଷ୍ଟିରେ ରଖି ପ୍ରସ୍ତାବିତ ଐତିହ୍ୟ ଉପନିୟମ ଚିଠା ତୁରନ୍ତ ପ୍ରତ୍ୟାହାର କରିନେବାକୁ ଜିଲାପାଳ ମହାନ୍ତି କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟର ଏନ୍‌ଏମ୍‌ଏ ସଦସ୍ୟ ସଚିବଙ୍କୁ ଅନୁରୋଧ କରିଛନ୍ତି। ଅନ୍ୟ ପକ୍ଷରେ ସେବାୟତମାନେ ମଧ ଉକ୍ତ ଚିଠା ପ୍ରସ୍ତାବକୁ କଡା ବିରୋଧ କରିଛନ୍ତି। ଶ୍ରୀମନ୍ଦିର ପାଇଁ ପ୍ରକାଶିତ ବାଇ-ଲ' ପ୍ରତ୍ୟାହାର କରାଯାଇଥିବା ବେଳେ ଅନନ୍ତ ବାସୁଦେବ ଓ ବ୍ରହ୍ମେଶ୍ୱର ମନ୍ଦିରକୁ ମ୍ୟୁଜିୟମ ସହିତ ମିଶାଇବାକୁ ଭୁଲ ହେଲା କେମିତି ବୋଲି ସେବାୟତମାନେ ପ୍ରଶ୍ନ କରିଛନ୍ତି। ମହାଦେବଙ୍କ ଏହି ଐତିହାସିକ ମନ୍ଦିର ଉପରେ ଓଡ଼ିଶାବାସୀଙ୍କର ବହୁତ ବିଶ୍ୱାସ ରହିଛି। ମହାଦେବଙ୍କ ମନ୍ଦିରକୁ ମ୍ୟୁଜିୟମ ସହିତ ସମାନ କରିବା ଏବଂ ବିଜ୍ଞପ୍ତି ପ୍ରକାଶ କରିବା ମହାଦେବଙ୍କ ପ୍ରତି ଅପମାନ। ଏହା ହିନ୍ଦୁମାନଙ୍କ ଧାର୍ମିକ ଭାବନାକୁ ଗଭୀର ଆଘାତ ଦେଇଛି। ଏକାମ୍ର କ୍ଷେତ୍ରର ଲୋକମାନେ ଲିଙ୍ଗରାଜ ମନ୍ଦିରର ବିକାଶ ପାଇଁ ଜମି ଦେଇଛନ୍ତି। ମନ୍ଦିର ଚତୁଃପାର୍ଶ୍ୱରେ ବିକାଶକୁ ସୁନିଶ୍ଚିତ କରିବାକୁ ଓଡ଼ିଶା ସରକାର ୨୦୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ୫୦ ବର୍ଷ ହେବ ଏଏସ୍‌ଆଇ କେଉଁଠି ଥିଲା। ମନ୍ଦିର ଚତୁଃପାର୍ଶ୍ୱରେ ଜବରଦଖଲ ହେଲା ବେଳେ ଏଏସ୍‌ଆଇ କାହିଁକି ଚୁପ ରହିଥିଲା। ଯେତେବେଳେ ଜବରଦଖଲ ଉଚ୍ଛେଦ କରାଯାଉଛି ସେତେବେଳେ ସେମାନଙ୍କର ସମସ୍ୟା ହେଉଛି। ଏକଥା ପ୍ରମାଣ କରୁଛି ଯେ, ଏକାମ୍ର କ୍ଷେତ୍ରର ବିକାଶ କାର୍ଯ୍ୟକୁ ବନ୍ଦ କରିବା ପାଇଁ ଏଏସ୍‌ଆଇ କିପରି ଷଡଯନ୍ତ୍ର କରୁଛି ବୋଲି ସେବାୟତମାନେ ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ବାଇ-ଲ ଲାଗୁ ହେଲେ ଶହ ଶହ ସେବାୟତଙ୍କ ଜୀବନ ଜୀବିକା ପ୍ରଭାବିତ ହେବା ଆଶଙ୍କା ରହିଛି। ୨୪ ଘଣ୍ଟା ଭିତରେ ବାଇ-ଲ ପ୍ରତ୍ୟାହାର ନ ହେଲେ ସମସ୍ତ ଶିବଭକ୍ତ ଶୁକ୍ରବାର ଲିଙ୍ଗରାଜ ମନ୍ଦିର ସମ୍ମୁଖରେ ଏକତ୍ରିତ ହୋଇ ମହାଦେବଙ୍କ ଅପମାନ ଓ ଭକ୍ତଙ୍କୁ ଆଘାତ ଦେଉଥିବା ଷଡ଼ଯନ୍ତ୍ର ବିରୋଧରେ ଦୀପ ଜାଳି ସ୍ୱର ଉତ୍ତୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ, ପୁରୀ ଶ୍ରୀମନ୍ଦିର ସଂକ୍ରାନ୍ତ ଐତିହ୍ୟ ବାଇ-ଲକୁ ଜୋରଦାର ବିରୋଧ ହେବା ପରେ ଫେବୃୟାରୀ ୮ ତାରିଖରେ ଏହାକୁ ପ୍ରତ୍ୟାହାର କରାଯାଇଥିଲା। କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ ଏ ନେଇ ଟୁଇଟ କରି ସୂଚନା ଦେଇଥିଲେ।

## ରାଜ୍ୟବାସୀଙ୍କୁ ଭ୍ରମିତ କରୁଛନ୍ତି ସରକାର: ଭାଜପା

ଭୁବନେଶ୍ୱର, ୧୧।୨(ବ୍ୟୁରୋ)

### ବାଇ-ଲ' ପ୍ରତ୍ୟାହାର ପ୍ରସଙ୍ଗ

ଜାତୀୟ ଐତିହ୍ୟ ପ୍ରାଧିକରଣ (ଏନ୍‌ଏମ୍‌ଏ) ଅଧୀନରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ଭେ (ଏଏସ୍‌ଆଇ) କାମ କରୁଛି। ପୁରୀ-କୋଣାର୍କ-ଲିଙ୍ଗରାଜ ଆଦି ପୁରୁଣା କୀର୍ତ୍ତିରାଜି ପୁରାତନ ଐତିହ୍ୟ ସଂରକ୍ଷଣ ଆକ୍ଟ ଅନୁସାରେ ପରିଚାଳିତ। ଏଭଳି ପୁରାତନ କୀର୍ତ୍ତିରାଜିର ସୁରକ୍ଷା ନେଇ ଏନ୍‌ଏମ୍‌ଏ ବାଇ-ଲ' ଚିଠା ପ୍ରସ୍ତୁତ କରି ସାର୍ବଜନୀନ କରିଥିଲେ। ଏହାର କ୍ରିୟାନ୍ୱୟନ ପ୍ରକ୍ରିୟାରେ ଭାଜପାର ମଧ ଆପତ୍ତି ଅଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଲିଙ୍ଗରାଜ ଜୀବନ୍ତ ଠାକୁର। ଏ ପ୍ରସଙ୍ଗରେ କିଛି କରିବା ପୂର୍ବରୁ ଶଙ୍କରାଚାର୍ଯ୍ୟ, ଗଜପତି ମହାରାଜ, ସେବାୟତ, ମନ୍ଦିର ପ୍ରଶାସନ ଇତ୍ୟାଦିଙ୍କ ସହ ଆଲୋଚନା କରିବା ଉଚିତ ଥିଲା। କିନ୍ତୁ ତାହା ନ କରି ରାଜ୍ୟ ସରକାର ଲୋକମାନଙ୍କୁ ଭ୍ରମିତ କରିବା ପାଇଁ ଚେଷ୍ଟା କରୁଛନ୍ତି ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ବାଇ-ଲ' ପ୍ରସଙ୍ଗରେ କେନ୍ଦ୍ର ସରକାର ସମ୍ବେଦନଶୀଳ ଅଛନ୍ତି। ଏହି ପ୍ରସଙ୍ଗ ଆସିବା ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କ ସହ କଥା ହୋଇ ପୁନର୍ବିଚାର ପାଇଁ ପ୍ରଥମ ଦିନରୁ ଅନୁରୋଧ କରିଥିଲେ। ଏହାପରେ ତତକ୍ଷଣାତ୍ ପୁରୀ ପ୍ରସଙ୍ଗରେ ପ୍ରସ୍ତାବିତ ବାଇ-ଲ'କୁ ତୁରନ୍ତ ପ୍ରତ୍ୟାହାର ଘୋଷଣା କରାଯାଇଥିଲା। ଇନ୍‌ଟାକ୍ ଲିଙ୍ଗରାଜ ମନ୍ଦିର ପାର୍ଶ୍ୱ ଖନନ ସମ୍ପର୍କିତ ରିପୋର୍ଟ କ'ଣ ନେଇଛି ତାହା ରାଜ୍ୟ ସରକାରଙ୍କ ପାଖରେ ଅଛି। ଏହାର କପି ଦେଖନ୍ତୁ ଇନ୍‌ଟାକ୍ କ'ଣ ସୁପାରିସ ଏବଂ ମତ ଦେଇଛନ୍ତି ତାକୁ ଥରେ ପଢନ୍ତୁ। ପୁରୀ ଶ୍ରୀମନ୍ଦିର ନିର୍ମାଣ ୧୦୦ ବର୍ଷ ପୂର୍ବରୁ ଲିଙ୍ଗରାଜ ମନ୍ଦିର ପ୍ରତିଷ୍ଠା ହୋଇଛି। ଲିଙ୍ଗରାଜ ମନ୍ଦିରରେ ଶହେ ବର୍ଷ ପୂର୍ବରୁ ପୁରୁଣା ଭୁବନେଶ୍ୱରରେ ରହିଛି ଶୁକଶାରୀ ମନ୍ଦିର। ଏସବୁ କୀର୍ତ୍ତିରାଜର ସୁରକ୍ଷା ଜରୁରୀ । କିନ୍ତୁ ମିଛ ଖଣ୍ଡିଆଭୂତକୁ ଦେଖାଇ ଓଡ଼ିଆ ଲୋକଙ୍କ ମନରେ କାହିଁକି ରାଜ୍ୟ ସରକାର ଭୟ ସୃଷ୍ଟି କରିବାକୁ ଚାହୁଁଛନ୍ତି ବୋଲି ଲେଖାଶ୍ରୀ କହିଛନ୍ତି ।

## ରାଜ୍ୟ ଭାଜପା ସଭାପତିଙ୍କ ଧାନମଣ୍ଡି ପରିଦର୍ଶନ



ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି ଲିମା ଧାନମଣ୍ଡି ବୁଲି ଦେଖୁଛନ୍ତି।

କୁନ୍ଦୁରା,୧୧।୨(ଡି.ଏନ.ଏ.)

ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି ଗୁରୁବାର କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଗସ୍ତ କରିଛନ୍ତି। ଏହି ଅବସରରେ ସେ ଲିମା ଧାନମଣ୍ଡି ପରିଦର୍ଶନ କରିଥିଲେ। ସେଠାରେ ଚାଷୀଙ୍କ ଧାନ କ୍ରୟ ହୋଇ ନ ଥିବା ଦେଖି କ୍ଷୋଭ ପ୍ରକାଶ କରିଥିଲେ। ମହାନ୍ତି ଟେଲିଫୋନ ଯୋଗେ ଜିଲାପାଳଙ୍କ ସହ ଆଲୋଚନା କରି ୪୮ ଘଣ୍ଟା ମଧ୍ୟରେ ଧାନ ଉଠାଇବାକୁ ନିର୍ଦ୍ଦେଶ ଦେଇଥିଲେ।




ଭୁବନେଶ୍ୱର ରସୁଲଗଡ଼ ଛକରେ ଗୁରୁବାର ସ୍କୁଲ୍ ଛାତ୍ରମାନେ ଧାଡ଼ି ହୋଇ ରାସ୍ତା ପାର ହେଉଛନ୍ତି।

## ଦେଢ଼ ଏକରରୁ ଉର୍ଦ୍ଧ୍ୱ ଆଖୁ କିଆରି ଜଳିଗଲା

ବାଙ୍କୀ,୧୧।୨(ସ୍ୱ.ପ୍ର.)

ବାଙ୍କୀ ମୁଖ୍ୟ ବଜାର ନିକଟ କୃଷି ଫାର୍ମରେ ଗୁରୁବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟି ଦେଢ଼ ଏକରରୁ ଉର୍ଦ୍ଧ୍ୱ ଆଖୁକିଆରି ଜଳିଯାଇଛି। ଖବରପାଇ ଦମକଳ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବହୁ କଷ୍ଟରେ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ବାଙ୍କୀ କୀଟତତ୍ତ୍ୱବିତ୍ ଆଖୁ କାର୍ଯ୍ୟାଳୟ ପକ୍ଷରୁ ଚାଷୀଙ୍କୁ ଉନ୍ନତ କିସମର ବିହନ ଯୋଗେଇ ଦେବା ଉଦ୍ଦେଶ୍ୟରେ ଏଠାରେ ଆଖୁ ଲଗାଯାଇ ଆଧୁନିକ ପ୍ରଣାଳୀରେ ଚାଷ କରାଯାଇଥାଏ।

## ଡାଲି ଗବେଷଣା ପ୍ରତିଷ୍ଠାନର ଆଞ୍ଚଳିକ କେନ୍ଦ୍ର ଶିଳାନ୍ୟାସ

ଭୁବନେଶ୍ୱର, ୧୧।୨(ବ୍ୟୁରୋ)

### କେନ୍ଦ୍ର କୃଷିମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ସମୀର

ଡାଲି ଉତ୍ପାଦନ କ୍ଷେତ୍ରରେ ଭାରତ ଆଗରେ ରହିଛି । ବିଗତ ୫ରୁ ୬ ବର୍ଷ ମଧ୍ୟରେ ଦେଶର କୃଷକ ଓ ବୈଜ୍ଞାନିକଙ୍କ କଠିନ ପରିଶ୍ରମ ଏବଂ କେନ୍ଦ୍ର ସରକାରଙ୍କ କୃଷି ଅନୁକୂଳ ନୀତି ଯୋଗୁ ଦେଶରେ ଡାଲି ଉତ୍ପାଦନ ୧୪୦ ଲକ୍ଷ ଟନରୁ ୨୪୦ ଲକ୍ଷ ଟନକୁ ବୃଦ୍ଧି ପାଇଛି । ଡାଲି ଉତ୍ପାଦନକୁ ବୃଦ୍ଧି କରିବା ଲକ୍ଷ୍ୟରେ ଖୋର୍ଦ୍ଧା ଜିଲାରେ ଭାରତୀୟ ଡାଲି ଗବେଷଣା ପ୍ରତିଷ୍ଠାନର ଆଞ୍ଚଳିକ କେନ୍ଦ୍ରକୁ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଶିଳାନ୍ୟାସ କରିଛନ୍ତି । ଓଡ଼ିଶାକୁ ପୁଣିଥରେ ଗୁରୁତ୍ୱ ଦେଇଥିବାରୁ କେନ୍ଦ୍ର କୃଷିମନ୍ତ୍ରୀଙ୍କୁ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଧନ୍ୟବାଦ ଜଣାଇଛନ୍ତି।ଏହି ଅବସରରେ ସମୀର କହିଛନ୍ତି, ପୂର୍ବୋଦୟ ମିଶନରେ ପ୍ରଧାନମନ୍ତ୍ରୀ ଓଡ଼ିଶାକୁ ବିକାଶର ପ୍ରୟୋଗଶାଳା କରିଛନ୍ତି। ମୋଦି ସରକାର ଓଡ଼ିଶାର ବିକାଶ ପାଇଁ ବଦ୍ଧପରିକର। ଖୋର୍ଦ୍ଧା ଜିଲାରେ ଭାରତୀୟ ଡାଲି ଗବେଷଣା ପ୍ରତିଷ୍ଠାନର ଆଞ୍ଚଳିକ କେନ୍ଦ୍ର ପ୍ରତିଷ୍ଠା ହେଲେ ଡାଲି ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଆତ୍ମନିର୍ଭରଶୀଳ ହୋଇପାରିବ। ଗତ ୬ ବର୍ଷ ଭିତରେ ମୋଦି ସରକାର ଡାଲି ଉପରେ ଏମ୍‌ଏସ୍‌ପିକୁ ୪୦ରୁ ୭୩ ପ୍ରତିଶତକୁ ବୃଦ୍ଧି କରିଛନ୍ତି। ଏହାଦ୍ୱାରା ସାରା ଦେଶ ସମେତ ଓଡ଼ିଶାର ଡାଲିଚାଷୀମାନେ ଅଧିକ ଲାଭବାନ୍ ହୋଇଛନ୍ତି। ୨୦୨୨ ସୁଦ୍ଧା ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବା ପାଇଁ ମୋଦି ସରକାର କାର୍ଯ୍ୟ କରୁଛନ୍ତି ବୋଲି ସେ କହିଛନ୍ତି।

## 'ଚାଷୀଙ୍କ ଆୟ ବଢ଼ାଇବ ପ୍ରାଣୀପାଳନ'

ଭୁବନେଶ୍ୱର, ୧୧।୨(ବ୍ୟୁରୋ)

ଚାଷୀଙ୍କ ଆୟ ବୃଦ୍ଧି ଦିଗରେ ପ୍ରାଣୀ ସମ୍ପଦର ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ଗ୍ରାମାଞ୍ଚଳରେ ଏହା ଜୀବିକା ନିର୍ବାହର ଏକ ମାର୍ଗ। କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଆୟର ମୁଖ୍ୟ ଅଂଶ। ରାଜ୍ୟ ସରକାର କୃଷି ଓ ଆନୁଷଙ୍ଗିକ କୃଷିକୁ ପ୍ରାଥମିକତା ଦେଇ ଆସୁଥିବାବେଳେ ଏହାର ସୁଫଳ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ପାଇଁ କୃଷିମନ୍ତ୍ରୀ ଅରୁଣ ସାହୁ ନିର୍ଦ୍ଦେଶ ଦେଇଛନ୍ତି।

କୃଷି ଭବନଠାରେ ଗୁରୁବାର ପ୍ରାଣୀସମ୍ପଦ ବିକାଶ ସମ୍ପର୍କିତ ରାଜ୍ୟସ୍ତରୀୟ ସମୀକ୍ଷା ବୈଠକରେ ସେ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ଓଡ଼ିଶା ପ୍ରାୟ ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ଏଥିରେ କୃଷିକ୍ଷେତ୍ର ଏବଂ ପ୍ରାଣୀପାଳନ ଅଧିକ କ୍ଷତିଗ୍ରସ୍ତ ହେଉଛି। ପ୍ରାଣୀସମ୍ପଦର ଯତ୍ନ ଓ ଅଭିବୃଦ୍ଧି ଲାଗି ସିଡିଭିଓଙ୍କ ସମୟୋଚିତ ପଦକ୍ଷେପର ଆବଶ୍ୟକତା ରହିଛି। ଗତ ୨୦ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ଉଦ୍ୟମ ଏବଂ ସମୁଚିତ ପଦକ୍ଷେପ ପାଇଁ ରାଜ୍ୟରେ ଅଣ୍ଡା, ମାଂସ, ଦୁଗ୍ଧ ଉତ୍ପାଦନରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି । ଚାଷୀଙ୍କ ଆୟ ବଢ଼ିଛି । ଅଣ୍ଡା, ଦୁଗ୍ଧ ଏବଂ ମାଂସ ଉତ୍ପାଦନ ବୃଦ୍ଧି ନିମନ୍ତେ ଆସନ୍ତା ୫ ବର୍ଷ ପାଇଁ ଏକ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଏଥିସହ ସିଡିଭିଓମାନେ ନିୟମିତ କ୍ଷେତ୍ର ପରିଦର୍ଶନ କରିବା, ଯୋଜନା ଓ ପ୍ରକଳ୍ପ କାର୍ଯ୍ୟ ତଦାରଖ କରିବାକୁ ସେ ପରାମର୍ଶ ଦେଇଥିଲେ। କୃଷି ଉତ୍ପାଦନ କମିଶନର ରାଜକୁମାର ଶର୍ମା କହିଛନ୍ତି, ସାମ୍ପ୍ରତିକ ପରିସ୍ଥିତିରେ ଚାଷୀଙ୍କ ଆୟ ବୃଦ୍ଧି ନିମନ୍ତେ ପ୍ରାଣୀପାଳନ ଅପରିହାର୍ଯ୍ୟ ହୋଇପଡ଼ିଛି। ସରକାର ଏଥିପାଇଁ ଅନେକ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିଛନ୍ତି, ଯାହାର ସଫଳ ରୂପାୟନ ଦିଗରେ ସିଡିଭିଓ ଏବଂ କ୍ଷେତ୍ର ଅଧିକାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ।

## ଜଳିଗଲା ୧୯ ବଖରା

ବନ୍ତଲା,୧୧।୨(ଡି.ଏନ.ଏ.)

### ୪୫ ମେଣ୍ଢା, ଗୋଟିଏ ଗାଈ ଦଗ୍ଧ

ଅନୁଗୋଳ ଜିଲା ବନ୍ତଲା ଥାନା ଶଙ୍ଖପୁର ପଞ୍ଚାୟତ ଖାଲଗାଁରେ ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୧୯ ବଖରା ଜଳିଯାଇଛି। ଗ୍ରାମର ପଞ୍ଚୁ ବିଶ୍ୱାଳଙ୍କ ୧୨ ବଖରା ସହିତ ୨୦ ମେଣ୍ଢା ଜୀବନ୍ତ ଦଗ୍ଧ ହୋଇଥିବାବେଳେ ୨୫୦ ବସ୍ତା ଧାନ, ୧୦ କୁଇଣ୍ଟାଲ ଚାଉଳ, ହରଡ଼, ମୁଗ, ବିରି ସହ ନଗଦ ଟଙ୍କା, ସୁନା ଆଦି ପୋଡ଼ି ପାଉଁଶ ହୋଇଯାଇଛି। ସେହିପରି ଈଶ୍ୱର ସାହୁଙ୍କ ୬ ବଖରା ସହ ୨୫ ମେଣ୍ଢା, ଗୋଟିଏ ଗାଈ ଦଗ୍ଧ ହୋଇଛନ୍ତି। ତାଙ୍କର ଗୋଟିଏ ମୋଟରସାଇକେଲ, ତିନୋଟି ପାଣିପମ୍ପ, ୫୦ ବସ୍ତା ଧାନ, ଚାଉଳ ଓ ଅନ୍ୟାନ୍ୟ ସାମଗ୍ରୀ ପୋଡ଼ି ଯାଇଛି। ଶିଶିର ବିଶ୍ୱାଳଙ୍କ ଗୋଟିଏ ବଖରା ଜଳିଯାଇଛି। ଅଗ୍ନିକାଣ୍ଡ କେମିତି ହେଲା ତାହା ଜଣାପଡି ନ ଥିବାବେଳେ ମୋଟରସାଇକେଲ ଟାଙ୍କି ଫାଟିବାରୁ ନିଆଁ ଚାରିଆଡ଼େ ବ୍ୟାପିଯାଇଥିଲା। ଖବରପାଇ ଅନୁଗୋଳ ଅଗ୍ନିଶମ କର୍ମଚାରୀମାନେ ଦୁଇଟି ଗାଡ଼ିରେ ଆସି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଲିଭାଇବା ବେଳେ ପଞ୍ଚୁ ବିଶ୍ୱାଳ ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏଥିରେ ପ୍ରାୟ ୩୦ ଲକ୍ଷରୁ ଅଧିକ ଟଙ୍କାର କ୍ଷୟକ୍ଷତି ଘଟିଥିବା ସୂଚନା ମିଳିଛି।



ଖଲଗାଁରେ ଜଳିଯାଉଥିବା ଘର।

# ସ୍ତ୍ରୀ, ଝିଅ ସମ୍ମୁଖରେ ଭୁଜାଲିରେ ହତ୍ୟା

ଭୁବନେଶ୍ୱର,୧୧।୨(ବ୍ୟୁରୋ)

- ଗୁରୁତର ଅବସ୍ଥାରେ ଘରୋଇ ହସ୍ପିଟାଲରେ ସ୍ତ୍ରୀ ଭର୍ତ୍ତି
- ମୁଖ୍ୟ ଅଭିଯୁକ୍ତ ଗିରଫ, ସହଯୋଗୀଙ୍କୁ ଖୋଜୁଛି ପୋଲିସ

ଦୋକାନର ବାକି ଟଙ୍କା ଓ ସଂଘର ଟଙ୍କା ଫେରସ୍ତକୁ ନେଇ ସ୍ଥାନୀୟ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଝରଣା ବସ୍ତିରେ ବୁଧବାର ବିଳମ୍ବିତ ରାତିରେ ଘଟିଛି ଏକ ହତ୍ୟାକାଣ୍ଡ। ସ୍ତ୍ରୀ ଓ ଝିଅ ସମ୍ମୁଖରେ ଜଣେ ବ୍ୟକ୍ତିଙ୍କୁ ତଳେ ପକାଇ ଭୁଜାଲିରେ ଆକ୍ରମଣ କରି ହତ୍ୟା କରାଯାଇଛି। ସ୍ୱାମୀଙ୍କୁ ଆକ୍ରମଣ ସମୟରେ ସ୍ତ୍ରୀ ଅଟକାଇବାରୁ ତାଙ୍କ ଅଣ୍ଟା ଏବଂ ପିଠିକୁ ମଧ ଭୁଜାଲିରେ ଆକ୍ରମଣ କରାଯାଇଛି। ଏପରି କି ୧୮ବର୍ଷୀୟା ଝିଅ ମଧ ଆକ୍ରମଣରୁ ବର୍ତ୍ତି ନାହାନ୍ତି। ତାଙ୍କର ଚୁଟି ଭିଡ଼ାଭିଡ଼ି କରି ତଳେ ପକାଇ ନିସ୍ଥୁକ ମାଡ଼ ମାରିଲେ। ଏହି ଆକ୍ରମଣରେ ଛୋଟୁ ଲାଲ୍ ବେଶ୍ରାଙ୍କ ମୃତ୍ୟୁ ହୋଇଥିବାବେଳେ ତାଙ୍କ ସ୍ତ୍ରୀ ବବିତା ବେଶ୍ରା ଗୁରୁତର ଅବସ୍ଥାରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଛୋଟୁଙ୍କ ମୃତ୍ୟୁ ପରେ ତାଙ୍କ ୬ପିଲା ଏବେ ବେସାହାରା ହୋଇପଡ଼ିଛନ୍ତି। ଏହି ହତ୍ୟାକାଣ୍ଡରେ ଛୋଟୁଲାଲଙ୍କ ଝିଅ ତବିଶାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୪୮/୨୦୨୧) ରୁଜୁ କରି ଅଭିଯୁକ୍ତ ସୁକାନ୍ତ ଦାସଙ୍କୁ ଗିରଫ କରିଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପୋଲିସ ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନା ଅନୁସାରେ ଛୋଟୁଲାଲ ଓ ସ୍ତ୍ରୀ ବବିତାଙ୍କ ନିଜ ଘର ଝାଡ଼ଖଣ୍ଡ ଅଞ୍ଚଳରେ ହୋଇଥିବାବେଳେ ସ୍ଥାନୀୟ ଝରଣା ବସ୍ତିରେ ଏକ ତେଜରାତି(ଗ୍ରସେରୀ) ଦୋକାନ କରି ପରିବାର ଗୁଜୁରାଣ ମେଣ୍ଟାଉଥିଲେ। ଦୋକାନ ବାକି ଟଙ୍କା ସହ ସଂଘରୁ ଟଙ୍କା ଧାର କରିବାକୁ ନେଇ ପଡ଼ୋଶୀଙ୍କ ସମେତ ସଂଘର କିଛି ଯୁବକଙ୍କ ସହ ଛୋଟୁଲାଲ୍‌ଙ୍କ ଅନେକ ଦିନ ଧରି ଝଗଡ଼ା ଲାଗି ରହିଥିଲା। ବୁଧବାର ରାତିରେ ସଂଘର ଟଙ୍କା ସମେତ ଦୋକାନ ବାକି ଟଙ୍କାକୁ ନେଇ ପଡ଼ୋଶୀ ସୁକାନ୍ତ ଓ ଛୋଟୁ ଲାଲଙ୍କ ମଧ୍ୟରେ ଝଗଡ଼ା ଲାଗିଥିଲା। ରାତି ପ୍ରାୟ ୧୧ଟା ୧୫ ବେଳକୁ ଛୋଟୁଲାଲ ଦୋକାନ ବନ୍ଦ କରି ଘର ବାହାରେ ବସିଥିଲେ। ଏହି ସମୟରେ ସୁକାନ୍ତ ଓ ତାଙ୍କର ସହଯୋଗୀମାନେ ସଂଘବଦ୍ଧ ହୋଇ ଛୋଟୁଲାଲ୍‌ଙ୍କୁ ଠେଙ୍ଗା, ଭୁଜାଲି ଓ କଟୁରିରେ ଅତର୍କିତ ଆକ୍ରମଣ କରିଥିଲେ। ଏହାଦେଖି ସ୍ତ୍ରୀ ବବିତା ସ୍ୱାମୀଙ୍କୁ ରକ୍ଷା କରିବା ପାଇଁ ଜାବୁଡ଼ି ଧରିବା ବେଳେ ଅଭିଯୁକ୍ତମାନେ ତାଙ୍କ ପିଠିକୁ ମଧ ଭୁଜାଲିରେ ଚୋଟ ମାରିଥିଲେ। ବବିତା ତଳେ ଖସିପଡ଼ିବା ପରେ ଝିଅ ମା'ବାପାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରୁଥିବାବେଳେ ତାଙ୍କୁ ମଧ ଅଭିଯୁକ୍ତମାନେ ମାଡ଼ ମାରିଥିଲେ। ଭୁଜାଲି ଆକ୍ରମଣରେ ଛୋଟୁଲାଲ୍ ମୁମୂର୍ଷୁ ଅବସ୍ଥାରେ ତଳେ ପଡ଼ିଥିବାବେଳେ ପିଲାମାନେ ଘର ଆଗରେ ଠିଆ ହୋଇ କାନ୍ଦୁଥିଲେ। ଏନେଇ ମଞ୍ଚେଶ୍ୱର ଥାନା ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚିବା ସହ ଛୋଟୁଲାଲ ଓ ସ୍ତ୍ରୀ ବବିତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ପ୍ରାଥମିକ ଚିକିତ୍ସାବେଳେ ଛୋଟୁଲାଲଙ୍କୁ ଡାକ୍ତର ମୃତ ଘୋଷଣା କରିଥିବାବେଳ ବବିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଝିଅ ତବିଶାଙ୍କ ଅଭିଯୋଗକ୍ରମେ ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ମୁହଁ ଖୋଲିବାକୁ ଡରୁଛନ୍ତି ବସ୍ତିବାସୀ

ଛୋଟୁଲାଲ୍ ହତ୍ୟାକାଣ୍ଡକୁ ନେଇ ଝରଣା ବସ୍ତିରେ ଭୟର ବାତାବରଣ ଖେଳିଯାଇଛି। ଘଟଣା ସମ୍ପର୍କରେ ଯାହାକୁ ପଚାରିଲେ, ସେମାନେ କିଛି ଦେଖି ନ ଥିବା ଗଣମାଧ୍ୟମ ନିକଟରେ ପ୍ରକାଶ କରୁଛନ୍ତି। ଏପରିକି ପୋଲିସ ନିକଟରେ ମଧ ସାକ୍ଷି ଦେବାକୁ ପଛଘୁଞ୍ଚା ଦେଉଛନ୍ତି।



ହତ୍ୟାକାଣ୍ଡ ଘଟିଥିବା ସ୍ଥାନ।

### ବାପଛେଉଣ୍ଡ ହୋଇଗଲେ ୬ ପିଲା

ଭୁଜାଲି ଆକ୍ରମଣରେ ଛୋଟୁଲାଲ୍‌ଙ୍କ ମତ୍ୟୁ ଘଟିଥିବାବେଳେ ଗୁରୁତର ଅବସ୍ଥାରେ ସ୍ତ୍ରୀ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏବେ ବଡ଼ ଝିଅ ତବିଶା(୧୮) ପରିବାରର ଏକ ମାତ୍ର ସାହା ଭରସା। ତାଙ୍କ ତଳେ ୪ ଭଉଣୀ ଓ ଜଣେ ସାନ ଭାଇ। ତବିଶା ମେଡିକାଲ ଓ ଥାନାକୁ ଯିବାଆସିବା କରୁଥିବାବେଳେ ବସ୍ତିର କିଛି ଲୋକ ଛୋଟୁଲାଲଙ୍କ ପିଲାଙ୍କୁ ଘରେ ରଖି ଖାଇବା ପିଇବାକୁ ଦେଉଥିବା ଦେଖିବାକୁ ମିଳିଛି।

### ବାପାଙ୍କ ହତ୍ୟାକାରୀଙ୍କୁ କଡ଼ା ଦଣ୍ଡ ମିଳୁ

ଛୋଟୁଲାଲ୍‌ଙ୍କ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲରେ ଥିବାବେଳେ ବାପାଙ୍କ ପାଖକୁ ଯିବାକୁ ଜିଦି ଧରି ବାରମ୍ବାର ଅଚେତ ହେଉଥିଲେ ଝିଅ ତବିଶା। ମୋ ବାପା କାହାର କିଛି ଦୋଷ କରି ନ ଥିଲେ। ବଡ଼ ନିର୍ମମ ଭାବେ ତାଙ୍କୁ ମୋ ଆଖି ଆଗରେ ତଳେ ପକାଇ ହତ୍ୟା କରାଗଲା। ହେଲେ ଅଭିଯୁକ୍ତଙ୍କୁ ରାଜନୈତିକ ଲୋକେ ସହାନୁଭୂତି ଦେଖାଇବା ସହ ଘଣ୍ଟ ଘୋଡ଼ାଉଛନ୍ତି। ତେଣୁ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ପରିବାର ସୁରକ୍ଷା ଏବଂ ଭରଣପୋଷଣ ନେଇ ସରକାର ସହଯୋଗ କରିବାକୁ ଝିଅ ତବିଶା ନିବେଦନ କରିଛନ୍ତି।

**ଆଜି ଦଶପଲ୍ଲାରୁ ରଥ କାଠ ପୁରୀ ଯିବ**

ଦଶପଲ୍ଲା,(ଡି.ଏନ.ଏ.): ଶୁକ୍ରବାର ଦଶପଲ୍ଲା ବନାଞ୍ଚଳରୁ ରଥକାଠ ପୁରୀକୁ ଯିବ। ସେଥିପାଇଁ ଗୁରୁବାର ପ୍ରସ୍ତୁତି ଆରମ୍ଭ ହୋଇଛି। ଦଶପଲ୍ଲାର ମହାବୀରଙ୍କ ମନ୍ଦିର ନିକଟରେ କାଠଗୁଡ଼ିକ ରଖାଯାଇଛି। ଶୁକ୍ରବାର ପୂଜାର୍ଚ୍ଚନା ପରେ ୨ ଟ୍ରକରେ ୪୯ କାଠ ପୁରୀ ଅଭିମୁଖେ ଯିବ ବୋଲି ସୂଚନା ମିଳିଛି।

# ଜଙ୍ଗଲରେ ଫୁଟିଲା ୧୭ ରାଉଣ୍ଡ ଗୁଳି

- କନ୍ଧରା ଜଙ୍ଗଲରେ ବନ ବିଭାଗ-ଶିକାରୀ ଛକାପଞ୍ଝା
- ଦନ୍ତାହାତୀ ଶିକାର, ଏସିଡ୍ ପକାଇ କାଟିନେଲେ ଦାନ୍ତ
- ଚଢ଼ାଉ ବେଳେ ଗୁଳିମାଡ଼, ବର୍ତ୍ତିଗଲେ ବନ କର୍ମଚାରୀ

**ଢେଙ୍କାନାଳ ଅଫିସ, ୧୧।୨**

ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ ଅଧୀନ କନ୍ଧରା ସଂରକ୍ଷିତ ଜଙ୍ଗଲରେ ଛକାପଞ୍ଝା ହୋଇଛନ୍ତି ବନ ବିଭାଗ ଏବଂ ଶିକାରୀ। ଦାନ୍ତ ଲୋଭରେ ଏକ ଦନ୍ତାହାତୀ ଶିକାର କରାଯାଇଥିବାବେଳେ ସୂଚନା ପାଇ ଚଢ଼ାଉ କରିଥିଲେ ବନ କର୍ମଚାରୀ। ମୂଲ୍ୟବାନ ହାତୀଦାନ୍ତ ହରାଇବା ଆଶଙ୍କାରେ ଶିକାରୀମାନେ ଚଳାଇଥିଲେ ୧୭ ରାଉଣ୍ଡ ଗୁଳି। ସୌଭାଗ୍ୟବଶତଃ ଏଥିରୁ ବର୍ତ୍ତି ଯାଇଛନ୍ତି ୧୦ ବନ କର୍ମଚାରୀ। ଗତ ଫେବୃୟାରୀ ୯ ତାରିଖରେ ଘଟିଥିବା ଏହି ଘଟଣା ଗୁରୁବାର ପଦାକୁ ଆସିଥିବାବେଳେ ସାରା ଜିଲାରେ ଚହଳ ସୃଷ୍ଟି କରିଛି। ଅନ୍ୟପଟେ ଏଭଳି ସମ୍ବେଦନଶୀଳ ଘଟଣାରେ ଜିଲା ବନ ବିଭାଗ ତତ୍ପର ହୋଇଉଠିଛି। ଡିଏଫ୍ଓ ଡା. ପ୍ରକାଶ ଚାନ୍ଦ ଗୋଗିନେନି ଘଟଣାସ୍ଥଳ ପରିଦର୍ଶନ କରିବା ସହ ତନାଘନା ଜାରି ରଖିଛନ୍ତି।

ବନ ବିଭାଗ ସୂଚନା ଅନୁଯାୟୀ, ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ୍ ଏବଂ କଟକ ଜିଲା ନରସିଂହପୁର ସୀମାନ୍ତକୁ ଲାଗି ରହିଛି କନ୍ଧରା ସଂରକ୍ଷିତ ଜଙ୍ଗଲ। ୯ ତାରିଖ ଅପରାହ୍ଣ ପ୍ରାୟ ୪ଟାରେ ନରସିଂହପୁର ଅଞ୍ଚଳର ଶିକାରୀମାନେ ଏକ ଦନ୍ତାହାତୀକୁ ଗୁଳି କରିଥିଲେ। ଗୁଳିବିଦ୍ଧ ହାତୀଟିର ହିନ୍ଦୋଳ ରେଞ୍ଜ୍ କନ୍ଧରା ସଂରକ୍ଷିତ ଜଙ୍ଗଲରେ ମୃତ୍ୟୁ ଘଟିଥିଲା। ଶିକାରୀଙ୍କ ଉପଦ୍ରବ ରୋକିବାକୁ ୧୦ଦିନ ଧରି କନ୍ଧାର ଜଙ୍ଗଲରେ ତମ୍ବୁ ପକାଇ ପାଟ୍ରୋଲିଂ କରୁଥିବା ୧୦ ବନ କର୍ମଚାରୀଙ୍କ ଉପରକୁ ଅପରାହ୍ଣ ୫ଟାରେ ଶିକାରୀମାନେ ଏକକାଳୀନ୯ ରାଉଣ୍ଡ ଗୁଳି ଚଳାଇଥିଲେ। ଏହାର କିଛି ସମୟ ପରେ ପୁନର୍ବାର ୮ ରାଉଣ୍ଡ ଗୁଳି ଚାଳନା ହୋଇଥିଲା। ନିରସ୍ତ୍ର ବନ କର୍ମଚାରୀ ଏଥିରେ ଭୟଭୀତ ହୋଇ ଛତ୍ରଭଙ୍ଗ ଦେଇଥିଲେ। ଏହାର ସୁଯୋଗରେ ଶିକାରୀମାନେ ଏସିଡ୍ ପକାଇ ମୃତହାତୀର ଦୁଇଟି ଦାନ୍ତ କାଟି ନେଇଛନ୍ତି। ଅଭିଯୁକ୍ତଙ୍କୁ ଧରିବା ଏବଂ ତଦନ୍ତ ତ୍ୱରାନ୍ୱିତ କରିବାକୁ ଜିଲା ବନଖଣ୍ଡ ଅଧିକାରୀ ରାଜ୍ୟ ବନ ବିଭାଗ, ବନ୍ୟପ୍ରାଣୀ ବିଭାଗ, କଟକ ଓ ଆଠଗଡ଼ ବନ ବିଭାଗ ଏବଂ ପୋଲିସ ପ୍ରଶାସନର ସହାୟତା ଲୋଡ଼ିଥିଲେ। ସମନ୍ୱୟ ରକ୍ଷା କରି ଶିକାରୀଙ୍କୁ ଧରିବାକୁ ରାଜ୍ୟ ବନ ବିଭାଗ ପକ୍ଷରୁ ଅନୁମତି ମିଳିଥିବା ସେ ସୂଚନା ଦେଇଛନ୍ତି।

ଏ ସଂକ୍ରାନ୍ତରେ ଡିଏଫ୍ଓ କୁହନ୍ତି, ଏହି ଘଟଣାରେ ନରସିଂହପୁର ଅଞ୍ଚଳର ୧୦ରୁ ୧୫ଜଣ ଶିକାରୀଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ସେମାନଙ୍କ ପାଖରେ ୧୦ ବନ୍ଧୁକ ଥିବା ଅନୁମାନ କରାଯାଉଛି । ୯ ତାରିଖରେଏକ କୋର୍ଟ କାମରେ ସେ କନ୍ଧମାଳ ଯାଇଥିଲେ। ୧୦ ତାରିଖରେ ଘଟଣାସ୍ଥଳରେ ତଦନ୍ତ କରାଯାଇଛି। କନ୍ଧରା ଜଙ୍ଗଲରେ ଶିକାରୀ ସକ୍ରିୟ ଥିବା ସୂଚନା ମିଳିବା ପରେ ୧୦ ଦିନ ହେଲା ବନ କର୍ମଚାରୀ ତମ୍ବୁ ପକାଇ ପାଟ୍ରୋଲିଂ କରୁଥିଲେ। ଘଟଣା ଏତେ ଭୟଙ୍କର ହେବ ବୋଲି ସେମାନେ ଆକଳନ କରିପାରିନ ଥିଲେ। ଆବଶ୍ୟକ ସମୟରେ ସହାୟତା କରିବାକୁ ଏପିଆର୍ ଫୋର୍ସ ଥିଲେ। ମୋବାଇଲ ଟାୱାର ନ ଥିବାରୁ ସୂଚନା ମିଳିବାରେ ବିଳମ୍ବ ହୋଇଥିଲା। ଅନ୍ୟପଟେ ମୃତହାତୀର ଆନୁମାନିକ ବୟସ ପ୍ରାୟ ୩୦ବର୍ଷ ହେବ ବୋଲି ଜଣାପଡ଼ିଛି। ମୃତଦେହ ବ୍ୟବଚ୍ଛେଦ ପରେ ପୋତି ଦିଆଯାଇଛି।



ଶିକାର ହୋଇଥିବା ଦନ୍ତାହାତୀ।

## ମିଳିଲା ମାଖନା ହାତୀ ମୃତଦେହ

**ଢେଙ୍କାନାଳ ଅଫିସ, ୧୧।୨**

ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ୍ ଭେଜିଆ ଗ୍ରାମ କନକା ଫରେଷ୍ଟ ବିଟ୍ ହାଉସ ଅନ୍ତର୍ଗତ କନ୍ଧରା ସଂରକ୍ଷିତ ଜଙ୍ଗଲରୁ ଗୁରୁବାର ଏକ ମାଖନା ହାତୀର ମୃତଦେହ ଠାବ କରାଯାଇଛି। ଗୁଳିମାଡ଼ରେ ହାତୀର ମୃତ୍ୟୁ ଘଟଣାକୁ ୪୮ ଘଣ୍ଟା ନ ପୂରୁଣୁ ଏହି ଘଟଣା ବନ ବିଭାଗର ଚିନ୍ତା ବଢ଼ାଇଛି। ତେବେ ନାଳରେ ପଡ଼ି ଏହାର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଥିବା ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି ।

# ମନ୍ତ୍ରୀଙ୍କୁ ଘେରିଲେ ଚାଷୀ

**ସୁନ୍ଦରଗଡ଼, ୧୧।୨ (ଡି.ଏନ୍.ଏ.):**

ସୁନ୍ଦରଗଡ଼ ଜିଲାର ବିଭିନ୍ନ ମଣ୍ଡିରେ ଧାନସଂଗ୍ରହରେ ଅବ୍ୟବସ୍ଥା ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗୁରୁବାର ସକାଳେ ଚାଷୀମାନେ ସୁନ୍ଦରଗଡ଼ ଗସ୍ତରେ ଆସିଥିବା ପଞ୍ଚାୟତିରାଜ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ କୁମାର ଜେନାଙ୍କୁ ଘେରିଥିଲେ। ସକାଳେ ଶତାଧିକ ଚାଷୀ ଧାନଉଠାଣ ଦାବିକରି ବିଭିନ୍ନ ସ୍ଲୋଗାନ ଦେଇ ସର୍କିଟ ହାଉସ ସମ୍ମୁଖ ରାସ୍ତାକୁ ଅବରୋଧ କରିଥିଲେ। ଏପରିକି ଅଧିକାଂଶ ଚାଷୀ ରାସ୍ତା ଉପରେ ଶୋଇ ମନ୍ତ୍ରୀଙ୍କୁ ଯିବାକୁ ଦେଇ ନ ଥିଲେ।

ମନ୍ତ୍ରୀ ଜେନା ସୁନ୍ଦରଗଡ଼ ଜିଲାକୁ ୩ ଦିନିଆ ଗସ୍ତରେ ଆସି ବିଭିନ୍ନ ବ୍ଲକରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଗସ୍ତର ଅନ୍ତିମ ଦିବସରେ ଗୁରୁବାର ମନ୍ତ୍ରୀ ସୁନ୍ଦରଗଡ଼ ବିକାଶ ଭବନଠାରେ ହେବାକୁ ଥିବା ସଦର ବ୍ଲକର ସମୀକ୍ଷା ବୈଠକରେ ଯୋଗଦେବାକୁ ଯିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ତା'ପୂର୍ବରୁ ସ୍ଥାନୀୟ ସର୍କିଟ ହାଉସ୍ଠାରେ ଚାଷୀମାନେ ବାଟ ଓଗାଳିଥିଲେ। ଫଳରେ ମନ୍ତ୍ରୀଙ୍କୁ ସର୍କିଟ ହାଉସ୍ରେ ଘଣ୍ଟାଏ କାଳ ଅଟକି ଯିବାକୁ ପଡ଼ିଥିଲା। ଏସ୍ପି ସାଗରିକା ନାଥ, ପିଡି ଡିଆରଡିଏ ଭୈରବ ସିଂ ପଟେଲ, ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା, ତହସିଲଦାର ଯୋଗେଶ୍ୱର ଭୋଇ ଓ ଟାଉନଥାନା ପୋଲିସ ଚାଷୀଙ୍କୁ ବୁଝାଶୁଝା କରିଥିଲେ। ଶେଷରେ ପୋଲିସ ସେମାନଙ୍କୁ ବଳପ୍ରୟୋଗ କରି ହଟାଇବା ପରେ ମନ୍ତ୍ରୀ ବିକାଶ ଭବନରେ ହେବାକୁ ଥିବା ବୈଠକରେ ଯୋଗ ଦେଇଥିଲେ। ତେବେ ସେଠାରେ ମନ୍ତ୍ରୀ ଜେନା ସୁନ୍ଦରଗଡ଼ ଜିଲାର ଧାନ ସଂଗ୍ରହ ଟାର୍ଗେଟକୁ ବୃଦ୍ଧି କରାଯାଇ ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯିବ ବୋଲି କହିଥିଲେ।

# ନୟାଗଡରେ ଟେଣ୍ଡର ଫିକ୍ସିଂ ଅଭିଯୋଗ

**ନୟାଗଡ ଅଫିସ,୧୧।୨**

ନୟାଗଡ ମ୍ୟୁନିସିପାଲିଟିରେ ଟେଣ୍ଡର ଫିକ୍ସିଂ କରାଯାଉଥିବା ଅଭିଯୋଗ ହୋଇଛି। ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ ଅଭିଯୋଗ କରିଛନ୍ତି, ଲୁଚାଛପାରେ ଟେଣ୍ଡର ବିଜ୍ଞାପନ ଖବରକାଗଜରେ ପ୍ରକାଶ କରି ମିଥ୍ୟାବିଲ୍ କରାଯାଉଛି। ବିଜ୍ଞାପନ ପ୍ରକାଶ କରି ଗୁରୁବାର ସଂସ୍କରଣକୁ ଗାଏବ କରାଯାଇଥିବା ନଜିର ରହିଛି। ଏ କଥା ଜଣାପଡିବା ପରେ ମ୍ୟୁନିସିପାଲିଟି ପକ୍ଷରୁ ସେହି ବିଜ୍ଞାପନକୁ ବାତିଲ କରାଯିବାକୁ ଚେଷ୍ଟା କରାଯାଉଛି। ୧୩ ଲକ୍ଷ ଟଙ୍କାର ବିଜ୍ଞାପନ ଟେଣ୍ଡର ଫିକ୍ସିଂକୁ ପ୍ରମାଣିତ କରୁଛି। ନୟାଗଡ ଜିଲାପାଳ ଦାୟିତ୍ୱରେ ଥିବାବେଳେ ଏଭଳି ଘଟଣା ନିନ୍ଦନୀୟ ବୋଲି ସେ କହିଛନ୍ତି। ଏନେଇ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ କୁହନ୍ତି, ଗୁରୁବାର ପ୍ରକାଶିତ ବିଜ୍ଞାପନ ବାତିଲ ହୋଇଯାଇଛି। କୌଣସି ଟେଣ୍ଡର ଫିକ୍ସିଂ କରାଯାଇ ନାହିଁ ।

# ମାଲ ପରିବହନ ଗାଡ଼ି ଉପରେ ନଜର ରଖ

**ଦୁର୍ଘଟଣା ଚିନ୍ତା**

**ଏସ୍ଟିଏକୁ ଚିଠି ଲେଖିଲା ପରିବହନ ବିଭାଗ**

**ଭୁବନେଶ୍ୱର,୧୧।୨(ବ୍ୟୁରୋ)**

ଓଭରଲୋଡିଂ ମାଲଗାଡି ଏବଂ ଅନ୍ୟାନ୍ୟ ବିପଜ୍ଜନକ ରାସାୟନିକ ପଦାର୍ଥ(କେମିକାଲ) ପରିବହନ କରୁଥିବା ଯାନବାହନଗୁଡିକ ଯୋଗୁ ଅନେକ ଦୁର୍ଘଟଣା ଘଟୁଛି। ଏହାକୁ ନିୟନ୍ତ୍ରଣ କରିବା ଲାଗି ଏନ୍ଫୋର୍ସମେଣ୍ଟ କାର୍ଯ୍ୟକ୍ରମକୁ ଜୋରଦାର କରିବାକୁ ବାଣିଜ୍ୟ ଓ ପରିବହନ ବିଭାଗ ସଚିବ ମଧୁସୂଦନ ପାଢୀ ରାଜ୍ୟ ପରିବହନ କର୍ତ୍ତୃପକ୍ଷ(ଏସ୍ଟିଏ) କମିଶନର ସଞ୍ଜୀବ ପଣ୍ଡାଙ୍କୁ ଗୁରୁବାର ଚିଠି ଲେଖିଛନ୍ତି। ଚିଠିରେ ପାଢୀ ଉଲ୍ଲେଖ କରିଛନ୍ତି ଯେ କାଠ ବୋଝେଇ ଟ୍ରକ୍ ଏବଂ ଅନ୍ୟାନ୍ୟ କେମିକାଲ ପରିବହନ କରୁଥିବା ଯାନବାହନଗୁଡିକ ଯୋଗୁ ରାସ୍ତା ଦୁର୍ଘଟଣା ବହୁ ପରିମାଣରେ ବଢି ଯାଇଛି। ଓଡ଼ିଶାରେ ଏଥିଯୋଗୁ ୮୭୦ ଲୋକଙ୍କର ଜୀବନ ଯାଇଥିବା ବେଳେ ୨ ହଜାର ୧୧୦ ଲୋକ ଆହତ ହୋଇଛନ୍ତି। ମାଲବୋଝେଇ ଗାଡିଗୁଡିକ ଧାର୍ଯ୍ୟ ମାଲଠାରୁ ଅଧିକ ଲଦି ବୋହୁଛନ୍ତି। ଫଳରେ ଦୁର୍ଘଟଣା ଘଟୁଛି। ଅଧିକ ମାଲ ପରିବହନ ମୋଟର ଯାନ ଆଇନ ଅନୁଯାୟୀ ଏକ ଅପରାଧ ଭାବେ ବିବେଚନା କରାଯାଏ। ଏଥିପାଇଁ ୬ ମାସ ଜେଲଦଣ୍ଡ ଥିବା ବେଳେ ୧ ହଜାର ଟଙ୍କା ଜରିମାନା ରହିଛି। ମାଲ ବୋଝେଇ ଗାଡିଗୁଡିକୁ କଡାକଡି ଯାଞ୍ଚ କରିବାକୁ ପରିବହନ ସଚିବ ପରାମର୍ଶ ଦେଇଛନ୍ତି। ପୂର୍ତ୍ତ ବିଭାଗ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷ(ଏନ୍ଏଚଏଆଇ) ଟୋଲ୍ ପ୍ଲାଜା ନିକଟରେ ଓଭରଲୋଡ ମାଲଗାଡିଗୁଡିକୁ ଚିହ୍ନଟ କରିବାକୁ ରାଜ୍ୟ ସରକାର ଅନୁରୋଧ କରିଛନ୍ତି। ଏ ନେଇ ଜନସଚେତନତା କ୍ୟାମ୍ପ ଜରିଆରେ ଲୋକମାନଙ୍କୁ ସଚେତନ କରିବାକୁ କୁହାଯାଇଛି।

# ଜାତୀୟ ରାଜପଥରେ ପଡ଼ିଛି କୃମି ନାଶକ ବଟିକା

ନୟାଗଡ ଅଫିସ,୧୧।୨: ଫାଇଲେରିଆ ବା ବାତଜ୍ୱର ନିରାକରଣ ନିମନ୍ତେ ଏକକାଳୀନ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ନୟାଗଡ ଜିଲାରେ ଗତ ୧୦ ତାରିଖରୁ ଆରମ୍ଭ ହୋଇଛି । ଏହା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି କାର୍ଯ୍ୟକ୍ରମରେ ଘରକୁ ଘର ଯାଇ ଆଶା, ଅଙ୍ଗନୱାଡି କର୍ମୀ ଓ ସ୍ୱେଚ୍ଛାସେବୀ ଡିଇସି ଔଷଧ ସହ ଆଲବେଣ୍ଡାଜୋଲ ବଟିକା ବୟସ ଅନୁପାତରେ ଲୋକମାନଙ୍କୁ ଖୁଆଉଛନ୍ତି । ଏଭଳିସ୍ଥଳେ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ମହିପୁର ଡାହୁକା ପୋଲ ଉପରେ ଓ ଡିମିରିଝରୀ ଗାଁ ନିକଟରେ ବହୁ ପରିମାଣର କୃମି ନାଶକ ଆଲବେଣ୍ଡାଜୋଲ ବଟିକା ଗୁରୁବାର ପଡିଥିବା ଦେଖିବାକୁ ମିଳିଛି । ଘଟଣାସ୍ଥଳରେ ଗୋଟିଏ କାଗଜ ପେଟି ପଡିବା ସହିତ ଶତାଧିକ ବଟିକା ପଡି ରହିଛି । ସେହି ରାସ୍ତାରେ ଯାଉଥିବା ଯାନବାହନ ମାଡି ଅର୍ଦ୍ଧାଧିକ ବଟିକା ନଷ୍ଟ ହୋଇଯାଇଛି । ତେବେ କିଏ ଓ କାହିଁକି କୃମି ନାଶକ ଔଷଧ ପୋଲ ଉପରେ ପକାଇଛନ୍ତି ତାହା ଜଣାପଡି ନାହିଁ । ହେଲେ ଔଷଧ ପେଟିରେ ନବରଙ୍ଗପୁର ଏଡିଏମ୍ ପିଏଚ୍ ଉଲ୍ଲେଖ ରହିଛି । ଯାହାର ଏକ୍ସପାୟର ତାରିଖ ୨୦୨୨ ରହିଛି । ନବରଙ୍ଗପୁର ପାଇଁ ଉଦ୍ଦିଷ୍ଟ କୃମିନାଶକ ଔଷଧ କିଏ ଆଣି ଜାତୀୟ ରାଜପଥରେ ଫୋପାଡିଛନ୍ତି ନା ଗାଡିରେ ନେବା ବେଳେ ଖସି ପଡିଛି ତାହା ତଦନ୍ତସାପେକ୍ଷ । ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍ଓ) ଶକ୍ତି ପ୍ରସାଦ ମିଶ୍ର କୁହନ୍ତି, ରାସ୍ତାରେ ଆଲବେଣ୍ଡାଜୋଲ ବଟିକା ପଡିଥିବା ଖବର ମିଳିବା ପରେ ମହିପୁର ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀଙ୍କୁ ପଠାଇ ମେଡିସିନ୍ଗୁଡିକ ଜବତ କରି ଆଣିଛୁ । ବ୍ୟାଚ ନମ୍ବର ତନଖି ପରେ ସେହି ବଟିକାଗୁଡିକ ନୟାଗଡ ଜିଲାର ନୁହେଁ ବୋଲି ଜଣାପଡିଛି । କେଉଁଠାରୁ ସେହି ବଟିକା ଆସିଲା ସେ ସମ୍ପର୍କରେ ତଦନ୍ତ କରାଯାଉଛି ବୋଲି ସେ କହିଛନ୍ତି ।

# ୧୫ରୁ ହାଇକୋର୍ଟରେ ସିଧାସଳଖ ଶୁଣାଣି

- ଆଇନଜୀବୀ ଚାହିଁଲେ ଭର୍ଚୁଆଲ ଶୁଣାଣି କରିପାରିବେ
- ଏସ୍ଓପି ଜାରି ହେଲା

**କଟକ ଅଫିସ,୧୧।୨**

ଆସନ୍ତା ୧୫ ତାରିଖରୁ ହାଇକୋର୍ଟ ସ୍ୱାଭାବିକ ଭାବେ କାର୍ଯ୍ୟ କରିବ। କରୋନା ମହାମାରୀ ଯୋଗୁ ହାଇକୋର୍ଟରେ ବିଭିନ୍ନ ମାମଲାର ଶୁଣାଣି ଭର୍ଚୁଆଲ ମାଧ୍ୟମରେ ହେଉଥିଲା। ଏଥିପାଇଁ ହାଇକୋର୍ଟ ରେଜିଷ୍ଟ୍ରାରଙ୍କ ପକ୍ଷରୁ ଗୁରୁବାର ଏସ୍ଓପି ଜାରି କରାଯାଇଛି। କୋର୍ଟ କାର୍ଯ୍ୟ ସ୍ୱାଭାବିକ ହେବାକୁ ଥିଲେ ମଧ୍ୟ ଭର୍ଚୁଆଲ ଶୁଣାଣିକୁ ସମ୍ପୂର୍ଣ୍ଣ ଉଠାଇ ଦିଆଯାଇନାହିଁ। ଜଣେ ଆଇନଜୀବୀ ଯଦି ଭର୍ଚୁଆଲ୍ ମାଧ୍ୟମରେ ଶୁଣାଣି ଚାହିଁବେ, ତେବେ ସେ ଏହି ବ୍ୟବସ୍ଥା ଜରିଆରେ ଭାଗ ନେଇପାରିବେ ବୋଲି ଏସ୍ଓପିରେ ସ୍ପଷ୍ଟ କରାଯାଇଛି। କିନ୍ତୁ ସିଧାସଳଖ ଶୁଣାଣିବେଳେ କୋର୍ଟ ରୁମ୍ରେ ୫ଜଣ ଆଇନଜୀବୀଙ୍କୁ ଏକକାଳୀନ ଉପସ୍ଥିତ ରହିବାକୁ ଅନୁମତି ମିଳିବ। ଯଦି କେହି ଆଇନଜୀବୀ ଉପାନ୍ତ ଅଞ୍ଚଳରୁ ଭର୍ଚୁଆଲ୍ ମୋଡ୍ରେ ମାମଲା ପରିଚାଳନା କରିବାକୁ ଚାହୁଁଥାଆନ୍ତି, ଏହାପୂର୍ବରୁ ତାଙ୍କୁ କୋର୍ଟ ମାଷ୍ଟରଙ୍କ ନିକଟକୁ ତାଙ୍କ ନାମ, କେସ୍ ନମ୍ବର, କେସ୍ ସମ୍ପର୍କିତ ସବିଶେଷ ତଥ୍ୟ ଜଣାଇବାକୁ ପଡ଼ିବ। ଆଇନଜୀବୀ, କ୍ଲର୍କ, କୌଣସି ପକ୍ଷ, ହାଇକୋର୍ଟ ବାର୍ ଆସୋସିଏଶନ୍ କିମ୍ବା ଆଇନଜୀବୀ ପରିଷଦ ଦ୍ୱାରା ଦିଆଯାଇଥିବା ପାସ୍ ଦେଖାଇ କୋର୍ଟକୁ ପ୍ରବେଶ କରିପାରିବେ। ବରିଷ୍ଠ ଆଇନଜୀବୀଙ୍କ ସାଥିରେ ଜଣେ ସହକାରୀ ଆଇନଜୀବୀ କୋର୍ଟକୁ ଯାଇପାରିବେ। ଯଦି ଅଧିକ ଡକ୍ୟୁମେଣ୍ଟ ଥାଏ, ତା'ହେଲେ ଆଇନଜୀବୀ କ୍ଲର୍କର ସହାୟତା ନେଇପାରିବେ। ହେଲେ ସମ୍ପୃକ୍ତ କ୍ଲର୍କଙ୍କୁ ପ୍ରତୀକ୍ଷାଗୃହ ପର୍ଯ୍ୟନ୍ତ ଯିବାକୁ ଅନୁମତି ମିଳିପାରିବ।


**ଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ**

ପତ୍ର ସଂଖ୍ୟା: ୧୦୭୭ ତା୧୧।୦୨।୨୦୨୧ରିଖ

**Net SGST ପୈଠରେ ପ୍ରତିପୂରଣ ଓ PMEGP ନିଜସ୍ୱ ଅଂଶଧନ ବାବଦକୁ ଆର୍ଥିକ ସହାୟତା**

No. P-07:- ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶାଙ୍କ ଦ୍ୱାରା ଉଦ୍‌ଘୋଷିତ କୋଭିଡ-୧୯ ପ୍ୟାକେଜ ଅନୁଯାୟୀ ରାଜ୍ୟର ଯୋଗ୍ୟ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀଙ୍କୁ ଅନୁରୋଧ କରାଯାଉଅଛି ଯେ, ପ୍ରଚଳିତ ଶିଳ୍ପ ନୀତି ଆଧାରରେ ବର୍ଷ ୨୦୧୭-୧୮, ୨୦୧୮-୧୯, ୨୦୧୯-୨୦ ନିମନ୍ତେ ନେଟ SGST ପୈଠରେ ପ୍ରତିପୂରଣ ମଞ୍ଜୁରୀ ପାଇଁ ଓଡ଼ିଶା ଶିଳ୍ପ ନୀତି ୨୦୦୭ ଓ ଶିଳ୍ପ ନୀତି ୨୦୧୫ ଅନୁଯାୟୀ ନିର୍ଦ୍ଧାରିତ ଫର୍ମାଟରେ ଏବଂ କାର୍ଯ୍ୟକାରିତା ନିର୍ଦ୍ଦେଶାବଳୀରେ ନିହିତ ଯାଞ୍ଚ ତାଲିକା (Check List) ଅନୁସାରେ ଆବଶ୍ୟକ ନଥିପତ୍ର ସହ ଯଥାଶୀଘ୍ର ସମ୍ପୃକ୍ତ ଆଞ୍ଚଳିକ ଶିଳ୍ପ କେନ୍ଦ୍ର/ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକଙ୍କ ନିକଟରେ ଦରଖାସ୍ତ ଦାଖଲ କରନ୍ତୁ ।

ଏଥିସହିତ ଉପରୋକ୍ତ ପ୍ୟାକେଜରେ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ PMEGP ଯୋଜନାରେ ହିତାଧିକାରୀ ନିଜସ୍ୱ ଅଂଶଧନ (Own contribution) ବାବଦକୁ ପ୍ରକଳ୍ପ ମୂଲ୍ୟର ପାଞ୍ଚ ପ୍ରତିଶତ ସରକାରୀ ଅନୁଦାନ ଦେବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା ଘୋଷଣା କରିଛନ୍ତି । ଯୋଗ୍ୟ ହିତାଧିକାରୀ ନିକଟସ୍ଥ ଆଞ୍ଚଳିକ / ଜିଲ୍ଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକଙ୍କୁ ଯୋଗାଯୋଗ କରି ଏହାର ସୁଯୋଗ ନେବାକୁ ଅନୁରୋଧ କରାଯାଉଅଛି ।

OIPR-14010/11/0009/2021 ସ୍ୱା./- ଶିଳ୍ପ ନିର୍ଦ୍ଦେଶକ, ଓଡ଼ିଶା



**ODISHA PUBLIC SERVICE COMMISSION**
**CUTTACK**
**NOTICE**

No. 1109/PSC Dt.11.2.21

**Corrigendum to Advertisement No 07 of 20/21 for Recruitment to the Post of Odisha Civil Services - 2020**

**Website: http://opsconline.gov.in & http://opsc.gov.in**

No. D-167: In view of the technical glitches resulting in many aspiring candidates experiencing difficulty to make submission of their forms and as per the advice of the technical team, the Commission has orderd to extend the last date of registration and online payment of fee from 11.02.2021 to 22.02.2021 and last date of online submission from 18.02.2021 to 02.03.2021. All other terms & conditions of the said advertisement remain unchanged. The candidates are advertised to visit the website of the Commission at **www.opsc.gov.in**.

**Sd./- Secretary**
**OIPR-12002/11/0073/2021**



**ଖଣ୍ଡୀୟ ବନାଧିକାରୀଙ୍କ କାର୍ଯ୍ୟାଳୟ, ନୟାଗଡ଼, ବନଖଣ୍ଡ**

ବିଜ୍ଞପ୍ତି: ୨୦ ତା୨୫।୦୧।୨୦୨୧ରିଖ

ପ୍ରାପ୍ତେଷୁ,

**ଶ୍ରୀ ସୁବ୍ରତ ଜାନୀ, ବନପାଳ**

No. MM-150: ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଆପଣ ଗତ ୨୩।୧୦।୨୦୨୦ରିଖଠାରୁ ଆପଣଙ୍କ କାର୍ଯ୍ୟସ୍ଥଳରୁ ବିନା ଅନୁମତିରେ ଅନୁପସ୍ଥିତ ଅଛନ୍ତି। ଆପଣ ଜଣେ ଖାକୀ ପୋଷାକଧାରୀ ବନ ବିଭାଗ କର୍ମଚାରୀ ଅଟନ୍ତି। ବର୍ତ୍ତମାନର Covid-19 ସମୟରେ ଜଙ୍ଗଲ ବିଭାଗକୁ Partially Critical Service (ଜରୁରିକାଳୀନ ସେବା) ରୂପେ ଗ୍ରହଣ କରାଯାଇଛି। ପୁନଶ୍ଚ ଆପଣଙ୍କୁ ପ୍ରେରିତ ପତ୍ର ସଂଖ୍ୟା ୮୪୫୦ ତା୨୮।୧୨।୨୦୨୦, ୭୫୫୨ ତା୦୭।୧୨।୨୦୨୦, ୭୪୩୪ ତା୨୩।୧୧।୨୦୨୦, ୬୫୦୩ ତା୧୫।୧୦।୨୦୨୦, ପତ୍ର ସଂଖ୍ୟା ୧୦୨୫ ତା୦୨।୧୧।୨୦୨୦ ଏବଂ ୧୧୨୭ ତା୨୪।୧୧।୨୦୨୦କୁ ଆପଣ ଗ୍ରହଣ କଲେ କିନ୍ତୁ ଆମ୍ଭେ ଆପଣଙ୍କଠାରୁ କୌଣସି ପ୍ରତ୍ୟୁତ୍ତର ପାଇଲୁନାହିଁ। ପତ୍ର ସଂଖ୍ୟା ୭୭୫୨ ତା୦୭।୧୨।୨୦୨୦କୁ ଆପଣଙ୍କ ପାଖକୁ ରେଜେଷ୍ଟ୍ରି ଡାକ ମାଧ୍ୟମରେ ପ୍ରେରିତ କରାଯାଇଥିଲା, କିନ୍ତୁ ଏହି ପତ୍ରର ମଧ୍ୟ କୌଣସି ପ୍ରତ୍ୟୁତ୍ତର ପାଇଲୁନାହିଁ। ଆପଣଙ୍କୁ ଦେଇଥିବା ଚିଠିକୁ ପାଥେୟ କରି ଏବଂ ଆପଣଙ୍କ ସମ୍ପୂର୍ଣ୍ଣ କାର୍ଯ୍ୟକାଳ ଓ ବର୍ତ୍ତମାନର କାର୍ଯ୍ୟକୁ ବିଚାର କରି କାର୍ଯ୍ୟଦକ୍ଷ ଅଧିକାରୀ 5T ଅଧୀନରେ ଆପଣଙ୍କୁ ସରକାରୀ ଚାକିରୀରୁ ବହିଷ୍କାର କରିବା ନିମନ୍ତେ ପ୍ରସ୍ତାବ ରଖିଛନ୍ତି ଏବଂ ଆପଣଙ୍କୁ କାହିଁକି ସରକାରୀ ଚାକିରିରୁ ବହିଷ୍କାର କରା ନ ଯିବ ତାହାର କୈଫତ ୧୫ଦିନ ମଧ୍ୟରେ ଦାଖଲ କରିବା ପାଇଁ ଆପଣଙ୍କୁ ନିର୍ଦ୍ଦେଶ ଦିଆଯାଇଅଛି।

ଆପଣ ଆପଣଙ୍କର ହେଡକ୍ୱାର୍ଟରରେ ଅନୁପସ୍ଥିତ ଥିବା କାରଣରୁ ଏବଂ ଆପଣଙ୍କ ଦୋମଣୀ ସାହି, ଚାନ୍ଦପୁରସ୍ଥିତ ବାସଭବନରେ ମଧ୍ୟ ଅନୁପସ୍ଥିତ ଥିବାରୁ ଏହି ପତ୍ରଟିକୁ ଆପଣଙ୍କୁ ହସ୍ତାନ୍ତର ସମ୍ଭବପର ହେଲା ନାହିଁ। ଆପଣଙ୍କ ଦୋମଣୀ ସାହି, ଚାନ୍ଦପୁରସ୍ଥିତ ଘର କାନ୍ଥରେ ମଧ୍ୟ ପଠାଯାଇଥିବା ପତ୍ର ଗୁଡ଼ିକ ଟଙ୍ଗା ତଥା ଲଟକା ହୋଇଅଛି।

ତେଣୁ ଏହି ବିଜ୍ଞପ୍ତି ମାଧ୍ୟମରେ ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ବନଖଣ୍ଡ ଅଧିକାରୀଙ୍କ ଚିଠି ଅନୁସାରେ ଆପଣ ଯେ କୌଣସି କାର୍ଯ୍ୟ ଦିବସରେ ଗ୍ରହଣ କରି, ଯଦି ଏହା ବିରୁଦ୍ଧରେ ଆପଣଙ୍କର କିଛି ଅଭିଯୋଗ ଥାଏ ତେବେ ତାହାକୁ ଲିଖିତ ଭାବେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଦାଖଲ କରିବେ, ନଚେତ ଆପଣଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./- ବନଖଣ୍ଡ ଅଧିକାରୀ, ନୟାଗଡ଼ ବନଖଣ୍ଡ, ନୟାଗଡ଼
OIPR-08026/11/0006/2021



**ODISHA PUBLIC SERVICE COMMISSION**
**CUTTACK**
**NOTICE**

No. 1083/P.S.C. Dt.10.2.21

**Website: http://opsc.gov.in**

No. D-168: On the basis of verification of original documents for Assistant Law Officer examination (Group-B) held on 08.02.2021 and in continuation to this Office Notice No. 762/PSC, Dt.01.02.2021, it is for information of all concerned candidates that, the Commission have provisionally selected **25 Candidates** to appear at the Viva-voce Test for recruitment to the Post of Assistant Law Officer Examination (Group-B) pursuant to Advertisement No. 07 of 2019-20 scheduled to be held on 19.02.2021 as per the programme mentioned at **ANNEXURE - A**.

It is also made clear that, the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage before or after the Viva-voce Test. Roll number of above 25 candidates are available in the website of OPSC website: **http://opsc.gov.in**.

**Sd./- Secretary**
**OIPR-12002/11/0074/2021**



**TDCCOL**
**TRIBAL DEVELOPMENT CO-OPERATIVE CORPORATION OF ORISSA LTD.**
Tel. 0674-2542475/2542617, Fax: 2544828, Email: admin@tdccorissa.org
Website: www.tdccodisha.org
Notice No. 462, 463, 464 Dated: 11.02.2021

**TENDER CALL NOTICE FOR DEVELOPMENT OF CPAS, BRAND STRATEGY, BRANDING, DIGITAL MARKETING, GRAPHIC DEVELOPMENT & DOCUMENTATION**

No. CAD-1244: Tenders for the above works are invited for the above works. The detail terms and conditions can be downloaded from the official website: **www.tdccodisha.org**. The intending firms who are willing to are willing to do the abvoe works are requested to submit their willingness/offers in a prescribed format as mentioned in the detail terms and conditions. The last date and time of receipt of tender documents is upto **2.00 P.M. on 18.02.2021**.

**Sd./- Managing Director**
OIPR-26005/11/0009/2021



**SAMBALPUR MUNICIPAL CORPORATION**
**SAMBALPUR - 768001**
E-mail ID: sambalpurm.hud@nic.in

**'e' Procurement NOTICE**

**Bid Identification No. 7/SMC_SBP/2020-21**

No. C-447: The Municipal Commissioner on behalf of Municipal Corporation, Sambalpur invites tenders in Two Bid System {(Part - I: General & Technical Bid and Part - II: Price Bid (percentage rate bids)} in conformity with Detailed Tender Call Notice (DTCN) for the following work.

1. Name of the Works : Development of Smart Park near Science Park at Burla
2. Approximate Estimated costs : Rs.175.019 lakhs
3. Period of Completion : As per NIT
4. Date & time of availability of the bid documents in the portal : From 11.00 hrs. of 12.02.2021 to 17.00 hrs. of 03.03.2021
5. Last date/time for receipt of bids in the portal : 17.00 hrs. of 03.03.2021
6. Technical Bids will be opened on : 11.00 hrs. of 06.03.2021
7. Name & address of the Officer Inviting Bid : Municipal Commissioner, Sambalpur Municipal Corporation, Sambalpur

Further the details can be seen from the procurement portal: **https://tendersodisha.gov.in**.

**Sd./- Municipal Commissioner**
**Sambalpur Municipal Corporation**
**OIPR-13122/11/0001/2021**



No. C-441

**OFFICE OF THE EXECUTIVE ENGINEER, P.H. DIVISION, ANGUL**
Ph. (06764) 230431, E-mail: eephangul@yahoo.in
GOVERNMENT OF ODISHA

**e-Procurement Notice for PH Works**

**Bid Identification No. EE PH Division Angul - 26/2020-21 Dt.10.02.2021**

| | | | |
|---|---|---|---|
| 1. | Name of the Work | : | P.H. Works |
| 2. | Nos. of Work | : | 1 (One) No. two bid system |
| 3. | Estimated Cost | : | Rs.425.56 lakhs |
| 4. | Period of Completion | : | 2 (Two) Calendar Months |
| 5. | Date & time of availability of bid document | : | From 11.00 A.M. of 17.02.2021 to 5.00 P.M. of 01.03.2021 |
| 6. | Last date/time of receipt of bids in the portal | : | 5.00 P.M. of 01.03.2021 |
| 7. | Date & time of opening of bid | : | 11.00 A.M. of 02.03.2021 |
| 8. | Name & address of the Officer Inviting Bid | : | Superintending Engineer, P.H. Division, Angul |
| 9. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website. | | |

**Superintending Engineer**
**P.H. Division, Angul**
**OIPR-13056/11/0003/2021**



**PANCHAYAT RAJ & DRINKING WATER DEPARTMENT**
**GOVERNMENT OF ODISHA**
**OFFICE OF THE EXECUTIVE ENGINEER, RWS&S DIVISION, NABARANGPUR**
Tel-(06858)222643, E-Mail: eerwss_ngp@rediffmail.com /eerwssngp@gmail.com

**No: RWSS_NGP_ONLINE_04/ 2020-21** **INVITATION FOR BIDS** **DATED:10.02.2021**

No. O-1076: The Executive Engineer RWS&S Division Nabarangpur, authorised by the S.E. RWS&S Circle, Koraput, on behalf of Govt. Of Odisha invites item rate/percentage bid through e-procurement in double cover system according to norm of eprocurement system in on-line mode.

1. Name of Works : As mentioned in Table "A" which includes Construction of different capacity ESR/OGR, laying of pipe line , FHTC ,Five year O&M Cost and its ancillary work in commissioned & New pipe water supply scheme of different Block in the Nabarangpur District.
2. No.of Works : 11(Eleven)Nos (Detailed in Tender Call Notice available in the website)
3. Estimated Cost : As mentioned in Table "A"
4. Tender Paper Cost : Rs.10000.00
5. Class of Contractor : As mentioned in Table "A"
6. Period of Completion : 270 Days
7. Critical Dates : * Further details can be seen in the bidding documents, which is available in the e-procurement portal **https://www.tendersorissa.gov.in**.
 * Subsequent corrigendum if required shall be appeared in the web site.

| Procurement Officer | Bid Identification No. | Availability of Tender Online for Bidding | | Last date of seeking tender clarification | Last date of receipt of confirmation letter & other documents | Date of Opening of Bid |
|---|---|---|---|---|---|---|
| | | From | To | | | |
| Executive Engineer, RWSS Division, Nabarangpur | RWSS_NGP_ ONLINE_04 of 2020-21 | 20.02.2021 at 11.00 A.M. | 26.02.2021 at 05.00 P.M. | 25.02.2021 upto 5.30 P.M. | 01.03.2021 upto 03.30 P.M. | 02.03.2021 at 11.00 A.M. |

* Authority reserves the right to reject any or all tenders without assigning any reason thererof.

**Sd./- Executive Engineer, RWS&S Division, Nabarangpur**
**OIPR-25028/11/0005/2021**

# କେନିନ୍‌ଙ୍କ ବିପର୍ଯ୍ୟୟ, ତୃତୀୟ ରାଉଣ୍ଡରେ ବାର୍ଟି

**ଅଷ୍ଟ୍ରେଲିଆନ ଓପନ୍**

ମେଲବୋର୍ନ ୧୧।୨(ପି.ଟି.)

ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନ୍ ଚତୁର୍ଥ ଦିବସରେ ପହଞ୍ଚିଛି। ମହିଳା ସିଙ୍ଗଲ୍ସରେ ଏକ ବଡ଼ ବପର୍ଯ୍ୟୟ ଦେଖିବାକୁ ମିଳିଛି। ଗତ ସଂସ୍କରଣର ଚାମ୍ପିୟନ ଆମେରିକାର ସୋଫିଆ କେନିନ୍ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ଚତୁର୍ଥ ସିଡ୍ ମାନ୍ୟତା ପାଇଥିବା କେନିନ ଇସ୍ତୋନିଆର ଅଣସିଡ୍ ଖେଳାଳି କାଇଆ କାନେପିଙ୍କଠାରୁ ୩-୬, ୨-୬ ସେଟ୍‌ରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ସେହିପରି ଅନ୍ୟଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ପଞ୍ଚମ ସିଡ୍ ୟୁକ୍ରେନ୍‌ର ଏଲିନା ଭିଟୋଲିନା ୬-୪, ୬-୩ ସେଟ୍‌ରେ ଆମେରିକାର କୋକୋ ଗୌଫଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଭିଟୋଲିନା ଏବେ ୨୬ତମ ସିଡ୍ କାଜାଖସ୍ତାନର ୟୁଲିଆ ପୁଟିନଶୋଭାଙ୍କୁ ଭେଟିବେ। ସେହିପରି ୧୧ତମ ସିଡ୍ ବେଲିଣ୍ଡା ବେନ୍‌କିକ୍ ୭-୫, ୨-୬, ୬-୪ ସେଟ୍‌ରେ ଶ୍ୱେତଲାନ କୁଜନେଶୋଭାଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ଆମେରିକାର ଜେସିକା ପେଗୁଲା ୬-୦, ୬-୧ ସେଟ୍‌ରେ ୱାଇଲ୍ଡକାର୍ଡ ଅଷ୍ଟ୍ରେଲିଆର ଅଭିଜ୍ଞ ଖେଳାଳି ସାମନ୍ଥା ଷ୍ଟୋସୁରଙ୍କୁ ହରାଇ ତୃତୀୟ ରାଉଣ୍ଡକୁ ଉଠିଛନ୍ତି। ଆମେରିକାର ୨୨ତମ ସିଡ୍ ଖେଳାଳି ଜେନିଫର ବ୍ରାଡି ୬-୧, ୬-୨ ସେଟ୍‌ରେ ନିଜ ଦେଶର ମାଡିନସନ ବ୍ରାଙ୍ଗଲକୁ ହରାଇ ତୃତୀୟ ରାଉଣ୍ଡକୁ ଉଠିଛନ୍ତି। ସେହିପରି କ୍ୱାଲିଫାୟର ସାରା ଇରାନୀ ୬-୧, ୬-୦ ସେଟ୍‌ରେ ଅଭିଜ୍ଞ ଆମେରିକୀୟ ଖେଳାଳି ଭେନସ ୱିଲିୟମ୍ସଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ଟପ୍ ସିଡ୍ ଅଷ୍ଟ୍ରେଲିଆର ଆସ୍‌ଲେ ବାର୍ଟି ୬-୧, ୭-୬ ସେଟ୍‌ରେ ନିଜ ଦେଶର ଡାରିଆ ଗାଭ୍ରିଲୋଭାଙ୍କୁ ୬-୧, ୭-୬ ସେଟ୍‌ରେ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।


ପରାଜୟ ପରେ ସୋଫିଆ କେନିନ୍।

## ତୃତୀୟ ରାଉଣ୍ଡରେ ନାଡାଲ, ମେଡଭେଡେଭ, ରୁବ୍ଲେଭ୍

ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ସ୍ପେନ ସୁପରଷ୍ଟାର ରାଫାଲ ନାଡାଲ ମଧ୍ୟ ଅଗ୍ରଗତି କରିଛନ୍ତି। ଦ୍ୱିତୀୟ ସିଡ୍ ନାଡ଼ାଲ ୬-୧, ୬-୪, ୬-୨ ସେଟ୍‌ରେ ଆମେରିକାର ଅଣସିଡ୍ ଖେଳାଳି ମାଇକେଲ ମୋଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଏଥିସହିତ ନାଡ଼ାଲ ୬୭ତମ ଅଷ୍ଟ୍ରେଲିଆ ଓପନ ମ୍ୟାଚ୍ ବିଜୟ ହାସଲ କରିଛନ୍ତି। ଅନ୍ୟଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ପଞ୍ଚମ ସିଡ୍ ଗ୍ରୀସ୍‌ର ଷ୍ଟିଫାନୋଜ ସିତିସପାସ ୬-୭, ୬-୪, ୬-୧, ୬-୭, ୬-୪ ମାରାଥନ ସେଟ୍‌ରେ ଅଷ୍ଟ୍ରେଲିଆର ଥାନାସି କୋକିନାକିସଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ସେହିପରି ସପ୍ତମ ସିଡ୍ ମାନ୍ୟତା ପାଇଥିବା ରୁଷିଆର ଆନ୍ଦ୍ରେ ରୁବ୍ଲେଭ ୬-୪, ୬-୪, ୭-୬ ସେଟ୍‌ରେ ବ୍ରାଜିଲର ଥିଆଗୋ ମୋଣ୍ଟେଇରୋଙ୍କୁ ହରାଇ ତୃତୀୟ ରାଉଣ୍ଡକୁ ଉଠିଛନ୍ତି। ୧୬ତମ ସିଡ୍ ଇଟାଲୀର ଫାବିଓ ଫୋଗନିନି ୪-୬,୬-୨, ୨-୬, ୬-୩, ୭-୬ ମାରାଥନ ସେଟ୍‌ରେ ନିଜ ଦେଶର ସାଲଭାଟୋର କାରୁସୋଙ୍କ ହରାଇ ତୃତୀୟ ରାଉଣ୍ଡକୁ ଉଠିଛନ୍ତି। ଚତୁର୍ଥ ସିଡ୍ ରୁଷିଆର ଡାନିଲି ମେଡଭେଡେଭ ୬-୨, ୭-୫, ୬-୧ ସେଟ୍‌ରେ ସ୍ପେନର ରୋବେର୍ଟୋ ବାଏନାଙ୍କୁ ହରାଇ ଅଗ୍ରଗତି କରିଛନ୍ତି।

# ଜାତୀୟ ସ୍ତରୀୟ ପ୍ରଥମ ବାର୍ଷିକ ରାମେଶ୍ୱର ଭଲିବଲ ଟୁର୍ନାମେଣ୍ଟ

ଆନନ୍ଦପୁର, ୧୧।୨ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘସିପୁରା ବ୍ଲକ ରାମଚନ୍ଦ୍ରପୁର ଠାରେ ପ୍ରଥମ ବାର୍ଷୀକ ଜାତୀୟ ସ୍ତରୀୟ ରାମେଶ୍ୱର ଭଲିବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ରାମେଶ୍ୱର କ୍ଲବର ସଭାପତି ପ୍ରଦୀପ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ଦକ୍ଷତା ବିକାଶ, ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକ, ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ, ପାଟଣା ବିଧାୟକ ଜଗନ୍ନାଥ ନାୟକ, ଚମ୍ପୁଆ ବିଧାୟକ ମୀନାକ୍ଷୀ ମହାନ୍ତ, ଜିଲା ବିଜେଡି ସଭାପତି ମାଧବ ସର୍ଦ୍ଦାର, ଜିଲା ଯୁବ ବିଜେଡି ସଭାପତି ରାକେଶ ରାମ, ଜିଲା ପରିଷଦ ଉପାଧ୍ୟକ୍ଷ ଅକ୍ଷୟ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀର ପ୍ରଥମ ମ୍ୟାଚ ହରିୟାଣା ଏବଂ ବାଲେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏସ.କେ.ଚାନ୍ଦ ଓ ଦୁର୍ଗା ନାୟକ ରେଫରୀ ଭାବେ ଖେଳ ପରିଚାଳନା କରିଥିଲେ। ପ୍ରତି ମ୍ୟାଚ ୩ ସେଟ୍‌ବିଶିଷ୍ଟ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଥିବାବେଳେ ୫ ହଜାରରୁ ଉର୍ଦ୍ଧ୍ୱ ଦର୍ଶକ ଖେଳକୁ ଉପଭୋଗ କରିଥିଲେ। ଶୁକ୍ରବାର ଭଲି ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହେବାର କାର୍ଯ୍ୟକ୍ରମ ରହିଛି।

# କେରଳ ବ୍ଲାଷ୍ଟର୍ସ ସହ ଡ୍ର ରଖିଲା ଓଡ଼ିଶା ଏଫ୍‌ସି

ମାର୍ଗାଓ, ୧୧।୨

ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ)ରେ ଗୁରୁବାର ଓଡ଼ିଶା ଏଫ୍‌ସି ଓ କେରଳ ବ୍ଲାଷ୍ଟର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ୨-୨ ଗୋଲରେ ଅମୀମାଂସିତ ଭାବେ ଶେଷ ହୋଇଛି। ଓଡ଼ିଶା ଏଫ୍‌ସି ତରଫରୁ ଡିଏଗୋ ମୌରିସିଓ (୪୫ତମ ଓ ୭୪ତମ ମିନିଟ୍) ଦୁଇଟି ଗୋଲ ସ୍କୋର କରିଥିଲେ। କେରଳ ବ୍ଲାଷ୍ଟର୍ସର ଜୋର୍ଡାନ ମୁରେ (୫୨ତମ) ଏବଂ ଗ୍ୟାରି ହୁପର (୬୮ତମ) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏହି ଦଳ ଓଡ଼ିଶା ଅପେକ୍ଷା ଭଲ ଖେଳିଥିଲା। ବହୁ ଗୋଲ ଦେବାର ସୁଯୋଗ ପାଇଥିଲେ ମଧ୍ୟ କାର୍ଯ୍ୟକାରୀ କରିବାରେ ବିଫଳ ରହିଥିଲା। ମ୍ୟାଚ ଡ୍ର ରଖିବା ଦ୍ୱାରା ଦଳ ପ୍ଲେ-ଅଫ୍ ଆଶା ମଉଳି ଯାଇଛି। ଡିଏଗୋ ମୌରିସିଓ ହିରୋ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପ୍ରତିଯୋଗିତାରେ ଓଡ଼ିଶା ଏଫ୍‌ସିର ଏହା ୧୬ତମ ମ୍ୟାଚ ଥିଲା। ଦଳ ଗୋଟିଏ ବିଜୟ, ୬ ଡ୍ର ଏବଂ ୯ ପରାଜୟରୁ ୯ ପଏଣ୍ଟ ଲାଭ କରି ଟେବୁଲର ସର୍ବନିମ୍ନ ୧୧ତମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ୧୭ ମ୍ୟାଚ ଖେଳି ସାରିଥିବା କେରଳ ଦଳ ୧୬ ପଏଣ୍ଟ ସହ ଟେବୁଲର ୯ମ ସ୍ଥାନରେ ରହିଛି।



ଡିଏଗୋ ମୌରିସିଓ

# ଜାତୀୟ ଲେଗ୍ କ୍ରିକେଟ ପାଇଁ ଓଡ଼ିଶା ଦଳ ଘୋଷିତ

ସମ୍ବଲପୁର, ୧୧।୨(ବ୍ୟୁରୋ)

ଉତ୍ତର ପ୍ରଦେଶର ମଥୁରାଠାରେ ୯ମ ଜାତୀୟ ଲେଗ୍ କ୍ରିକେଟ ଟୁର୍ନାମେଣ୍ଟ ଚଳିତମାସ ୨୧ରୁ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଓଡ଼ିଶା ଲେଗ୍ କ୍ରିକେଟ ଆସୋସିଏଶନ ପକ୍ଷରୁ ଗୁରୁବାର ଏଥିପାଇଁ ୧୫ ଜଣିଆ ରାଜ୍ୟଦଳ ଘୋଷଣା କରାଯାଇଛି। ଓଡ଼ିଶା ଦଳ ଗୁରୁବାର ମଥୁରା ଯାତ୍ରା କରିବ ବୋଲି ଆସୋସିଏଶନ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି। ଓଡ଼ିଶା ଦଳ: ଚନ୍ଦନ ରାୟ (ଅଧିନାୟକ), ସୌମ୍ୟରଞ୍ଜନ ସାହୁ, ତୁଷାର ସିଂଦେଓ, କମଲଜିତ ସିଂ, ତୁଷାର ମେହେର, ସୁରଜ ମିଞ୍ଜ, ଅଂଶୁମାନ ବେହେରା, ସୁନୀଲ ମୁଣ୍ଡା, ବିନୋଦ ଓରାମ, ସୌମ୍ୟରଞ୍ଜନ ବେହେରା, ଆଷ ଲାକ୍ରା, ସୌରଭ କୁମାର ଦେଓ, ସିଦ୍ଧାନ୍ତ ସିଂ, ରୋହିତ ଉପାଧ୍ୟାୟ, ନିଖିଲ ମୁଣ୍ଡା।


ଜାତୀୟ ସିନିୟର ଟେବୁଲଟେନିସ୍ ପାଇଁ ମନୋନୀତ ଓଡ଼ିଶା ଦଳ।

# ଜାତୀୟ ସିନିୟର ଟିଟି ପାଇଁ ଓଡ଼ିଶା ଦଳ ଘୋଷିତ

ଭୁବନେଶ୍ୱର, ୧୧।୨(କ୍ରୀଡ଼ା ପ୍ରତିନିଧି)

ହରିୟାଣାର ପଞ୍ଚକୁଲାଠାରେ ଚଳିତ ମାସ ୧୫ରୁ ୨୩ ପର୍ଯ୍ୟନ୍ତ ୮୨ତମ ଜାତୀୟ ସିନିୟର ଟେବୁଲ ଟେନିସ (ଟିଟି) ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଗୁରୁବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ଓଡ଼ିଶା ଦଳ ଶୁକ୍ରବାର ପଞ୍ଚକୁଲା ଯାତ୍ରା କରିବ ବୋଲି ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ଜଣାଇଛନ୍ତି।

**ଓଡ଼ିଶା ଦଳ**

ସିନିୟର ବାଳିକା: ମୟୂରୀ ଚାଟାର୍ଜୀ, ଯୋଶିତା ଜାମୁଲା, ଅଞ୍ଜଳି ଅଗ୍ରୱାଲା, ସ୍ୱୀକୃତି ଭଗତ, ବୈଶାଖୀ ବଳ। ସିନିୟର ବାଳକ: ଏମ. ଈଶ୍ୱର ରାଓ, ଦିଶାନ୍ତ ପରିଡ଼ା, ସୁଦୀପ କୃଷ୍ଣ ବେହେରା। କୋଚ୍ ଓ ମ୍ୟାନେଜର: ନୀହାର ରଞ୍ଜନ ମିଶ୍ର।

# ମଞ୍ଚେଶ୍ୱର କ୍ଲବ ଫାଇନାଲରେ

ଭୁବନେଶ୍ୱର, ୧୧।୨ (ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କେଶୁରା ଖେଳପଡ଼ିଆରେ ଚାଲିଥିବା ପଞ୍ଚାନନ ଜେନା ମେମୋରିଆଲ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟରେ ମଞ୍ଚେଶ୍ୱର କ୍ରିକେଟ କ୍ଲବ ଫାଇନାଲରେ ପ୍ରବେଶ କରିଛି। ଗୁରୁବାରର ଅନୁଷ୍ଠିତ ଏକ ସେମିଫାଇନାଲ ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଜଗତ୍‌ସିଂହପୁର ଦଳ ନିର୍ଦ୍ଧାରିତ ୨୦ ଓଭରରେ ୧୬୪ରନ କରିଥିଲା। ଜବାବରେ ମଞ୍ଚେଶ୍ୱର କ୍ରିକେଟ କ୍ଲବ ବିଶ୍ୱଜିତ ମହାପାତ୍ରଙ୍କ ବିସ୍ଫୋରକ ଅପରାଜିତ ଶତକୀୟ ଇନିଂସ (୩୩ ବଲ୍‌ରୁ ୧୦୨ ନଟଆଉଟ) ସହାୟତାରେ ୯.୪ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଅଭୟ ମଲିକ ମାତ୍ର ୧୫ ବଲ୍‌ରୁ ୫୭ ରନ କରିଥିଲେ। ମ୍ୟାଚରେ ସଫଳ ବୋଲର ନିରଞ୍ଜନ ବେହେରା ୪ ଉଇକେଟ ଅକ୍ତିଆର କରିଥିଲେ। ମୁକ୍ତେଶ୍ୱର କ୍ରିକେଟ କ୍ଲବର ପୂର୍ବତନ ରଣଜୀ ଖେଳାଳି ଗୁରଜିତ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିଶ୍ୱଜିତ୍ ମହାପାତ୍ରଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାନନ ଜେନା, ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ଜେନା, ଉପାଧ୍ୟକ୍ଷ ପ୍ରମୋଦ କୁମାର ଜେନା, କେଶୁରା ଫ୍ରେଣ୍ଡ୍ସ କ୍ଲବ ସଭାପତି କୃତାର୍ଥ ପ୍ରଧାନ ଓ ଗୌର ପ୍ରସାଦ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।



ବିଶ୍ୱଜିତ୍ ମହାପାତ୍ରଙ୍କୁ ପୁରସ୍କୃତ କରାଯାଉଛି।

# ଫାଇନାଲରେ ଇଲେଭେନ ଷ୍ଟାର

ରାଜନଗର, ୧୧।୨(ଡି.ଏନ.ଏ.)

ରାଜନଗର ବ୍ଲକ ବପଡପଲ୍ଲୀସ୍ଥିତ ଚଞ୍ଚଳା ମିନି ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫିର ପ୍ରଥମ ସେମି ଫାଇନାଲ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ାର ଗୋପବନ୍ଧୁ କ୍ରିକେଟ କ୍ଲବକୁ ହରାଇ ଯାଜପୁରର ଇଲେଭେନ ଷ୍ଟାର ଫାଇନାଲରେ ପ୍ରବେଶ କରିଛି। ଇଲେଭେନ ଷ୍ଟାର ପ୍ରଥମେ ବ୍ୟାଟିଂ କରି ୨୨.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୨୮ ରନ କରିଥିଲା। ଦଳର ରାଜେଶ ସେଠୀ ୨୨ ବଲରୁ ୧ ଛକା ସହାୟତାରେ ୨୨ ରନ ଓ ଜ୍ଞାନ ରଞ୍ଜନ ସ୍ୱାଇଁ ୨୧ ବଲରେ ୪ ଚଉକା ସହାୟତାରେ ୨୨ ରନ କରିଥିଲେ। ଗୋପବନ୍ଧୁ କ୍ରିକେଟ କ୍ଲବର ରାଜେଶ ପାତ୍ର ୫ ଓଭରରେ ୩୨ ରନ ଦେଇ ୪ ଓ କୁଶାଲ ଚୌଧୁରୀ ୫ ଓଭରରେ ୨୨ ରନ ଦେଇ ୩ ଉଇକେଟ ନେଇଥିଲେ। କେନ୍ଦ୍ରାପଡାର ଗୋପବନ୍ଧୁ କ୍ରିକେଟ କ୍ଲବ ୨୨.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୧୮ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ରୋହିତ ଚୌହାନ ୩୮ ବଲରୁ ୨ ଛକା ୬ ଚଉକା ସହାୟତାରେ ୪୨ ରନ ଓ ସୌରଭ ବିଶ୍ୱାସ ୩୦ ବଲରୁ ୫ ଚଉକା ସହାୟତାରେ ୨୪ ରନ କରିଥିଲେ। ଇଲେଭେନ ଷ୍ଟାରର ଚନ୍ଦନ ତିୱାରୀ ୫ ଓଭରରେ ୧୭ ରନ ଦେଇ ୪ ଉଇକେଟ ଏବଂ ଚନ୍ଦନ ନାୟକ ୫ ଓଭରରେ ୭ ରନ ଦେଇ ୩ ଉଇକେଟ ନେଇଥିଲେ। କୋଇଲିପୁର ସେବା ସମବାୟ ସମିତିର ସମ୍ପାଦକ ଘନଶ୍ୟାମ ଜେନା, ଦୋଷିଆ ସରପଞ୍ଚ ପ୍ରଭାତ କୁମାର ପ୍ରଧାନ, ଯୁଗଳ କିଶୋର ଦାସ ଅତିଥି ଭାବେ ଯୋଗଦେଇ ଇଲେଭେନ ଷ୍ଟାରର ଚନ୍ଦନ ତିୱାରୀଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ଶୁକ୍ରବାର ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଂ ଓ କଟକର ନିମପୁର ସ୍ପୋର୍ଟସ ମଧ୍ୟରେ ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

# ଫାଇନାଲରେ ଧର୍ମଶାଳା, ରସୁଲପୁର ଜୋନ୍

ଧର୍ମଶାଳା, ୧୧।୨(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ଚାଲିଥିବା କଳ୍ପତରୁ ଦାଶ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଅନୁଷ୍ଠିତ ୨ ମ୍ୟାଚ୍‌ରେ ଧର୍ମଶାଳା ୧୫ନଂ ଜୋନ ଓ ରସୁଲପୁର ଜୋନ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚରେ ଧର୍ମଶାଳା ଜୋନ୍ ୧୫ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୯ ଉଇକେଟ ହରାଇ ୧୭୬ରନ ସଂଗ୍ରହ କରିଥିଲା। ଜବବାରେ କୋରେଇ ଜୋନ ବ୍ୟାଟିଂ କରି ୧୩.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୩୦ ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ଧର୍ମଶାଳା ଜୋନ୍ ୧୪ ପ୍ରଥମେ ବ୍ୟାଟିଂ କରି ୧୪.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୨୯ରନ କରିଥିଲା। ଜବାବରେ ରସୁଲପୁର ଜୋନ ୧୪ ଓଭରରେ ୪ ଉଇକେଟ ହରାଇ ୧୩୩ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଉଭୟ ମ୍ୟାଚ୍‌କୁ ରଞ୍ଜନ ପାଳ, ଅମରେଶ ପରିଡା, ଅବିନାଶ ସାମଲ ଓ ଇନ୍ତେକାବ ଆଲମ ପରିଚାଳନା କରିଥିଲେ। ବାସୁଦେବ ମିଶ୍ର, ପ୍ରକାଶ ଧଳ ଓ ଶକ୍ତିକାନ୍ତ ବଳ ପ୍ରମୁଖ ସ୍କୋରରେ ସହାୟତା କରିଥିଲେ।

# ୱେଷ୍ଟଇଣ୍ଡିଜ ୨୨୩/୫

**ଢାକା, ୧୧।୨:** ସ୍ଥାନୀୟ ସେର ବାଂଲା ନ୍ୟାଶନାଲ ଷ୍ଟାଡିୟମରେ ବାଂଲାଦେଶ ଓ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ମଧ୍ୟରେ ଗୁରୁବାରଠାରୁ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ଟସ୍ ଜିତି ୱେଷ୍ଟଇଣ୍ଡିଜ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଛି। ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୱେଷ୍ଟଇଣ୍ଡିଜ ଏନ୍‌କ୍ରୁମା ବୋନରଙ୍କ ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ସହାୟତାରେ ୯୦ ଓଭର ଖେଳି ୫ ଉଇକେଟ ହରାଇ ୨୨୩ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ବୋନର ୭୪ ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ଜୋସୁଆ ଡା ସିଲ୍‌ଭା ୨୨ ରନ କରି ଅପରାଜିତ ରହିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ- ୯୦ ଓଭରରେ ୨୨୩/୫ (ବୋନର- ୭୪*, ବ୍ରାଥୱେଟ- ୪୭, କ୍ୟାମ୍ପବେଲ- ୩୬, ବ୍ଲାକଉଡ- ୨୮, ଡା ସିଲ୍‌ଭା- ୨୨*, ଜାଏଦ- ୨/୪୬, ଇସ୍‌ଲାମ- ୨/୬୪, ସୌମ୍ୟ- ୧/ ୩୦)।

# ଓଡ଼ିଶା, ଆସା ସମ୍ବର୍ଦ୍ଧିତ



ଗଣେଶ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଭୁବନେଶ୍ୱର, ୧୧।୨(ସ୍ପୋର୍ଟ୍ସ ବ୍ୟୁରୋ):** ଚଣ୍ଡିଗଡ଼ରେ ଆୟୋଜିତ ଜାତୀୟ ଦୁଃସାହସିକ କ୍ରୀଡ଼ା ଉତ୍ସବ ବୁଧବାର ରାତିରେ ଶେଷ ହୋଇଛି। ଏହି ଅବସରରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ସହିତ ରାଜ୍ୟର ଅଗ୍ରଣୀ ଦୁଃସାହସିକ କ୍ରୀଡ଼ା ଅନୁଷ୍ଠାନ 'ଆସା'କୁ ସମ୍ବର୍ଦ୍ଧିତ କରାଯାଇଛି। ଓଡ଼ିଶା ସରକାରଙ୍କ ପକ୍ଷରୁ ଏଭରେଷ୍ଟ ବିଜେତା ଗଣେଶ ଚନ୍ଦ୍ର ଜେନା ଏହି ସମ୍ମାନ ଗ୍ରହଣ କରିଥିଲେ। ସେହିଭଳି ୩୫ ଜଣିଆ ଆସା ଦଳର ନେତୃତ୍ୱ ନେଇଥିବା ଅଜିତ ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନାଯୋଗ୍ୟ, ଜାତୀୟ ଦୁଃସାହସିକ କ୍ରୀଡ଼ା ମହୋତ୍ସବର ୨୭ତମ ସଂସ୍କରଣ ପର୍ଯ୍ୟନ୍ତ ଆସାର ପ୍ରତିନିଧି ଦଳ ନିୟମିତ ଭାବେ ଅଂଶଗ୍ରହଣ କରି ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି।

# ବଲାଙ୍ଗୀର, ସୁନ୍ଦରଗଡ଼, ସମ୍ବଲପୁର ସେମିରେ

**ସାହାଣୀ କପ୍ ଫୁଟବଲ**

ସୁନ୍ଦରଗଡ଼, ୧୧।୨ (ଡି.ଏନ୍.ଏ.)

ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ସୁନ୍ଦରଗଡ଼ଠାରେ ଚାଲିଥିବା ୬୧ତମ ସାହାଣୀ କପ ଫୁଟବଲରେ ଗୁରୁବାର ୪ଟି ମ୍ୟାଚ୍ ହୋଇଥିଲା। କିଞ୍ଜିର୍ମା ବିଜୁ ପଟ୍ଟନାୟକ ମିନିଷ୍ଟାଡିୟମଠାରେ ଅନୁଷ୍ଠିତ ମ୍ୟାଚରେ ପିଡିଡିଆରଡିଏ ଭୈରବ ସିଂ ପଟେଲ ଓ ଫାଓର ଉପସଭାପତି ହୃଦୟ ରଞ୍ଜନ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ କଟକ ଦଳ ୧-୦ ଗୋଲରେ କନ୍ଧମାଳକୁ ହରାଇ ସେମିଫାଇନାଲକୁ ଉନ୍ନୀତ ହୋଇଛି। ସେପତିବାହାଲ ଗୋପବନ୍ଧୁ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ, ତଲସରା ବିଧାୟକ ଭବାନୀ ଭୋଇ ଓ ବିଜେଡି ନେତ୍ରୀ ଅମିତା ବିଶ୍ୱାଳ ଅତିଥି ଭାବେ ଉପସ୍ଥିତ ଥିଲେ। ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚରେ ବଲାଙ୍ଗୀର ଦଳ ୩-୧ ଗୋଲରେ ରାଉରକେଲାକୁ ହରାଇ ସେମିଫାଇନାଲକୁ ଉନ୍ନୀତ ହୋଇଛି। ଭବାନୀପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ମ୍ୟାଚ୍‌ରେ ପୂର୍ବତନ ନଗରପାଳ ରାଜକିଶୋର ଷଡଙ୍ଗୀ, ଜିଲା କ୍ରୀଡା ଅଧିକାରୀ ତେଜ କୁମାର ଖେସ, ରାଧାମୋହନ ନାଏକ, ବିଭୁଦତ୍ତ ବେହେରା ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ସୁନ୍ଦରଗଡ଼ ଦଳ ଅନୁଗୋଳକୁ ୨-୦ ଗୋଲରେ ହରାଇ ସେମିଫାଇନାଲକୁ ଉନ୍ନୀତ ହୋଇଛି। ତସଲାଡିହି ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ହେମଗିର ବ୍ଲକ ବିଜେଡି ସଭାପତି ଗୋପାଳ ପ୍ରଧାନ, ଟାଙ୍ଗରପାଲି ବ୍ଲକ ଅଧ୍ୟକ୍ଷ ଜଟିଆ ମୁଣ୍ଡା, ବିଜେଡି କାର୍ଯ୍ୟକାରୀ ସଭାପତି ସୁସୀମ ଦାଶ, ସୁନ୍ଦରଗଡ଼ର ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ଜୟନାରାୟଣ ତ୍ରିପାଠୀ, ଗୋପ ମହାନ୍ତି, ଗିରିଜା ଶଙ୍କର ପଟେଲ, ସୁନୀଲ ମହାପାତ୍ର, ସମୀମ ପଟେଲ ଅତିଥି ଥିଲେ। ଏଥିରେ ସମ୍ବଲପୁର ଦଳ ୨-୧ ଗୋଲରେ ବରଗଡ ଦଳକୁ ହରାଇ ସେମିଫାଇନାଲକୁ ଉନ୍ନୀତ ହୋଇଛି। ସୁନ୍ଦରଗଡ଼ ଜିଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ ପ୍ରଭାତ ଭୋଳଙ୍କ ତତ୍ତ୍ୱାବଧାନରେ ମ୍ୟାଚ ପରିଚାଳନାରେ ସଂସଦର ସମସ୍ତ କର୍ମକର୍ତ୍ତା ସହଯୋଗ କରିଛନ୍ତି। ଫାଓର ମ୍ୟାଚ କମିଶନର ଭାବେ ଦୁର୍ଗା ମାଧବ ବାଏକ, ଯୁଗଳ କିଶୋର ଦାଶ, ସୁରେଶ କୁମାର ଦାସ ରହିଥିଲେ।


ସାହାଣୀ କପ ଫୁଟ୍‌ବଲ ଚାମ୍ପିୟନଶିପ୍‌ର ଗୁରୁବାର ମ୍ୟାଚରେ ଅତିଥିଙ୍କ ସହ ଖେଳାଳି।



କନ୍ନଡ଼ ଏବଂ ତାମିଲ ଫିଲ୍ମର ପ୍ରସିଦ୍ଧ ଅଭିନେତ୍ରୀ ରଶ୍ମୀ ଜୟରାଜ ଏବଂ ରିତୁ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ଫେବୃୟାରୀ ୧୦ରେ ଈଶାଇ ରୀତିନୀତି ଅନୁସାରେ ଏହି ବିବାହ ହୋଇଛି। ଉଭୟଙ୍କ ପରିବାରର ସଦସ୍ୟ ଉତ୍ସବରେ ଉପସ୍ଥିତ ଥିଲେ। ଗତବର୍ଷ ନଭେମ୍ବରରେ ରଶ୍ମୀ ଏବଂ ରିତୁଙ୍କ ନିର୍ବନ୍ଧ ହୋଇଥିଲା।



# ପୁରୁଣା ଡ୍ୟାମ୍‌କୁ ନୂଆ ବିପଦ



**ଉତ୍ତରାଖଣ୍ଡ ହିମସ୍ଖଳନ ଅନେକ ଶିକ୍ଷା ଦେଇଛି। ଏହି ପ୍ରାକୃତିକ ବିପର୍ଯ୍ୟୟ ଜଳସେଚନ, ବିଦ୍ୟୁତ୍ ଉତ୍ପାଦନ ପାଇଁ ନିର୍ମାଣ କରାଯାଇଥିବା ଦେଶର ପୁରାତନ ଡ୍ୟାମଗୁଡ଼ିକ ବିଷୟରେ ଭାବିବାକୁ ବାଧ୍ୟ କରିଛି। ଏ ବିଷୟରେ ଚିନ୍ତା କରା ନ ଗଲେ ଭବିଷ୍ୟତରେ ବଡ଼ ଧରଣର ବିପର୍ଯ୍ୟୟର ସମ୍ମୁଖୀନ ହେବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।**

**ନୂଆଦିଲ୍ଲୀ:** ଉତ୍ତରାଖଣ୍ଡ ଚମୋଲି ଜିଲା ଋଷିଗଙ୍ଗା ଘାଟିରେ ହିମସ୍ଖଳନ ଯୋଗୁ ଅଲକାନନ୍ଦା ଏବଂ ଏହାର ଶାଖା ନଦୀରେ ସୃଷ୍ଟି ହୋଇଥିବା ବନ୍ୟାରେ ଋଷିଗଙ୍ଗା ତପୋବନ ଜଳବିଦ୍ୟୁତ୍ ପ୍ରକଳ୍ପ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ହିମାଳୟ ପାଦଦେଶରେ ହୋଇଥିବା ଏହି ପ୍ରାକୃତିକ ବିପର୍ଯ୍ୟୟ ବିଶ୍ୱରେ ହଇଚଇ ସୃଷ୍ଟି କରିଛି। ୫ବର୍ଷ ତଳେ ଏହି ଜଳ ପରିଯୋଜନା ଏବଂ ଡ୍ୟାମ୍ ନିର୍ମାଣକୁ ନେଇ ବିରୋଧାଭାସ ସୃଷ୍ଟି ହୋଇଥିଲା। ବିପର୍ଯ୍ୟୟ ପରେ ଏବେ ମନେ ପଡ଼ିଛି ପୁରୁଣା ଦିନ। ବଦଳୁଥିବା ଜଳବାୟୁ ଏବଂ ପରିବେଶଗତ ପରିବର୍ତ୍ତନ ପାଇଁ ଦେଶର ଶତାଧିକ ପୁରୁଣା ନଦୀବନ୍ଧ, ଜଳବିଦ୍ୟୁତ୍ ପ୍ରକଳ୍ପ ଆଗାମୀ ଦିନରେ ବିପଦ ସୃଷ୍ଟି କରିବ ବୋଲି ଯେଉଁ ଆଶଙ୍କା ସୃଷ୍ଟି ହୋଇଛି, ତାହାକୁ ଅଣଦେଖା କରାଯାଇ ନ ପାରେ।

ଏକ ଜଳବିଦ୍ୟୁତ୍ ପ୍ରକଳ୍ପ ପ୍ରସ୍ତାବ କାର୍ଯ୍ୟକାରୀ କରିବା ପୂର୍ବରୁ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯାଇଥାଏ। ପରିବେଶ ଉପରେ ପ୍ରଭାବ ଜାଣିବା ଲାଗି ଏହା ଉପରେ ଦୀର୍ଘଦିନ ଅଧ୍ୟୟନ କରିବାକୁ ପଡ଼େ। ସ୍ଥାନୀୟ ଜନସମୂହ, ଅନ୍ୟ ସାମାଜିକ ପ୍ରଭାବ, ଜୈବବିବିଧତା, କୃଷିକ୍ଷେତ୍ର ଭଳି ସମ୍ଭାବ୍ୟ କ୍ଷତିକୁ ଆକଳନ କରାଯାଏ। ଏହାର ତୁଳନା ପରିଯୋଜନାର ଲାଭ ସହିତ ତୁଳନା କରାଯାଏ। ସର୍ବୋପରି ଏକ ପ୍ରକଳ୍ପର ନିର୍ଦ୍ଧାରିତ ସମୟ ସୀମା ଥାଏ। ଏହି ଅବଧି ପୂରଣ ହୋଇଯିବା ପରେ ଏହାକୁ ନଷ୍ଟ କରିଦିଆଯାଏ। ଏହାଦ୍ୱାରା ଆଖପାଖ ଅଞ୍ଚଳର ଜନଗୋଷ୍ଠୀକୁ ଯେଭଳି ନ୍ୟୂନତମ କ୍ଷତି ହେବ ଏବଂ ସେମାନଙ୍କ ସୁରକ୍ଷାକୁ ନେଇ ପ୍ରକଳ୍ପ କାର୍ଯ୍ୟକାରୀ କରିବାର ଯଥେଷ୍ଟ ପୂର୍ବରୁ ଯୋଜନା ପ୍ରସ୍ତୁତ ହୋଇଥାଏ। ଏକ ବୃହତ୍ ଜଳବନ୍ଧ ଯୋଜନା କାର୍ଯ୍ୟକାରୀ କରିବା ଆଗରୁ ସ୍ଥାନୀୟ ଜନସାଧାରଣଙ୍କ ମତ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ତେଣୁ ସମ୍ବେଦନଶୀଳ ଘୋଷିତ ହିମାଳୟ କ୍ଷେତ୍ରରେ ଏଭଳି କୌଣସି ପ୍ରକଳ୍ପ କରିବାକୁ ପରିବେଶବିତ୍ ମନା କରିଥାନ୍ତି। ପ୍ରତିବଦଳରେ କ୍ଷୁଦ୍ର ପ୍ରକଳ୍ପ ମାଧ୍ୟମରେ ଲକ୍ଷ୍ୟ ପୂରଣ କରିବାକୁ ସେମାନେ ପରାମର୍ଶ ଦେଇଥାନ୍ତି।

ଡାଉନ୍ ଟୁ ଆର୍ଥର ରିପୋର୍ଟ ଅନୁଯାୟୀ, ହିମାଳୟ କ୍ଷେତ୍ରରେ ଜଳବିଦ୍ୟୁତ୍ ପ୍ରକଳ୍ପ କାର୍ଯ୍ୟକାରୀ ସମୟରେ ସ୍ଥାନୀୟ ବାସିନ୍ଦା ପ୍ରବଳ ବିରୋଧ କରିଥାନ୍ତି। ସମୟ ସହିତ ଏହାର ଲାଭକୁ ଅନୁମାନ କରି ପ୍ରକଳ୍ପକୁ ସ୍ୱାଗତ କରିଥାନ୍ତି। ଏହି ସମୟରେ ଭବିଷ୍ୟତର ବିପଦକୁ ଠଉରାଇପାରନ୍ତି ନାହିଁ। ପ୍ରକଳ୍ପକୁ ନେଇ ସମସ୍ୟା ଦେଖାଦେଲେ ପୁଣି ଥରେ ବିରୋଧ କରିଥାନ୍ତି। ବିଭିନ୍ନ ସମସ୍ୟା କାରଣରୁ ଏବେକାର ସମୟରେ ପ୍ରସ୍ତାବିତ ଏବଂ ନିର୍ମାଣାଧୀନ ବୃହତ୍ ନଦୀବନ୍ଧ ପରିଯୋଜନା ପରିବେଶ ଅନୁକୂଳ ତ ଦୂରର କଥା, ସମନ୍ୱିତ ପ୍ରକଳ୍ପ ମଧ୍ୟରେ ପରିଗଣିତ ହେଉନାହିଁ। ଏପରି ସମୟରେ କ୍ଷୁଦ୍ର ପ୍ରକଳ୍ପଗୁଡ଼ିକ ଉପରେ ଅଧିକ ଭରସା କରାଯାଉଛି। ଭବିଷ୍ୟତରେ ଏହାକୁ ନେଇ ବିପଦ ଆଶଙ୍କା ରହିଥିଲେ ମଧ୍ୟ ଏ କଥାକୁ ପରିବେଶବିତ୍‌ମାନେ ସେତେଟା ଗୁରୁତ୍ୱ ଦେଉଥିବା ଦୃଷ୍ଟିଗୋଚର ହୁଏନାହିଁ।

ବଡ଼ ନଦୀବନ୍ଧ ପାଇଁ ଏବେ ସବୁଠାରୁ ବଡ଼ ବିପଦ ହେଉଛି ଭୂକମ୍ପ। ଶକ୍ତିଶାଳୀ ଭୂକମ୍ପ ଝଟକାରେ କୌଣସି କାରଣରୁ ନଦୀବନ୍ଧ ଭାଙ୍ଗିଗଲେ ସବୁଠାରୁ ବେଶି ପ୍ରଭାବିତ ହେବେ ପ୍ରକଳ୍ପ ପାରିପାର୍ଶ୍ୱିକ ଅଞ୍ଚଳ, ତଳମୁଣ୍ଡରେ ବସତି ସ୍ଥାପନ କରିଥିବା ଅଞ୍ଚଳବାସୀ। ଜଳବିଦ୍ୟୁତ୍ ପ୍ରକଳ୍ପରେ ଏକ ନଦୀରେ ବନ୍ଧ ବନ୍ଧାଯାଇଥାଏ। ଫଳରେ ତଳମୁଣ୍ଡକୁ ନଦୀର ଜଳସ୍ରୋତ କମିଯାଏ। ମାଛ ଭଳି ଜଳଚର ଜୀବଙ୍କ ଜୀବନଚକ୍ର ପ୍ରଭାବିତ ହୁଏ। ନଦୀକୁ ନେଇ ସୃଷ୍ଟ ଜୈବବିବିଧତା ଉପରେ ପ୍ରତିକୂଳ ପ୍ରଭାବ ପଡ଼େ। ବିସ୍ତୀର୍ଣ୍ଣ ଅଞ୍ଚଳ ବୁଡ଼ିଯିବାରୁ ସେଠାରେ ରହୁଥିବା ଲୋକଙ୍କ ବିସ୍ଥାପନ, ଥଇଥାନ ଅନ୍ୟ ଏକ ବଡ଼ ସମସ୍ୟା। ପ୍ରକଳ୍ପର ଭବିଷ୍ୟତ, ଠିକ୍ ପରିଚାଳନା, ପରିବେଶ ଅନୁକୂଳ ପଦକ୍ଷେପ, ପ୍ରଭାବିତ ଅଞ୍ଚଳବାସୀଙ୍କ ସହିତ ବିସ୍ତୃତ ଆଲୋଚନା, ସମ୍ଭାବ୍ୟ ବିପର୍ଯ୍ୟୟର ମୁକାବିଲା ଲାଗି ଆଗୁଆ ପ୍ରସ୍ତୁତି କରାଗଲେ ବୃହତ୍ ଡ୍ୟାମଗୁଡ଼ିକ ଉପରେ ଦେଖାଦେଇଥିବା ବିପଦକୁ କମ୍ କରାଯାଇପାରିବ ବୋଲି ପରିବେଶବିତ୍‌ମାନେ ମତ ଦେଇଛନ୍ତି।


## ଜନ୍ମଦିନ ଶୁଭେଚ୍ଛା



**ଅଂଶୁମାନ (ସିପୁନ୍)**

ଜାଗୁଲିଆପଡ଼ା (ଖରିଦା ପାଟଣା)

ପ୍ରଥମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ କର କମଳରେ ଭକ୍ତିପୂତ ନିବେଦନ କରେକି ତୋର ଚଲାପଥ କୁସୁମିତ ହେଉ।

**-:ଶୁଭେଚ୍ଛା ସହ:-**

ଜେଜେ, ଜେଜେମାଆ, ବଡ଼ ବାବା, ବଡ଼ ମାମା, ବାବା, ମାମା, ଦାଦା, ଅଜା, ଆଈ, ମାମୁ, ମାଈଁ।

ଧ-୧୯୯୧୮

## ୬୫ତମ ଜନ୍ମଦିନ ଶୁଭେଚ୍ଛା



**ନାରାୟଣ ଚନ୍ଦ୍ର ସିହ୍ନା, ଖୋକନ/ବାବୁ**

କିରନ୍-ଜ୍ୟୋତି ଭବନ, ଉପର ମାଳି ସାହି, ପୁରୀ-୨

ତା. ୧୨।୦୨।୨୦୨୧ରିଖ ଶୁକ୍ରବାର ଦିନ ୬୫ତମ ଜନ୍ମତିଥି ଉତ୍ସବରେ ମହାପ୍ରଭୁ ଶ୍ରୀଜଗନ୍ନାଥ ମାଆ ବଗଳା ଏବଂ ସ୍ୱର୍ଗତ ପିତା, ମାତା, ଗୁରୁ ଓ ଇଷ୍ଟ ଦେବାଦେବୀଙ୍କ କୃପାରୁ ତୁମର ଆୟୁଷ ବୃଦ୍ଧିହେବା ସଙ୍ଗେସଙ୍ଗେ ନୀରୋଗ ରହିବ ଏବଂ ତୁମକୁ କେହି ପ୍ରଶଂସା ନକରନ୍ତୁ କିନ୍ତୁ ନିନ୍ଦା କରନ୍ତୁ ନାହିଁ , ଏହାହିଁ ମହାପ୍ରଭୁ ଅନନ୍ତ କୋଟି ବ୍ରହ୍ମାଣ୍ଡର ନାୟକଙ୍କ ନିକଟରେ ପ୍ରାର୍ଥନା। **-:ଶୁଭେଚ୍ଛା ସହ:-** କିରନ-ଜ୍ୟୋତି ପରିବାରବର୍ଗ।

ଧ-୬୮୮୫୭


# ହଳଦିଆ ଚିଙ୍ଗୁଡ଼ି



**ନୂଆଦିଲ୍ଲୀ:** ଚିଙ୍ଗୁଡ଼ି ମାଛର ରଙ୍ଗ ସାଧାରଣତଃ କଳା କିମ୍ବା ଧଳା ହୋଇଥାଏ। କିନ୍ତୁ ଏହି ମାଛର ରଙ୍ଗ ହଳଦିଆ ହୋଇଥିବା କେବେ ଶୁଣିଛନ୍ତି କି! ଏମିତି ଏକ ରଙ୍ଗର ମାଛ ଦେଖିବାକୁ ମିଳୁଛି ୟୁନିଭର୍ସିଟି ଅଫ୍ ନିୟୁ ଇଂଲଣ୍ଡର ମେରାଇନ୍ ସାଇନ୍ସ ସେଣ୍ଟରରେ। ମାଛଟିକୁ ସମୁଦ୍ରରୁ ଧରିଛନ୍ତି ସ୍ଥାନୀୟ ମାଛଧରାଳି ମାର୍ଲେ ବବ୍।

ସମୁଦ୍ରରୁ ମାଛ ଧରି ଜୀବିକା ନିର୍ବାହ କରନ୍ତି ବବ୍। କିନ୍ତୁ ଏବେ ସେ ସମୁଦ୍ରରୁ ମାଛ ଧରିବା ସମୟରେ ଏକ ବିରଳ ହଳଦିଆ ରଙ୍ଗର ବଡ଼ ଚିଙ୍ଗୁଡ଼ି ପାଇଥିଲେ, ଯାହାକୁ ଦେଖି ସେ ନିଜେ ପ୍ରଥମେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ମାଛଟି ଏଭଳି ଏକ ଭିନ୍ନ ରଙ୍ଗର ହୋଇଥିବାରୁ ସେ ଏହାକୁ ନେଇ ମେରାଇନ୍ ସେଣ୍ଟରକୁ ଦାନ କରିଛନ୍ତି। ବବ୍‌ଙ୍କର ଏହି ହଳଦିଆ ଚିଙ୍ଗୁଡ଼ିକୁ ନେଇ ଏବେ ମେରାଇନ୍ ସେଣ୍ଟରରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସେଣ୍ଟର ପକ୍ଷରୁ ଏହି ଚିଙ୍ଗୁଡ଼ିର ଫଟୋ ସୋସିଆଲ ମିଡିଆରେ ବି ଶେୟାର କରାଯାଇଛି। ଏଭଳି ଏକ ସୁନ୍ଦର ଜୀବକୁ ନେଇ ସେଣ୍ଟରରେ ବିଭିନ୍ନ ପ୍ରକାରର ତର୍ଜମା ଆରମ୍ଭ ହୋଇଛି। ସେଠାରେ ଏହି ହଳଦିଆ ଚିଙ୍ଗୁଡ଼ିର ନାଁ ବାନାନା ରଖାଯାଇଛି। ଏହି ଚିଙ୍ଗୁଡ଼ି ଅତ୍ୟନ୍ତ ବିରଳ ଏବଂ କ୍ୱଚିତ୍ ଦେଖାଯାଆନ୍ତି ବୋଲି କୁହାଯାଇଛି। ତେବେ ଏଭଳି ଏକ ଚିଙ୍ଗୁଡ଼ି ଦେଖି ଲୋକେ ଆଶ୍ଚର୍ଯ୍ୟ ହେବା ସହିତ ଖୁସି ପ୍ରକଟ କରିଛନ୍ତି। ଚିଙ୍ଗୁଡ଼ି ଦେଖିବା ଏବଂ ତା’ ସମ୍ପର୍କରେ ଅଧିକ ଜାଣିବା ପାଇଁ ଲୋକଙ୍କ ମନରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି।

# ଚର୍ଚ୍ଚାରେ ଶ୍ରଦ୍ଧାଙ୍କ ଆଉଟ୍‌ଫିଟ୍



ମୁମ୍ବାଇ: ନିଜର କ୍ୟୁଟନେସ ପାଇଁ ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁର ଏବେ ପୁଣିଥରେ ଚର୍ଚ୍ଚାକୁ ଆସିଛନ୍ତି। ସେ ତାଙ୍କ ପୋଷାକକୁ ନେଇ ବେଶ୍ ଚର୍ଚ୍ଚାରେ। ନିକଟରେ ସେ ତାଙ୍କ କଜନ୍ ପଦ୍ମିନି କୋହ୍ଲାପୁରିଙ୍କ ପୁଅ ପ୍ରିୟାଙ୍କ ଶର୍ମା ଓ ପ୍ରଯୋଜକ କରିମ ମୋରନିଙ୍କ ଝିଅ ସିଜା ମୋରିନଙ୍କ ବିବାହରେ ଯୋଗ ଦେଇଥିଲେ। ଏହି ବିବାହରେ ତାଙ୍କ ପରିବାର ସଦସ୍ୟ ବି ଯୋଗ ଦେଇଥିଲେ। ତେବେ ବିବାହ ଉତ୍ସବରେ ଶ୍ରଦ୍ଧା ଯେଉଁ ଡ୍ରେସ ପିନ୍ଧିଥିଲେ ସମସ୍ତେ ଭାରି ପସନ୍ଦ କରିଛନ୍ତି। ଶ୍ରଦ୍ଧା ପିନ୍ଧିଥିବା ହ୍ୱାଇଟ ଶରାରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ତାଙ୍କର ଏହି ଟ୍ରାଡିଶନାଲ ଆଉଟଫିଟ ଅନିତା ଡୋଗରେଙ୍କ ଦ୍ୱାରା ଡିଜାଇନ କରାଯାଇଥିଲା। ତେବେ ଏହି ଟ୍ରାଡିଶନାଲ ଡ୍ରେସର ଦାମ ଏବେ ସମସ୍ତଙ୍କ ହୋସ ଉଡାଇ ଦେଇଛି। ଏହାର ଦାମ ଥିଲା ୬୦ ହଜାର ଟଙ୍କା। ତେବେ ଶ୍ରଦ୍ଧାଙ୍କ ଏହି ଡ୍ରେସ ସମସ୍ତଙ୍କୁ ପସନ୍ଦ ଆସିଥିବା ବେଳେ କେତେଜଣ ଯୁବତୀ ଏବେ ଏହାକୁ ସର୍ଚ୍ଚ କରୁଥିବା ଦେଖାଯାଇଛି। ଶ୍ରଦ୍ଧାଙ୍କ ଷ୍ଟାଇଲିଷ୍ଟ ନର୍ମିତା ଦିପକ ତାଙ୍କ ଇନଷ୍ଟାଗ୍ରାମରେ ଏହାକୁ ଶେୟାର କରିଛନ୍ତି। ଏଥିରେ ଅଭିନେତ୍ରୀ ଲାଇଟ ମେକଅପ ନେଇଥିବା ଦେଖାଯାଇଛି। ହ୍ୱାଇଟ ଆଉଟ ଫିଟ ସହ ବ୍ଲାକ ବିନ୍ଦି ଓ କେଶ ଖୋଲା ରଖିଥିବା ଶ୍ରଦ୍ଧା ବେଶ କ୍ୟୁଟ ଲାଗୁଛନ୍ତି। ନିଜ ଅଭିନୟକୁ ନେଇ ଯେତିକି ଚର୍ଚ୍ଚିତ ଶ୍ରଦ୍ଧା ଫ୍ୟାଶନ ସେନ୍ସକୁ ନେଇ ମଧ୍ୟ ସେ ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କରନ୍ତି।

# ଯମ ବେଶରେ କନ୍‌ଷ୍ଟେବଲ



**ଭୋପାଳ:** କରୋନା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଲୋକଙ୍କୁ ପୋଲିସ ବିଭିନ୍ନ ଉପାୟରେ ସଚେତନ କରାଉଥିବା ଦେଖିବାକୁ ମିଳିଥିଲା। ଲୋକଙ୍କୁ ମାସ୍କ ପିନ୍ଧିବା ଏବଂ ସାମାଜିକ ଦୂରତା ରଖିବା ପାଇଁ ପୋଲିସ ବିଭିନ୍ନ ବେଶ ମଧ୍ୟ ଧାରଣ କରୁଥିଲା। ଠିକ୍ ଏମିତି ବେଶ ଧାରଣ କରି ଏବେ ଲୋକଙ୍କୁ କରୋନା ଟିକା ନେବା ପାଇଁ ସଚେତନ କରିବାକୁ ବାହାରିଛି ପୋଲିସ। ଇନ୍ଦୋର ପୋଲିସ ପକ୍ଷରୁ ଏବେ ଯମରାଜ ବେଶ ଧାରଣ କରି ବିଭିନ୍ନ ଡାକ୍ତରଖାନା ବୁଲୁଛନ୍ତି କନଷ୍ଟେବଲ ଜୱାହର ସିଂହ।

ମଧ୍ୟପ୍ରଦେଶ ଇନ୍ଦୋର ପୋଲିସ ଷ୍ଟେଶନର କନଷ୍ଟେବଲ ଜୱାହର ସିଂହ ଏବେ ଯମରାଜଙ୍କ ବେଶ ଧାରଣ କରିଛନ୍ତି। ତାଙ୍କର ଏଭଳି ବେଶ ଧାରଣ କରିବା ପଛରେ ରହିଛି ଲୋକଙ୍କୁ କରୋନା ଟିକା ନେବା ପାଇଁ ସଚେତନ କରାଇବା। ଯମରାଜଙ୍କ ବେଶରେ ସେ ବିଭିନ୍ନ ସରକାରୀ ଡାକ୍ତରଖାନାକୁ ଯାଉଛନ୍ତି ଏବଂ ସେଠାରେ ସ୍ୱାସ୍ଥ୍ୟକର୍ମୀଙ୍କୁ ସଚେତନ କରାଇବାରେ ଲାଗିଛନ୍ତି। କରୋନା ଟିକା ନେବାକୁ ନେଇ ଅନେକେଙ୍କ ମନରେ ଦ୍ୱନ୍ଦ୍ୱ ଲାଗି ରହିଥିବାରୁ ତାହାକୁ ଦୂର କରିବାକୁ ସେ ଏଭଳି ପ୍ରୟାସ କରୁଥିବା କହିଛନ୍ତି। ଟିକା ନେବା ପରେ କୌଣସି ଅସୁବିଧା ହେବନି ବୋଲି ସେ ପ୍ରଚାର କରୁଛନ୍ତି। ବିଶେଷ କରି ସ୍ୱାସ୍ଥ୍ୟକର୍ମୀମାନେ ଆଦୌ ଭୟଭୀତ ନ ହେବାକୁ ସେ କହୁଛନ୍ତି। ଭାକ୍ସିନ ନେବା ପରେ କରୋନା ସଂକ୍ରମଣରୁ ରକ୍ଷା ପାଇହେବ ବୋଲି ଡାକ୍ତରଖାନାରେ ଜୱାହର ସ୍ୱାସ୍ଥ୍ୟକର୍ମୀଙ୍କୁ ବୁଝାଉଥିବା ଦେଖିବାକୁ ମିଳିଛି। ଏଭଳି କରିବା ଦ୍ୱାରା ସେ ସହଜରେ ଲୋକଙ୍କୁ ଟିକାର ଉପକାରିତା ବୁଝାଇପାରିବେ ବୋଲି ମତ ରଖିଛନ୍ତି। ଏଥିସହ କରୋନା ସମ୍ପୂର୍ଣ୍ଣ ଭାବେ ବିଦା ନ ହେବା ପର୍ଯ୍ୟନ୍ତ ପ୍ରତି ମୁହୂର୍ତ୍ତରେ ସତର୍କ ରହିବାକୁ ସେ ଲୋକଙ୍କୁ ପରାମର୍ଶ ଦେଉଛନ୍ତି। ତାଙ୍କର ଏହି ବେଶ ଏବେ ସାଧାରଣରେ ପାଇଁ ଚର୍ଚ୍ଚାର ବିଷୟ ପାଲଟିଛି। ବିଭିନ୍ନ ସୋସିଆଲ ମିଡିଆରେ ବି ଜୱାହରଙ୍କର ଏଭଳି ଉଦ୍ୟମକୁ ପ୍ରଶଂସା କରାଯାଇଛି।

# ହିଟ୍‌ଲରଙ୍କ ଟଏଲେଟ ସିଟ୍ ନିଲାମ

ୱାଶିଂଟନ୍: ଜର୍ମାନୀର ବିବାଦୀୟ ଏକଛତ୍ରବାଦୀ ଶାସକ ଆଡଲ୍ଫ ହିଟ୍‌ଲରଙ୍କ ଘରୁ ଚୋରି ହୋଇଥିବା ବିଭିନ୍ନ ସାମଗ୍ରୀକୁ ଏକ ଆମେରିକୀୟ ପରିବାର ନିଲାମ ଡାକିବା ଖବର ଚର୍ଚ୍ଚାକୁ ଆସିଛି। ଚୋରି ଜିନିଷ ମଧ୍ୟରେ ହିଟ୍‌ଲରଙ୍କ ଟଏଲେଟ୍ ସିଟ୍ ରହିଛି। ପରିବାର ପକ୍ଷରୁ ସେହି ଟଏଲେଟ୍ ସିଟ୍‌ର ମଧ୍ୟ ନିଲାମ ଡକାଯାଇଥିଲା। ୫ ହଜାର ଡଲାରରୁ ଆରମ୍ଭ ହୋଇ ଏହାର ମୂଲ୍ୟ ଡାକରା ୧୯ ହଜାର ଡଲାର ବା ପ୍ରାୟ ୧୩ ଲକ୍ଷରେ ପହଞ୍ଚିଥିଲା। ଏଥିସହ ହିଟ୍‌ଲରଙ୍କ ଶେଭିଂ ମଗ୍, ହେୟାର ବ୍ରଶ୍ ଏପରିକି ସେଥିରୁ ମିଳିଥିବା କେଶକୁ ମଧ୍ୟ ନିଲାମରେ ସାମିଲ କରାଯାଇଥିଲା। ଫେବୃୟାରୀ ୮ରେ ଆମେରିକାର ମେରିଲାଣ୍ଡରେ ଆଲେକଜାଣ୍ଡର ହିଷ୍ଟୋରିକାଲ ଅକ୍ସନସ୍ ଏହି ନିଲାମି କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧର ଶେଷ ଆଡ଼କୁ ହିଟ୍‌ଲରଙ୍କ ମୃତ୍ୟୁ ପରେ ବର୍କଟେସ୍‌ଗାଡେନସ୍ଥିତ ତାଙ୍କ ହଲିଡେ ହୋମ୍‌ରେ ଆମେରିକା ସେନା ପଶି ସେଠାରୁ ଲୁଟ୍‌ପାଟ କରିଥିଲେ।






## ମନେ ପଡ଼ନ୍ତି

### ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଗୋପାଳ ଚନ୍ଦ୍ର ସେଠୀ**

ପ୍ଲଟ୍ ନଂ. ୮୫, ଗୌତମନଗର, ଭୁବନେଶ୍ୱର

ତିରୋଧାନ: ୨୮।୦୧।୨୦୧୭

କାହିଁକି ହେ ପ୍ରଭୁ ବଞ୍ଚାଇ ରଖିଛ
କି ସୁଖ କରିବି ଆଉ।
ସବୁଯାକ ସୁଖ ସାଙ୍ଗରେ ନେଇଛ
ବିଧାତା ସାଜିଲା ଦାଉ
କେଡ଼େ ଆଡମ୍ବରେ ତୁମେ ଚାଲିଗଲ
ଝିଅକୁ ନେଲ ପାଖକୁ
ନାତି ନାତୁଣୀଙ୍କ ଗହଳରେ ମୁହଁ
ଡାକୁଛି ଜଗନ୍ନାଥଙ୍କୁ ।

ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ସାଇବାବାଙ୍କ ନିକଟରେ ଆମେ ସମସ୍ତେ ବିନମ୍ର ପ୍ରାର୍ଥନା କରୁଛୁ।

**-:ଶ୍ରଦ୍ଧା ସୁମନ ସହ:-**

ସ୍ତ୍ରୀ ଓ ସେଠୀ ପରିବାର।

ଧ-୬୭୫୮୪

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଡଃ. ବିକ୍ରମ ମଲ୍ଲିକ**

ଚିନ୍ତାମଣିଶ୍ୱର, ଭୁବନେଶ୍ୱର

ଆବିର୍ଭାବ: ୨୭।୦୬।୧୯୨୬

ତିରୋଧାନ: ୨୫।୦୧।୨୦୨୦

ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଅନୁଶାସନ, ଆଦର୍ଶ, ତ୍ୟାଗ ଓ ଭଲପାଇବା ଆମମାନଙ୍କ ଜୀବନରେ ପାଥେୟ ହେଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ବିନମ୍ର ପ୍ରାର୍ଥନା।

**ଶୋକସନ୍ତପ୍ତ ପରିବାରବର୍ଗ**

ଧ-୬୯୪୮୫

### ନବମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ସୁଶୀଳା ସାହୁ**

ଆଚାର୍ଯ୍ୟ ବିହାର, ଭୁବନେଶ୍ୱର

ତିରୋଧାନ: ୨୪।୦୧।୨୦୧୨

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

**-:ଶୋକସନ୍ତପ୍ତ:-**

ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ ।

ଧ-୬୬୮୦

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତ ଶ୍ୟାମସୁନ୍ଦର ମହାନ୍ତି**

ପୋଥାପଡ଼ା, ପଲ୍ଲୀ, ଜଗତ୍‌ସିଂହପୁର

ଆବିର୍ଭାବ: ୨୭।୦୭।୧୯୫୩

ତିରୋଧାନ: ୨୬।୦୧।୨୦୨୦

**-:ଶୋକସନ୍ତପ୍ତ:-**

ହତଭାଗ୍ୟ ପୁଅ(ବୁଲୁ), ବୋହୂ(ଲକି), ଝିଅ-ଜ୍ୱାଇଁ, ନାତି, ନାତୁଣୀ ଓ ବନ୍ଧୁବାନ୍ଧବ ।

ଧ-୧୯୯୧୮

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**√ ରାଧାନାଥ ଭଞ୍ଜ**

ସା : ବୀରବନ୍ଧ, ପୋ : କୁହା
ଭୁବନେଶ୍ୱର

ଆବିର୍ଭାବ - ୧୫.୦୩.୧୯୦୩

ତିରୋଧାନ - ୦୨.୦୨.୨୦୨୧

ବାପା ତୁମର ଅମର ଆତ୍ମାର ଶାନ୍ତି ଏବଂ ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥ ଙ୍କ ନିକଟରେ ବିନମ୍ର ପ୍ରାର୍ଥନା ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ ।

**ଶୋକସନ୍ତପ୍ତ**

ପୁତ୍ର-ବିଜୟ କେତନ ଭଞ୍ଜ
ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ ।

ଧ-୬୯୯୭୯

# ଡ୍ରିମ୍ ଡେବ୍ୟୁ

ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ପଦାର୍ପଣ କରି ଦ୍ୱିତୀୟ ଇନିଂସରେ ଦ୍ୱିଶତକ ହାସଲ କରିବା ସହ ୱେଷ୍ଟଇଣ୍ଡିଜର କାଏଲ ମେୟର୍ସ ଏକାଧିକ ରେକର୍ଡ ସୃଷ୍ଟି କରିଛନ୍ତି। ସେ ବିଶ୍ୱର ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ପଦାର୍ପଣ ଟେଷ୍ଟର ଦ୍ୱିତୀୟ ଇନିଂସରେ ଦ୍ୱିଶତକ ଅର୍ଜନ କରି ନିଜ ଅସାଧାରଣ ପ୍ରତିଭାର ପରିଚୟ ଦେଇଛନ୍ତି। ଷଷ୍ଠ ବ୍ୟାଟ୍ସମ୍ୟାନ ଭାବେ ସେ ପଦାର୍ପଣରେ ଦ୍ୱିଶତକ ହାସଲ କରିଛନ୍ତି ଓ ତାଙ୍କ ପାଇଁ ଏହା ଡ୍ରିମ୍ ଡେବ୍ୟୁ ସାବ୍ୟସ୍ତ ହୋଇଛି...



କାଏଲ ମେୟର୍ସ

**ଡେ**ବ୍ୟୁ ଅର୍ଥାତ୍ ପଦାର୍ପଣରେ ଆଶାତୀତ ସଫଳତା ହାସଲ କରିବାକୁ ନିଶ୍ଚିତ ଭାବେ ସବୁ ଖେଳାଳି ଚାହିଁଥାନ୍ତି। କିନ୍ତୁ ସମସ୍ତଙ୍କ ଭାଗ୍ୟରେ ଏହା ଜୁଟି ନ ଥାଏ। ହାତଗଣତି କେତେଜଣ ଖେଳାଳି ଡେବ୍ୟୁରେ ଦମ୍‌ଦାର ପ୍ରଦର୍ଶନ କରି ନିଜ ଦଳ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରି ଇତିହାସ ସୃଷ୍ଟି କରିଥାନ୍ତି। ଏହି ଖେଳାଳିଙ୍କ ତାଲିକା ଅତି ଛୋଟ ହେଲେ ମଧ୍ୟ କିଛିଦିନ ତଳେ ୱେଷ୍ଟଇଣ୍ଡିଜର ୨୯ ବର୍ଷୀୟ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ କାଏଲ ମେୟର୍ସ ଏଥିରେ ସାମିଲ ହୋଇଛନ୍ତି। ମାତ୍ର ଗୋଟିଏ ଟେଷ୍ଟ ଖେଳି ସେ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛନ୍ତି। ପଦାର୍ପଣ ଟେଷ୍ଟରେ ସେ ଦ୍ୱିଶତକ ହାସଲ କରି ଚର୍ଚ୍ଚିତ ବ୍ୟାଟ୍ସମ୍ୟାନ ସାବ୍ୟସ୍ତ ହୋଇଛନ୍ତି।

ଚଳିତ ବାଂଲାଦେଶ ବିପକ୍ଷ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍‌ରେ ପଦାର୍ପଣ କରି ମେୟର୍ସ ଅପରାଜିତ ୨୧୦ ରନର ଦ୍ୱିଶତକୀୟ ଇନିଂସ ଖେଳି ଦଳକୁ ପରାଜୟ ମୁହଁରୁ ମୁକୁଳାଇ ବିଜୟୀ କରାଇଛନ୍ତି। ବିଶ୍ୱ କ୍ରିକେଟ ପାଇଁ ଏହି ଇନିଂସ ଅସାଧାରଣ ବିବେଚିତ ହେଉଛି। ଟସ୍ ଜିତି ବାଂଲାଦେଶ ପ୍ରଥମେ ବ୍ୟାଟିଂ କରି ୧୫୦.୨ ଓଭରରେ ୪୩୦ ରନ କରି ଅଲ୍‌ଆଉଟ ହୋଇଥିଲା। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ୱେଷ୍ଟଇଣ୍ଡିଜ୍ ୯୬.୧ ଓଭରରେ ୨୫୯ ରନ କରି ଅଲ୍‌ଆଉଟ ହେବା ସହ ୧୭୧ ରନ ପଛରେ ପଡ଼ିଥିଲା। ଏହାପରେ ଦ୍ୱିତୀୟ ଇନିଂସରେ ବାଂଲାଦେଶ ୬୭.୫ ଓଭରରେ ୮ ଉଇକେଟ ହରାଇ ୨୨୩ ରନକରି ଇନିଂସ ଘୋଷଣା କରିଥିଲା। ଫଳରେ ୱେଷ୍ଟଇଣ୍ଡିଜ ସମ୍ମୁଖରେ ୩୯୫ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ୱେଷ୍ଟଇଣ୍ଡିଜ ରବିବାର ପଞ୍ଚମ ଦିବସରେ ୧୨୭.୩ ଓଭରରେ ୭ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଟେଷ୍ଟରେ ଏହା ପଞ୍ଚମ ସର୍ବବୃହତ୍ ଓ ଏସିଆରେ ସର୍ବବୃହତ ଚେଜ୍ ସାବ୍ୟସ୍ତ ହୋଇଛି। ୫୯ ରନରେ ୩ ଉଇକେଟ ହରାଇ ୱେଷ୍ଟଇଣ୍ଡିଜ ବିପଦରେ ପଡ଼ିଥିବା ବେଳେ ମେୟର୍ସ ବ୍ୟାଟିଂ କରିବାକୁ ଆସି ଐତିହାସିକ ପାଳି ଖେଳି ବାଂଲାଦେଶ ମୁହଁରୁ ବିଜୟ ଛଡାଇ ନେଇଥିଲେ। ମେୟର୍ସ ପାଖାପାଖି ୭ ଘଣ୍ଟା କ୍ରିଜ୍‌ରେ ରହି ୩୧୦ଟି ବଲ୍‌ର ସମ୍ମୁଖୀନ ହୋଇ ୨୦ ଚୌକା ଓ ୭ ଛକା ମାରିଥିଲେ। ପ୍ରଥମ ଇନିଂସରେ ମେୟର୍ସ ୪୦ ରନ ସଂଗ୍ରହ କରିଥିଲେ। ଫଳରେ ସେ ମ୍ୟାଚ୍‌ରେ ମୋଟ ଉପରେ ୨୫୦ ରନ ସଂଗ୍ରହ କରିଛନ୍ତି। ପଦାର୍ପଣରେ ଏହା ୱେଷ୍ଟଇଣ୍ଡିଜ ପାଇଁ ଦ୍ୱିତୀୟ ସର୍ବାଧିକ ସ୍କୋର ସାବ୍ୟସ୍ତ ହୋଇଛି। ଏହା ପୂର୍ବରୁ ୱେଷ୍ଟଇଣ୍ଡିଜ ଦିନିକିଆ ସିରିଜରେ ବାଂଲାଦେଶଠାରୁ ୩-୦ରେ ପରାସ୍ତ ହୋଇଥିଲା। ତେଣୁ ୱେଷ୍ଟଇଣ୍ଡିଜ ଉପରେ ପ୍ରବଳ ଚାପ ରହିଥିଲା। ୱେଷ୍ଟଇଣ୍ଡିଜ ଏହି ଟେଷ୍ଟରେ ବିଜୟୀ ହେବେ ବୋଲି କେହି ଭାବି ନ ଥିଲେ। ତେବେ ସବୁ ଅନୁମାନକୁ ଭୁଲ୍ ସାବ୍ୟସ୍ତ କରି ମେୟର୍ସ ୱେଷ୍ଟଇଣ୍ଡିଜକୁ ଜିତାଇଥିଲେ।

ବିଭିନ୍ନ ଦୃଷ୍ଟିକୋଣରୁ ମେୟର୍ସଙ୍କ ଏହି ଐତିହାସିକ ଇନିଂସ ଗୁରୁତ୍ୱ ବହନ କରୁଛି। ସେ ଦେଶ ପାଇଁ ପ୍ରଥମ ଖେଳିବା ସହ ପ୍ରଥମଥର ପାଇଁ ବିଦେଶ ଗସ୍ତରେ ଯାଇଥିଲେ। ପୁଣି ପ୍ରତିକୂଳ ସ୍ଥିତିରେ ତାଙ୍କର ଏହି ଇନିଂସର ଗୁରୁତ୍ୱ ରହିଛି।

ତେଣୁ ତାଙ୍କୁ ସବୁ ମହଲରୁ ପ୍ରଶଂସା କରାଯାଇଛି। ଏହି ଇନିଂସରେ ସେ ପଡ଼ିଆର ଚତୁର୍ଦ୍ଦିଗକୁ ଶଟ୍‌ମାନ ଖେଳିଥିଲେ। ଖାସ୍ କରି ସେ ପଏଣ୍ଟ ଓ କଭର ଉପରେ ଶଟ୍‌ମାନ ଖେଳିଥିଲେ। ଅଫ୍ ସ୍ପିନରଙ୍କ ଶଟ୍ ବଲ୍‌କୁ ସେ ଅତି ସହଜରେ ପୁଲ କରିବାରେ ସଫଳ ହୋଇଥିଲେ। କିନ୍ତୁ ପିଚ୍‌ରେ ବଲ୍ ଅନ୍‌ଇଭିନ ବାଉନ୍ସ କରୁଥିଲା। ବଲ୍ ବେଳେ ବେଳେ ଲୋ ରହୁଥିଲା। ଚତୁର୍ଥ ଇନିଂସରେ ଏହି ଉଇକେଟ ବ୍ୟାଟିଂ କରିବା ନିଶ୍ଚିତ ଭାବେ ଆଦୌ ସହଜ ନ ଥିଲା। ତେଣୁ ନିଜ ଗେମ୍ ପ୍ଲାନ ଅନୁସାରେ ବ୍ୟାଟିଂ କରିବାକୁ ଓ ଯଥା ସମ୍ଭବ ସିଧା ଖେଳିବାକୁ ପ୍ରୟାସ କରିଥିଲି ବୋଲି ମେୟର୍ସ କହିଛନ୍ତି। ଶତକ ହାସଲ କରିବା ପରେ ନିଜ ଦାୟିତ୍ୱ ବୁଝି ଦୀର୍ଘ ସମୟ କ୍ରିଜ୍ ଉପରେ ତିଷ୍ଠି ରହିବାକୁ ମନସ୍ଥ କରିଥିଲି। ପ୍ରଥମେ ୧୫୦ ଓ ପରେ ଦ୍ୱିଶତକ ହାସଲ କରିବାକୁ ଚେଷ୍ଟା କରିଥିଲି। ଅବଶ୍ୟ ଭାଗ୍ୟ ସହାୟ ହୋଇଥିଲା। ଶେଷରେ ସଫଳ ହୋଇଥିଲି। ଏହି ଇନିଂସ ମୋ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି ମୟର୍ସ କହିଛନ୍ତି।

୧୯୯୨ ସେପ୍ଟେମ୍ବର ୮ରେ ବାର୍ବାଡୋସରେ ଜନ୍ମିତ ମେୟର୍ସ ଜନ୍ମ ଗ୍ରହଣ କରିଥିଲେ। ନିଜ ଘରୋଇ ଦଳ ବାର୍ବାଡୋସ୍ ତରଫରୁ ସେ ନିୟମିତ ଖେଳି ଆସିଛନ୍ତି। ୨୦୧୨, ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ସେ ୱେଷ୍ଟଇଣ୍ଡିଜ ତରଫରୁ ପ୍ରତିନିଧିତ୍ୱ କରୁଥିଲେ। ତାଙ୍କ ପିତା ଶିର୍ଲି କ୍ଲର୍କ ମଧ୍ୟ ପ୍ରଥମଶ୍ରେଣୀ କ୍ରିକେଟର ଥିଲେ। ଏପର୍ଯ୍ୟନ୍ତ ସେ ଗୋଟିଏ ଟେଷ୍ଟ, ୩ଟି ଦିନିକିଆ, ୩୩ଟି ପ୍ରଥମଶ୍ରେଣୀ ଓ ୫୯ଟି ଲିଷ୍ଟ ଏ' କ୍ରିକେଟ ଖେଳିଛନ୍ତି। ୨୦୧୯ ଅକ୍ଟୋବରରେ ସେ ବାର୍ବାଡୋସ ପାଇଁ ରିଜିଓନାଲ ୫୦ ଟୁର୍ନାମେଣ୍ଟ ଖେଳିବାକୁ ଚୟନ ହୋଇଥିଲେ। ୨୦୧୯-୨୦ ୱେଷ୍ଟଇଣ୍ଡିଜ ଚାମ୍ପିୟନଶିପ୍‌ରେ ସେ ପ୍ରଥମ ଶତକ ହାସଲ କରିଥିଲେ। ଏହାପରେ ୨୦୨୦ରେ ସେ ଇଂଲଣ୍ଡ ବିପକ୍ଷ ସିରିଜରେ ୱେଷ୍ଟଇଣ୍ଡିଜ ଟେଷ୍ଟ ଦଳରେ ରିଜର୍ଭ ଖେଳାଳି ଭାବେ ସ୍ଥାନ ପାଇଥିଲେ। ୨୦୨୦ କାରିବିୟାନ ଲିଗ୍‌ରେ ସେ ବାର୍ବଡୋସ ଟ୍ରାଇଡେଣ୍ଟ ତରଫରୁ ପ୍ରତିନିଧିତ୍ୱ କରିଥିଲେ। ଏଥିରେ ଭଲ ପ୍ରଦର୍ଶନ କରି ସେ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିଥିଲେ। ଫଳରେ ତାଙ୍କୁ ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ସିରିଜରେ ସାମିଲ କରାଯାଇଥିଲା ଓ ସେ କ୍ରିକେଟର ଏହି ସବୁଠାରୁ ଛୋଟ ଫର୍ମାଟ୍‌ରେ ଡେବ୍ୟୁ କରିଥିଲେ। ଏହାପରେ ଚଳିତ ବାଂଲାଦେଶ ଗସ୍ତରେ ସେ ଦିନିକିଆ ଓ ଟେଷ୍ଟରେ ଡେବ୍ୟୁ କରିଥିଲେ। ଟେଷ୍ଟ ଡେବ୍ୟୁରେ ସେ ଷଷ୍ଠ ବ୍ୟାଟ୍ସମ୍ୟାନ ଭାବେ ଦ୍ୱିଶତକ ହାସଲ କରିଥିଲେ। ଟେଷ୍ଟର ଚତୁର୍ଥ ଇନିଂସରେ ସେ ଅଷ୍ଟମ ପଦାର୍ପଣକାରୀ ବ୍ୟାଟ୍ସମ୍ୟାନ ଭାବେ ଦ୍ୱିଶତକ ହାସଲ କରିଛନ୍ତି। ଏହାପୂର୍ବରୁ ସେ ପ୍ରଥମଶ୍ରେଣୀ କ୍ରିକେଟରେ ଦୁଇଟି ଶତକ ହାସଲ କରିଛନ୍ତି। ଏଥିରେ ୧୪୦ ତାଙ୍କର ସର୍ବାଧିକ ସ୍କୋର ରହିଛି। ମେୟର୍ସଙ୍କ ଜଣେ ଅସାଧାରଣ ପ୍ରତିଭାସମ୍ପନ୍ନ ବ୍ୟାଟ୍ସମ୍ୟାନ ଭାବେ ପରିଚୟ ଦେଇଛନ୍ତି। ଆଗକୁ ଏହି ସଫଳତା ଜାରି ରଖିବାକୁ ସେ ପ୍ରୟାସ କରିବେ ବୋଲି କହିଛନ୍ତି। ଫର୍ମ ଓ ଫିଟ୍‌ନେସ ବଜାୟ ରହିଲେ ସେ ଦଳର ଅନ୍ୟତମ ସଫଳ ବ୍ୟାଟ୍ସମ୍ୟାନ ବିବେଚିତ ହେବେ ବୋଲି କୁହାଯାଇପାରେ।

**– ରଞ୍ଜନ ରାୟ**

### ଚତୁର୍ଥ ଇନିଂସରେ ଦ୍ୱିଶତକ

| ଖେଳାଳି | ସ୍କୋର | ଦଳ | ବିପକ୍ଷ | ଭେନ୍ୟୁ | ସେସନ | ଫଳାଫଳ |
|---|---|---|---|---|---|---|
| ଜର୍ଜ ହେଡ୍‌ଲି | ୨୨୩ | ୱେଷ୍ଟଇଣ୍ଡିଜ | ଇଂଲଣ୍ଡ | କିଙ୍ଗଷ୍ଟନ | ୧୯୨୯/୩୦ | ଡ୍ର |
| ଡବ୍ଲ୍ୟୁଜେ ଏଡରିଚ୍ | ୨୧୯ | ଇଂଲଣ୍ଡ | ଦକ୍ଷିଣ ଆଫ୍ରିକା | ଡର୍ବାନ | ୧୯୩୮/୩୯ | ଡ୍ର |
| ସୁନୀଲ ଗାଭାସ୍କର | ୨୨୧ | ଭାରତ | ଇଂଲଣ୍ଡ | ଦି ଓଭାଲ | ୧୯୭୯ | ଡ୍ର |
| ଗର୍ଡନ ଗ୍ରିନିଜ | ୨୧୪* | ୱେଷ୍ଟଇଣ୍ଡିଜ | ଇଂଲଣ୍ଡ | ଲର୍ଡ୍ସ | ୧୯୮୪ | ବିଜୟୀ |
| ନାଥନ ଆସଲେ | ୨୨୨ | ନ୍ୟୁଜିଲାଣ୍ଡ | ଇଂଲଣ୍ଡ | ଖ୍ରୀଷ୍ଟଚର୍ଚ୍ଚ | ୨୦୦୧/୦୨ | ପରାଜିତ |
| କାଏଲ ମେୟର୍ସ | ୨୧୯ | ୱେଷ୍ଟଇଣ୍ଡିଜ | ବାଂଲାଦେଶ | ଚଟ୍ଟୋଗ୍ରାମ | ୨୦୨୨/୦୧ | ବିଜୟୀ |

### ପଦାର୍ପଣରେ ଦ୍ୱିଶତକ

| ଖେଳାଳି | ରନ | ଦଳ | ବିପକ୍ଷ | ଭେନ୍ୟୁ | ସେସନ |
|---|---|---|---|---|---|
| ଟିପ୍ ଫୋଷ୍ଟର | ୨୮୭ | ଇଂଲଣ୍ଡ | ଅଷ୍ଟ୍ରେଲିଆ | ସିଡନୀ | ୧୯୦୩/୦୪ |
| ଲରେନ୍ସ ରୋଏ | ୨୧୪ | ୱେଷ୍ଟଇଣ୍ଡିଜ | ନ୍ୟୁଜିଲାଣ୍ଡ | କିଙ୍ଗଷ୍ଟନ | ୧୯୭୧/୭୧ |
| ବ୍ରେଣ୍ଡନ କୁରୁପ୍ପୁ | ୨୦୧* | ଶ୍ରୀଲଙ୍କା | ନ୍ୟୁଜିଲାଣ୍ଡ | କଲମ୍ବୋ | ୧୯୮୭ |
| ମାଥ୍ୟୁ ସିନ୍‌କ୍ଲେୟର | ୨୧୪ | ନ୍ୟୁଜିଲାଣ୍ଡ | ୱେଷ୍ଟଇଣ୍ଡିଜ | ୱେଲିଂଟନ | ୧୯୯୯/୦୦ |
| ଜାକ୍ୱେସ ରୁଡୋଲ୍ଫ | ୨୨୨* | ଦକ୍ଷିଣ ଆଫ୍ରିକା | ବାଂଲାଦେଶ | ଚଟ୍ଟୋଗ୍ରାମ | ୨୦୦୩ |
| କାଏଲ ମେୟର୍ସ | ୨୧୦* | ୱେଷ୍ଟଇଣ୍ଡିଜ | ବାଂଲାଦେଶ | ଚଟ୍ଟୋଗ୍ରାମ | ୨୦୨୦/୨୧ |

### ସଂକ୍ଷେପରେ...

ପୂରା ନାମ: କାଏଲ ରିକୋ ମେୟର୍ସ
ଜନ୍ମ: ୮ ସେପ୍ଟେମ୍ବର, ୧୯୯୨, ବାର୍ବାଡୋସ
ବୟସ: ୨୯ ବର୍ଷ
ପ୍ଲେଇଂ ରୋଲ: ବ୍ୟାଟିଂ ଅଲରାଉଣ୍ଡର
ବ୍ୟାଟିଂ: ବାମହାତୀ
ବୋଲିଂ: ଡାହାଣହାତୀ ମିଡିୟମ
ଟେଷ୍ଟ ମ୍ୟାଚ: ୧
ଦିନିକିଆ: ୩
ଟି୨୦: ୨

---

ଦେଶର ପଞ୍ଚମ ମହିଳା ଟେନିସ ଖେଳାଳି ଭାବେ ଅଙ୍କିତା ରାଇନା ଗ୍ରାଣ୍ଡସ୍ଲାମ ଖେଳିବାର ଗୌରବ ଅର୍ଜନ କରିଛନ୍ତି। ଅଷ୍ଟ୍ରେଲିଆନ୍ ଓପନ୍‌ରେ ଏହି ଗ୍ରାଣ୍ଡସ୍ଲାମ ଗର୍ଲ ରୋମାନିଆ ପାର୍ଟନର ମିହାଏଲା ବୁଜାରନେକୁଙ୍କ ସହ ମହିଳା ଡବଲ୍ସ ଖେଳିଛନ୍ତି।

# ଗ୍ରାଣ୍ଡସ୍ଲାମ୍ ଗର୍ଲ

**ଭା**ରତୀୟ ମହିଳା ଟେନିସ ତାରକା ଅଙ୍କିତା ରାଇନା ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ ଓପନର ମୁଖ୍ୟ ଡ୍ର'ରେ ସାମିଲ ହେବାର ସୁଯୋଗ ହାସଲ କରିଛନ୍ତି। ସେ ପଞ୍ଚମ ଭାରତୀୟ ମହିଳା ଭାବେ କୌଣସି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ମୁଖ୍ୟ ଡ୍ର'ରେ ସାମିଲ ହୋଇ ଏକ ବିରଳ ସଫଳତା ହାସଲ କରିଛନ୍ତି। ତେବେ ସେ ସିଙ୍ଗଲ୍ସ ଇଭେଣ୍ଟରେ ନୁହଁ ମହିଳା ଡବଲ୍ସ ଇଭେଣ୍ଟରେ ଅଂଶଗ୍ରହଣ କରିଛନ୍ତି। ଅଭିଜ୍ଞ ସାନିଆ ମିର୍ଜାଙ୍କ ପରେ ସେ ଦ୍ୱିତୀୟ ଭାରତୀୟ ମହିଳା ଖେଳାଳିଭାବେ କୌଣସି ମେଜର ଟୁର୍ନାମେଣ୍ଟର ଡବଲ୍ସରେ ଅଂଶଗ୍ରହଣ କରିବାର ସୁଯୋଗ ହାସଲ କରିଛନ୍ତି। ତେବେ ସେ ମହିଳା ଡବଲ୍ସର ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ପରାସ୍ତ ହୋଇଛନ୍ତି। ଅଙ୍କିତା ଓ ତାଙ୍କ ରୋମାନିଆ ପାର୍ଟନର ମିହାଏଲା ବୁଜାରନେକୁ ପ୍ରାରମ୍ଭିକ ରାଉଣ୍ଡରେ ଅଷ୍ଟ୍ରେଲୀୟ ୱାଇଲ୍ଡ କାର୍ଡ ଯୋଡି ଓଲିଭିଆ ଗାଡେକି ଓ ବେଲିଣ୍ଡ ଉଲକୁକ୍‌ଙ୍କଠାରୁ ୩-୬, ୦-୬ ସେଟ୍‌ରେ ମାତ୍ର ୧ ଘଣ୍ଟା ୧୭ ମିନିଟ୍‌ରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ପରାସ୍ତ ହୋଇ ଅଷ୍ଟ୍ରେଲିଆନ୍ ଓପନ୍‌ରୁ ବିଦାୟ ନେଇଥିଲେ ମଧ୍ୟ ଭାରତୀୟ ଦୃଷ୍ଟିକୋଣରୁ ଅଙ୍କିତା ଏକ ଉଦାହରଣ ସୃଷ୍ଟି କରିଛନ୍ତି। ରୋମାନିଆର ମିହାଏଲା ବୁଜାରନେକୁଙ୍କ ସହ ଖେଳିବା ପାଇଁ ସ୍ୱାକ୍ଷର କରିବା ପରେ ଏହି ଯୋଡି ଅଷ୍ଟ୍ରେଲିଆନ ଓପନ ଖେଳିବାକୁ ସିଧାସଳଖ ଏଣ୍ଟ୍ରି ହାସଲ କରିଥିଲେ। ମିହାଏଲା ଡବଲ୍ସ ଇଭେଣ୍ଟ ପାଇଁ ଏକ ପାର୍ଟନର ଖୋଜୁଥିଲେ। ତାଙ୍କ ସହ ଅଙ୍କିତା ଖେଳିବାକୁ ଇଚ୍ଛା ପ୍ରକାଶ କରିବା ପରେ ସେ ରାଜି ହୋଇଥିଲେ। ଏଥିସହିତ ୨୮ ବର୍ଷୀୟ ଅଙ୍କିତାଙ୍କର ଏକ ଦୀର୍ଘ ଦିନର ସ୍ୱପ୍ନ ସାକାର ହୋଇଛି। ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବାକୁ ତାଙ୍କର ସ୍ୱପ୍ନ ରହିଥିଲା। ପୂର୍ବରୁ ୧୯୭୧ରେ ନିରୁପମା ମଙ୍କଡ ପ୍ରଥମ ଭାରତୀୟ ମହିଳା ଖେଳାଳିଭାବେ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଏହାପରେ ନିରୁପମା ବୈଦାନାଥନ ୧୯୯୮ରେ, ସାନିଆ ମିର୍ଜା ଓ ଭାରତୀୟ ବଂଶୋଦ୍ଭବ ଆମେରିକୀୟ ଖେଳାଳି ଶିଖା ଓବେରୋଇ ୨୦୦୪ରେ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବାର ସୁଯୋଗ ପାଇଥିଲେ। ଦୀର୍ଘ ବର୍ଷର କଠିନ ପରିଶ୍ରମ ପରେ ଗ୍ରାଣ୍ଡସ୍ଲାମ ଖେଳିବାର ସୁଯୋଗ ହାସଲ କରିଥିଲି। ଖୁବ୍‌ଶୀଘ୍ର ଗ୍ରାଣ୍ଡସ୍ଲାମ ସିଙ୍ଗଲ୍ସରେ ଖେଳିବାର ସୁଯୋଗ ପାଇବି ବୋଲି ଅଙ୍କିତା କହିଛନ୍ତି।

ରୋଜର ଫେଡେରର, ରାଫାଲ ନାଡାଲ, ସାନିଆ ମିର୍ଜା ଓ ସେରେନା ୱିଲିୟମ୍ସଙ୍କ ନିଜର ଆଦର୍ଶ ମାନୁଥିବା ଅଙ୍କିତା ଗୁଜରାଟ ତରଫରୁ ପ୍ରତିନିଧିତ୍ୱ କରିଆସିଛନ୍ତି। ଭାରତ ପାଇଁ ଫେଡ୍‌କପ୍‌ରେ ପ୍ରତିନିଧିତ୍ୱ ସେ ୨୩ଟି ମ୍ୟାଚ୍‌ରେ ବିଜୟ ହାସଲ କରିଥିବା ବେଳେ ୭ଟି ମ୍ୟାଚ୍‌ରେ ପରାସ୍ତ ହୋଇଛନ୍ତି ଓ ତାଙ୍କ ସଫଳତା ହାର ୫୪.୫ ପ୍ରତିଶତ ରହିଛି। ୨୦୧୮ ଫେଡ୍‌କପ୍‌ରେ ସେ ଚାଇନାର ଝୁ ଲିନ୍ ଓ କାଜାଖସ୍ତାନର ୟୁଲିଆ ପୁଟିନସେଭାଙ୍କୁ ହରାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ମଧ୍ୟ ଗୋଟିଏ ଡବ୍ଲ୍ୟୁଟିଏ ୧୨୫କେ ଟାଇଟଲ ଜିତିଛନ୍ତି। ଆଇଟିଏଫ୍ ସର୍କିଟରେ ୧୧ଟି ସିଙ୍ଗଲ୍ସ ସହିତ ସେ ୧୮ଟି ଡବଲ୍ସ ଟାଇଟଲ ମଧ୍ୟ ଜିତିଛନ୍ତି। ୨୦୧୬ ସାଉଥ୍ ଏସିଆନ ଗେମ୍ସରେ ସେ ସିଙ୍ଗଲ୍ସ ଓ ମିକ୍ସଡ୍ ଡବଲ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିପରି ୨୦୧୮ ଏସିଆନ ଗେମ୍ସରେ ସେ ସିଙ୍ଗଲ୍ସରେ ବ୍ରୋଞ୍ଜ୍ ପଦକ ଜିତିଥିଲେ। ସାନିଆ ମିର୍ଜାଙ୍କ ପରେ ଅଙ୍କିତା ଭାରତର ଦ୍ୱିତୀୟ ସଫଳତମ ମହିଳା ଟେନିସ ଖେଳାଳି କହିଲେ ଭୁଲ ହେବ ନାହିଁ।



ଅଙ୍କିତା ରାଇନା

---

# ଜାଫରଙ୍କୁ କୁମ୍ବଲେଙ୍କ ସମର୍ଥନ

ନୂଆଦିଲ୍ଲୀ, ୧୧।୨ (ପି.ଟି.)

ଏକ ବିବାଦୀୟ ପ୍ରସଙ୍ଗରେ ସ୍ପିନ କିମ୍ବଦନ୍ତୀ ଅନିଲ କୁମ୍ବଲେ ତାଙ୍କ ପୂର୍ବତନ ଭାରତ ଟିମ୍‌ମେଟ ୱାଶିମ ଜାଫରଙ୍କ ପ୍ରତି ତାଙ୍କର ସମର୍ଥନ ଜ୍ଞାପନ କରିଛନ୍ତି। ଜାଫର ଉତ୍ତରାଖଣ୍ଡ ରାଜ୍ୟ କ୍ରିକେଟ ଦଳର କୋଚ୍ ଅଛନ୍ତି। ସେ ରାଜ୍ୟ ଦଳରେ ମୁସ୍‌ଲିମ ଖେଳାଳିଙ୍କ ସପକ୍ଷରେ ଥିବା କ୍ରିକେଟ ଆସୋସିଏଶନ ଅଫ୍ ଉତ୍ତରାଖଣ୍ଡ (ସିଏୟୁ)ର କେତେଜଣ ଅଫିସିଆଲଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ରାଜ୍ୟ ଆସୋସିଏଶନ ସହ ବିବାଦ ଯୋଗୁ ଜାଫର ମଙ୍ଗଳବାର ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ତାଙ୍କ କାର୍ଯ୍ୟରେ ଅଯଥା ହସ୍ତକ୍ଷେପ କରାଯାଉଛି। ଚୟନକର୍ତ୍ତାଙ୍କୁ ପ୍ରଭାବିତ କରାଯାଉଛି। ଆସୋସିଏଶନର ସମ୍ପାଦକ ଅଯୋଗ୍ୟ ଖେଳାଳିଙ୍କୁ ଦଳରେ ସ୍ଥାନ ଦେବାକୁ ଚାପ ପକାଉଥିବା ଆଦି କାରଣରୁ ସେ ଏହି ପଦକ୍ଷେପ ନେଇଥିବା କହିଛନ୍ତି।



ଅନିଲ କୁମ୍ବଲେ ଓ ୱାସିମ ଜାଫର।

ଭାରତର ପୂର୍ବତନ ଅଧିନାୟକ ଓ କୋଚ୍ ତଥା ବର୍ତ୍ତମାନ ଆଇସିସି କ୍ରିକେଟ କମିଟି ମୁଖ୍ୟ ଥିବା କୁମ୍ବଲେ ତାଙ୍କ ଟୁଇଟର ହ୍ୟାଣ୍ଡେଲରେ କହିଛନ୍ତି ଜାଫର ଯାହା କରିଛନ୍ତି ଠିକ୍ କରିଛନ୍ତି। ହେଲେ ଦୁର୍ଭାଗ୍ୟର ବିଷୟ ଏହିକି ଯେ, ଖେଳାଳିମାନେ ତାଙ୍କ ବହୁମୂଲ୍ୟ ଉପଦେଶ ପାଇବାରୁ ବଞ୍ଚିତ ହେବ। ୪୨ ବର୍ଷୀୟ ଜାଫର ଭାରତ ତରଫରୁ ୩୧ ଟେଷ୍ଟ ଖେଳିଛନ୍ତି। ଘରୋଇ କ୍ରିକେଟରେ ସେ ଜଣେ ଜଣାଶୁଣା ବ୍ୟକ୍ତିତ୍ୱ। ସିଏୟୁର ସମ୍ପାଦକ ମହିମ ବର୍ମା ଗଣମାଧ୍ୟମରେ ତାଙ୍କ ବିରୋଧରେ ଯେଉଁ ଗୁରୁତର ଅଭିଯୋଗ ଆଣିଛନ୍ତି ଏହା ତାଙ୍କୁ ଖୁବ୍ ବାଧିଥିବ ସେ କହିଛନ୍ତି। କୁମ୍ବଲେଙ୍କ ବ୍ୟତୀତ ପୂର୍ବତନ କ୍ରିକେଟର ଇର୍ଫାନ ପଠାନ ଓ ମନୋଜ ତିୱାରୀ ମଧ୍ୟ ଜାଫରଙ୍କ ପ୍ରତି ସେମାନଙ୍କ ସମର୍ଥନ ଜ୍ଞାପନ କରିଛନ୍ତି। ଜାଫର କହିଛନ୍ତି, ସେ କୁଆଡେ ଇକ୍‌ବାଲ ଅବଦୁଲ୍ଲାଙ୍କୁ ଦଳର ଅଧିନାୟକ କରିବା ଲାଗି ଚାହାନ୍ତି ବୋଲି ଅଭିଯୋଗ ହୋଇଛି। କିନ୍ତୁ ଏହା ସମ୍ପୂର୍ଣ୍ଣ ମିଥ୍ୟା। ଟିମ୍‌ର ଟ୍ରେନିଂ ବେଳେ ଆମେ ମୌଲବୀ (ମୁସ୍‌ଲିମ୍ ଧର୍ମୀୟ ଗୁରୁ)ଙ୍କ ସହ ନମାଜ ପାଠ କରିଥିବା ଅଭିଯୋଗ ହୋଇଛି। ଡେରାଡୁନ୍‌ରେ କ୍ୟାମ୍ପ ବେଳେ ଦୁଇ କିମ୍ବା ୩ ଶୁକ୍ରବାର ମୌଲାନା, ମୌଲବୀ ଆସିଥିବା କଥା ସତ୍ୟ ହେଲେ ବି ସେ ଏମାନଙ୍କୁ ଡାକି ନ ଥିଲେ। ଇକବାଲ ଅବ୍‌ଦୁଲ୍ଲା (ଉତ୍ତରାଖଣ୍ଡ ଖେଳାଳି) ଶୁକ୍ରବାର ପ୍ରାର୍ଥନା ନିମିତ୍ତ ମ୍ୟାନେଜର ଓ ମୋ'ଠାରୁ ଅନୁମତି ନେଇଥିଲେ। ୩୧ ବର୍ଷୀୟ ଏହି ଅଲରାଉଣ୍ଡର ଆଇପିଏଲ ଖେଳିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଭାରତରୁ ଖେଳି ନାହାନ୍ତି। ଜାଫର ତାଙ୍କ ଟୁଇଟ୍‌ରେ ଏହା ମଧ୍ୟ କହିଛନ୍ତି ଯେ, ଅଧିନାୟକ ପଦବୀ ପାଇଁ ସେ ଇକ୍‌ବାଲଙ୍କ ନୁହେଁ ଜୟ ବିସ୍ତାଙ୍କ ନାମ ସୁପାରିସ କରିଥିଲେ। ବରଂ ସିଏୟୁର କେତେଜଣ ଅଫିସିଆଲ ଇକ୍‌ବାଲଙ୍କ ସପକ୍ଷରେ ଥିଲେ।

# ଦିଭିଜ୍, ଅଙ୍କିତା ଆଉଟ୍

ମେଲବୋର୍ନ, ୧୧।୨ (ପି.ଟି.)

ଚଳିତ ଅଷ୍ଟ୍ରେଲିଆନ ଓପନ୍‌ରୁ ଆଉ ଦୁଇଜଣ ଭାରତୀୟ ଖେଳାଳି ବାଦ୍ ପଡିଛନ୍ତି। ଭାରତର ଦିଭିଜ୍ ଶରଣ ଓ ଅଙ୍କିତା ରାଇନା ସେମାନଙ୍କ ପାର୍ଟନରଙ୍କ ସହ ଯଥାକ୍ରମେ ପୁରୁଷ ଓ ମହିଳା ଡବଲ୍ସ ଇଭେଣ୍ଟରୁ ବାଦ୍ ପଡିଛନ୍ତି। ମହିଳା ଡବଲ୍ସ ଇଭେଣ୍ଟରେ ଅଙ୍କିତା ଓ ତାଙ୍କ ରୋମାନିଆ ସାଥୀ ମିହାଏଲା ବୁଜାରନେକୁ ୩-୬, ୦-୬ ସେଟ୍‌ରେ ପ୍ରତିପକ୍ଷ ଅଷ୍ଟ୍ରେଲିଆ ୱାଇଲ୍ଡ କାର୍ଡ ଯୋଡି ଓଲିଭିଆ ଗାଡେକି ଓ ବେଲିଣ୍ଡା ଉଲକୋକଙ୍କଠାରୁ ପରାସ୍ତ ହୋଇ ବାଦ୍ ପଡିଛନ୍ତି। ଏକ ଘଣ୍ଟା ୧୭ ମିନିଟ୍‌ରେ ଅଙ୍କିତା ଓ ମିହାଏଲା ପରାସ୍ତ ହୋଇଥିଲେ।

ସେହିପରି ପୁରୁଷ ଡବଲ୍ସରେ ଦିଭିଜ୍ ଓ ତାଙ୍କ ସ୍ଲୋଭାକିଆ ପାର୍ଟନର ଆଇଗର ଜେଲେନେ ୧-୬, ୪-୬ ସେଟ୍‌ରେ ଜର୍ମାନୀ ଯୋଡି ୟାନିକ ହାନଭମ୍ୟାନ ଓ କେଭିନ କ୍ରୱିଜଙ୍କଠାରୁ ପରାସ୍ତ ହୋଇ ପ୍ରତିଯୋଗିତାରୁ ବାଦ୍ ପଡିଛନ୍ତି। ଦିଭିଜ୍ ଓ ଆଇଗର ମାତ୍ର ଏକ ଘଣ୍ଟା ୪ ମିନିଟ୍‌ରେ ପରାସ୍ତ ହୋଇଥିଲେ। ଏହା ପୂର୍ବରୁ ବୁଧବାର ଅନ୍ୟତମ ଭାରତୀୟ ଖେଳାଳି ରୋହନ ବୋପାନ୍ନା ଓ ଜାପାନର ବେନ୍ ମ୍ୟାକ୍‌ଲାଚଲାନ ପୁରୁଷ ଡବଲ୍ସ ଇଭେଣ୍ଟର ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ୪-୬, ୬-୭ ସେଟ୍‌ରେ କୋରିଆ ୱାଇଲ୍ଡକାର୍ଡ ଯୋଡି ଜି ସଙ୍ଗ ନାମ ଓ ମିନ- କ୍ୟୁ ସଙ୍ଗଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଥିଲେ। ଏବେ ବୋପାନ୍ନା ମିକ୍ସଡ ଡବଲ୍ସ ଇଭେଣ୍ଟରେ ଚାଇନାର ୟିଙ୍ଗ୍‌ୟିଙ୍ଗ୍ ଡୁଆନଙ୍କ ସହ ଅଭିଯାନ ଆରମ୍ଭ କରିବେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଫେବୃୟାରୀ ୧୨/୨୦୨୧ Bhubaneswar, Friday, February 12/ 2021

# ଭାରତୀୟ ଦଳରେ ପ୍ୟାରୀ

ଭୁବନେଶ୍ୱର, ୧୧।୨(କ୍ରୀଡ଼ା ପ୍ରତିନିଧି)


ପ୍ୟାରୀ ଖାଖା

**ସିନିୟର ମହିଳା ଫୁଟ୍‌ବଲ**

ଚଳିତ ମାସ ୧୪ରୁ ୨୪ ପର୍ଯ୍ୟନ୍ତ ତୁର୍କୀରେ ଭାରତୀୟ ସିନିୟର ମହିଳା ଫୁଟବଲ ଦଳ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଖେଳିବ। ୨୦୨୨ ଏଏଫ୍‌ସି ମହିଳା ଏସିଆନ କପ୍ ପାଇଁ ଏହା ପ୍ରସ୍ତୁତି ସଦୃଶ ହେବ। ଏଥିପାଇଁ ଭାରତୀୟ ଦଳରେ ଓଡ଼ିଶାର ପ୍ୟାରୀ ଖାଖା ସ୍ଥାନ ପାଇଛନ୍ତି। ଏପରି ଏକ ବଡ଼ ସୁଯୋଗ ପାଇଥିବାରୁ ପ୍ୟାରୀଙ୍କୁ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ ସଦସ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି। ୧୯୯୭ ମେ ୧୮ରେ ରାଉରକେଲାରେ ଜନ୍ମିତ ପ୍ୟାରୀ ୨୦୧୫ରେ ୧୯ ବର୍ଷରୁ କମ୍ ଭାରତୀୟ ଦଳ ପକ୍ଷରୁ ଖେଳି ସିନିୟର ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ସେହିବର୍ଷ ସେ ଏଆଇଏଫ୍‌ଏଫ୍ ଇମର୍ଜିଂ ଫୁଟବଲର ଅଫ୍ ଦି ଇୟର ପୁରସ୍କାର ପାଇଥିଲେ। ୨୦୧୬ରେ ଶିଲଂରେ ସାଉଥ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳର ସେ ସଦସ୍ୟା ଥିଲେ। ୨୦୧୭ରେ କୁଆଲାଲମ୍ପୁରଠାରେ ମାଲେସିଆ ବିପକ୍ଷ ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ସେ ୨ଟି ଗୋଲ ସ୍କୋର କରିଥିଲେ। ଏଥିରେ ଭାରତ ୨-୦ ଗୋଲରେ ବିଜୟୀ ହୋଇଥିଲା। ଏହା ବ୍ୟତୀତ ୨୦୧୯ରେ ହଂକଂ ଓ ଇଣ୍ଡୋନେସିଆ ବିପକ୍ଷରେ ୪ଟି ଯାକ ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଜିତିଥିବା ଭାରତୀୟ ଦଳ ପକ୍ଷରୁ ମଧ୍ୟ ସେ ଖେଳିଥିଲେ। ୨୦୧୮ରେ ମେଘାଳୟର ଶିଲଂଠାରେ ଅନୁଷ୍ଠିତ ଇଣ୍ଡିଆନ ଓମେନ୍ସ ଲିଗ୍ ଟାଇଟଲ ଜିତିଥିବା ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ଦଳର ସେ ସଦସ୍ୟା ଥିଲେ।

# ଭାରତ ବିପକ୍ଷ ଟି୨୦ ସିରିଜ ପାଇଁ ଇଂଲଣ୍ଡ ଦଳ

ଲଣ୍ଡନ, ୧୧।୨ (ପି.ଟି.)


ଜନି ବେୟାରଷ୍ଟୋ ଓ ଜୋସ୍ ବଟଲର।

ଭାରତ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଟି୨୦ ସିରିଜ ପାଇଁ ଗୁରୁବାର ୧୬ ଜଣିଆ ଇଂଲଣ୍ଡ କ୍ରିକେଟ ଦଳ ଘୋଷଣା କରାଯାଇଛି। ଏଥିରେ ସିନିୟର ଉଇକେଟକିପର ବ୍ୟାଟ୍ସମ୍ୟାନ ଜୋସ୍ ବଟଲର ଓ ଜନି ବେୟାରଷ୍ଟୋ ସ୍ଥାନ ପାଇଛନ୍ତି। ଟି୨୦ ସିରିଜ ଅହମ୍ମଦାବାଦରେ ମାର୍ଚ୍ଚ ୧୨ରୁ ୨୦ ମଧ୍ୟରେ ହେବ। ଭାରତ ବିପକ୍ଷ ଓପନିଂ ଟେଷ୍ଟ ପରେ ବଟଲର ସ୍ୱଦେଶ ଫେରିଛନ୍ତି। ଇଂଲଣ୍ଡର ରୋଟେଶନ ନୀତି ଅନୁସାରେ ବେୟାରଷ୍ଟୋଙ୍କୁ ଭାରତ ବିପକ୍ଷ ପ୍ରଥମ ଦୁଇ ଟେଷ୍ଟରୁ ବିଶ୍ରାମ ଦିଆଯାଇଛି। ଆଇପିଏଲ ଫ୍ରାଞ୍ଚାଇଜ୍ ଚେନ୍ନାଇ ସୁପର କିଙ୍ଗ୍ସ ଅଲରାଉଣ୍ଡର ସାମ୍ କୁରାନଙ୍କୁ ଟେଷ୍ଟ ସିରିଜରୁ ବିଶ୍ରାମ ଦିଆଯାଇଥିଲା। ତାଙ୍କୁ ଇଂଲଣ୍ଡ ଟି୨୦ ଦଳରେ ନିଆଯାଇଛି। ଭେଟେରାନ ପେସର ଜେମ୍ସ ଆଣ୍ଡରସନ ଏବଂ ଷ୍ଟୁଆର୍ଟ ବ୍ରଡ୍ ବହୁ ଦିନ ହେଲା ହ୍ୱାଇଟ୍‌ବଲ କ୍ରିକେଟ ଖେଳି ନାହାନ୍ତି। କିନ୍ତୁ ୫ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ପାଇଁ ଜୋଫ୍ରା ଆର୍ଚର ଉପଲବ୍ଧ ହେବେ। ଯାହା ଜଣାପଡୁଛି ଚଳିତ ଟେଷ୍ଟ ସିରିଜ ପରେ ତାଙ୍କୁ କେତେବେଳେ ବିଶ୍ରାମ ଦିଆଯାଇ ପାରେ। ଇଂଲଣ୍ଡ ଦଳରେ ଉଦୀୟମାନ ପ୍ରତିଭାସମ୍ପନ୍ନ ଟି୨୦ ଖେଳାଳି ଡାଭିଡ଼ ମଲାନ ସ୍ଥାନ ପାଇଛନ୍ତି। ଫେବୃୟାରୀ ୧୮ରେ ଚେନ୍ନାଇରେ ହେବାକୁଥିବା ଆଇପିଏଲ ନିଲାମି ବେଳେ ଏହି ଖେଳାଳିଙ୍କର ଚାହିଦା ରହିବ ବୋଲି ଆଶା କରାଯାଉଛି। ଟି୨୦ ସିରିଜ ଶେଷ ହେବା ପରେ ଭାରତ ବିପକ୍ଷ ୩ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ସିରିଜ ପାଇଁ ଇଂଲଣ୍ଡ ଦଳ ଘୋଷଣା କରାଯିବ।

**ଇଂଲଣ୍ଡ ଟି୨୦ ଦଳ:** ଇଅନ ମୋର୍ଗାନ (ଅଧିନାୟକ), ମୋଇନ ଅଲି, ଜୋଫ୍ରା ଆର୍ଚର, ବେୟାରଷ୍ଟୋ, ସାମ୍ ବିଲିଙ୍ଗ୍ସ, ଜୋସ୍ ବଟଲର, ସାମ କୁରାନ, ଟମ୍ କୁରାନ, କ୍ରିସ୍ ଜୋର୍ଡାନ, ଲିଆମ ଲିଭିଙ୍ଗଷ୍ଟୋନ, ଡାଭିଡ଼ ମଲାନ, ଆଦିଲ ରଶିଦ୍, ଜାସନ ରୟ, ବେନ୍ ଷ୍ଟୋକ୍ସ, ରିସି ଟପ୍‌ଲେ ଓ ମାର୍କ ଉଡ୍।

# ଭୁବନେଶ୍ୱର 'ଏ' ବିଜୟୀ


ଏମ୍.ଜି. ଗୋପାଳ


ସୂର୍ଯ୍ୟ ମହାପାତ୍ର


ବସନ୍ତ ରାଠୋର

ଭୁବନେଶ୍ୱର, ୧୧।୨(କ୍ରୀଡ଼ା ପ୍ରତିନିଧି)

**୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ ସୁପରଲିଗ୍**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଟକ ଓ ଭୁବନେଶ୍ୱରର ବିଭିନ୍ନ ପଡ଼ିଆରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ ସୁପରଲିଗ୍‌ରେ ଗୁରୁବାର ୪ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ବାଲେଶ୍ୱର, ରାଉରକେଲା, ଭୁବନେଶ୍ୱର'ଏ', ଭଦ୍ରକ ଦଳ ବିଜୟ ହାସଲ କରିଛନ୍ତି।

ରେଲୱେ ଷ୍ଟାଡିୟମରେ ବାଲେଶ୍ୱର ୬୮ ରନରେ ଝାରସୁଗୁଡ଼ାକୁ ହରାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବାଲେଶ୍ୱର ୫୦ ଓଭରରେ ୮ ଉଇକେଟ ହରାଇ ୨୬୫ ରନ କରିଥିଲା। ଚିନ୍ମୟ ପ୍ରଧାନ ସର୍ବାଧିକ ୬୩ ଓ ଆଶୁତୋଷ ମାର୍ଣ୍ଡି ୪୫ ରନ କରିଥିଲେ। ବିପକ୍ଷ ଦଳର ଭିକି ରାୟ ଓ ଧନଞ୍ଜୟ ଯାଦବ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଝାରସୁଗୁଡ଼ା ୫୦ ଓଭରରେ ୯ ଉଇକେଟ ହରାଇ ୧୯୭ ରନ କରିପାରିଥିଲା। ଅନୁରାଗ ସିଂଦେଓ ସର୍ବାଧିକ ୫୦ ରନ କରିଥିବାବେଳେ ବିଜୟୀ ଦଳର ପ୍ରଶାନ୍ତ ଗଙ୍ଗଇ, ରାଜୀବ ସାହୁ, ସେକ୍ ଅସଲମ ଓ ଅରୁଣ ରାଉତ ୨ଟି ଲେଖାଏ ଉଇକେଟ ନେଇଥିଲେ। ମୂଳାପଡ଼ିଆ ଗ୍ରାଉଣ୍ଡରେ ରାଉରକେଲା ୬୨ ରନରେ ସମ୍ବଲପୁରକୁ ପରାସ୍ତ କରିଛି। ଆଶୀର୍ବାଦ ସ୍ୱାଇଁଙ୍କ ୬୭ ରନ ସହାୟତାରେ ରାଉରକେଲା ୫୦ ଓଭରରେ ୮ ଉଇକେଟ ହରାଇ ୨୦୯ ରନ କରିଥିଲା। ବିମଳ କର୍ମକାର ଓ ଧ୍ରୁତ ସାହୁ ୨ଟି ଲେଖାଏ ଉଇକେଟ ପାଇଥିଲେ। ୨୧୦ ରନ ବିଜୟ ଲକ୍ଷ୍ୟ ନେଇ ସମ୍ବଲପୁର ୩୯ ଓଭରରେ ୧୪୭ ରନକରି ଅଲଆଉଟ ହୋଇଥିଲା। ବିଜୟୀ ଦଳର ବସନ୍ତ ରାଠୋର ୫ ଉଇକେଟ ସଫଳତା ପାଇଥିବାବେଳେ ହେମନ୍ତ ନାୟକ ୨ଟି ଉଇକେଟ ନେଇଥିଲେ।

କଟକର ବିଡ଼ାନାସୀ ପଡ଼ିଆରେ ଭୁବନେଶ୍ୱର 'ଏ' ୮୯ ରନରେ ଭୁବନେଶ୍ୱର 'ବି'କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଭୁବନେଶ୍ୱର 'ଏ' ଏମ୍.ଜି. ଗୋପାଳ(୧୦୩ ରନ, ୯୫ ବଲ, ୧୬ ଚୌକା, ୧ ଛକା)ଙ୍କ ଦ୍ରୁତ ଶତକ ସହାୟତାରେ ୫୦ ଓଭରରେ ୯ ଉଇକେଟ ହରାଇ ୨୫୧ ରନ କରିଥିଲା। ସାଇ ଶୁଭମ୍ ୭୪ ରନ କରିଥିଲେ। ବିପକ୍ଷ ଦଳର ବିରଜାକାନ୍ତ ବେହେରା ୩ଟି ଏବଂ ସୁଶୀଲ ବାରିକ ଓ ବିକାଶ ନାଏକ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଭୁବନେଶ୍ୱର 'ବି' ୪୦.୩ ଓଭରରେ ୧୬୨ ରନକରି ଅଲଆଉଟ ହୋଇଥିଲା। ବିଭାଂଶୁ ରାୟ ସର୍ବାଧିକ ୭୩ ରନ କରିଥିଲେ। ବିଜୟୀ ଦଳର ଶୁଭମ୍ ଶ୍ରୀ ଓ ଅଂଶୁମାନ ବେଜ୍ ୩ଟି ଲେଖାଏ ଏବଂ ରିତେଶ ପ୍ରିୟରଞ୍ଜନ ୨ଟି ଉଇକେଟ ନେଇଥିଲେ। ବିଓଏସ୍‌ଇ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଭଦ୍ରକ ୧୩୮ ରନରେ କିଟ୍‌କୁ ହରାଇ ଦେଇଛି। ଭଦ୍ରକ ୫୦ ଓଭରରେ ୭ ଉଇକେଟ ହରାଇ ୨୪୫ ରନ କରିଥିଲା। ସୂର୍ଯ୍ୟ ମହାପାତ୍ର ୯୦ ଓ ରୁଦ୍ର ନାରାୟଣ ବେହେରା ୫୯ ରନ କରିଥିଲେ। ବିପକ୍ଷ ଦଳର ଗୌରିଶ୍ ପାତ୍ର ୩ଟି ଉଇକେଟ ନେଇଥିଲେ। କିଟ୍ ୩୦.୫ ଓଭରରେ ୧୦୭ ରନରେ ସମସ୍ତ ଉଇକେଟ ହରାଇଥିଲା। ଭଦ୍ରକ ବୋଲରଙ୍କ ମଧ୍ୟରେ କୁମାର ସାହୁ ଓ ଆଶୁତୋଷ ସାମଲ ୪ଟି ଲେଖାଏ ଉଇକେଟ ନେଇଥିଲେ।

# ଦୀପକ ବେହେରାଙ୍କ ଅବସର

ଭୁବନେଶ୍ୱର, ୧୧।୨
(କ୍ରୀଡ଼ା ପ୍ରତିନିଧି)

ଅଲରାଉଣ୍ଡର ଦୀପକ ରଞ୍ଜନ ବେହେରା ପ୍ରଥମ ଶ୍ରେଣୀ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ଗତ ୧୩ ବର୍ଷ ଧରି ସେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରି ଆସିଥିଲେ। ୨୦୧୧ ନଭେମ୍ବର ୩ରୁ ୬ ପର୍ଯ୍ୟନ୍ତ କଟକରେ ଅନୁଷ୍ଠିତ ସୌରାଷ୍ଟ୍ର ବିପକ୍ଷ ମ୍ୟାଚରେ ସେ ରଣଜୀ ଟ୍ରଫିରେ ପଦାର୍ପଣ କରିଥିଲେ। କ୍ୟାରିୟରରେ ୪୫ଟି ପ୍ରଥମଶ୍ରେଣୀ ମ୍ୟାଚ ଖେଳିଥିବା ଦୀପକ ୬୯ଟି ଇନିଂସରେ ୧୦୭୯ ରନ ସଂଗ୍ରହ କରିବା ସହ ୧୦୨ଟି ଉଇକେଟ ନେଇଛନ୍ତି। ତାଙ୍କ ସର୍ବାଧିକ ସ୍କୋର ହେଉଛି ୬୭। ଗୋଟିଏ ଇନିଂସରେ ତାଙ୍କ ଶ୍ରେଷ୍ଠ ବୋଲିଂ ଫିଗର ହେଉଛି ୬/୩୭ ଏବଂ ମ୍ୟାଚରେ ୯/୬୪। ସେହିପରି ସେ ଲିଷ୍ଟ-ଏ ରେ ୪୭ଟି ମ୍ୟାଚ ଖେଳି ୩୧୮ ରନ, ୫୧ ଉଇକେଟ ଏବଂ ଟି୨୦ର ୩୯ଟି ମ୍ୟାଚରେ ୨୬୯ ରନ ଏବଂ ୩୮ ଉଇକେଟ ହାସଲ କରିଛନ୍ତି। ଲିଷ୍ଟ-ଏ'ରେ ତାଙ୍କ ଶ୍ରେଷ୍ଠ ବୋଲିଂ ସଫଳତା ହେଉଛି ୬/୨୨ ଏବଂ ଟି୨୦ରେ ୩/୨୩। ଓଡ଼ିଶା କ୍ରିକେଟ ଆସୋସିଏଶନ ସଭାପତି ପଙ୍କଜ ଲୋଚନ ମହାନ୍ତି ଏବଂ ସମ୍ପାଦକ ସଞ୍ଜୟ ବେହେରା ଶୁଭକାମନା ଜଣାଇଛନ୍ତି।

# ସର୍ବୋଚ୍ଚ ବେସ୍ ପ୍ରାଇସ୍‌ରେ ୪ ଖେଳାଳି

ନୂଆଦିଲ୍ଲୀ, ୧୧।୨ (ପି.ଟି.): ଫେବୃୟାରୀ ୧୮ରେ ମାଡ୍ରାସଠାରେ ହେବାକୁଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ନିଲାମ ପାଇଁ ସର୍ବୋଚ୍ଚ ବେସ୍ ପ୍ରାଇସ ୨ କୋଟି ଟଙ୍କା କାଟେଗୋରି ତାଲିକାରେ ରହିଛନ୍ତି ସିନିୟର ସ୍ପିନର ହରଭଜନ ସିଂ ଓ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ କେଦାର ଯାଦବ ଏବଂ ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ୍ ଓ ଗ୍ଲେନ୍ ମାକ୍ସୱେଲ। ୮ ଫ୍ରାଞ୍ଚାଇଜ୍‌ର ୬୧ସ୍ଥାନ ପାଇଁ ନିଲାମରେ ଭାଗନେବେ ୨୯୨ ଜଣ ଖେଳାଳି। ନିଲାମରେ ଅଂଶଗ୍ରହଣ କରିବାକୁଥିବା ଖେଳାଳିଙ୍କ ମଧ୍ୟରେ୧୬୪ ଭାରତୀୟ, ୧୨୫ ବିଦେଶୀ ଏବଂ ୩ ସହଯୋଗୀ ରାଷ୍ଟ୍ର ଖେଳାଳି ରହିଛନ୍ତି।







# ଦିଲ୍ଲୀକୁ ହରାଇ କ୍ୱାର୍ଟରରେ ଓଡ଼ିଶା

**ନାଗେଶ ଟ୍ରଫି ଜାତୀୟ ଦୃଷ୍ଟିହୀନ କ୍ରିକେଟ**

ଭୁବନେଶ୍ୱର, ୧୧।୨(କ୍ରୀଡ଼ା ପ୍ରତିନିଧି): ବେଙ୍ଗାଲୁରୁରେ ଚାଲିଥିବା ନାଗେଶ ଟ୍ରଫି ଜାତୀୟ ଦୃଷ୍ଟିହୀନ ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଦିଲ୍ଲୀକୁ ୧୦ ଉଇକେଟରେ ହରାଇ ଓଡ଼ିଶା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ଦିଲ୍ଲୀ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୭ ଉଇକେଟ ହରାଇ ୧୩୬ ରନ କରିଥିଲା। ଦଳ ପକ୍ଷରୁ ମନୀଷ କୁମାର ୪୦ ଓ ଅକ୍ଷୟ ବର୍ମା ୨୫ ରନ କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ତପନ କୁମାର ଗୌଡ଼ା ୪ ଓଭର ବୋଲିଂ କରି ମାତ୍ର ୨୬ ରନ୍ ଦେଇ ୪ଟି ଉଇକେଟ ଅକ୍ତିଆର କରିଥିଲେ। ସୁଖରାମ ମାଝି, ପଙ୍କଜ ଭୁଏ ଓ ନକୁଳ ବଡନାୟକଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା। ୧୩୭ ରନ ବିଜୟ ଲକ୍ଷ୍ୟକୁ ଓଡ଼ିଶା ୧୧.୪ ଓଭରରେ କୌଣସି ଉଇକେଟ ନ ହରାଇ ହାସଲ କରି ନେଇଥିଲା। ସୁଖରାମ ମାଝି ୩୯ ବଲ୍‌ରୁ ୭୧ (୧୧ ଚୌକା) ଓ ନକୁଳ ବଡନାୟକ ୩୬ ବଲରୁ ୫୪(୭ ଚୌକା) ରନ କରି ଅପରାଜିତ ରହିଥିଲେ। ସୁଖରାମ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇଥିଲେ। ଶୁକ୍ରବାର ଓଡ଼ିଶା ଏହାର ଅନ୍ତିମ ଲିଗ୍ ମ୍ୟାଚରେ ହରିୟାଣାକୁ ଭେଟିବ।


ସୁଖରାମ ମାଝି ଓ ନକୁଳ ବଡନାୟକ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୨ ଫେବୃୟାରୀ, ୨୦୨୧

## ଦକ୍ଷତା ବିକାଶ ତାଲିମ ଶିବିର

କାକଟପୁର,(ଡି.ଏନ୍.ଏ.): ଆଧୁନିକ ଉପାୟରେ ପାନ ଚାଷ କରି ସ୍ୱାବଲମ୍ବୀ ହେବା ପାଇଁ ଗୁରୁବାର ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ କୃଷି ବିଭାଗ ପକ୍ଷରୁ ତାଲିମ ପ୍ରଦାନ କରାଯାଇଛି। ଜିଲା କୃଷି ବିଜ୍ଞାନ କେନ୍ଦ୍ରର ସଞ୍ଜୟ ମହାନ୍ତି, ଅସ୍ତରଙ୍ଗ ବ୍ଲକ କୃଷି ଅଧିକାରୀ ନରେଶ ସାହୁ, ସହକାରୀ କୃଷି ଅଧିକାରୀ ସୌଭାଗ୍ୟ ମହାନ୍ତି, ବିଟିଏମ୍ ପୁଣ୍ୟବ୍ରତ ରତ୍ନମଣି ମହାପାତ୍ର, ମାୟାଧର ସ୍ୱାଇଁ ପ୍ରମୁଖ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ବ୍ଲକର କଣିଆଁ ଏବଂ କୃଷି ବିଭାଗ କାର୍ଯ୍ୟାଳୟରେ ୪ଟି ସ୍ୱୟଂ ସହାୟକ ଗୋଷ୍ଠୀର ୮୦ଜଣ ମହିଳା ତାଲିମ ନେଇଥିଲେ।



## ଆଜି କ'ଣ କେଉଁଠି

**ସାକ୍ଷୀଗୋପାଳ**

- ସତ୍ୟବାଦୀ ବିକାଶ ପରିଷଦର ବୈଠକ, ବକୁଳବନ ପଞ୍ଚସଖା ସ୍ମୃତିପୀଠ, ଅପରାହ୍ନ ୪ ଟା।
- ଖେଳପଡ଼ିଆ ପାର୍ଶ୍ୱରେ ଲିମ୍ବ ଚାରାରୋପଣ, ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ, ପୂର୍ବାହ୍ନ ୧୦ଟା ୩୦।

**ଜଟଣୀ**

- ଆଇଆଇଟିର ୧୩ ତମ ପ୍ରତିଷ୍ଠା ଦିବସ, ଆଇଆଇଟି ପରିସର ଅରଗୁଳ, ପୂର୍ବାହ୍ନ ୧୦ଟା ୪୫।

## ସଂକ୍ଷେପରେ

### ଭାରତୀୟ କଳା ସଂସ୍କୃତି ବିକାଶ କର୍ମଶାଳା

**ସାକ୍ଷୀଗୋପାଳ,୧୧।୨(ଡି.ଏନ୍.ଏ.):** ଭାରତ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଗୁରୁବାର ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ସାଂସ୍କୃତିକ ଅନୁଷ୍ଠାନ 'ଦୟାଜ୍ୟୋତି' ଆନୁକୂଲ୍ୟରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭାରତୀୟ କଳା ସଂସ୍କୃତିର ସୁଦୂରପ୍ରସାରି ଏବଂ କଳାକାରଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ଓଡ଼ିଶୀ ନୃତ୍ୟ ଗୁରୁ ନାରାୟଣ ପାଣ୍ଡେ ଦୈନନ୍ଦିନ ନୃତ୍ୟାଭିନୟ ଆଦି ଅଭ୍ୟାସ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ରତିକାନ୍ତ ପରିଡ଼ା କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। କଳାକାରମାନେ ଓଡ଼ିଶୀ ନୃତ୍ୟ, ଲୋକନୃତ୍ୟ ପରିବେଷଣ କରିଥିଲେ। ନୃତ୍ୟାଭିନୟ ନିମନ୍ତେ ଏହି ଅବସରରେ ପିଲାମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରାଧ୍ୟାପିକା ସୁଷମା କୁମାରୀ ମିଶ୍ର, ପ୍ର. ସୁଜାତା ମହାପାତ୍ର, ପ୍ର. କଳ୍ପନା କୁମାରୀ ମହାପାତ୍ର, ପ୍ର. ରତ୍ନାକର ସାହୁ ପ୍ରମୁଖ ଯୋଗଦେଇ କର୍ମଶାଳାର ସଫଳତା କାମନା କରିଥିଲେ।

### ରାଜ୍ୟସ୍ତରୀୟ ଅଭିରାମ ପରମହଂସଙ୍କ ଜୟନ୍ତୀ

**ବ୍ରହ୍ମଗିରି,୧୧।୨(ଡି.ଏନ୍.ଏ.):** ଅଭିରାମ ପରମହଂସଙ୍କ ୧୧୮ତମ ରାଜ୍ୟସ୍ତରୀୟ ଜୟନ୍ତୀ ଐତିହ୍ୟ ପରିଷଦ ପକ୍ଷରୁ ଗୁରୁବାର ପାଳିତ ହୋଇଯାଇଛି। ବ୍ରହ୍ମଗିରି ବ୍ଲକ ଯାଁଳା ଗ୍ରାମରେ ଓଡ଼ିଶା ସାହିତ୍ୟ ପରିଷଦ ସଭାପତି ବିଭୁ ତ୍ରିପାଠୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଐତିହ୍ୟ ଗବେଷକ ଡ. ସୁରେନ୍ଦ୍ର କୁମାର ମିଶ୍ର ମୁଖ୍ୟ ବକ୍ତାଭାବେ ଯୋଗଦେଇ ଅଭିରାମଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରି କହିଥିଲେ, ଅଭିରାମ ଉନବିଂଶ ଶତାବ୍ଦୀର ଯୁଗାବତାର। ସେ କଳିଭାଗବତ ରଚନା କରି ପଞ୍ଚମ ଜର୍ଜଙ୍କୁ ସାହିତ୍ୟ ମାଧ୍ୟମରେ ସମାଲୋଚନା କରି ଦେଶ ସ୍ୱାଧୀନ ପାଇଁ ସଚେତନତା ସୃଷ୍ଟି କରିଥିଲେ। ସେଥିପାଇଁ ତାଙ୍କୁ ଜେଲ ଯିବାକୁ ପଡ଼ିଥିଲା। ସାହିତ୍ୟ ଲେଖି ବନ୍ଦୀଜୀବନ କଟାଇଥିବା ଅଭିରାମ ପରମହଂସ ଓଡ଼ିଶାରେ ଅଦ୍ୱିତୀୟ। ସେ ଥିଲେ ସାଧାରଣ ଲୋକଙ୍କ ଲୋକ। ଓଡ଼ିଶା ସାହିତ୍ୟ ଭଣ୍ଡାରକୁ ୩ଟି ଭାଗବତ ସମୃଦ୍ଧ କରିଥିବା ସମୟରେ ଅଭିରାମ କଳିଭାଗବତ ଅନ୍ୟତମ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପ୍ରମୋଦ ଦଳାଇ, ନୀଳମଣି ସୁଆର, ସଞ୍ଜୟ ବରାଳ, ପ୍ରିୟପ୍ରସାଦ ମିଶ୍ର, କବି କସ୍ତୁରୀ ଦିଲୀପ ଶ୍ରୀଚନ୍ଦନ, ପର୍ଶୁରାମ ପାତ୍ର, କାଶୀନାଥ ନାୟକ ପ୍ରମୁଖ ଯୋଗଦେଇଥିଲେ।

### ଗୋ ପାଳନ ପ୍ରଶିକ୍ଷଣ ଶିବିର

ସାକ୍ଷୀଗୋପାଳ,୧୧।୨(ଡି.ଏନ୍.ଏ.): ସତ୍ୟବାଦୀ ବ୍ଲକ ପ୍ରାଣୀ ଚିକିତ୍ସାଳୟରେ ଦୁଇ ଦିନିଆ ଗୋ'ପାଳନ ପ୍ରଶିକ୍ଷଣ ଶିବିର ଗୁରୁବାର ଆରମ୍ଭ ହୋଇଛି। ଆତ୍ମା ଅଧ୍ୟକ୍ଷ ରାମଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅତିଥିଭାବେ ବ୍ଲକ ଚେୟାରମ୍ୟାନ ସସ୍ମିତା ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବୀରରାମଚନ୍ଦ୍ରପୁର, ଦୁଗଲ ଓ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତର ୨୦ଜଣ ମହିଳା ତାଲିମ ଗ୍ରହଣ କରିଥିଲେ। ସ୍ଥାନୀୟ ପ୍ରାଣୀ ଚକିତ୍ସକ ଡା. ଜ୍ଞାନରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଶିକ୍ଷକ ଭାବେ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ରମେଶ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଗଙ୍ଗାଧର ଲେଙ୍କା, ଚନ୍ଦନପୁର ଓ ଡେଲାଙ୍ଗ ଡା. ଅନିଲ ଦାସ, ଡା. ସୋମନାଥ ଦାସ ଉନ୍ନତ ପ୍ରଜାତିର ଗୋପାଳନ, ନିୟମିତ ଖାଦ୍ୟ ଏବଂ ଉପଯୁକ୍ତ ଚିକିତ୍ସା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଭାକର ମେକାପ, କ୍ଷେତ୍ରମୋହନ ପାଇକରାୟ, ବିଶ୍ୱଜିତ ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଟୋକନ୍ ଅଛି, ଧାନ କିଣା ହେଉନି

**ପୁରୀ ଅଫିସ,୧୧।୨**


ଜିଲା ପ୍ରଶାସନକୁ ଅଭିଯୋଗପତ୍ର ଦେବାକୁ ଆସିଥିବା ଚାଷୀମାନେ।

ଟୋକନ୍ ମିଳିସାରିଛି, ମାତ୍ର ଧାନ ବିକ୍ରି ହୋଇ ପାରୁନାହିଁ। ଏ ନେଇ ଗୁରୁବାର ଗୋପ ବ୍ଲକ୍‌ର ଛଇତନା ଓ ଇତିଭୂଆଁ ଗ୍ରାମପଞ୍ଚାୟତର ଚାଷୀମାନେ ଜିଲାପାଳ ସମର୍ଥ ବର୍ମାଙ୍କୁ ଅଭିଯୋଗପତ୍ର ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ଛଇତନା ସମବାୟ ସମିତି ମଣ୍ଡିରେ ମୋଟ ପଞ୍ଜୀକୃତ ଚାଷୀଙ୍କ ସଂଖ୍ୟା ୪୮୭। ଏମାନଙ୍କ ମଧ୍ୟରୁ ୧୮୭ ଜଣଙ୍କ ଧାନ ଉଠିସାରିଛି। ଅବଶିଷ୍ଟ ଚାଷୀଙ୍କ ପାଖରେ ଟୋକନ୍ ଥିଲେ ମଧ୍ୟ ଧାନ ଉଠିପାରୁନାହିଁ। ସେବା ସମବାୟ ସମିତି ମଣ୍ଡିରେ ମୋଟ୍ ୧୨ହଜାର କୁଇଣ୍ଟାଲ୍ ଧାନ ବିକ୍ରି ନେଇ ଟୋକନ୍ ଜାରି ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୫ହଜାର କୁଇଣ୍ଟାଲ ଧାନ ବିକ୍ରି ସରିଛି। ବଳକା ଧାନ ନେଇ ଚାଷୀଙ୍କ ପାଖରେ ଟୋକନ୍ ଥିବା ସତ୍ତ୍ୱେ ବିକ୍ରି କରିପାରୁନାହାନ୍ତି। ଅନ୍ୟପକ୍ଷରେ ଏ ନେଇ ଚାଷୀମାନେ ସମବାୟ ସମ୍ପାଦକମାନଙ୍କୁ ପ୍ରଶ୍ନ କରିବାରୁ ସେମାନେ ସ୍ପଷ୍ଟ ଉତ୍ତର ରଖିନାହାନ୍ତି। ମଣ୍ଡିରେ ଚାଷୀଙ୍କ ଧାନ ବିକ୍ରି ନେଇ ଦ୍ୱନ୍ଦ୍ୱ ଥିବା ସମ୍ପାଦକମାନେ କହିଛନ୍ତି। ଜିଲା ପ୍ରଶାସନ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଚାଷୀମାନେ ଦାବି କରିଛନ୍ତି। ସମସ୍ୟାର ସମାଧାନ ହୋଇ ନ ପାରିଲେ ଚାଷୀମାନେ ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ୍ ରୋଡ୍ ଓ ଗୋପ-ବାଲିଘାଇ ରାସ୍ତାକୁ ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ସମ୍ପୃକ୍ତ ଚାଷୀମାନେ ଯୋଗାଣ ମନ୍ତ୍ରୀ, ଜିଲା ଯୋଗାଣ ଅଧିକାରୀ, ଜିଲା ଆରକ୍ଷୀ ଅଧିକାରୀ ଏବଂ ଉପଜିଲାପାଳଙ୍କୁ ଅଭିଯୋଗପତ୍ର ଦେଇଛନ୍ତି।

# ୧ ବର୍ଷ ମଧ୍ୟରେ ସରିବ ପ୍ରକଳ୍ପ କାମ: ମନ୍ତ୍ରୀ



ପ୍ରାକ୍ଟିସିଂ ୟୁଜିୟୁପି ସ୍କୁଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଅନ୍ୟ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ପ୍ରତିଭାମାନେ।

**ନିମାପଡ଼ା,୧୧।୨(ଡି.ଏନ୍.ଏ.)**

## ୩୪ ପ୍ରକଳ୍ପ ଉଦ୍‌ଘାଟନ, ଭିତ୍ତିପ୍ରସ୍ତର ସ୍ଥାପନ

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଗୁରୁବାର ୨୨ କୋଟି ଟଙ୍କା ବ୍ୟୟ ଅଟକଳରେ ୩୪ଟି ପ୍ରକଳ୍ପର ଉଦ୍‌ଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ମନ୍ତ୍ରୀ ଦାଶ ନିମାପଡ଼ା ଏନ୍ଏସିର ୬ୱାର୍ଡ ଓ ୯ ପଞ୍ଚାୟତରେ ନୂତନ ସ୍କୁଲ ବିଲ୍ଡିଂ, ସ୍କୁଲ ପାଚେରି, ଅଙ୍ଗନୱାଡି କେନ୍ଦ୍ର ଗୃହ, ମାଇକ୍ରୋ ଆକ୍ଟିଭିଟି ସେଣ୍ଟର ଗୃହ, ସ୍ୱଜଳଧାରା ପାଇପ୍ ଲାଇନ ଜଳଯୋଗାଣ ପ୍ରକଳ୍ପ, ଉଚ୍ଚ କ୍ଷମତାସମ୍ପନ୍ନ ପାଣିଟାଙ୍କି, କୋଠଘର, ମେଡିକାଲରେ ଆହାର କେନ୍ଦ୍ର, ପିଇଓଙ୍କ ନୂତନ ବିଲ୍ଡିଂ ସମେତ ୧୯ଟି ନବନିର୍ମିତ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ଏଥିସହ ୧୫ଟି ନୂତନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏନ୍ଏସିର ୧, ୨, ୩, ୪, ୫ ଓ ୧୧ନଂ. ୱାର୍ଡ ଏବଂ ବ୍ଲକର ସଲଙ୍ଗ, ଅନ୍ତୁଆର, ବଡ଼ଶିରୁଳା, ଧଳେଶ୍ୱର, ଅଲଣ୍ଡା, ଶଗଡ଼ା, ରଟିଲୋ, ବଡ଼ମାଛପୁର, ଡେଣ୍ଡୁଆଁ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ପ୍ରକଳ୍ପ କାର୍ଯ୍ୟ ଏକ ବର୍ଷ ମଧ୍ୟରେ ଶେଷ ହେବ ବୋଲି ମନ୍ତ୍ରୀ ଦାଶ ଓ ବିଭାଗୀୟ ଅଧିକାରୀମାନେ କହିଛନ୍ତି। ଏହି ଅବସରରେ ଆୟୋଜିତ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହରେ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମନସ୍ୱିନୀ ଖଟୋଇ, ଉପାଧ୍ୟକ୍ଷ ଅଜୟ କୁମାର ସ୍ୱାଇଁ, ପୂର୍ବତନ ଅଧ୍ୟକ୍ଷ ପ୍ରଦୀପ୍ତ ଖଟୋଇ, ଜିଲା ପ୍ରକଳ୍ପ ସଂଯୋଜକ ସୌନ୍ଦର୍ଯ୍ୟ ମଞ୍ଜରୀ ଦାଶ, ବ୍ଲକ ଶିକ୍ଷା ଅଧିକାରୀ ହିମାଂଶୁ ଭୂଷଣ ସମର୍ଥ, ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ ତ୍ରିପାଠୀ, ସହକାରୀ ଯନ୍ତ୍ରୀ ପ୍ରବୀର ବଳ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଶଶିଭୂଷଣ ମିଶ୍ର, ସହକାରୀ ଯନ୍ତ୍ରୀ ସୁଧାକର ଦାଶ ପ୍ରମୁଖ ଯୋଗଦେଇଥିଲେ। ନିମାପଡ଼ା ପ୍ରାକ୍ଟିସିଂ ୟୁଜିୟୁପି ବିଦ୍ୟାଳୟ ସମେତ ବିଭିନ୍ନ ଗ୍ରାମରେ ଗ୍ରାମବାସୀ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମନ୍ତ୍ରୀ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ୬ଲକ୍ଷ ଟଙ୍କାର ଯନ୍ତ୍ରାଂଶ, କାଠ ଜବତ: ୪ ଗିରଫ

### ବେଆଇନ କରତକଳରେ ଚଢ଼ାଉ

**ଡେଲାଙ୍ଗ,୧୧।୨(ଡି.ଏନ୍.ଏ.)**

ଖୋର୍ଦ୍ଧା ବନବିଭାଗ ପକ୍ଷରୁ ଗୁରୁବାର ରଣପୁର ଓ ଡେଲାଙ୍ଗ ଅଞ୍ଚଳରେ ଥିବା ବେଆଇନ କରତକଳ ଉପରେ ଚଢ଼ାଉ କରାଯାଇଛି। ଚଢ଼ାଉ ବେଳେ ୬ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଯନ୍ତ୍ରାଂଶ ଓ କାଠ ଜବତ ହୋଇଛି। ଏହି ଘଟଣାରେ ୪ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଜ୍ଞାନରଞ୍ଜନ ସ୍ୱାଇଁ, ଆଲୋକ ସ୍ୱାଇଁ, ଲକ୍ଷ୍ମୀଧର ମହାରଣା ଓ ରତିକାନ୍ତ ନାୟକ। ସୂଚନା ମୁତାବକ, ଡେଲାଙ୍ଗ ବ୍ଲକ ଜେନାପୁର ପଞ୍ଚାୟତର ହାକପଡା ଗ୍ରାମରେ ବେଆଇନ ଭାବେ କରତ କଳ ଦୀର୍ଘଦିନ ଧରି ଚାଲୁଥିଲା। ୨ବର୍ଷ ପୂର୍ବେ ବନ ବିଭାଗ ଏହି ସ-ମିଲ୍‌କୁ ସିଜ କରି ଲକ୍ଷାଧିକ ଟଙ୍କା ଯନ୍ତ୍ରାଂଶ ସହ କାଠ ଜବତ କରିଥିଲା। ପଣି ଏହି ସ-ମିଲ ଚାଲୁଥିବା ନେଇ ବନ ବିଭାଗ ଖବର ପାଇଥିଲା। ଖୋର୍ଦ୍ଧା ଡିଏଫଓ ପୂର୍ଣ୍ଣିମା ପାଣ୍ଡିଆନଙ୍କ ନେତୃତ୍ୱରେ ଡେଲାଙ୍ଗ ରେଞ୍ଜ ଅଫିସର ନିରଞ୍ଜନ ମହାପାତ୍ର, ଖୋର୍ଦ୍ଧା ରେଞ୍ଜ ଅଫିସର ଅଶିତ୍ ମିଶ୍ର, ରଣପୁର ରେଞ୍ଜ ଅଫିସର ଶରତଚନ୍ଦ୍ର ଶତପଥୀଙ୍କ ସମେତ ୫୦ ବନ କର୍ମଚାରୀ ସ୍ଥାନୀୟ ପୋଲିସ ସହାୟତାରେ ଚଢ଼ାଉ କରାଯାଇଥିଲା। ଏନେଇ ବନ ବିଭାଗ ପକ୍ଷରୁ ଏକ ମାମଲା(ନଂ.୨/୨୧)ରୁଜୁ ହୋଇଥିବା ବେଳେ ୪ ଜଣଙ୍କୁ ଗିରଫ କରାଯାଇଛି ବୋଲି ଡେଲାଙ୍ଗ ରେଞ୍ଜ ଅଫିସର ମହାପାତ୍ର କହିଛନ୍ତି।

## ଦୋକାନରୁ ଚୋରି: ୨ ଗିରଫ

**ବଳଙ୍ଗା, ୧୧।୨(ଡି.ଏନ୍.ଏ)**

ବଳଙ୍ଗା ଥାନା ଅଧୀନ ହରିପୁର ବଜାରର ବାଳକୃଷ୍ଣ ସାହୁଙ୍କ ଦୋକାନରୁ ଚୋରି ହୋଇଛି। ଏ ନେଇ ସାହୁ ଥାନାରେ ଏତଲା ଦେବା ପରେ ପୋଲିସ କେସ୍ (ନଂ. ୩୦/୨୧) ରୁଜୁ କରିଥିଲା। ଏହି ମାମଲାରେ ଗୁରୁବାର ବାଲିପାଟଣା ଥାନା ଅନ୍ତର୍ଗତ ବିଶ୍ୱାଳପଡ଼ାର ସନ୍ତୋଷ ପଟ୍ଟନାୟକ ଓ ନିମାପଡ଼ା ଥାନା ଅଧୀନ ରେଞ୍ଚଶାସନର ବେଣୁଧର ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତମାନଙ୍କଠାରୁ ନଗଦ ୫୦ହଜାର ଟଙ୍କା, ସିଗାରେଟ, ପେଟ୍ରୋଲ ପ୍ରଭୃତି ଅନେକ ସାମଗ୍ରୀ ଜବତ କରାଯାଇଛି।

# ଗୁଣ୍ଡିଚା ମନ୍ଦିର ରତ୍ନସିଂହାସନ ନିଲାମକୁ ବିରୋଧ

**ପୁରୀ ଅଫିସ,୧୧।୨**

ଶ୍ରୀଗୁଣ୍ଡିଚା ମନ୍ଦିର ରତ୍ନସିଂହାସନ ନିଲାମକୁ ବିରୋଧ କରାଯାଇଛି। ଶ୍ରୀମନ୍ଦିର ପ୍ରଶାସନ ନିଲାମରେ ଦେଉଥିବା ଶ୍ରୀଗୁଣ୍ଡିଚା ରତ୍ନସିଂହାସନ ସୁରକ୍ଷିତ ନୁହେଁ ବୋଲି ଅଭିଯୋଗ ଉଠିଛି। ଶ୍ରୀଗୁଣ୍ଡିଚା ମନ୍ଦିର ନିଲାମ ହେବା କାରଣରୁ ରତ୍ନସିଂହାସନ କ୍ରମଶଃ ଅସୁରକ୍ଷିତ ହେବାରେ ଲାଗିଛି। ବର୍ଷ ବର୍ଷ ଧରି ଠାକୁରଙ୍କ ଏହି ଜନ୍ମବେଦିରେ ଅଣବ୍ରାହ୍ମଣ ଏବଂ ଅଣସେବାୟତମାନେ ବସି ଭକ୍ତ ଓ ପର୍ଯ୍ୟଟକଙ୍କୁ ଶୋଷଣ କରୁଛନ୍ତି ବୋଲି ଶ୍ରୀଜଗନ୍ନାଥ ଧାମ ସଂସ୍କୃତି ସୁରକ୍ଷା ସଙ୍ଗଠନ ଅଭିଯୋଗ ଆଣି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଦୃଷ୍ଟି ଆକର୍ଷଣ କରିଛି। ଗୁଣ୍ଡିଚା ମନ୍ଦିର ନିଲାମବେଳେ ରତ୍ନସିଂହାସନକୁ ନିଲାମରୁ ବାଦ୍ ଦେବାକୁ ଦାବି କରାଯାଇଛି। ବ୍ରହ୍ମାଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ରତ୍ନସିଂହାସନ ତଳେ କୋଟିଏ ଶାଳଗ୍ରାମ ରହିଛନ୍ତି। ଏଣୁ ଏହାକୁ ଅପବିତ୍ର ନ କରାଯାଇ ନିଲାମ ଶ୍ରେଣୀରୁ ପୃଥକ କରାଯିବା ଉଚିତ୍। ପ୍ରଶାସନ ଏ ସଂକ୍ରାନ୍ତରେ ଆବଶ୍ୟକ ପଦକ୍ଷେପ ନ ନେଲେ ସଙ୍ଗଠନ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବ ବୋଲି ଚେତାବନୀ ଦିଆଯାଇଛି। ଅନ୍ୟପକ୍ଷରେ ଶରଧାବାଲି ଏବେ ଅସୁରକ୍ଷିତ। ଏହା ଜଳଖିଆ ଦୋକାନ ଓ ବସ୍, ଟ୍ରକ୍ ରହଣିର ସ୍ଥାନ ପାଲଟିଛି। ଏ ନେଇ ମଧ୍ୟ ପ୍ରଶାସନ ଦୃଷ୍ଟି ଦେବାକୁ ସଙ୍ଗଠନ ଦାବି କରିଛି। ସଙ୍ଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର କହିଛନ୍ତି, ପୁରୀ ବଡଦାଣ୍ଡକୁ ଜାତୀୟ ରାଜପଥ ଭାବେ ପ୍ରସ୍ତୁତ କରାଯିବା ବେଳେ ଶରଧାବାଲିକୁ ସଂରକ୍ଷଣ କରାଯାଇଥିଲା। ମାତ୍ର ଏବେ ଏହି ପବିତ୍ର ବାଲି ନିଜର ମହତ୍ତ୍ୱ ହରାଉଛି। ଏଣୁ ଏହାର ସଂରକ୍ଷଣ ଲାଗି ପ୍ରଶାସନିକ ଉଦ୍ୟମର ଆବଶ୍ୟକତା ରହିଛି।

# କାଠଶେଣି ମାଡ଼ରେ ଯୁବକ ମୃତ, ଅଭିଯୁକ୍ତ ଗିରଫ

**ନିମାପଡ଼ା,୧୧।୨(ଡି.ଏନ୍.ଏ.)**

ନିମାପଡ଼ାଥାନା ଅଧୀନ ହଂସପଡ଼ା ଗ୍ରାମରେ କାଠଶେଣି ମାଡ଼ରେ ଗୁରୁତର ହୋଇଥିବା ଜଣେ ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ହେଲେ ତପନ କୁମାର ସାହୁ। ଏନେଇ ତପନଙ୍କ ଦାଦା ଦେବେନ୍ଦ୍ର ସାହୁଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୫୩/୨୧)ରୁଜୁକରି ଗୁରୁବାର ଅଭିଯୁକ୍ତ ଦୈତାରୀ ବେହେରାଙ୍କୁ ଗିରଫ କରି କୋର୍ଟଚାଲଣ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ଗତ ମଙ୍ଗଳବାର ତପନ ସ୍କୁଟିରେ ଘରକୁ ଫେରୁଥିବା ବେଳେ କୌଣସି କାରଣକୁ ନେଇ ଦୈତାରୀ ତାଙ୍କ ମୁଣ୍ଡକୁ କାଠଶେଣିରେ ପିଟିଦେଇଥିଲେ। ତପନ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଗୁରୁବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।



ପୁରୀ କୁମ୍ଭାରପଡାଠାରେ ୟୁଥ୍ ଡ୍ରାମାଟିକ୍ କ୍ଲବ ପକ୍ଷରୁ ଅନୁଷ୍ଠିତ ବିଜୟ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ପୁରସ୍କୃତ ଚାମ୍ପିୟନ ଟିମ୍।

## ସହର ଖବର

### ଡକାୟତି ଯୋଜନା ବେଳେ ୭ ଗିରଫ

**ପୁରୀ ଅଫିସ,୧୧।୨:** ଶ୍ରୀଜଗନ୍ନାଥ ବଲ୍ଲଭ ପାର୍କିଂ ସ୍ଥଳୀରେ ଚଢ଼ାଉ କରି ଟାଉନ୍ ଥାନା ପୋଲିସ ଏକ ଡକାୟତ ଗ୍ୟାଙ୍ଗକୁ ଧରିଛି। ପୋଲିସ ସୂଚନା ଅନୁଯାୟୀ, ବୁଧବାର ରାତିରେ ଜଗନ୍ନାଥ ବଲ୍ଲଭ ପାର୍କିଂଠାରେ ଏକ ଡକାୟତ ଗ୍ୟାଙ୍ଗର ସଦସ୍ୟମାନେ ଦେବୀଘାଟ ପରିବା ଗୋଦାମରେ ଡକାୟତି କରିବା ନେଇ ଯୋଜନା କରୁଥିଲେ। ପୋଲିସ ଏହି ସୂଚନା ପାଇ ସେଠାରେ ଚଢ଼ାଉ କରିଥିଲା। ଗ୍ୟାଙ୍ଗର ୭ଜଣଙ୍କୁ ଗିରଫ କରିବା ସହ ଦୁଇଟି ଖଣ୍ଡା, ଗୋଟିଏ ଦେଶୀ ବନ୍ଧୁକ ପ୍ରଭୃତି ଜବତ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ବିଜୟ ପ୍ରଧାନ, ଅଜୟ ପ୍ରଧାନ, ବୁଲୁ ବେହେରା, ରୋହିତ କୁମାର ଶାହା, ଧୀରେନ ଜେନା, ଉତ୍ତମ ମହାନ୍ତି ଓ ଜୟଦେବ କାଣ୍ଡି। ଏମାନଙ୍କ ବିରୋଧରେ ଆଇପିସି ଧାରା ୩୯୯ ଓ ୪୦୨ ସମେତ ଆର୍ମ୍ସ ଆକ୍ଟ ୨୫ ଓ ୨୭ ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି।

### 'ମନଛୁଆଁ ଭଜନ' ସଙ୍କଳନ ଲୋକାର୍ପିତ

**ପୁରୀ ଅଫିସ,୧୧।୨:** ଭକ୍ତ ସାଲବେଗ ପୀଠ ସମ୍ମିଳନୀ କକ୍ଷରେ ଗୁରୁବାର ଗୀତିକବିତା ସଂକଳନ 'ମନଛୁଆଁ ଭଜନ'ର ଲୋକାର୍ପଣ ହୋଇଛି। ଅଭିନନ୍ଦନିକା ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁସ୍ତକର ସ୍ରଷ୍ଟା ବିଜୟ କୁମାର ମିଶ୍ର ଅଭିଭାଷଣ ରଖିଥିଲେ। ଅଭିନନ୍ଦନିକା ସମ୍ପାଦକ ଶ୍ୟାମପ୍ରକାଶ ସେନାପତି ସଭାପତିତ୍ୱ କରି କହିଥିଲେ, ସାହିତ୍ୟ ରଚନା କ୍ଷେତ୍ରରେ ଗୀତି କବିତାର ସ୍ୱତନ୍ତ୍ର ପରିଚୟ ରହିଛି। ସ୍ରଷ୍ଟା ନିଜର ଭାବନା ଓ ଆବେଗକୁ ଏକ ସୃଜନଶୀଳତାର ପଥ ଦେଇ ଗୀତିକବିତାରେ ପରିଣତ କରେ, ଯାହା ଅତ୍ୟନ୍ତ ଶ୍ରୁତି ମଧୁର। ପ୍ରକାଶିତ ମନଛୁଆଁ ଭଜନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପରେ ପର୍ଯ୍ୟବସିତ ଅନେକ ଭଜନ ରହିଛି। ଲୋକାର୍ପଣ କାର୍ଯ୍ୟକ୍ରମରେ ଦିଲିପ କୁମାର ସ୍ୱାଇଁ, ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି ଓ ସଙ୍ଗୀତ ନିର୍ଦ୍ଦେଶକ ବିପିନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

### ଇଣ୍ଟର ସ୍କୁଲ୍ ଜିମ୍ନାଷ୍ଟିକ୍ ପ୍ରତିଯୋଗିତା ଉଦ୍‌ଘାଟିତ



**ପୁରୀ ଅଫିସ,୧୧।୨:** ପୁରୀ ଝାଡ଼େଶ୍ୱରୀ କ୍ଲବ୍ ପଡ଼ିଆରେ ଗୁରୁବାରଠାରୁ ଇଣ୍ଟର ସ୍କୁଲ୍ ଜିମ୍ନାଷ୍ଟିକ୍ ପ୍ରତିଯୋଗିତା ଆରମ୍ଭ ହୋଇଛି। ଦୁଇଦିନ ଧରି ଚାଲିବ। ଏଥିରେ ପୁରୀ ସହରର ୨୦ଟି ବିଦ୍ୟାଳୟର ୧୨୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ଚନ୍ଦନ ସାହୁ ଯୋଗଦେଇ ସୁସ୍ଥ ଶରୀର ଓ ମାନସିକ ସ୍ଥିରତା ପାଇଁ ଜିମ୍ନାଷ୍ଟିକ୍ ଏକ ବଳିଷ୍ଠ ମାଧ୍ୟମ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଥ୍ରୋ ବଲ୍ ଆସୋସିଏଶନ ସମ୍ପାଦକ ଜିତେନ୍ଦ୍ରନାଥ ଦାସ, ଜିମ୍ନାଷ୍ଟିକ୍ ପ୍ରଶିକ୍ଷକ ସଞ୍ଜୟ କୁମାର ମିଶ୍ର ଓ ଶୁଭାଶିଷ ବଳିୟାରସିଂ ପ୍ରମୁଖ ଉପସ୍ଥିତ ଥିଲେ। ପୁରୀ ଜିଲା ସ୍କୁଲ୍ ଶିକ୍ଷକ ଅରୁଣ କୁମାର ଭଟ୍ଟାଚାର୍ଯ୍ୟ ସଭାକାର୍ଯ୍ୟ ଓ ମଞ୍ଚ ପରିଚାଳନା କରିଥିଲେ।

# ମେଘନାଦ ପାଚେରି ଯାଞ୍ଚ କାର୍ଯ୍ୟ ଆରମ୍ଭ


ଏଏସ୍ଆଇ ପକ୍ଷରୁ ମେଘନାଦ ପାଚେରି ଯାଞ୍ଚ କାର୍ଯ୍ୟ ଚାଲିଛି।

**ପୁରୀ ଅଫିସ,୧୧।୨**

ଶ୍ରୀମନ୍ଦିର ମେଘନାଦ ପାଚେରି ଦୁର୍ବଳ ଥିବା ସ୍ଥାନର ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ (ଏଏସ୍ଆଇ) ପକ୍ଷରୁ ଏହି ଯାଞ୍ଚ କରାଯାଉଛି। ମେଘନାଦ ପାଚେରିର ଅନେକ ସ୍ଥାନରେ ଫାଟ ସୃଷ୍ଟି ହୋଇଛି। ଏହାକୁ ଚିହ୍ନଟ କରାଯାଇ ଗ୍ରାଉଟିଂ କରାଯିବ। ଏହି ମରାମତି ସରିବା ପରେ ଶ୍ରୀମନ୍ଦିର ଭିତରେ ମରାମତି କାର୍ଯ୍ୟ ଆରମ୍ଭ ହେବ। ଶ୍ରୀମନ୍ଦିର ଭିତରେ ମହାଲକ୍ଷ୍ମୀ ଓ ବିମଳା ମନ୍ଦିରର ମରାମତି କାର୍ଯ୍ୟ ଜରୁରିକାଳୀନ ଭିତ୍ତିରେ ଆରମ୍ଭ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗକୁ ଚିଠି ଲେଖି ଜଣାଇ ଦିଆଯାଇଛି। ବର୍ଷା ହେଲେ ବିମଳା ମନ୍ଦିର ଓ ମହାଲକ୍ଷ୍ମୀ ମନ୍ଦିର ପରିସରରେ ପାଣି ଗଳୁଛି। ଅନେକ ପଥର ନଷ୍ଟ ହୋଇଯିବା ସହ କବାଟ ଝରକାର ସ୍ଥିତି ମଧ୍ୟ ଦୁର୍ବଳ ହୋଇପଡ଼ିଲାଣି। ତେଣୁ ଏସବୁ ମରାମତି କାର୍ଯ୍ୟ କରିବା ଲାଗି ଏଏସ୍ଆଇ ନିଷ୍ପତ୍ତି ନେଇଛି। ସେହିଭଳି ଶ୍ରୀମନ୍ଦିର ଭିତରେ ଭାରା ବନ୍ଧା ହୋଇଛି। ବେହରଣ ଦ୍ୱାର ଓ କଳାହାଟ ଦ୍ୱାର ମଧ୍ୟରେ ଥିବା କାନ୍ଥରୁ ପାଣି ଗଳୁଥିବା ନେଇ ପୂର୍ବରୁ ଅନେକ ସମୟରେ ଅଭିଯୋଗ ହୋଇଥିଲା। ଏବେ ଖୁବ୍‌ଶୀଘ୍ର ଏହି କାର୍ଯ୍ୟ ଆରମ୍ଭ ହେବ। ଏହାବ୍ୟତୀତ ବାଇଶିପାହାଚରେ ଥିବା ଦୁର୍ବଳ ସ୍ଥାନର କାର୍ଯ୍ୟ ମଧ୍ୟ ପର୍ଯ୍ୟାୟ କ୍ରମେ କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

**ମରାମତି ପାଇଁ ପଦକ୍ଷେପ**

# ପୁରୀ ପ୍ରବେଶ ପଥ, ବେଳାଭୂମିରେ କଡ଼ା ସୁରକ୍ଷା

- ଯାଞ୍ଚ ହେବ ଯାନବାହନ
- ପୋଲିସ ପକ୍ଷରୁ ମକ୍‌ଡ୍ରିଲ୍

**ପୁରୀ ଅଫିସ,୧୧।୨**


ପୋଲିସ ପକ୍ଷରୁ ମକ୍‌ଡ୍ରିଲ୍ କରାଯାଉଛି।

ଶ୍ରୀମନ୍ଦିରରେ କଟକଣାମୁକ୍ତ ଧାଡ଼ି ଦର୍ଶନ ଆରମ୍ଭ ହେବା ପୂର୍ବରୁ ଗୁରୁବାର ପୁରୀ ପୋଲିସ ଡ୍ରାଏ ମକ୍‌ଡ୍ରିଲ କରିଛି। ମାତ୍ରାଧିକ ଗହଳିକୁ କିଭଳି ଭାବେ ନିୟନ୍ତ୍ରଣ କରାଯିବ, ଜରୁରିକାଳୀନ ସ୍ଥିତିରେ ଡାକ୍ତରୀ ସୁବିଧା ପାଇଁ ରୋଗୀଙ୍କୁ ସ୍ଥାନାନ୍ତର ଓ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ନେଇ ଏହି ମକ୍‌ଡ୍ରିଲ କରାଯାଇଛି। ଶ୍ରୀମନ୍ଦିର ପରିସର ମଧ୍ୟରେ ମହାପ୍ରସାଦ ସେବନକୁ ଅନୁମତି ମିଳିବା ପରେ ଗହଳି ଆହୁରି ବଢ଼ିପାରେ। ତେଣୁ ଏଥିପାଇଁ ପୋଲିସ ପ୍ରଶାସନ ସବୁ ପ୍ରକାର ପ୍ରସ୍ତୁତି ଶେଷ କରିବା ଦରକାର ବୋଲି ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି। ସେହିଭଳି ଦର୍ଶନ ସମୟରେ କୌଣସି ଶ୍ରଦ୍ଧାଳୁଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧିତ ସମସ୍ୟା ଦେଖାଦେଲେ ଜରୁରିକାଳୀନ ଭିତ୍ତିରେ ତାଙ୍କୁ କିଭଳି ଡାକ୍ତରଖାନାରେ ପହଞ୍ଚାଯିବ ସେନେଇ ମଧ୍ୟ ମକ୍ ଡ୍ରିଲ୍ ହୋଇଛି। ଏସ୍‌ପି ଆହୁରି କହିଛନ୍ତି, ପୁରୀକୁ ପର୍ଯ୍ୟଟକଙ୍କ ଆଗମନ ବଢ଼ିବା ନେଇ ଯଥେଷ୍ଟ ସମ୍ଭାବନା ଥିବାରୁ ୩ ପ୍ରମୁଖ ପ୍ରବେଶ ପଥରେ କଡ଼ା ଚେକିଂ ଲାଗି ନିର୍ଦ୍ଦେଶ ଦିଆଯାଇଛି। ଗ୍ରୀଡ୍ ଛକ, ମଙ୍ଗଳାହାଟ ଛକ ଓ ମାଳତୀପାଟପୁର ବସ୍‌ଷ୍ଟାଣ୍ଡ ଦେଇ ପ୍ରବେଶ କରୁଥିବା ସବୁ ଯାନବାହନ ଯାଞ୍ଚ କରାଯିବ। ପର୍ଯ୍ୟଟକ ଓ ପୁରୀ ସହରବାସୀଙ୍କ ସୁରକ୍ଷା ଦୃଷ୍ଟିରୁ ଏଭଳି ପଦକ୍ଷେପ ନିଆଯାଇଛି। ସେହିଭଳି ପୁରୀ ବେଳାଭୂମିରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। କ୍ରମାଗତ ଏଟିଭି ପାଟ୍ରୋଲିଂ ହେବା ସହ ପର୍ଯ୍ୟଟକଙ୍କୁ ସମସ୍ୟା ସମ୍ପର୍କରେ ପୋଲିସ କର୍ମଚାରୀମାନେ ପଚାରି ବୁଝିବେ। ଏନେଇ ମଧ୍ୟ ବେଳାଭୂମିରେ ଏକ ମକ୍ ଡ୍ରିଲ୍ ହୋଇଛି। ଅନେକ ସମୟରେ ପୁରୀ ସମୁଦ୍ରରେ ପର୍ଯ୍ୟଟକ ଭାସିଯିବା ନେଇ ଖବର ସାମ୍ନାକୁ ଆସୁଛି। କିଛି ଦିନ ତଳେ ଝାଡ଼ଖଣ୍ଡର ଜଣେ ନାବାଳକ ସମୁଦ୍ରରେ ଭାସିଯାଇଥିଲେ। ପରେ ତାଙ୍କର ମୃତଦେହ ମିଳିଥିଲା। ତେଣୁ ପୁରୀ ବେଳାଭୂମିରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। ଏସ୍‌ପି ସିଂ ଗୁରୁବାର ଲାଇଫଗାର୍ଡମାନଙ୍କ ସହ ଆଲୋଚନା କରି ସେମାନଙ୍କୁ ଡ୍ୟୁଟି ସମୟରେ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବେଳାଭୂମିରେ ପର୍ଯ୍ୟଟକଙ୍କୁ ସଚେତନ କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି। ହାଇୱେ ପାଟ୍ରୋଲିଂ ଉପରେ ପୁରୀ ପୋଲିସ ଦୃଷ୍ଟି ଦେଉଛି। ପୁରୀର ପ୍ରବେଶ ପଥ ଜାତୀୟ ରାଜପଥ ୩୧୬(କ) ଦେଇ ଆସୁଥିବା ପ୍ରତ୍ୟେକ ଚାରିଚକିଆ ଯାନକୁ ଯାଞ୍ଚ ପ୍ରକ୍ରିୟା ମଧ୍ୟରେ ରଖାଯାଇଛି। ଏହାର ସିଧାସଳଖ ତଦାରଖ ଦାୟିତ୍ୱରେ ଏସ୍‌ପି ରହିଛନ୍ତି। ଶ୍ରୀମନ୍ଦିର ସମ୍ମୁଖ ଓ ଭିତରେ ଗହଳି ଯୋଗୁ ଚୋରି ବୃଦ୍ଧି ଆଶଙ୍କା ଦୃଷ୍ଟିରୁ ପୋଲିସ ପ୍ରଶାସନ ପ୍ରସ୍ତୁତ ଥିବା ଏସ୍‌ପି ସିଂ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ହାତୀ ଆକ୍ରମଣରେ ଯୁବକ ଆହତ

**ଖୋର୍ଦ୍ଧା ଅଫିସ,୧୧।୨:** ଖୋର୍ଦ୍ଧା ବନାଞ୍ଚଳ ଅଧୀନ ଟାଙ୍ଗିଆପଡ଼ା ଗ୍ରାମରେ ହାତୀ ଆକ୍ରମଣରେ ଜଣେ ଯୁବକ ଆହତ ହୋଇଛନ୍ତି। ସେ ହେଲେ ନାରାୟଣ ସାମନ୍ତରାୟ। ତାଙ୍କୁ ଗ୍ରାମବାସୀଙ୍କ ଦ୍ୱାରା ଉଦ୍ଧାର କରାଯିବା ପରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଚନ୍ଦକା ଜଙ୍ଗଲରୁ ଖସିଆସିଥିବା ଏକ ହାତୀ ଟାଙ୍ଗିଆପଡ଼ା ଗାଁ ନିକଟ ଜଙ୍ଗଲରେ ରହିଯାଇଛି। ଗୁରୁବାର ରାତିରେ ହାତୀଟି ଗାଁ ଭିତରକୁ ପଶିଆସିଥିଲା। ମହାଦେବ ମନ୍ଦିର ପାଖରେ କେତେଜଣ ଯୁବକ ଠିଆ ହୋଇଥିଲେ। ହଠାତ୍ ହାତୀଟି ସେମାନଙ୍କ ନିକଟକୁ ମାଡ଼ି ଆସିଥିଲା। ଅନ୍ୟମାନେ ଛତ୍ରଭଙ୍ଗ ଦେଇଥିବା ବେଳେ ଜୀବନ ହାତୀ ହାବୁଡ଼ରେ ପଡ଼ିଥିଲେ।

### ଯକ୍ଷ୍ମା ହାରିବ, ଦେଶ ଜିତିବ

**ବୋଲଗଡ଼,୧୧।୨(ଡି.ଏନ୍.ଏ.):** ଯକ୍ଷ୍ମା ହାରିବ, ଦେଶ ଜିତିବ ବାର୍ତ୍ତା ଓ ସଚେତନତା ନେଇ ଗୁରୁବାର ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଦୁର୍ଗା ପ୍ରସାଦ ଜେନା, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଆଶୁତୋଷ ମହାନ୍ତି, ବରିଷ୍ଠ ଯକ୍ଷ୍ମା ଚିକିତ୍ସା ପରିଦର୍ଶକ ବିଜୟ ପାଇକରାୟ, ଦୀପକ ମହାନ୍ତି ପ୍ରମୁଖ ଯୋଗଦେଇ ୨୦୨୫ ସୁଦ୍ଧା ଦେଶରୁ ଯକ୍ଷ୍ମା ରୋଗ ସମ୍ପୂର୍ଣ୍ଣ ନିରାକରଣ ପାଇଁ ସରକାରଙ୍କ ଉଦ୍ୟମକୁ ନେଇ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ବୋଲଗଡ଼ ବ୍ଲକ ଅଞ୍ଚଳରେ ୨୦୧୯ରେ ୧୦୮ଜଣ ଯକ୍ଷ୍ମାରୋଗୀ ଚିହ୍ନଟ ହୋଇଥିଲା। ସେହିପରି ୨୦୨୦ରେ ୯୧ଜଣ ଯକ୍ଷ୍ମାରେ ଆକ୍ରାନ୍ତ ହୋଇଛନ୍ତି। ଯକ୍ଷ୍ମା ଏକ ବାୟୁବାହିତ ସଂକ୍ରଣଜନିତ ରୋଗ ହୋଇଥିବାରୁ ଏଥିପ୍ରତି ସତର୍କ ରହିବା ଜରୁରୀ। ଯେଉଁମାନଙ୍କଠାରେ ଯକ୍ଷ୍ମା ରୋଗର ଲକ୍ଷଣ ଦେଖାଯାଉଛି ସେମାନେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ପରୀକ୍ଷା କରାଇବା ସହ ଆବଶ୍ୟକ ହେଲେ ଔଷଧ ସେବନ କଲେ ଯକ୍ଷ୍ମା ରୋଗକୁ ହରାଇ ହେବ ବୋଲି ଡା.ଦୁର୍ଗାପ୍ରସାଦ କହିଛନ୍ତି।

### ଆଞ୍ଚଳିକ ବଣିକ ମହାସଂଘର ବାର୍ଷିକୋତ୍ସବ

**ବୋଲଗଡ଼,୧୧।୨(ଡି.ଏନ୍.ଏ.):** ବୋଲଗଡ଼ ଆଞ୍ଚଳିକ ବଣିକ ମହାସଂଘର ନବମ ବାର୍ଷିକ ଉତ୍ସବ ଗୁରୁବାର ମା' ଭୁଇଁଆଣୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ମହାସଂଘ ସଭାପତି ଦୁର୍ଗାଚରଣ ଦଳବେହାରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ବୋଲଗଡ଼ ପରମାନନ୍ଦ କଲେଜ ଅଧକ୍ଷ ରବୀନ୍ଦ୍ର ନାଥ ପାଣିଗ୍ରାହୀ ଏବଂ ଅତିଥିଭାବେ ଡା. ରତି ରଞ୍ଜନ ଷଣ୍ଢ, ଅଗ୍ନିଶମ କେନ୍ଦ୍ର ଅଧିକାରୀ ନିରଞ୍ଜନ ରଣା, ସରପଞ୍ଚ ବବିତା ସାହୁ , ସମିତି ସଭ୍ୟ ବୀରକିଶୋର ଦାସ, ଜିଲାପରିଷଦ ସଭ୍ୟ ଅଶ୍ୱିନୀ ପଟ୍ଟନାୟକ, ଦୁର୍ଯ୍ୟୋଧନ ସ୍ୱାଇଁ, ଲଲାଟେନ୍ଦୁ କେଶରୀ ସିଂ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ସମ୍ପାଦକ ବିଭୁତି ପରିଡା ବିବରଣୀ ପାଠ କରିବା ସହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବୋଲଗଡ଼ ବଜାର ଅଞ୍ଚଳରେ ପାନୀୟ ଜଳ ଯୋଗାଣ, ସୁଲଭ ଶୌଚାଳୟ ଓ ସଭାଗୃହ ନିର୍ମାଣ ପାଇଁ ସହାୟତା ଯୋଗାଇଦେବାକୁ ବଣିକ ସଂଘ ପକ୍ଷରୁ ଦାବି ହୋଇଥିଲା। ଏହି ଉତ୍ସବରେ ବୋଲଗଡ଼ ବସ୍‌ଷ୍ଟାଣ୍ଡ ବଜାର ବଣିକ ସଂଘ, ଗୋପବନ୍ଧୁ ବଜାର ବଣିକ ସଂଘ, ଥାନା ଛକ ବଣିକ ସଂଘ, ମେଡିକାଲ ଛକ ବଣିକ ସଂଘ, ଗାନ୍ଧୀ ବଜାର ବଣିକ ସଂଘ ଏବଂ ଗଣେଶ ବଜାର ବଣିକ ସଂଘ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ବ୍ୟବସାୟୀ ଫକିର ସାହୁଙ୍କ ପରଲୋକ

**ଜଟଣୀ,୧୧।୨(ଡି.ଏନ୍.ଏ.):** ଜଟଣୀ ଗୋଡିପୁଟ୍ ମାଟିଆପଡ଼ା ପଞ୍ଚାୟତ ଗୋପୀନାଥପୁର(ହାଟବଜାର) ଅଞ୍ଚଳର ବ୍ୟବସାୟୀ ଫକିର ସାହୁଙ୍କ ପରଲୋକ ଘଟିଛି। ତାଙ୍କୁ ୭୨ ବର୍ଷ ବୟସ ହୋଇଥିଲା। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ, ଧର୍ମପରାୟଣ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବୁଦ୍ଧିଜୀବୀଙ୍କ ସମେତ ବହୁ ଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ମୃତଦେହ ସଂସ୍କାର କରାଯାଇଥିବା ବେଳେ ପୁଅ ଦୀପକ ସାହୁ ମୁଖାଗ୍ନି ଦେଇଥିଲେ।

# ଧାନକିଣା ଅନିୟମିତତାର ତଦନ୍ତ ଦାବି

**ଖୋର୍ଦ୍ଧା ଅଫିସ,୧୧।୨**

**ନକଲି ଚାଷୀଙ୍କଠାରୁ କିଣାଯାଇଛି ଶତାଧିକ କ୍ୱିଣ୍ଟାଲ**

ଚଳିତ ବର୍ଷ ଖୋର୍ଦ୍ଧା ଜିଲାରେ ଖରିଫ ଧାନ କିଣାରେ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ ଉଠିଛି। ଦୁର୍ନୀତି ପଛରେ ପ୍ରାଥମିକ ସେବା ସମବାୟ ସମିତି(ପ୍ୟାକ୍ସ) ସମ୍ପାଦକଙ୍କ ହାତ ରହିଛି। ସମିତି ସମ୍ପାଦକ ଏବଂ ମିଲର୍ସଙ୍କ ମଧୁଚନ୍ଦ୍ରିକାରେ ଧାନକିଣା ଚାଲିଛି। ଫଳରେ ଚାଷୀ ଧାନ ଧରି ମଣ୍ଡିରେ ପଡି ରହିଛନ୍ତି। ଅନ୍ୟପଟେ ଦଲାଲଙ୍କ ଜରିଆରେ ନକଲି ଚାଷୀଙ୍କ ଠାରୁ ଧାନକିଣା ଚାଲିଛି। ଚାଷ ଜମି ନ ଥିବା ଚାଷୀଙ୍କୁ ରେକର୍ଡରେ ଚାଷୀ ଦର୍ଶାଇ ସେମାନଙ୍କ ନାମରେ ଶତାଧିକ କ୍ୱିଣ୍ଟାଲ ଧାନ କିଣା ଚାଲିଛି। ଜଟଣୀ ବ୍ଲକ ଅଙ୍ଗରାପଡା ସେବା ସମବାୟ ସମିତିରେ ଗୋଚର, ଅନାବାଦୀ ଜମିକୁ ଚାଷଜମି ଏବଂ କେନାଲ ନ ଥିବା ମୌଜାରେ କେନାଲ ଦର୍ଶାଇ ନକଲି ଚାଷୀଙ୍କଠାରୁ ଧାନକିଣା ଯାଇଥିବା ନେଇ ସ୍ଥାନୀୟ ଗ୍ରାମବାସୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ, ଏବେ ବୋଲଗଡ଼ ବ୍ଲକ ଶ୍ରୀଚନ୍ଦନପୁର ପାଟଣା ସେବା ସମବାୟ ସମିତିରେ ଧାନକିଣାରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ଉଠିଛି।

ପ୍ରକାଶ ଯେ, ଏହି ମଣ୍ଡିରେ ଗତ ଡିସେମ୍ବରରେ ଧାନକିଣା ଆରମ୍ଭ ହୋଇଥିଲା। ମାର୍ଚ୍ଚ ୩୦ ସୁଦ୍ଧା ଧାନ ସଂଗ୍ରହ ଶେଷ ତାରିଖ ରହିଛି। ଏହି ସମିତି ଅଧୀନରେ ୨୪୬ଜଣ ଚାଷୀ ପଞ୍ଜୀକୃତ କରିଛନ୍ତି। ଚଳିତବର୍ଷ ସମିତିକୁ ୫୭୦୦କ୍ୱିଣ୍ଟାଲ ଧାନ କିଣିବା ଲାଗି ଟାର୍ଗେଟ ରହିଛି। ତେବେ ମଙ୍ଗଳବାର ସୁଦ୍ଧା ୧୫୧ ଚାଷୀଙ୍କଠାରୁ ୫୦୯୪.୭୭ କ୍ୱିଣ୍ଟାଲ ଧାନ କିଣା ସରିଥିବା ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି। ଗତବର୍ଷ ଏହି ସମିତିକୁ ୭୪୦୦ ଟାର୍ଗେଟ ରହିଥିବା ବେଳେ ୨୩୬ ଚାଷୀ ନାମ ପଞ୍ଜୀକୃତ କରିଥିଲେ। ଏହି ସମୟରେ(ଫେବୃୟାରୀ ୯ସୁଦ୍ଧା) ମାତ୍ର ୩୮୦୦ କ୍ୱିଣ୍ଟାଲ ଧାନ କିଣାଯାଇଥିଲା। ତେବେ ଧାର୍ଯ୍ୟ ସମୟ ପୂର୍ବରୁ ଏବଂ ଏକାଧିକ ଚାଷୀ ଧାନ ବିକି ନ ଥିବା ବେଳେ କିପରି ଟାର୍ଗେଟ ପାଖାପାଖି ଧାନକିଣା ସରିଲାଣି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଗତ ବର୍ଷ ଏହି ସମୟରେ ଟାର୍ଗେଟ ୫୦ପ୍ରତିଶତ ଧାନ କିଣାଯାଇଥିବା ବେଳେ ଚଳିତବର୍ଷ ଏହି ସମୟରେ କିପରି ୮୦ପ୍ରତିଶତ ଧାନ କିଣାଯାଇଛି, ତାହାକୁ ନେଇ ଚାଷୀ ଅଭିଯୋଗ ଉଠାଇଛନ୍ତି। ମଙ୍ଗଳବାର ଟୋକନ ପାଇଥିବା ଚାଷୀଙ୍କ ନିକଟରେ ବଳକା ରହିଥିବା ଧାନ କ୍ରୟ ଦାବିରେ ଶତାଧିକ ଚାଷୀ ସମିତିରେ ତାଲା ପକାଇ ଧାରଣାରେ ବସିଥିଲେ। ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ନକଲି ଚାଷୀଙ୍କ ନାମରେ କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଥିବା ନେଇ ରେକର୍ଡରେ ଦର୍ଶାଯାଇଥିବା କେତେଜଣ ଚାଷୀ ଗଣମାଧ୍ୟମ ଆଗରେ କହିଛନ୍ତି। ରେକର୍ଡ ଯାଞ୍ଚ କରାଗଲେ, କେତେଜଣ ଚାଷୀ ଧାନ ବିକିଛନ୍ତି, କାହା ଠାରୁ କେତେ ପରିମାଣର ଧାନ କିଣାଯାଇଛି, ତାହା ସ୍ପଷ୍ଟ ହେବ ବୋଲି କହିଛନ୍ତି। ଏହି ସମିତିରେ ଧାନକିଣାରେ ବ୍ୟାପକ ଦୁର୍ନୀତି ହୋଇଥିବା କେତେଜଣ ଚାଷୀ କହିଛନ୍ତି। ଏହାର ତଦନ୍ତ କରାଗଲେ, ପ୍ରକୃତ ସତ୍ୟ ପଦାକୁ ଆସିବ ବୋଲି ଦାବି କରିଛନ୍ତି। ଏନେଇ ସମିତି ସମ୍ପାଦକ ବାଙ୍କନିଧି ମହାରଣାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଅଭିଯୋଗ ଆସିଲେ ଘଟଣାର ତଦନ୍ତ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ମତ୍ସ୍ୟ ବିଭାଗ କାର୍ଯ୍ୟାଳୟ ପାଚେରି ଭାଙ୍ଗିଲେ ଦୁର୍ବୃତ୍ତ

**ବାଲୁଗାଁ,୧୧।୨(ଡି.ଏନ୍.ଏ.)**


ଭାଙ୍ଗି ଯାଇଥିବା ପାଚେରି।

ବାଲୁଗାଁ ଚିଲିକାକୂଳ ନିକଟ ମତ୍ସ୍ୟ ଓ ଜୀବ ପ୍ରଯୁକ୍ତି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପାଚେରିକୁ ବୁଧବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଜେସିବି ମେଶିନ ଦ୍ୱାରା ଭାଙ୍ଗିଥିବା ନେଇ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି। ସୂଚନା ମୁତାବକ, ବୁଧବାର ବିଳମ୍ବିତ ରାତି ପ୍ରାୟ ସାଢ଼େ ୧ଟାରେ ୫ଜଣ ଦୁର୍ବୃତ୍ତ ଏକ ଜେସିବି ମେଶିନ ଲଗାଇ ବିଭାଗ କାର୍ଯ୍ୟାଳୟ ସମ୍ମୁଖ ପାଚେରିକୁ ଭାଙ୍ଗୁଥିଲେ। ଏହି ସମୟରେ କାର୍ଯ୍ୟରତ ରାତ୍ର ଜଗୁଆଳି ସେଠାରେ ପହଞ୍ଚି ପ୍ରତିବାଦ କରିଥିଲେ। ଦୁର୍ବୃତ୍ତମାନେ ଜଗୁଆଳଙ୍କୁ ଧମକ ଦେବାରୁ ସେ ଭୟଭୀତ ହୋଇ ଘଟଣା ସମ୍ପର୍କରେ ବିଭାଗୀୟ ନିର୍ଦ୍ଦେଶକଙ୍କୁ ଜଣାଇଥିଲେ। ପାଚେରି ପ୍ରାୟ ୫୦ଫୁଟ ଦୂରତା ପର୍ଯ୍ୟନ୍ତ ଭାଙ୍ଗି ପଡ଼ିଥିବା ଦେଖିବାକୁ ମିଳିଛି। ଏନେଇ ଗୁରୁବାର ବିଭାଗ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଥାନା ଅଧିକାରୀ ରମାକାନ୍ତ ମହାଲିକ କହିଛନ୍ତି, ଅଭିଯୋଗକୁ ଭିତ୍ତିକରି ତଦନ୍ତ ଜାରି ରହିଛି। ଦୋଷୀଙ୍କ ବରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ହୋଟେଲ, ଜଳଖିଆ ଦୋକାନରେ ଚଢ଼ାଉ

**ଖୋର୍ଦ୍ଧା ଅଫିସ,୧୧।୨**

ଅପମିଶ୍ରିତ ଖାଦ୍ୟ ପଦାର୍ଥ ବିକ୍ରିକୁ ରୋକିବା ଉଦ୍ଦେଶ୍ୟରେ ଖୋର୍ଦ୍ଧା ପ୍ରଶାସନ ପକ୍ଷରୁ ଗୁରୁବାର ବିଭିନ୍ନ ଜଳଖିଆ ଦୋକାନ ଓ ହୋଟେଲରେ ଚଢ଼ାଉ କରାଯାଇଛି। ଖୋର୍ଦ୍ଧା ସହରର ଟ୍ରାଫିକ ଛକ, ପୁରୁଣା ବସଷ୍ଟାଣ୍ଡ, ପୁରୁଣା ମେଡିକାଲ ଛକ ଏବଂ ବନାଞ୍ଚଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ଉଭୟ ପାର୍ଶ୍ୱରେ ଥିବା ମିଠା, ଜଳଖିଆ ଏବଂ ହୋଟେଲ ଉପରେ ଚଢ଼ାଉ ହୋଇଥିଲା। ଅଧିକାରୀମାନେ ଖାଦ୍ୟର ମାନ ପରୀକ୍ଷା କରିବା ସହ ବାସିଖାଦ୍ୟ, ରୋଷେଇରେ ବ୍ୟବହୃତ ରଙ୍ଗ ଓ ଭେଜାଲ ମସଲା ଗୁଣ୍ଡ ଜବତ କରିଥିଲେ। ଏ ନେଇ ୫ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ କରାଯାଇଛି। ଦୋକାନ ଖୋଲିବା ପାଇଁ ପୌର ପ୍ରଶାସନ ପକ୍ଷରୁ ଟ୍ରେଡ୍ ଓ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଫୁଡ୍ ଲାଇସେନ୍ସ ନେବା ଜରୁରୀ ବୋଲି ଅଧିକାରୀମାନେ କହିଥିଲେ। ବିନା ପଞ୍ଜୀକରଣରେ ଦୋକାନ ଖୋଲିଲେ କିମ୍ବା ଫୁଡ୍ ଲାଇସେନ୍ସ ନ ଥିଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଫୁଡ୍ ସେଫ୍ଟି ଅଫିସର ସତ୍ୟଜିତ ପଟେଲ କହିଛନ୍ତି। ଅନ୍ୟପଟେ ଚଢ଼ାଉ ଖବର ପାଇ ବହୁ ବ୍ୟବସାୟୀ ଦୋକାନ ବନ୍ଦ କରି ଫେରାର ହୋଇଯାଇଥିଲେ।

## ଶ୍ୱଶୁର ଘରେ ଜ୍ୱାଇଁର ଗୁଳିମାଡ଼

**ଖୋର୍ଦ୍ଧା ଅଫିସ,୧୧।୨**

**୨ ଖୋକା ଜବତ, ୪ ଅଟକ**

ଖୋର୍ଦ୍ଧା ଜିଲା ଟାଉନ ଥାନା ଅନ୍ତର୍ଗତ ଗୁରୁଜଙ୍ଗ ଦେୱାନ ସାହିରେ ଗୁରୁବାର ଗୁଳିକାଣ୍ଡ ଘଟିଛି। ଶ୍ୱଶୁର ଘରକୁ ଯାଇ ଜ୍ୱାଇଁ ଏହି ଗୁଳିକାଣ୍ଡ ଘଟାଇଥିବା ଅଭିଯୋଗ ହୋଇଛି। ଗୁଳିମାଡ଼ରେ କେହି ମୃତାହତ ହୋଇ ନ ଥିବାବେଳେ ପୋଲିସ ଘଟଣାସ୍ଥଳରୁ ୨ଟି ଖୋକା ଜବତ କରିଛି। ଗୋଟିଏ ଗୁଳି ଘରକାନ୍ଥରେ ଏବଂ ଅନ୍ୟଟି ଝରକାରେ ବାଜିଛି। ଏ ନେଇ ଥାନାରେ ଏକ କେସ୍ (ନଂ. ୫୬/୨୧) ରୁଜୁ ହୋଇଛି। ପାରିବାରିକ କଳହରୁ ଏହି ଘଟଣା ଘଟିଥିବାବେଳେ ୪ଜଣଙ୍କୁ ଅଟକ ରଖାଯାଇଛି। ତଦନ୍ତ ଶେଷ ହେବା ପରେ ସବିଶେଷ ତଥ୍ୟ ମିଳିପାରିବ ବୋଲି ଟାଉନ ଥାନା ଅଧିକାରୀ ଉମାଶଙ୍କର ସିଂ କହିଛନ୍ତି।

ସୂଚନା ଅନୁଯାୟୀ, ସନ୍ଧ୍ୟା ୬ଟା ୩୦ରୁ ୭ଟା ମଧ୍ୟରେ ଗୁରୁଜଙ୍ଗ ଦେୱାନ ସାହିର ହରି ବେହେରାଙ୍କ ଘରେ ଗୁଳି ଫୁଟିବାର ଶବ୍ଦ ଶୁଭିଥିଲା। ସ୍ଥାନୀୟ ଲୋକେ ପ୍ରଥମେ ଭୟଭୀତ ହୋଇପଡ଼ିଥିଲେ। ତେବେ ହରିଙ୍କ ଘରେ କ'ଣ ହେଲା ଜାଣିବାକୁ ସେମାନେ ସେଠାରେ ରୁଣ୍ଡ ହୋଇଯାଇଥିଲେ। ସେମାନଙ୍କ କହିବା ମୁତାବକ, ହରିଙ୍କ ଘରେ ତାଙ୍କ ଜ୍ୱାଇଁ ଅତର୍କିତ ଭାବେ ପଶି ୨ରାଉଣ୍ଡ ଫାୟାରିଂ କରି ଫେରାର ହୋଇଯାଇଥିଲେ। ଗୁଳି ଫୁଟିବା ଶବ୍ଦ ଶୁଣି ସେହି ରାସ୍ତା ଦେଇ ଯାଉଥିବା କେତେଜଣ ବ୍ୟକ୍ତି ଜୀବନ ବିକଳରେ ଦୌଡ଼ି ପଳାଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣା, ନିରପେକ୍ଷ ତଦନ୍ତ ଦାବି

**ବେଗୁନିଆ,୧୧।୨(ଡି.ଏନ୍.ଏ.)**

ବେଗୁନିଆ ପୋଲିସ ଗୁରୁବାର ସାଇଣ୍ଟିଫିକ୍ ଟିମ୍ ସହାୟତାରେ ସାମନ୍ତରାପୁର ଗ୍ରାମ ନିକଟ କାଜୁ ବଗିଚାରୁ ଝୁଲନ୍ତା ଅବସ୍ଥାରେ ଗ୍ରାମର ପିଣ୍ଟୁ ମାଝୀଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଡଗ୍ ସ୍କ୍ୱାଡ୍ ଘଟଣାସ୍ଥଳରୁ ପାଣି ପାଉଚ, ନିଶାଦ୍ରବ୍ୟ ଓ ବାଇକ୍ ଜବତ କରିଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧/୨୧) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତଦନ୍ତ ତ୍ୱରାନ୍ୱିତ କରାଯିବା ସହ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ କହିଛନ୍ତି। ଅନ୍ୟପଟେ ଖୋର୍ଦ୍ଧା ଓ ନୟାଗଡ଼ ଜିଲାର ବିଭିନ୍ନ ଥାନାରେ ପିଣ୍ଟୁଙ୍କ ନାମରେ ଆପରାଧିକ ମାମଲା ରହିଥିବା ପୋଲିସ କହିଛି। ପିଣ୍ଟୁଙ୍କ ମୃତ୍ୟୁକୁ ପରିବାର ଲୋକେ ଆତ୍ମହତ୍ୟା ବୋଲି ଗ୍ରହଣ କରିପାରୁ ନ ଥିବା ବେଳେ ନିରପେକ୍ଷ ତଦନ୍ତ ପାଇଁ ପୋଲିସ ନିକଟରେ ଦାବି କରିଛନ୍ତି।

## ବୀର ୱାରିୟର୍ସ ଟିମ୍ ଚାମ୍ପିୟନ



ଅତିଥିଙ୍କ ଠାରୁ ଚାମ୍ପିୟନ ଟିମ ଟ୍ରଫି ସହ ଚେକ୍ ଗ୍ରହଣ କରୁଛନ୍ତି।

**ବାଲୁଗାଁ,୧୧।୨(ଡି.ଏନ୍.ଏ.)**

ବାଲୁଗାଁ ସାମନ୍ତରାପୁରସ୍ଥିତ ଶହୀଦନଗର ପଡ଼ିଆରେ ଚାଲିଥିବା ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ବୁଧବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ମହମ୍ମଡିଆନ ସ୍ପୋର୍ଟିଂ କ୍ଲବକୁ ହରାଇ ବାଲୁଗାଁର ବୀର ୱାରିୟର୍ସ ଟିମ୍ ଚାମ୍ପିୟନ ହୋଇଛି। ମହମ୍ମଡିଆନ୍ ସ୍ପୋର୍ଟିଂ କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୭ ଓଭରରେ ୬ ଉଇକେଟ ବିନିମୟରେ ୪୩ରନ ସଂଗ୍ରହ କରିଥିଲା। ଜବାବରେ ବୀର ୱାରିୟର୍ସ ଟିମ୍ ୬ ଓଭରରେ ୨ ଉଇକେଟ ବିନିମୟରେ ୪୫ରନ୍ ସଂଗ୍ରହ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ପୂର୍ବତନ ମନ୍ତ୍ରୀ ଦେବେନ୍ଦ୍ର ନାଥ ମାନସିଂହ, ମାନସ ରଞ୍ଜନ ମଙ୍ଗରାଜ, ଅମ୍ବିକା ପ୍ରସାଦ ସାମନ୍ତରାୟ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୨୦ହଜାର ଟଙ୍କାର ଚେକ୍ ଏବଂ ରନର୍ସ ଅପ୍ ଟିମ୍‌କୁ ଟ୍ରଫି ସହ ୧୨ହଜାର ଟଙ୍କା ଚେକ୍ ପ୍ରଦାନ କରିଥିଲେ। ୱାରିୟର୍ସ ଟିମ୍‌ର କାଳିଆ ଜେନାଙ୍କୁ ମ୍ୟାନ ଅଫ ଦି ସିରିଜ୍ ବିବେଚିତ କରାଯାଇ ଏକ ସାଇକେଲ ଏବଂ ସମ୍ବିତ୍ ପାତ୍ରଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ ବିବେଚିତ କରାଯାଇ ଏକ ମୋବାଇଲ ଫୋନ ପ୍ରଦାନ କରାଯାଇଥିଲା। ସେକ୍ ଅବଦୁଲ୍ ଜମାଲ, ଜୟ ତରାଇ, ଶ୍ରୀକାନ୍ତ ଜାଲି ଏବଂ ପବିତ୍ର ରାଉତ ମ୍ୟାଚ ପରିଚାଳନା କରିଥିଲେ। ଆୟୋଜକ କ୍ଲବର ଫକୁର ଅଲ୍ଲୀ ଖାଁ, ସେକ୍ ଅବଦୁଲ ମୋତିମ୍, ସେକ୍ ଅବଦୁଲ ଜଲାଲ ପ୍ରମୁଖ ଟୁର୍ନାମେଣ୍ଟରେ ସହଯୋଗ କରିଥିଲେ।

## 'ଅଧ୍ୟାପକ-ଶିକ୍ଷାର୍ଥୀଙ୍କ ମଧ୍ୟରେ ବନ୍ଧୁତ୍ୱ ସମ୍ପର୍କ ରହୁ'

**ଜଟଣୀ,୧୧।୨(ଡି.ଏନ୍.ଏ.)**



ସାମ୍ବତ୍ସରିକ ସ୍ମାରକୀ ଦିବସରେ ଉପସ୍ଥିତ ଅତିଥି।

ଜଟଣୀ ମହାବିଦ୍ୟାଳୟର ୪୫ତମ ସାମ୍ବତ୍ସରିକ ସ୍ମାରକୀ ଦିବସ ଗୁରୁବାର କଲେଜ ସଭାଗୃହରେ କୋଭିଡ୍ କଟକଣା ମଧ୍ୟରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା ଗବେଷକ ଡ. ରଜତ କର ଯୋଗଦେଇ କଲେଜର ବିଭିନ୍ନ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଅଧ୍ୟାପକମାନେ ଛାତ୍ରୀଛାତ୍ରଙ୍କ ସହ ବନ୍ଧୁତ୍ୱର ବାତାବରଣ ତିଆରି କରିପାରିଲେ, ଅଧ୍ୟାପକ ଏବଂ ଶିକ୍ଷାର୍ଥୀଙ୍କ ମଧ୍ୟରେ କୌଣସି ଶକ୍ତି ପ୍ରତିବନ୍ଧକ ହୋଇପାରିବ ନାହିଁ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ଷ୍ଟୁଆର୍ଟ ସାଇନ୍ସ କଲେଜର ପୂର୍ବତନ ଅଧକ୍ଷ ଡ. ନୃସିଂହ ଚରଣ ଷଡ଼ଙ୍ଗୀ ଯୋଗଦେଇ କଲେଜର ଗୌରବମୟ ଇତିହାସ ସମ୍ପର୍କରେ ଆଲୋକପାତ କରିବା ସହ ଇଚ୍ଛାଶକ୍ତି ହିଁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବାରେ ସହାୟକ ହୋଇଥାଏ ବୋଲି କହିଥିଲେ। ଏହି ଅବସରରେ ଓଡ଼ିଆ ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଜୀବନ ବ୍ୟାପୀ ଉଲ୍ଲେଖନୀୟ ଅବଦାନ ପାଇଁ ଡ. ରଜତ କରଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି କନିଷ୍ଠ କିରାଣି ସଞ୍ଜୁକ୍ତା ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପିକା ପ୍ରିୟଦର୍ଶିନୀ ପଟ୍ଟନାୟକ ଅତିଥିଙ୍କ ପରିଚୟ ପ୍ରଦାନ କରଥିବା ବେଳେ କଲେଜ ଅଧକ୍ଷ ଡ.ଅଭୟ କୁମାର ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ । ଉତ୍ସବରେ ଡ. ରାଜୀବ କର, ଅନୁପ ମହାନ୍ତି, ତପନ ମିଶ୍ର, ଡ.ବେଣୁଧର ଦାସ, ଡ.କଳ୍ପନା ସାହୁ, ପରିମିତା ପ୍ରହରାଜ, ଡ.କମଳ ପାଣି, ବାଳକୃଷ୍ଣ ଚୌଧୁରୀ, କାର୍ତ୍ତିକ ଦାସ, ଅନୀଲ ନନ୍ଦ ପ୍ରମୁଖ ସହଯୋଗ କରିଥିଲେ। ଡ. ସନ୍ତୋଷ ନାୟକ ଧନ୍ୟବାଦ ଦେଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଉପେନ୍ଦ୍ର


@ ରିଙ୍କୁ


@ ଶିରିଷ


@ ବିଶ୍ୱଜିତ୍


@ ନିତ୍ୟାନନ୍ଦ


@ ପ୍ରଦୋଷ


@ ଭଜମନ